ଶିଶୁଶିକ୍ଷା ସମ୍ବନ୍ଧୀୟ ରଚନାବଳୀ

ଖେଳଘର ପାଠ, ଶିଖା ପ୍ରକାଶିତ ଶିଶୁଶିକ୍ଷା,

ଶିଶୁଶିକ୍ଷା ମନୋବିଜ୍ଞାନ, ଆଦର୍ଶ ଶିକ୍ଷକ

ଅନ୍ନପୂର୍ଣ୍ଣା ମହାରାଣା

ପ୍ରଚ୍ଛଦପଟ:

ପିଲାଟିଏ ଗାଂଧୀଜୀଙ୍କୁ ବାଟ କଢ଼ାଇ ନେଉଛି

ଅନ୍ନପୂର୍ଣ୍ଣା ମହାରାଣା

ଶିଶୁଶିକ୍ଷା ସମ୍ବନ୍ଧୀୟ ରଚନାବଳୀ

ଆପଣଙ୍କର ଶିଶୁ ବୟସର ପୁଅ ବା ଝିଅ, ନାତୁଣୀ ନାତି, ପୁତୁରା ଝିଆରୀ, ଭଣଜା ଭାଣିଜୀ ଆଦି କେହି ଅଛନ୍ତି କି? ଆପଣ ଶିଶୁ ବୟସର ପିଲାଙ୍କ ଶିକ୍ଷା ଓ ଅନ୍ୟ ବିକାଶ ପାଇଁ ଉଦ୍‌ଯୋଗୀ କି ? ପୁସ୍ତିକାଟି ଏ ସମସ୍ତଙ୍କ ପାଇଁ ଉପାଦେୟ ।

ସବୁ ସଭ୍ୟ ଓ ଉନ୍ନତ ଦେଶମାନଙ୍କରେ ପିଲାଏ ନିଜ ମାତୃଭାଷରେ ହିଁ ଶିକ୍ଷା ପାଇଥାନ୍ତି ଏବଂ ବର୍ତ୍ତମାନ ପୃଥିବୀ ସାରା ଏହା ସ୍ୱୀକୃତ ଯେ ମାତୃଭାଷା ମାଧ୍ୟମରେ ଶିକ୍ଷାଦେଲେ ଶିଶୁର ବିକାଶ ତ୍ୱରାନ୍ୱିତ ଓ ଉନ୍ନତ ହୋଇଥାଏ । ଭାରତର ଶ୍ରେଷ୍ଠ ବୈଜ୍ଞାନିକ ସତ୍ୟେନ୍ଦ୍ରନାଥ ବୋଷଙ୍କର ମଧ୍ୟ ଏହା ମତ ।

ଉତ୍କଳରେ ମାତୃଭାଷା ମାଧ୍ୟମରେ ଶିଶୁଶିକ୍ଷା ପ୍ରାରମ୍ଭ କରିଥିବା ପ୍ରଥମ ପ୍ରବର୍ତ୍ତକମାନଙ୍କ ଭିତରୁ ଲେଖିକା ଜଣେ । ଏହି ପୁସ୍ତିକାର ବିଷୟ ବସ୍ତୁ ସବୁ ଆଇ ଅଜା, ବାପା ମାଆ, ଶିକ୍ଷୟିତ୍ରୀ ଶିକ୍ଷକ , ବଡ଼ ଭାଇ ଭଉଣୀ, ମାମୁ ମାଉସୀ, ଦାଦା ଖୁଡ଼ୀ ପ୍ରଭୃତିଙ୍କ ଉଦ୍ଦେଶ୍ୟରେ ଲିଖିତ । କେବଳ ସ୍ନେହପୂର୍ଣ୍ଣ ଉଦ୍ୟମରେ, ଆନନ୍ଦମୟ ପରିବେଶରେ; ବିନା ମାଡ଼, ବିନା ଗାଳି, ବିନା ଆକଟରେ ଶିଶୁମାନଙ୍କ ସମ୍ୟକ୍ ବିକାଶ ଓ ଖେଳରେ ଖେଳରେ ସଫଳ ବିଦ୍ୟାଗମ ଯେ ସମ୍ଭବ ତାହାର ଉପାୟ କୌଶଳ ବିଶ୍ୱର ଶ୍ରେଷ୍ଠ ଶିଶୁଶିକ୍ଷାବିତ୍‌ମାନଙ୍କ ସିଦ୍ଧାନ୍ତର ନିର୍ଯ୍ୟାସ ଓ ଲେଖିକା ଏବଂ ତାଙ୍କର ସହକର୍ମୀମାନଙ୍କର ନିଜ ଅନୁଭୂତି, ପରୀକ୍ଷା ନିରୀକ୍ଷାରୁ ଲବ୍ଧ ଜ୍ଞାନକୁ ପ୍ରାଂଜଳ ଭାବେ ପୁସ୍ତିକାରେ ଉପସ୍ଥାପନ କରାଯାଇଛି । ଶିଶୁକୁ ଭଲ ଭାବରେ ବୁଝି ପାରିବା ପାଇଁ ଶିଶୁ ମନୋବିଜ୍ଞାନ ସରଳ ଭାବରେ ଆଲୋଚନା କରା ହୋଇଛି | ପିଲାଙ୍କ ଶିଖିବା ତଥା ପ୍ରଗତିରେ ସାଧାରଣତଃ ପରିଲକ୍ଷିତ ହେଉଥିବା ଓ ଉପୁଜୁଥିବା ସମସ୍ୟା ଏବଂ ତାହାର ସମାଧାନର ଉପାୟ ଦର୍ଶା ଯାଇଛି । ଗୋଟିଏ ନୂତନ ମହତ୍ତର, ଆଦର୍ଶ ସମାଜ ବ୍ୟବସ୍ଥାରେ ଶିଶୁର ଭୂମିକା, ତାର ସର୍ବାଙ୍ଗୀନ ବିକାଶ, ବ୍ୟକ୍ତିତ୍ୱ ଓ ଚରିତ୍ର ଗଠନକୁ ଦୃଷ୍ଟିରେ ରଖି ଲେଖା ଗୁଡ଼ିକ ରଚିତ ହୋଇଛି । ଅତି ଅଳ୍ପ ଖର୍ଚ୍ଚ ଏବଂ ସ୍ୱଳ୍ପ ସମ୍ବଳରେ ସର୍ବୋଚ୍ଚମାନର ଶିକ୍ଷା କିପରି ସମ୍ଭବ ତାହାର ବ୍ୟବସ୍ଥା ବର୍ଣ୍ଣିତ ହୋଇଛି ।

ଶିଶୁଶିକ୍ଷା ସମ୍ବନ୍ଧୀୟ ରଚନାବଳୀ
ଲେଖିକା: ଅନ୍ନପୂର୍ଣ୍ଣା ମହାରାଣା
ପ୍ରକାଶକ: କର୍ମଦେବ ମହାରାଣା, ଜ୍ଞାନଦେବ ମହାରାଣା
ପ୍ରକାଶନ କାଳ: ଏପ୍ରିଲ୍, ୨୦୧୬
ଦ୍ୱିତୀୟ ମୁଦ୍ରଣ, ଏପ୍ରିଲ୍, ୨୦୧୭
ମୁଦ୍ରଣ ଓ ଆନୁସାଙ୍ଗିକ ଖରଚ: @୭୦ଟଙ୍କା
Author : Annapurna Maharana
Title : ŚIŚUŚIKSHA SAMBANDHIYA RACHANABALI (Oriya)
(Collected Works of Annapurna Maharana on Early Child Education)

Publisher : Karmadeva Maharana and Jnanadeva Maharana
First Edition; April, 2016.
email: karmadevamaharana@gmail.com
ଯୋଗାଯୋଗ ନମ୍ବର 7855040226 ଶ୍ରୀ ପ୍ରଫୁଲ୍ଲ ବେହେରା, କଟକ ୮
ପ୍ରାପ୍ତିସ୍ଥାନ:
ଜାତୀୟ ଗୌରବ ମଧୁସୂଦନଙ୍କ ଜନ୍ମସ୍ଥାନ, ସତ୍ୟଭାମାପୁର;
ମନମୋହନ ଚୌଧୁରୀ ଓ ଅନ୍ନପୂର୍ଣ୍ଣାଙ୍କ ଜନ୍ମସ୍ଥାନ, ସନ୍ ସାଇନ୍ ପଡ଼ିଆ ପଶ୍ଚିମ କୋଣ, ବାଖରାବାଦ, କଟକ

ଅନ୍ନପୂର୍ଣ୍ଣା ମହାରାଣା

ଶିଶୁଶିକ୍ଷା ସମ୍ବନ୍ଧୀୟ ରଚନାବଳୀ

ଖେଳ ଘର ପାଠ

ଶିଶୁଶିକ୍ଷା (ଶିଖାରେ ପ୍ରକାଶିତ)

କେତେକ ନାନାବାୟା ଗୀତ (ସଂଗୃହୀତ)

ଶିଶୁଶିକ୍ଷା ମନୋବିଜ୍ଞାନ

ଆଦର୍ଶ ଶିକ୍ଷକ

ପୁସ୍ତିକା ସମ୍ବନ୍ଧରେ ପଦେ

ଆଧୁନିକ ଶିକ୍ଷାରେ ଛୋଟ ପିଲାଙ୍କ ମନୋବିଜ୍ଞାନ ବିଷୟକ ଅଧ୍ୟୟନ ପ୍ରତି ବିଶେଷ ତଥା ଅଧିକରୁ ଅଧିକ ଧ୍ୟାନ ଦିଆଯାଉଅଛି । ଏହାର କାରଣ, ଶିଶୁର ଜୀବନର ପାଂଚ ରୁ ଛଅବର୍ଷ ସମୟ ଶିକ୍ଷା ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ ଅଟେ । ଶୈଶବ ତଥା ବାଲ୍ୟକାଳରେ ଶିଶୁ ଉପରେ ଯେଉଁ ପ୍ରକାରର ପ୍ରଭାବ ପଡ଼ିଥାଏ, ଏହାର ଅନୁରୂପ ଶିଶୁଟିର ବ୍ୟକ୍ତିତ୍ୱର ବିକାଶ ଘଟାଇବାରେ ଭୂମିକାଟିଏ ଅବଶ୍ୟ ଗ୍ରହଣ କରିଥାଏ । ଭାରତର ପ୍ରାଚୀନ ଦର୍ଶନ ଶାସ୍ତ୍ରରେ ପିଲାର ସଂସ୍କାର ବିଷୟରେ ସୁନ୍ଦର ବର୍ଣ୍ଣନା ରହିଛି । ଆଧୁନିକ ଯୁଗରେ ଫ୍ରୟେଡ୍, ୟୁଙ୍ଗ, ଏଡ଼ଲର୍ ତଥା ପେଷ୍ଟାଲସ୍ସି, ଫ୍ରଏବେଲ୍, ମାରିଆ ମଣ୍ଟେସରି, ବିଶ୍ୱକବି ରବୀନ୍ଦ୍ର ନାଥ, ଗାଂଧୀଜୀ ମନୋବିଜ୍ଞାନ ଦୃଷ୍ଟିରୁ ପିଲାଙ୍କ ମାନସିକ ବିକାଶ ଦିଗରେ ଗଭୀର ଅଧ୍ୟୟନ କରିଛନ୍ତି । ଶିଶୁଟିର ସୁସ୍ଥ ବ୍ୟକ୍ତିତ୍ୱର ବିକାଶ ନିମନ୍ତେ ପ୍ରାରମ୍ଭିକ ସ୍ତରରେ ବିଶେଷ ଧ୍ୟାନ ଦେବା ଉଚିତ୍ ।

ଏଣୁ ଅଭିଭାବକ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କର ମନୋବିଜ୍ଞାନ ଅଧ୍ୟୟନ କରିବାର ସମୟ ଆସିଛି । ଶିଶୁ-ମନୋବିଜ୍ଞାନ ଅଧ୍ୟୟନର ଭିତ୍ତିଭୂମିରେ ରହିଛି ଶିଶୁର ଶାରୀରିକ ବିକାଶ, ମାନସିକ ବିକାଶ, ଭାବାତ୍ମକ ବିକାଶ, ସାମାଜିକ ବିକାଶ, ଶିଶୁର ମାନସିକ ସ୍ୱାସ୍ଥ୍ୟ । ଶିକ୍ଷୟିତ୍ରୀ, ଶିକ୍ଷକ ଯେଉଁମାନେ ପିଲାଙ୍କ ବିଦ୍ୟାଳୟରେ ଶିକ୍ଷାସେବା କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି ସେମାନେ ପିଲାଙ୍କୁ ଯେପରି ଗଢ଼ିବେ, ପିଲାଏ ସେପରି ହେବେ । କଥାରେ ଅଛି 'The child is not a thing to be made' । ପିଲାଟି ମାଟି ପିଣ୍ଡୁଳାଏ ନୁହେଁ । ତା' ଭିତରେ ଅନେକ ସମ୍ଭାବନା ସୁପ୍ତଭାବରେ ଭରପୁର ହୋଇ ରହିଛି । ସେହି ସମ୍ଭାବନକୁ ରୂପ ଦେଇ ପତ୍ର, ଫୁଲ, ଫଳରେ ଭରିଦେବା ଦାୟିତ୍ୱ ଶିକ୍ଷୟିତ୍ରୀଙ୍କର । ତେଣୁ ସେମାନେ ଶିଶୁପାଠକୁ ବୁଝି, ତା' ଭିତରେ ଅବଗାହନ କଲେ, ସମ୍ଭାବନା ଗୁଡ଼ିକ ଆପେ ଆପେ ଜାଗ୍ରତ ହୋଇ ଉଠିବେ ।

ଶିଶୁଘର ପାଠରେ ପ୍ରବେଶ କରିବାକୁ ହେଲେ ଶିଶୁଶିକ୍ଷା ସମ୍ବନ୍ଧୀୟ ଯେଉଁ ଅନ୍ୟ ଦିଗଗୁଡ଼ିକ ଉପରେ ଆଲୋଚନା କରାଯାଇପାରେ ସେ ସବୁ ହେଲା-"ଶିଶୁର ଶିକ୍ଷା ସମ୍ବନ୍ଧୀୟ ସମସ୍ୟା, ଶିଶୁର ସ୍ୱଭାବ, ଶିଶୁର ଆରୋଗ୍ୟ, ସାମାଜିକ ସଦ୍‌ଗୁଣ," ତଥା "ଆନନ୍ଦମୟ ଶିକ୍ଷା - ଶିଶୁଗୀତ, ଶିଶୁ କାହାଣୀ, ଶିଶୁ ନାଟକ, ଶିଶୁକଳା, ଶିଶୁ ପାଠ" ଇତ୍ୟାଦି ।

ଶିଶୁଘର, ଶିଶୁପାଳନ କେନ୍ଦ୍ର, ଚାରାବଗିଚା କେନ୍ଦ୍ରକୁ ଦରୋଟି ଭାଷାରେ କଥା କହୁଥିବା ଶିଶୁମାନେ ହିଁ ଆସନ୍ତି । ଚାରାରୁ ଗଛ ହୋଇଥାଏ । ଚାରାକୁ ଯେତେ ପରିମାଣରେ ଯତ୍ନ ସହକାରେ ରକ୍ଷଣାବେକ୍ଷଣ କରାଯିବ, ସେସବୁ ଦିନକୁ ଦିନ ସୁନ୍ଦର ଭାବରେ ବଢ଼ିବାକୁ ଲାଗିବ ଓ ଶେଷରେ ଗଛରେ ପରିଣତ ହେବ - ସେଥିରେ ପତ୍ର, ଫୁଲ, ଫଳ ଭରିଯିବ - ଠିକ୍ ସେହିପରି ଶିଶୁକୁ ଗୋଟିଏ ଚାରା ସହିତ ତୁଳନା କରାଯାଇ ପାରିବ । ଯଦି ଶିଶୁଟିର ଉପଯୁକ୍ତ ଯତ୍ନ ନିଆଯିବ, ତା'ର କ୍ରମବୃଦ୍ଧି ହେବା ସହିତ ବୌଦ୍ଧିକ ବିକାଶ ମଧ୍ୟ ଘଟିବ । ତିନିବର୍ଷରୁ ଛଅବର୍ଷର ପିଲାମାନେ ସଧାରଣତଃ ଶିଶୁଶିକ୍ଷାକେନ୍ଦ୍ରକୁ ଆସିଥାଆନ୍ତି । ଏହି ବୟସର ପିଲାମାନଙ୍କର ଶାରୀରିକ ବିକାଶ ଘଟିବାକୁ ଲାଗିଥାଏ । ସେମାନେ କଥା କହି ଥାଆନ୍ତି, ଚଲାବୁଲା କରୁ ଥାଆନ୍ତି ଓ ଅନ୍ୟ ପିଲା, ବଡ଼ମଣିଷମାନେ କ'ଣ କରୁଛନ୍ତି, ସେ ସବୁ ନିରୀକ୍ଷଣ କରିବାକୁ ଆରମ୍ଭ କରନ୍ତି । ହସ, କାନ୍ଦ, ରାଗ, ମାନ, ଅଭିମାନ, ଅଝଟ, ଜିଦ୍ ଆଦି କରିବାକୁ ଏମାନେ ପଛାନ୍ତି ନାହିଁ ।

ଏଣୁ, ଏହି କଅଁଳ ବୟସର ପିଲାଙ୍କ ପ୍ରତି ଘରେ, ପଡ଼ିଶାରେ, ପରିବେଶରେ ଓ ଶିଶୁଶିକ୍ଷାକେନ୍ଦ୍ରରେ ଯଦି ସ୍ୱତନ୍ତ୍ର ଭାବରେ ସତର୍କତାର ସହିତ ଦୃଷ୍ଟି ନ ରଖାଯାଏ, ଅଧିକାଂଶ ପିଲା ଠିକ୍ ବାଟରେ ନ ଯାଇ ଅବାଟରେ ଯିବେ । ଯେପରି ଚାରାଟିଏ ଟିକିଏ ବଢ଼ିଗଲା ପରେ ଛୋଟ ଗଛଟିରୁ କଅଁଳ ଡଙ୍କଟିଏ ବାହାରେ, ଡଙ୍କକୁ ଯେଉଁ ଦିଗରେ ବଢ଼ାଇବ ସେଇଟି ସେହି ଦିଗକୁ ବଢ଼ିବାକୁ ଲାଗିବ, ଠିକ୍ ସେହିପରି ଶିଶୁକୁ ଯେଉଁପରି ଗଢ଼ିବାକୁ ଚାହିଁବ, ତା'ର ସମ୍ଭାବନାକୁ ବୁଝି, ତା'ର ଯତ୍ନ ନେବ, ସେ ତଦନୁରୂପ ଭାବରେ ଗଢ଼ି ଉଠିବ ।

ଶିଶୁର ପୃଥିବୀ ଗୀତ ଓ ଗପର ପୃଥିବୀ, ଯଥା – ନାନାବାୟା ଗୀତ, ଜହ୍ନମାମୁ ଗୀତ, ଚୁଆଁ ଟୁଇଁ ଗପ, ବାଘର ପିଠା ଖିଆ ଗପ, ମାଙ୍କଡ଼ର ବିଚାର ଆଦି ଗପରେ ଭରପୁର । ସେଥିରେ ତା'ର ଆନନ୍ଦ । ସେହି ଆନନ୍ଦ ହିଁ ଆଜିର ଆନନ୍ଦମୟ ଶିକ୍ଷା - "Joyful learning" । ନାଚ, ଖେଳକୁଦ, ଲୁଚକାଳିର ମଉଜରେ ସେ ମଜିଯାଏ - କେତେବେଳେ ଖେଳି ଖେଳି ଢୁଳେଇ ପଡ଼େ ।

ଶିଶୁଶିକ୍ଷା କାର୍ଯ୍ୟକ୍ରମରେ ଅକ୍ଷର ପାଠପଢ଼ା ଗୌଣ । ପିଲାଟି କିଛି ଅକ୍ଷର ଶିଖିବ, ଖଣ୍ଡିଆ ଖଣ୍ଡିଆ ଦୋରୋଟି ଭାଷାରେ କଥା କହୁଥିବ, କେତୋଟି ସଂଖ୍ୟା, ଗୀତ, ଖେଳ, ନାଚ, ଗପର ମାଧ୍ୟମରେ ତା'କୁ ପାଠ ପଢ଼ାଯିବ ।

ଶିଶୁଶିକ୍ଷାକେନ୍ଦ୍ର - ପିଲାଟିର ବିକାଶର ଏନ୍ତୁଡ଼ିଶାଳ । ଏନ୍ତୁଡ଼ିଶାଳର ଯତ୍ନନେବାରେ ପରିଶ୍ରମ, ଧୈର୍ଯ୍ୟ, ନିଷ୍ଠା ହିଁ ଆବଶ୍ୟକ ହୋଇଥାଏ। ସେହି ଦାୟିତ୍ୱ ରହିଛି ଶିକ୍ଷୟିତ୍ରୀମାନଙ୍କ ଠାରେ। ସେମାନେ ସେହି ଶିଶୁ ବଗିଚାର ଯତ୍ନ ନେଇ ପାରିଲେ, ଶିଶୁମାନେ ଆସନ୍ତା କାଲିର ସ୍ୱପ୍ନ, ସମ୍ଭାବନାର ବାର୍ତ୍ତାନେଇ ସମାଜର ଭିନ୍ନ ଭିନ୍ନ କ୍ଷେତ୍ରରେ ନିଜକୁ ସାମିଲ କରି ରଖିବେ ।

ଉକ୍ତ ପୁସ୍ତକଟିର ରଚୟିତା ହେଉଛନ୍ତି ବିଶିଷ୍ଟ ସ୍ୱାଧୀନତା ସଙ୍ଗ୍ରାମୀ, ସମାଜକର୍ମୀ, ସୁଲେଖିକା ଅନୁବାଦିକା ତଥା "ଅମୃତ ଅନୁଭବ"ର ଅମୃତ ସ୍ପର୍ଶ ପାଇଥିବା ଲେଖିକା ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାରାଣା । ଓଡ଼ିଶାର ଘରେ ଘରେ ସେ ପରିଚିତା । ଗାଂଧୀଜୀଙ୍କ ଅମୃତ ସ୍ପର୍ଶରେ ତାଙ୍କ ଜୀବନ ପିଲାଟି ଦିନରୁ ଦେଶସେବା କରିବା ବ୍ରତରେ ନିୟୋଜିତ ହୋଇଥିଲା । ସେବା ହିଁ ଥିଲା ତାଙ୍କ ଜୀବନର ସାଧନା । ସେ ସେବା ଥିଲା 'ନିଃସ୍ୱାର୍ଥପର' । ତାଙ୍କ ଆତ୍ମଚରିତ ସମ୍ୱଳିତ ଲେଖା ସଙ୍ଗ୍ରହ କରି ସେସବୁ ଗୋଟିଏ ପୁସ୍ତକରେ ପ୍ରକାଶିତ କରିବାକୁ ଗଲାବେଳେ ତାଙ୍କୁ ଥରେ ପଚାରିଥିଲି “ ଆପଣ 'ଅମୃତ ଅନୁଭବ' କହିଲେ କ'ଣ ବୁଝିଛନ୍ତି?” ସେ ମୋତେ କହିଥିଲେ " ଦେଶର ଯେଉଁ ମହାନ ଦେଶସେବୀ, ତ୍ୟାଗୀ, କର୍ମଯୋଗୀ ମଣିଷଙ୍କୁ ଦେଖିଛି ଓ ତାଙ୍କୁ ପାଖରୁ ଦେଖିଛି, ସେହି ମଣିଷମାନଙ୍କ ଆଦର୍ଶ, ସେବା, ତ୍ୟାଗ ହିଁ ଜୀବନରେ ଭରି ଦେଉଛି ଅମୃତର ସ୍ୱାଦ।"

ଏହି ମହିୟସୀ ମହିଳାଙ୍କ ଲିଖିତ ଏହି ପୁସ୍ତିକାଟି । ଶିକ୍ଷା ସମ୍ବନ୍ଧରେ ସେ ଅନେକ ବର୍ଷ ଧରି ପତ୍ରପତ୍ରିକାରେ ଲେଖା ଲେଖୁଥିଲେ, ବିଶେଷ କରି ଶିଶୁଶିକ୍ଷା ଉପରେ ସେ ଗୁରୁତ୍ୱ ଦେଉଥିଲେ । ଲେଖାଗୁଡ଼ିକ ସଙ୍ଗ୍ରହ କରି ଗୋଟିଏ ପୁସ୍ତକ ପ୍ରକାଶ କରିବାର ଆଗ୍ରହ ତାଙ୍କର କନିଷ୍ଠ ପୁତ୍ର ପଦାର୍ଥ ବିଜ୍ଞାନୀ କର୍ମଦେବକୁ ଜଣାଇଲି । ସେ ଅନୁରୋଧ ରକ୍ଷା କରି ଲେଖାଗୁଡ଼ିକ ସଙ୍ଗ୍ରହ କରିଛନ୍ତି - ବିଭିନ୍ନ ସୂତ୍ରରୁ । ଏହି ଅବସରରେ ତାଙ୍କୁ କୃତଜ୍ଞତା ଜଣାଉଛି ।

ପୁସ୍ତିକାଟି ଜନସଧାରଣ, ଅଭିଭାବକ, ଶିକ୍ଷକ, ଶିକ୍ଷୟିତ୍ରୀ ପଠନ କରି ଯଦି କିଂଚିତ୍ ମାତ୍ରାରେ ଏହାର ସଦୁପଯୋଗ କରନ୍ତି, ତେବେ ଶ୍ରମ ସାର୍ଥକ ହେବ ।

ପ୍ରଫୁଲ୍ଲ ବେହେରା

କଟକ-୮

ଅନୁକ୍ରମଣିକା

ପୁସ୍ତିକାଟିର ଲେଖିକା ଗାଂଧୀଜୀଙ୍କର ଅନୁଗାମୀଙ୍କ ମଧ୍ୟରୁ ଜଣେ । ତେବେ ଗାଂଧୀଜୀ କିଏ? ତାଙ୍କ ଜୀବନ ଓ କର୍ମକୁ ଆକଳନ କରିବାରେ ଗୋଟାଏ ସହଜ ଉପାୟ ହେଲା, ବିଭିନ୍ନ କ୍ଷେତ୍ରରେ ତାଙ୍କର ବନ୍ଧୁ କେଉଁମାନେ ଥିଲେ ଓ ସ୍ତାବକ କେଉଁମାନେ ତା'ର ଗୋଟାଏ ତାଲିକା କରିବା । ଗାଂଧୀଜୀଙ୍କ ପାଇଁ ତାଲିକାରେ ଭାରତ ତଥା ବିଶ୍ୱ ଇତିହାସର ଶ୍ରେଷ୍ଠ ସାହିତ୍ୟିକ, ବୈଜ୍ଞାନିକ, ଅର୍ଥନୀତିଜ୍ଞ, ରାଜନୀତିଜ୍ଞ, ଉଦ୍ୟୋଗପତି, ଦାର୍ଶନିକ, ସାମରିକ ଜେନେରାଲ୍, ଏପରିକି କଳାକାର, କ୍ରୀଡ଼ବିତ୍‌ଗଣ, ଯଥା – ଟଲଷ୍ଟୟ, ବର୍ଣ୍ଣାଡ୍ ଶ', ରବୀନ୍ଦ୍ର ନାଥ, ମଣ୍ଟେସରୀ, ଆଇନ୍‌ଷ୍ଟାଇନ୍, ରାମନ୍ (ଓଡ଼ିଶାରେ ରମଣ), ଲାଲା ଲାଜପତ ରାୟ, (୧୯୪୪ରେ ରାଷ୍ଟ୍ରପିତା ସମ୍ବୋଧି ଆଶିଷାଭିଳାଷୀ) ସୁଭାଷ ଚନ୍ଦ୍ର ବୋଷ ଶୁମାକର୍, ରସେଲ୍, ମାକ୍‌ଆର୍ଥର୍, ଜାମସେଦଜୀ ଟାଟା, ହେନ୍ରି ଫୋର୍ଡ୍, ଚାର୍ଲି ଚାପ୍ଲିନ୍, ପେଲେ ପରି ଅନେକଙ୍କ ନାମ ଅନ୍ତର୍ଭୁକ୍ତ । ଆପଣ ଅନ୍ୟ ଯେ କୌଣସି ବ୍ୟକ୍ତିଙ୍କୁ ଏହି ବିଧି ପ୍ରୟୋଗ କରି ମାନଦଣ୍ଡରେ ତଉଲି ପାରିବେ । ଅବଶ୍ୟ ଗାଂଧୀଜୀ ନିଜ ହାତରେ କୁଷ୍ଠ, ପ୍ଲେଗ୍ ରୋଗୀସେବା, ପ୍ରତ୍ୟକ୍ଷ ଯୁଦ୍ଧକ୍ଷେତ୍ରରେ ରହି ଅନ୍ୟର ଜୀବନ ବଂଚାଇବା, ଖଦୀ,ଗ୍ରାମ୍ୟଶିଳ୍ପ, ଗୋସେବା, ରଚନାତ୍ମକ କାର୍ଯ୍ୟ ଉତ୍କଳ ଓ ଅନ୍ୟ ରାଜ୍ୟର ପ୍ରାକୃତିକ ବିପତ୍ତିଜନିତ ଦୁର୍ଦ୍ଦିନରେ ସାହା ଭରସା ହେବା ଠାରୁ ଆରମ୍ଭ କରି ବିଶାଳତମ ବ୍ରିଟୀଶ୍ ସାମ୍ରାଜ୍ୟ ବିରୁଦ୍ଧରେ ଅଭିନବ ଅହିଂସକ ଆନ୍ଦୋଳନର ସ୍ରଷ୍ଟା ଭାବରେ ବିଶ୍ୱ ଇତିହାସରେ ସ୍ଥାନ ପାଇଛନ୍ତି ।

ଅନ୍ନପୂର୍ଣ୍ଣା କାହିଁକି ୧୯୩୮ ମସିହାରେ ଗାନ୍ଧୀଜୀ-କସ୍ତୁରବାଙ୍କ ପାଖକୁ ସେବାଗ୍ରାମ ଯାଇଥିଲେ ବୋଲି ଦିନେ ପଚାରିବାରୁ ଉତ୍ତର ମିଳିଲା ଯେ ପିତାମାତା ଗାଂଧୀଜୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଅସହଯୋଗ ଆନ୍ଦୋଳନକୁ ସମର୍ଥନ କରି ପିଲାଙ୍କୁ ପରାଧୀନ ସ୍କୁଲ୍ ରେ ପଢ଼ାଇଲେ ନାହିଁ । ଲେଖିକା ସ୍ୱାଧୀନତା ସଙ୍ଗ୍ରାମରେ ଲବଣ ସତ୍ୟାଗ୍ରହ କରି ୧୯୩୨ ମସିହାରେ ଗିରଫ ହେଲା ଓ ହରିଜନ ପଦଯାତ୍ରା ପରେ କେତେ ବର୍ଷ ଗାଁ ଗହଳ ଓ କଟକ ସହରରେ ସ୍ୱରାଜ୍ୟ-ସାଧନା ଖଦୀକାମ, ଶିଶୁଶିକ୍ଷା, ପ୍ରୌଢ଼ ଶିକ୍ଷା, ଦୈବୀଦୁର୍ବିପାକରେ ସେବାକାର୍ଯ୍ୟ, ଉନ୍ନତ କୃଷି, ନୂତନ ଗୋଧନ ମହୁଚାଷ ସୃଷ୍ଟି ଆଦିରେ ୧୯୩୮ ଯାଏଁ ବିତିଲା । ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟର ନାମ ରଚନାତ୍ମକ କାର୍ଯ୍ୟକ୍ରମ ହେଲା । ଡେଲାଙ୍ଗ ଠାରେ ଗାଂଧୀ ସେବା ସଂଘ ସମ୍ମିଳନୀର ଅପୂର୍ବ ସଫଳତା ପରେ, ପିତାଙ୍କ ଗାଂଧୀଜୀଙ୍କୁ ପ୍ରଶ୍ନ " ଝିଅକୁ କି ପ୍ରକାର ଶିକ୍ଷା ଦିଆଯିବ?" ର ଉତ୍ତରରେ ଝିଅକୁ ଗାନ୍ଧୀଜୀ-କସ୍ତୁରବାଙ୍କ ପାଖକୁ ସେବାଗ୍ରାମ ପଠାଇବାକୁ ପରାମର୍ଶ ମିଳିଲା ।

ସେହି ସମୟରେ ଗାଂଧୀଜୀଙ୍କର ଗୋଟିଏ ନୂଆ ଝୁଙ୍କ ଉଠିଥାଏ, ତାହା ହେଲା ଦେଶ ବ୍ୟାପୀ ବୁନିୟାଦୀ ଶିକ୍ଷା (ଓଡ଼ିଆରେ ମୌଳିକ ଶିକ୍ଷା; Basic Education) । ଏହାର ପ୍ରାକ୍-ସଂସ୍କରଣ ସେ ଦକ୍ଷିଣ ଆଫ୍ରିକାର ଫିନିକ୍ସ ଆଶ୍ରମରେ ୧୯୦୪ ମସିହା ସମୟରୁ ପରୀକ୍ଷା ନିରୀକ୍ଷା କରୁଥାନ୍ତି । ୧୯୩୭ ମସିହାରେ ସେ କହିଥିଲେ " ଏ ପର୍ଯ୍ୟନ୍ତ ମୁଁ ଜଗତ୍‌ମାତାଙ୍କ ଚରଣରେ ଯେଉଁ ଭେଟି ଚଢ଼ାଉଛି, ସେ ଗୁଡ଼ିକ ମଧ୍ୟରେ ଏହି ବୁନିୟାଦୀ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ସବୁଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଲାଗୁଅଛି" । - (ଶିକ୍ଷା କା ବିଲାସ (ଗୁଜରାଟୀ, ୧୯୩୭ ମସିହା)ରୁ ଉଦ୍ଧୃତ)

ଏହି ଶିକ୍ଷା ସମ୍ବନ୍ଧରେ ବିଶଦ ଆଲୋଚାନା ପାଇଁ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଗୋଟିଏ ସମ୍ମିଳନୀ ସେବାଗ୍ରାମରେ ଡକାହେଲା । ଏଥିକୁ ଓଡ଼ିଶାରୁ ଗୋପବନ୍ଧୁ ଚୌଧୁରୀ ଆହୂତ ହୋଇଥିଲେ । ସେହି ଶିକ୍ଷା ଶିଶୁର ବୟସ ଦୁଇ ଠାରୁ ଚଉଦ ପର୍ଯ୍ୟନ୍ତ ଓ ତତ୍‌ପରବର୍ତ୍ତୀ ଉଚ୍ଚଶିକ୍ଷା ପାଇଁ ଖସଡ଼ା ଓ ଯୋଜନା ପ୍ରସ୍ତୁତ କରିବାରେ ଭାରତର ସର୍ବଶ୍ରୀ ଜାକୀର ହୁସେନ୍ (ଅର୍ଥନୀତି, ରାଜନୀତି ବିଜ୍ଞାନ, ଶିକ୍ଷା), ଆର୍ଯ୍ୟନାୟକମ୍ (ଶିକ୍ଷାବିତ୍), କାକା କଲେଲକର୍, ବିନୋବା ଭାବେ, କିଶୋରଲାଲ୍ ମଶ୍ରୁବାଲା (ସମାଜସେବୀ, ପଣ୍ଡିତ, ଭାଷାବିତ୍),କେ. ଟି. ଶାହ, କୁମାରପ୍ପା(ଅର୍ଥନୀତିଜ୍ଞ), ଜିଆଉଦ୍ଦିନ୍ ଅହମଦ୍ (ଗଣିତଜ୍ଞ), ଖ୍ୱାଜା ଗୁଲାମୁସ୍ସୈୟଦୈନ୍(ଶିକ୍ଷାବିତ୍) ଓ ପରେ ସର୍ବପଲ୍ଲୀ ରାଧାକୃଷ୍ଣନ୍ (ଦାର୍ଶନିକ),

ପଦାର୍ଥ ତଥା ଜ୍ୟୋତିର୍ବିଜ୍ଞାନୀ ମେଘନାଦ ସାହାଙ୍କ ଭଳି ମନୀଷି ଓ ଭାରତସ୍ଥିତ ଅନ୍ୟ କେତେକ ବିଶିଷ୍ଟ ଶିକ୍ଷାବିତ୍ ଓ ବିଜ୍ଞଗଣ ସଂପୃକ୍ତ ଥିଲେ । ଭାରତରେ ପାଠୁଆଙ୍କର ସଂଖ୍ୟା ଅଷ୍ଟାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଇଉରୋପ ବା ଅନ୍ୟ ଦେଶମାନଙ୍କ ତୁଳନାରେ ବହୁତ ଅଧିକ ଥିଲେ ହେଁ, ସେ ସମୟକୁ ବହୁତ କମ୍ ଥିଲା । ତେଣୁ ଉଭୟ ଶିଶୁଶିକ୍ଷା ଏବଂ ପ୍ରୌଢ଼ଶିକ୍ଷା ମୌଳିକ ଶିକ୍ଷାର ଅଙ୍ଗ । ଏହି ଶିଶୁଶିକ୍ଷା ମୌଳିକ ଶିକ୍ଷା ଦର୍ଶନର ନିର୍ଯ୍ୟାସରେ ପରିପୁଷ୍ଟ, ଅଭିବ୍ୟାପ୍ତ ଓ ଅଭିନ୍ନ ।

ଲେଖିକା ଏହି ଶିକ୍ଷା ପ୍ରଣାଳୀର ଜନ୍ମ ସମୟ ୧୯୩୮ ଠାରୁ ନିଜର ମୃତ୍ୟୁ ୨୦୧୨ ମସିହା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ, ଯେଉଁ ପରିସ୍ଥିତି ବା କ୍ଷେତ୍ରରେ କାର୍ଯ୍ୟରତ ଥିଲେ ହେଁ, ନିଜ ସାଧନାକୁ ଜାରି ରଖିଛି । ୯୪ ବର୍ଷ ବୟସରେ ମଧ୍ୟ ସେ ଶୁଶ୍ରୂଷାରେ ସହାୟ୍ୟକାରିଣୀଙ୍କୁ ସବୁ ଦିନ ଓଡ଼ିଆ ଓ ହିନ୍ଦି ଶିଖାଉଥିଲା ଏବଂ ମୃତ୍ୟୁର ପୂର୍ବଦିନ ଯାଏଁ ପିଲାଟିଏ ଦେଖିଲେ ନାନାବାୟା ଗୀତ ଗାଇ ଶୁଣାଉଥିଲା । କୌଣସି ବିଦ୍ୟାଳୟରେ ପାଠ ନ ପଢ଼ି ସେ ଓଡ଼ିଆ ବ୍ୟତୀତ ସଂସ୍କୃତ, ହିନ୍ଦୀ, ଇଙ୍ଗ୍ରାଜୀ, ବଙ୍ଗଳା, ମରାଠୀ, ଗୁଜରାତୀ ଆଦି ଭାଷାରେ ଲେଖି ପଢ଼ି ଓ କହି ପାରୁଥିଲା । ବେଦର ସୂକ୍ଷ୍ମ ତତ୍ତ୍ୱ, ଦର୍ଶନ ଠାରୁ ଛୁଂଚିପତର ପିଠା କରିବା ଯାଏଁ ସବୁଥିରେ ଅସାଧାରଣ ବିଦୂଷୀ ଓ ପାରଙ୍ଗମ ଥିଲା ।

ବାଲବାଡ଼ୀ, ଅଙ୍ଗନବାଡ଼ୀ ବା କିଣ୍ଡର୍ ଗାର୍ଟେନ୍ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ସେ ରଚନା କରିଥିବା ଗୋଟିଏ କ୍ଷୁଦ୍ର ପୁସ୍ତିକା "ଖେଳ ଘରର ପାଠ" ଶ୍ରୀ ଅକ୍ଷୟ କୁମାର ମହାନ୍ତିଙ୍କ ସହଯୋଗରେ ଆଜ୍ଞାଙ୍କ(ଶ୍ରୀଯୁକ୍ତ ବିଶ୍ୱନାଥ ପଟ୍ଟନାୟକଙ୍କ) ବନବାସୀ ସେବା ସମିତି, ବାଲିଗୁଡ଼ା ଦ୍ୱାରା ୧୯୯୩ରେ ପ୍ରକାଶିତ ହୋଇଥିଲା । ଶ୍ରୀ ପ୍ରଫୁଲ୍ଲ ବେହେରାଙ୍କ ଶିକ୍ଷା ସମ୍ବନ୍ଧୀୟ ପ୍ରଗାଢ଼ ଅନୁସନ୍ଧିତ୍ସା ଓ ତତ୍‌ସମ୍ବନ୍ଧୀୟ ପୁସ୍ତକ ପ୍ରକାଶନର ନିଷ୍ଠା ତା'ର ମନଃପୂତ ହୋଇଥିବାରୁ, ଅନୁରୁଦ୍ଧ ହୋଇ, 'ଶିଖା' ପତ୍ରିକା ପାଇଁ ଶିକ୍ଷା ସମ୍ବନ୍ଧୀୟ କେତେକ ଲେଖା ୨୦୦୪- ୨୦୦୭ ମସିହାରେ ଦେଇଥିଲା । ଜୀବଦ୍ଦଶାରେ ଏ ଗୁଡ଼ିକ ପ୍ରକାଶ କରିଥିବାରୁ ବନବାସୀ ସେବା ସମିତି, ଶିକ୍ଷା ସନ୍ଧାନ, ଆଜ୍ଞା, ସର୍ବଶ୍ରୀ ଅକ୍ଷୟ କୁମାର ମହାନ୍ତି, ପ୍ରଫୁଲ୍ଲ ବେହେରା ଓ ଅନୀଲ ପ୍ରଧାନଙ୍କୁ ଧନ୍ୟବାଦ ଜ୍ଞାପନ କରୁଛୁ । ଲେଖିକା ଏ ଗୁଡ଼ିକୁ ଏକତ୍ର କରି ପ୍ରକାଶ କରିବା ବାସନା ସାନ ପୁଅକୁ ସୂଚାଇ ଥିଲା । ପରଲୋକ ପରେ କାଗଜ ପତ୍ର ସଜାଡ଼ିବାରୁ, ସମ୍ଭବତଃ ଗତ ଶତାବ୍ଦୀର ପଂଚମ ଦଶକରେ ଦୁଆତ କଲମରେ ଲିଖିତ, ଶିଶୁ ମନୋବିଜ୍ଞାନ ବିଷୟକ ଖଣ୍ଡିଏ ବନ୍ଧାଇ ଖାତା ମିଳିଲା । ଏହା କେଉଁ ଲେଖାର ଅନୁବାଦ ବା ନିଜସ୍ୱ ରଚନା ଜାଣିପାରି ନାହୁଁ । କିନ୍ତୁ ଅର୍ଦ୍ଧ ଶତାବ୍ଦୀ ବିତି ଯାଇଥିଲେ ସୁଦ୍ଧା ରଚନାର ପ୍ରାସଙ୍ଗିକତା ଅକ୍ଷୁର୍ଣ୍ଣ ଥିବାରୁ ଏହି ସଙ୍କଳନରେ ସଂଯୁତ ହେଲା । ଏତଦ୍ ବ୍ୟତୀତ ପ୍ରୀତିଶ ଆଚାର୍ଯ୍ୟ ମହୋଦୟଙ୍କ ପ୍ରଶ୍ନର ଉତ୍ତର ରୂପେ ଲିଖିତ ଲେଖିକାର ଦୃଷ୍ଟିରେ ଆଦର୍ଶ ଶିକ୍ଷକର ଗୁଣାବଳୀ ମଧ୍ୟ ସଂପ୍ରଯୁକ୍ତ କରି ପୁସ୍ତିକାଟି ପ୍ରକାଶ କରୁଛୁ । କେତେକ ଅଂଶରେ ବିଭିନ୍ନ ଲେଖାରେ କିଛି କିଛି ଦ୍ୱିରୁକ୍ତି ଥିଲେ ମଧ୍ୟ ତାହା ସଂପାଦନା କରା ହୋଇନାହିଁ ।

ମାଡ଼ ନ ଦେଲେ ପିଲା ବିଗିଡ଼ି ଯାଏ, ପାଠ ହୁଏ ନାହିଁ ଆଦି ସଂସ୍କାର ଆଦିମ କାଳରୁ ପୃଥିବୀ ସାରା ଚଳି ଆସିଛି । ସେଥିପାଇଁ 'ଛାଟ ନ ବାଜିଲେ କି ପାଠ?', 'Spare the rod and spoil the child' ଆଦି ପ୍ରବଚନମାନ ସବୁ ଭାଷାରେ ମିଳିବ । ଏଥିରେ ସମସ୍ତଙ୍କର ଦୃଢ଼ ବିଶ୍ୱାସ ଥିଲା ଓ ଦୁର୍ଭାଗ୍ୟ ଓ ଅନୁଶୋଚନାର କଥା ଯେ ଆମ ରାଜ୍ୟ ଏବଂ ଦେଶରେ ଅଧିକାଂଶଙ୍କର ଏହି ମତ ଏବେ ବି ରହିଛି । ୬ ଜାନୁୟାରୀ ୧୯୦୭ ଦିନ ମାରିଆ ମଣ୍ଟେସରୀ (ଇଟାଲୀୟ ଉଚ୍ଚାରଣ ମୋନ୍ତେସୋରି(Montessori)) ଶିଶୁଘର (Casa dei Bambini) ପ୍ରତିଷ୍ଠା କଲେ । ସେଠାରେ ସେ ଯୁଗାନ୍ତକାରୀ ପରୀକ୍ଷା କରି ଦେଖାଇଲେ ଯେ ବିନା ମାଡ଼, ଗାଳି, ଆକଟରେ ମଧ୍ୟ ଶିଶୁ ବିକାଶ ଓ ବିଦ୍ୟାଧ୍ୟୟନ ସଫଳ ଓ ଅଧିକ ସୁଚାରୁ ରୂପେ ହୋଇଥାଏ । ଏହି ପଦ୍ଧତି ବର୍ତ୍ତମାନ ପରିବ୍ୟାପ୍ତ ଏବଂ ପଦ୍ଧତିରୁ ସୃଷ୍ଟ ଅସୁମାରି ସଫଳ ମଣିଷଙ୍କ ଭିତରେ ସମକାଳୀନ ଉଦାହରଣ ଗୁଗ୍ଲ (Google)ର ଦୁଇ ପ୍ରତିଷ୍ଠାତା । ଗାନ୍ଧୀଜୀ ମଧ୍ୟ ଶିଶୁଶିକ୍ଷା ବିଷୟରେ ଗଭୀର ଚିନ୍ତା ଓ ପ୍ରୟୋଗ କରୁଥିଲେ ଓ ମୋନ୍ତେସୋରିଙ୍କ ଆନ୍ତରିକ ବନ୍ଧୁ ଥିଲେ । ପ୍ରାକ୍-ମୌଳିକ ଶିକ୍ଷାରେ ଆମ ଦେଶ ପାଇଁ ଉପଯୁକ୍ତ ମଣ୍ଟେସରୀ, ଫ୍ରୋବେଲ୍, ଡ଼ିଉଇ ହେରିକାଙ୍କ ଶିଶୁଶିକ୍ଷା ପ୍ରୟୋଗର ନିର୍ଣ୍ଣୟକୁ ଆଖିରେ ରଖି ଓ ଗାନ୍ଧୀଜୀ ଆଦର୍ଶ

ମଣୁଥିବା ଭାରତୀୟ ସଭ୍ୟତା ଏବଂ ଟଲଷ୍ଟୟ୍, ରସ୍କିନ୍, ରୁସୋ, ଥରୋଙ୍କ ଦ୍ୱାରା ପ୍ରଭାବିତ ଦର୍ଶନ ବିଚାର ସହ ସ୍ୱକୀୟ ଅନୁଭବକୁ ବିବେଚନା କରି, ଆମ ଦେଶ ପାଇଁ ଯାହା ଉପଯୁକ୍ତ, ଅନୁରୂପ ପୂର୍ବ ବୁନିୟାଦୀ ବା ପ୍ରାକ୍‌କାଳୀନ ମୌଳିକ ଶିକ୍ଷାର କାର୍ଯ୍ୟକ୍ରମ ଗଢ଼ାହେଲା । ଏ ଶିକ୍ଷାର ମୂଳ ଭିତ୍ତିଭୂମି ହେଲା ହାତ, ମସ୍ତିଷ୍କ ଓ ହୃଦୟର ସମନ୍ୱୟ ଦ୍ୱାରା ସମ୍ୟକ ବିକାଶ ପାଇଁ ଶିଶୁର ଶିକ୍ଷା ବ୍ୟବସ୍ଥା । ଗାଂଧୀଜୀ କହିଛନ୍ତି ଯେ ଶିକ୍ଷାତତ୍ତ୍ୱର ଉଲ୍ଲିଖିତ ବିଚାରର ମୁଖ୍ୟ ଅଂଶ ଜାତୀୟ ଗୌରବ ମଧୁସୂଦନ ଦାସ ଉନ୍ମେଷିତ କରିବାରୁ ତାଙ୍କ ମାନସରେ ଭାବସଂଚାର ଘଟିଥିଲା। କହିବା ବାହୁଲ୍ୟ ଯେ ଏହି ଶିକ୍ଷା ଉତ୍କଳରେ ଆରମ୍ଭ ହେବା ଠାରୁ ଉନବିଂଶ ଶତାବ୍ଦୀର ପଂଚମ ଦଶକ ଶେଷ ପର୍ଯ୍ୟନ୍ତ ଚୌଧୁରୀ ପରିବାରର (ଏହାର ବିସ୍ତାରିତ ଅର୍ଥରେ ମଧ୍ୟ) ସବୁ ସନ୍ତାନ ସନ୍ତତି ଏହି ପ୍ରଣାଳୀରେ ସାମିଲ ହୋଇଥିଲେ । ଉକ୍ତ ପରିବାର ଉପରନ୍ତୁ ଏହି କାର୍ଯ୍ୟକ୍ରମ ସହ ଆଚାର୍ଯ୍ୟ ହରିହର, ପଣ୍ଡିତ ଲିଂଗରାଜ ମିଶ୍ର, ସର୍ବଶ୍ରୀ ଫକୀର ମିଶ୍ର, ଶତ୍ରୁଘ୍ନ ନାଥ ଏବଂ ଏହି ଆଦର୍ଶରେ ଅନୁପ୍ରାଣିତ ଗୁରୁଜୀ ବୃନ୍ଦ ସମ୍ପୃକ୍ତ ଥିଲେ ।

ଏହି ପ୍ରୟୋଗ ସ୍ୱଳ୍ପ କେତୋଟି କେନ୍ଦ୍ରରେ ସ୍ୱଳ୍ପ କାଳ ପାଇଁ ପ୍ରଚଳିତ ହୋଇପାରିଥିଲା । ନୂତନ ସମାଜ ସୃଷ୍ଟି ଉଦ୍ୟମରେ ଉକ୍ତ ଶିକ୍ଷାର ଲକ୍ଷ୍ୟ ହେଲା ପ୍ରତି ବ୍ୟକ୍ତିର ଶାରୀରିକ, ମାନସିକ ଓ ଆଧ୍ୟାତ୍ମିକ ସହଜାତ ବୃତ୍ତି ବା ଶକ୍ତିକୁ ପୂର୍ଣ୍ଣ ଭାବରେ ବିକାଶ କରିବା ଓ ପ୍ରତିଭା ପରିସ୍ଫୁଟ କରାଇବା । ପ୍ରୟୋଗର ଅଦ୍ୟକାଳରେ ଯୋଗଦାନ କରିଥିବା ଶିକ୍ଷକଗଣଙ୍କ ଆଦର୍ଶଗତ ନିଷ୍ଠାର ଗୋଟିଏ ଉଦାହରଣ ହେଲା, ସେମାନେ ସାମାଜିକ ପରିବର୍ତ୍ତନ ସହ ଭାରତକୁ ସ୍ୱାଧୀନ କରି ଗୋଟିଏ ନ୍ୟାୟନିଷ୍ଠ ସମାଜ ଗଠନ ଆକାଙ୍କ୍ଷାରେ ଉଦ୍‌ବୁଦ୍ଧ ହୋଇ, ସ୍ୱଇଛାରେ ସରକାରୀ ଚାକିରୀର ମୋହ ଛାଡ଼ି, ଗ୍ରାମବାସୀ ଓ ଅନ୍ୟ ଆଗ୍ରହୀବ୍ୟକ୍ତିଙ୍କ ସ୍ୱଳ୍ପ ସାହାଯ୍ୟରେ ୯ଟି ବିଦ୍ୟାଳୟ ଚଳାଇ ଥିଲେ । ତନ୍ମଧ୍ୟରୁ ୭ଟିର ସମସ୍ତ ଗୁରୁଜୀଗଣ ଓ ଅନ୍ୟ କେତେଜଣ ଗୁରୁଜୀ ସ୍ୱାଧୀନତା ସଙ୍ଗ୍ରାମରେ କାରାରୁଦ୍ଧ ହୋଇଥିଲେ । ଏହି ପଦ୍ଧତିରୁ ଶିକ୍ଷାପାଇ ବହୁ ସ୍ୱାବଲମ୍ବୀ ନାଗରିକ ଓ ବିଶିଷ୍ଟ ବୈଜ୍ଞାନିକ, ମାନବ ବିଜ୍ଞାନୀ, ସମାଜସେବୀ, ଉଦ୍ୟୋଗବିତ୍, ସଙ୍ଗୀତଜ୍ଞ ଆଦି ବାହାରିଛନ୍ତି । ଅନ୍ତତଃ ପିଲାଏ ଏଥିରେ ଅପଦାର୍ଥ ହୋଇଯାଇ ନାହାନ୍ତି । ମାତ୍ର ବିଲାତି ଶାସନ ସମୟରେ ସୁଦ୍ଧା ମୌଳିକ ଶିକ୍ଷାର ପ୍ରୟୋଗ ପ୍ରଶାସନର ସମର୍ଥନ ପାଇଥିଲେ ହେଁ ସ୍ୱାଧୀନ ଭାରତର ସରକାରମାନଙ୍କର କ୍ରୁର ଦୃଷ୍ଟିରୁ ଏହା ବର୍ତ୍ତି ପାରିଲା ନାହିଁ । ଗାଂଧୀଜୀଙ୍କୁ ଆଳକରି କେବଳ ସ୍ୱାଧୀନତା ହାସଲ କରିବା ସ୍ୱାଧୀନ ଭାରତର କର୍ଣ୍ଣଧାରଙ୍କର ଉଦ୍ଦେଶ୍ୟ ଥିଲା, ସ୍ୱକଳ୍ପନାର ଭାରତ ଗଢ଼ିବାରେ ବଦ୍ଧପରିକର ରହି ଗାଂଧୀଜୀଙ୍କର ପ୍ରବର୍ତ୍ତିତ କାର୍ଯ୍ୟକ୍ରମକୁ ଧ୍ୱଂସ କରିବାକୁ କୁଣ୍ଠା ନ ଥିଲା ।

ଏହି ଶିକ୍ଷା "ଜୀବନ ପାଇଁ, ଜୀବନ ମାଧ୍ୟମରେ, ଜୀବନବ୍ୟାପୀ" । ସବୁ ଉନ୍ନତ ଦେଶ ତଥା ସମାଜର ଆଚାର ଭଳି ମାତୃଭାଷା ହିଁ ଏହି ଶିକ୍ଷାର ମାଧ୍ୟମ । ମାତୃଭାଷାରେ ଶିକ୍ଷାର ସାର୍ଥକତା ବୈଜ୍ଞାନିକ ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ, ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ଜୀବନୀ, ଭାରତର ଶ୍ରେଷ୍ଠ ବୈଜ୍ଞାନିକ ସତ୍ୟେନ୍ଦ୍ର ନାଥ ବୋଷଙ୍କ ପ୍ରଚେଷ୍ଟା, ନୋବେଲ୍ ବିଜେତା ଚନ୍ଦ୍ରଶେଖରଙ୍କ ତାମିଳରେ ଲେଖିବା ଉଦ୍ୟମ ପ୍ରଭୃତି ଦ୍ୱାରା ସମର୍ଥିତ ।

ରବୀନ୍ଦ୍ର ନାଥ, ଚାପ୍ଲିନ୍, ଆଇନଷ୍ଟାଇନ୍ ଆଦି ମହାମାନବ ବି ସେମାନଙ୍କ ବାଲ୍ୟକାଳ ସମୟର ଶିକ୍ଷା ବ୍ୟବସ୍ଥାରେ ନିଜର ଦୟନୀୟ ପରିସ୍ଥିତି ଓ ତଜ୍ଜନିତ ତିକ୍ତ ଅନୁଭୂତି ଜୀବନସାରା ମନେରଖି ଲିପିବଦ୍ଧ କରିଛନ୍ତି ଓ ଭବିଷ୍ୟତର ପିଲାଙ୍କ ପାଇଁ ସୁଚିନ୍ତିତ ମତ, ବକ୍ତବ୍ୟ ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ । ପାଶ୍ଚାତ୍ୟର ବିଶିଷ୍ଟ ଶିଶୁଶିକ୍ଷାବିତ୍ ମାନଙ୍କ ପରୀକ୍ଷା ନିରୀକ୍ଷାର ସିଦ୍ଧାନ୍ତ ସହ ଗାଂଧୀଜୀ ନିଜେ କରିଥିବା ପ୍ରୟୋଗ, ଅନୁଭୂତି ଓ ଜୀବନ ଦର୍ଶନ ସହିତ ମେଳରଖି ଶିଶୁର ସମ୍ୟକ୍ ଆନନ୍ଦମୟ ବିକାଶ ନିମିତ୍ତ ମୌଳିକ ଶିକ୍ଷା ବ୍ୟବସ୍ଥା ଗଢ଼ିବାକୁ ଉଦ୍ୟମ କରିଥିଲେ ।

ସଫାଇରୁ ଏହି ଶିକ୍ଷା ଆରମ୍ଭ ଏବଂ ଏଥିରେ ସଫାଇର ଅର୍ଥ ଆବର୍ଜନାକୁ ସମ୍ପଦରେ ପରିବର୍ତ୍ତନ କରିବା, ଯଥା – ମଳ ମୂତ୍ର କେବଳ ଘରୁ ପ୍ରଚୁର ବିଶୋଧିତ ସ୍ୱଚ୍ଛଜଳ ଓ ଉତ୍କଟ ହାନିକାରକ ରାସାୟନିକ ପ୍ରୟୋଗ କରି ଅଦୃଶ୍ୟ କରାଇ ପରିବେଶ, ନଦୀ, ନାଳ, ସମୁଦ୍ରକୁ ପ୍ରଦୂଷିତ କରିବା ପରିବର୍ତ୍ତେ ସେଥିରୁ କୃଷି ପାଇଁ ଉନ୍ନତ ଖତ ସୃଷ୍ଟି କରିବା । ବର୍ତ୍ତମାନର ପ୍ରଦୂଷଣ

ସମସ୍ୟା ଅନ୍ୟମାନେ କଳ୍ପନା କରିବା ବହୁ ପୂର୍ବରୁ ଏ ଶିକ୍ଷାବ୍ୟବସ୍ଥାରେ ତା'ର ସମାଧାନର ବାଟ ଦେଖାଇ ଦିଆ ହୋଇଥିଲା । ପିଲାଟି ଦିନରୁ 'ବାଣ୍ଟିକୁଣ୍ଟି ଚଳିବା', 'ପ୍ରତିଯୋଗିତା ବଦଳରେ ସହଯୋଗିତା' ଆଦର୍ଶ ବନାମ ପାଶ୍ଚାତ୍ୟ ପ୍ରଭାବରେ ବର୍ତ୍ତମାନର ଶିକ୍ଷିତଙ୍କର ଆଦୃତ ସୀମାହୀନ ସ୍ୱାର୍ଥପର ଦୁର୍ବୃତ୍ତ ଉପଯୋଗ ପ୍ରକୃତିକୁ ବିପର୍ଯ୍ୟସ୍ତ କରିସାରିଲାଣି ।

ପୁସ୍ତିକାରେ ଲେଖାଯାଇଥିବା କାର୍ଯ୍ୟସୂଚୀ ଗୁଡ଼ିକ ଯେ ସଂପୂର୍ଣ୍ଣ ବ୍ୟବହାରିକ ତାହା କୋରାପୁଟ, କେଉଁଝରର ଅଗମ୍ୟ ଅରଣ୍ୟାନୀ ପରିବେଶରେ ଘରେ ଛେପ ପକାଉଥିବା, ଶୌଚ ନ ହେଉଥିବା, ଘର, ଘୁଷୁରିବିଷ୍ଠା ପରିପୂର୍ଣ୍ଣ ଗାଁ ଦାଣ୍ଡ ସଫା ନ କରି ରହିବା, ରୋଗୀ ଗୋରୁ ଖାଇବା ପ୍ରଭୃତି ଅସ୍ୱାସ୍ଥ୍ୟକର ଅଭ୍ୟାସ ପରିପୂର୍ଣ୍ଣ ଓ ବହୁ ଅନ୍ଧବିଶ୍ୱାସଗ୍ରସ୍ତ କେତେକ ଅଂଚଳରେ ଶ୍ରୀଯୁକ୍ତା ମାଳତୀ ବିଶ୍ୱାଳ, ଶ୍ରୀଯୁକ୍ତା ସଚ୍ଚୀବାଳା ପଣ୍ଡା, ଶ୍ରୀଯୁକ୍ତା ପାର୍ବତୀ ସ୍ୱାଇଁ ଏବଂ ସାଥି କର୍ମୀଗଣଙ୍କ ଦ୍ୱାରା ଏ ସବୁକୁ ସଂପୂର୍ଣ୍ଣ ଦୂର କରିବା ସହ ଡାକ୍ତର ଆଇଜାକ୍ ସାନ୍ତ୍ରାଙ୍କ ମାର୍ଗ ଦର୍ଶନରେ ୟଜ ଭଳି ମାରାତ୍ମକ ରୋଗର ବିଲୋପ ସାଧନ କରି ସଫଳତା ସହ ପରୀକ୍ଷିତ । କେତେକ ଆଦିବାସୀ ସମାଜରେ ପିଲାଙ୍କୁ କେବେ ମାଡ଼ ନ ମାରିବା, ପ୍ରକୃତି ପ୍ରେମ, ଏହାର ସଂରକ୍ଷଣ, ସୁରକ୍ଷା ଓ ଏହାକୁ ଚିହ୍ନିବା ଭଳି ଅନେକ ଅନୁକରଣୀୟ ସଂସ୍କୃତି ଅଛି । ସେହିଭଳି ସଦ୍‌ଗୁଣଗୁଡ଼ିକର ବିକାଶ ଏବଂ ଅନ୍ଧବିଶ୍ୱାସ ଓ ଅନ୍ୟାନ୍ୟ କୁସଂସ୍କୃତିର ବିନାଶ ପ୍ରକୃତ ଶିକ୍ଷାର ଉଦ୍ଦେଶ୍ୟ ଅଟେ ।

ସାଧାରଣତଃ ଅତି ଉଚ୍ଚଶିକ୍ଷିତବର୍ଗ ଭାବନ୍ତି ଯେ ଶିଶୁକୁ ଅତି ଜଟିଳ ଓ ଦାମୀ ଖେଳଣା ଦେଲେ ସେ ବେଶୀ ସନ୍ତୁଷ୍ଟ ହେବ ଓ ଶିଶୁ ବେଶୀ ବିକଶିତ ହେବ । ପୁସ୍ତିକାରେ ଉଲ୍ଲେଖ ଥିବା ଜଟିଳ ଖେଳଣା ଶିଶୁକୁ ନ ଦେବା ନିର୍ଦ୍ଦେଶ ସେମାନଙ୍କୁ ଆଶ୍ଚର୍ଯ୍ୟ ବୋଧ ହେବ । କିନ୍ତୁ ଶତାଧିକ ବର୍ଷ ପୂର୍ବରୁ ମଣ୍ଟେସରୀ ଏହା ଆବିଷ୍କାର କରି ଚକିତ ହେଲେ ଯେ ପିଲାଏ ଖେଳଣାର ଦୈହିକ ଚମତ୍କାରିତା ଅପେକ୍ଷା ବୌଦ୍ଧିକ (ନୂଆ ଗଣିତ ଆଦି ଶିଖିବା ଏବଂ ବ୍ୟବହାର କରିବା ପରି) ଖେଳରେ ଅଧିକ ଆଗ୍ରହୀ ଓ ଆକୃଷ୍ଟ ହୋଇ ଆମୋଦ ଲାଭ କରନ୍ତି ।

ଏହା ସ୍ୱତଃସିଦ୍ଧ ଯେ ଇତିହାସର ଅଧିକାଂଶ ବିଖ୍ୟାତ ବ୍ୟକ୍ତି ପୁରାତନ ପାରମ୍ପରିକ ନିଷ୍ଠୁର ଶିକ୍ଷା ପ୍ରଣାଳୀରୁ ସମ୍ଭୂତ । ତେବେ ଏ ପ୍ରଣାଳୀକୁ କାହିଁକି ବଦଳାଇବା? ପ୍ରଥମତଃ ଏଥିଯୋଗୁଁ ଅଜସ୍ର ଶିଶୁ ଶିକ୍ଷାରୁ ନିରସ୍ତ ହୋଇଛନ୍ତି । ତଥାହି ନିମ୍ନ ଉଦାହରଣ ବୋଧହୁଏ ଏହା ବୁଝାଇବାକୁ ଅନ୍ୟ ଏକ ସମୀଚୀନ ଯୁକ୍ତି ହେବ । ଉଭୟ ଆଲେକ୍‌ଜାଣ୍ଡାର ଓ ଚେଙ୍ଗିଜ୍ ଖାନ୍ ବିପୁଳ ସାମ୍ରାଜ୍ୟର ଜନକ ଥିଲେ । ଚେଙ୍ଗିଜଙ୍କ ସାମ୍ରାଜ୍ୟ ଇତିହାସରେ ସର୍ବବୃହତ୍ ଥିଲା, କିନ୍ତୁ କାହିଁକି ଆଲେକ୍‌ଜାଣ୍ଡାରଙ୍କୁ ମହାନ ଏବଂ ଏତେ ଗୌରବିତ ବିବେଚନା କରାଯାଏ ? କାରଣ ସେ ଗୁରୁ ଆରିଷ୍ଟଟଲଙ୍କ ପ୍ରଭାବରେ ଯାହାକୁ ସଂସ୍କୃତି, ସଭ୍ୟତା ଆଖ୍ୟା ଦିଆଯାଉଛି, ସେ ଗୁଡ଼ିକୁ ସମ୍ମାନ ଜଣାଇ, ବିଜିତ ଠାରୁ ମଧ ଶିଖିବାକୁ ଚେଷ୍ଟା କରି, ସେ ସବୁକୁ ସାମ୍ରାଜ୍ୟ ସାରା ବିସ୍ତାରିତ କରାଉଥିଲେ । ତେଣୁ ଯେଉଁ ଶିକ୍ଷା ସଭ୍ୟତା, ସଂସ୍କୃତିର ଉନ୍ନାୟକ, ନ୍ୟାୟନିଷ୍ଠ ସମାଜର ଦ୍ୟୋତକ, ତାହାହିଁ ଶ୍ଳାଘ୍ୟ । ଏହା ଛଡ଼ା କେତେକ ବିଖ୍ୟାତ ବ୍ୟକ୍ତିଙ୍କର ନିଜର ବାଲ୍ୟଶିକ୍ଷା ବିଷୟରେ ବିଷାଦମୟ ଅଭିମତ ପୂର୍ବରୁ ଉଲ୍ଲେଖ ହୋଇଅଛି ।

ପ୍ରଫୁଲ୍ଲ ବାବୁ ପୁସ୍ତିକା ସମ୍ବନ୍ଧରେ ପଦେ ଓ ବିଶିଷ୍ଟ ଶିକ୍ଷାବିତ୍ ଶ୍ରୀଯୁକ୍ତ ଶତ୍ରୁଘ୍ନ ନାଥ ଖେଳଘର ପାଠର ପ୍ରସ୍ତାବନା ଲେଖିଦେଇ ଥିବାରୁ କୃତଜ୍ଞତା ଜ୍ଞାପନ କରୁଛୁ । ପୁସ୍ତିକାଟି ବିଶ୍ୱର ସବୁ ଭାଷାକୁ ଲେଖି ପାରିବା ପ୍ରଣାଳୀ ଇଉନିକୋଡ଼ରେ କମ୍ପ୍ୟୁଟରୀକୃତ । ଦୁର୍ଭାଗ୍ୟର କଥା ଯେ ଆମେ ଓଡ଼ିଆମାନେ ଆମ ଉପୋଯୋଗୀ ଇଉନିକୋଡ୍ ପୂର୍ଣ୍ଣାଙ୍ଗ କରିପାରି ନାହୁଁ ଓ ତଜ୍ଜନିତ ମୁଦ୍ରଣ ତୃଟି ପାଇଁ ଆମେ କ୍ଷମା ପ୍ରାର୍ଥନା କରୁଛୁ । ଶ୍ରୀ ଲଳିତ କହଁର ମୁଦ୍ରଣ ଭାର ଗ୍ରହଣ କରିଥିବାରୁ ତାଙ୍କୁ ଧନ୍ୟବାଦ ଜଣାଉ ଅଛୁ ।

ସ୍ୱଳ୍ପ ସମ୍ବଳରେ, ମଧ, ପ୍ରଚଳିତ ସମାଜ ବ୍ୟବସ୍ଥା ଅପେକ୍ଷା ମହତ୍ତର ବିକଳ୍ପ ଯେ ସମ୍ଭବ ସେହି ବିଶ୍ୱାସ ଗଢ଼ିବା ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ, ଜନସାଧାରଣ ଓ ପାଠକେ ଶିଶୁକୁ ଆନନ୍ଦମୟ ପରିବେଶରେ ତା'ର ସର୍ବାଙ୍ଗୀନ ବିକାଶ,

ବ୍ୟକ୍ତିତ୍ୱ ଓ ଚରିତ୍ର ଗଠନ ଏହି ଶିକ୍ଷା ମାଧ୍ୟମରେ କରାଇ ପାରିବେ ବୋଲି ମୌଳିକ ଶିକ୍ଷାର ପ୍ରାରମ୍ଭରୁ ସେଥିରେ ମଜ୍ଜି ରହିଥିବା ଅନ୍ନପୂର୍ଣ୍ଣା ଓ ଶରତ୍ ଚନ୍ଦ୍ର ମହାରାଣା ବିଶ୍ୱାସ କରୁଥିଲେ ଓ ଭବିଷ୍ୟତର ଶିକ୍ଷାବାନ୍-ଶିକ୍ଷାବତୀଗଣ ଏହାର ସଫଳ ରୂପାୟନ କରିପାରିବେ ବୋଲି ପ୍ରକାଶକ ଆଶାବାନ୍ ଅଟନ୍ତି ।

ଏପ୍ରିଲ୍ ୨୦୧୬

କର୍ମଦେବ ମହାରାଣା	ଜ୍ଞାନଦେବ ମହାରାଣା
ଉତ୍କଳ ବିଶ୍ୱବିଦ୍ୟାଳୟ	ଆଲ୍‌ବର୍ଟ୍ ଆଇନ୍‌ଷ୍ଟାଇନ୍ ଇନ୍‌ଷ୍ଟିଚ୍ୟୁଟ୍, ଜର୍ମାନୀ

ମୌଳିକ ଶିକ୍ଷାର ବିସ୍ତୃତ ବିବରଣୀ ପାଇଁ ଉତ୍ସ ସୂଚୀ:

1. *ବୁନିୟାଦୀ ଶିକ୍ଷା*, ଗାଂଧୀଜୀ, ଅନୁବାଦକ - ଅନ୍ନପୂର୍ଣ୍ଣା ମହାରାଣା ପ୍ରକାଶକ - ଉତ୍କଳ ଖଦୀ ମଣ୍ଡଳ , ୧୯୫୧
2. *ଓଡ଼ିଶାରେ ମୌଳିକ ଶିକ୍ଷାର ପ୍ରୟୋଗ*, ପ୍ରକାଶକ - ଶିକ୍ଷା ସନ୍ଧାନ, ଭୁବନେଶ୍ୱର, ISBN;81-87982-02-0
3. *ଅମୃତ ଅନୁଭବ*, ଅନ୍ନପୂର୍ଣ୍ଣା ମହାରାଣା, ଶିକ୍ଷା ସନ୍ଧାନ, ଭୁବନେଶ୍ୱର
4. (ହିନ୍ଦୀ) *पूर्व–बुनियादी*, शान्ता नारुलकर, अखिल भारत सर्व–सेवा–संघ–प्रकाशन, राजघाट, काशी
5. (ହିନ୍ଦୀ) *बालवाडी (पूर्व–बुनियादी बाल–शिक्षा)*, जुगतराम दवे, अखिल भारत सर्व–सेवा–संघ–प्रकाशन, राजघाट, काशी
6. *(ହିନ୍ଦୀ) बुनियादी राष्ट्रीय शिक्षा दर्जा १ से दर्जा ५ तक*, हिन्दुस्तानी तालीमी संघ, सेवाग्राम (१९३८)
7. (ଇଂରାଜୀ) *Towards New Education*, M. K. Gandhi, Edited by B. Kumarappa, http://www.mkgandhi.org/ebks/new_edu.pdf
8. (ଇଂରାଜୀ) *The latest fad, basic education*, J. B. Kripalani, Hindustani Talimi Sangh (1948)
9. (ଇଂରାଜୀ) Montessori Training Institute - Montitude Unit-3 Casa dei Bambini http:// https://montessori.org.au/montessori/biography.htm http://www.montitute.com/
10. (ଇଂରାଜୀ) *Basic National Education*, Hindustani Talimi Sangh, Sevagram (1938)

ସୂଚୀପତ୍ର

<u>ପ୍ରଥମ ଭାଗ</u> - ଖେଳ ଘର ପାଠ ୧

ପ୍ରସ୍ତାବନା	୨୯
ଶିଶୁଶିକ୍ଷାର ଆବଶ୍ୟକତା	୩୩
କାର୍ଯ୍ୟ ସମୟ	୩୫
ସେବିକାଙ୍କ ଯୋଗ୍ୟତା	୩୫
ଘର ଓ ଶିଶୁଶିକ୍ଷା କେନ୍ଦ୍ର ମଧ୍ୟରେ ପାର୍ଥକ୍ୟ	୩୭
ଶିଶୁ ଶିକ୍ଷା କେନ୍ଦ୍ର ଓ ପ୍ରଚଳିତ ବିଦ୍ୟାଳୟ ମଧ୍ୟରେ ପାର୍ଥକ୍ୟ	୩୭
ଶିଶୁ ଶିକ୍ଷା କେନ୍ଦ୍ରରେ ପୂର୍ବ ପ୍ରସ୍ତୁତି	୩୮
କାର୍ଯ୍ୟକ୍ରମ	୩୮
ଶିଶୁଶିକ୍ଷା କେନ୍ଦ୍ରରେ ଶିକ୍ଷାର ବିଷୟ	୪୦
ମାତୃଭାଷା (ମାଧ୍ୟମ)	୪୨
ଗଣିତ (ମାଧ୍ୟମ)	୪୨
ସାମାଜିକ ଜୀବନ	୪୩
ସାଧାରଣ ବିଜ୍ଞାନ	୪୩
ସାଧାରଣ ଜ୍ଞାନ	୪୪
ସ୍ୱାସ୍ଥ୍ୟରକ୍ଷା ଓ ପରିଚ୍ଛନ୍ନତା	୪୪
ପରିପାଟି ଓ କଳାଜ୍ଞାନ	୪୫
ଖେଳ	୪୫
ହସ୍ତକର୍ମ	୪୬
ସଙ୍ଗୀତ, ନୃତ୍ୟ, ଅଭିନୟ	୪୬
ଶିଶୁ-ଶିକ୍ଷା କେନ୍ଦ୍ର ଆନନ୍ଦ ନିକେତନ	୪୮
ଚାର୍ଟ୍ ୧ - ଅଭିଭାବକମାନେ ମନେ ରଖନ୍ତୁ	୪୯
ଚାର୍ଟ୍ ୨ - ଅଭିଭାବକମାନଙ୍କ ଅବଶ୍ୟ କର୍ତ୍ତବ୍ୟ	୪୯
ଚାର୍ଟ୍ ୩ - ଅଭିଭାବକମାନଙ୍କୁ ନିବେଦନ	୫୦
ଚାର୍ଟ୍ ୪ - ଶିଶୁ କହୁଛି	୫୧
ଚାର୍ଟ୍ ୫ - ଶିଶୁ କହୁଛି	୫୨
ପ୍ରଦର୍ଶନୀ	୫୩

ପର୍ବପର୍ବାଣୀ	୫୩
<u>ଦ୍ୱିତୀୟ ଭାଗ</u> - ଖେଳ ଘର ପାଠ ୨	୫୫
ଶିଶୁର ବିକାଶ	୫୭
ଶିଶୁସ୍ୱାସ୍ଥ୍ୟ	୬୦
ଶିଶୁର ସହଜାତ ମନୋବୃତ୍ତି	୬୨
ଶିଶୁର ଗୁଣ ବିକାଶ	୬୫
ବ୍ୟକ୍ତିତ୍ୱର ବିକାଶ	୬୭
<u>ତୃତୀୟ ଭାଗ</u> - ଶିଶୁଶିକ୍ଷା (ଶିଖାରେ ପ୍ରକାଶିତ)	୬୯
ଲାଳୟେତ୍ ପଂଚବର୍ଷାଣି	୭୧
ଅୟମାରମ୍ଭ	୭୩
ପୂର୍ବ ବୁନିୟାଦୀ ପାଠ୍ୟକ୍ରମ	୭୭
ବିଷୟ ପ୍ରବେଶ	୭୮
ପୂର୍ବ ବୁନିୟାଦୀ ଶିକ୍ଷାର ଯୋଜନା - ଗାଂଧୀଜୀ	୭୯
ବାଳକ, ପାଳକ ଓ ସମାଜ	୮୧
ଗୁଣ ବିକାଶ ବା ସଂସ୍କାର	୮୪
ବାଲବାଡୀରେ ଶିଶୁଦ୍ୱାରା କରଣୀୟ କାର୍ଯ୍ୟ	୮୫
ଶିକ୍ଷାକ୍ରମ	୮୬
ଭାଷା ଶିକ୍ଷା	୮୮
ଗଣିତ ଶିକ୍ଷା	୮୮
ସାଧାରଣ ବିଜ୍ଞାନ	୮୮
ସାମାଜିକତା ଜ୍ଞାନ	୮୯
କଳା ବା ପରିପାଟି ଜ୍ଞାନ	୯୦
ହାତ କାମ	୯୦
ଦାୟିତ୍ୱ ଜ୍ଞାନ	୯୧
ସଂଚୟ ଓ ସ୍ୱାସ୍ଥ୍ୟ ରକ୍ଷା	୯୧
ସାଧାରଣ ଜ୍ଞାନ	୯୨
ଗୁଣ ବିକାଶ	୯୩
ଉପଦେଶ ନୁହେଁ ଆଚରଣ	୯୩
ଆନନ୍ଦ ଉଲ୍ଲାସ	୯୪
ଦୟା କରୁଣା	୯୫

ଅଭିବାଦନ, ସ୍ୱାଗତ	୯୫
ପରିଚ୍ଛନ୍ନତା	୯୬
ଶାନ୍ତିରକ୍ଷା	୯୬
ବାଲବାଡୀ ଶିକ୍ଷାର ପ୍ରବର୍ତ୍ତକ (୧)	୯୯
ଖେଳ, ହୁମୁଦୁମୁ ନା କାମ?	୧୦୧
ବାଲବାଡୀ ଶିକ୍ଷାର ପ୍ରବର୍ତ୍ତକ (୨)	୧୦୫
ବାଲବାଡ଼ୀ ଶିକ୍ଷା - ୧	୧୦୯
ଶିଶୁର ଆନନ୍ଦ ପ୍ରବୃତ୍ତି - ହାତକାମ	୧୦୯
ଶିଶୁର ଆନନ୍ଦ ପ୍ରବୃତ୍ତି - ଶିଶୁଗୀତ	୧୧୨
ଶିଶୁର ଆନନ୍ଦ ପ୍ରବୃତ୍ତି - କାହାଣୀ	୧୧୪
ଶିଶୁର ଆନନ୍ଦ ପ୍ରବୃତ୍ତି - ଶିଶୁନାଟ୍ୟ	୧୧୬
ଶିଶୁର ଆନନ୍ଦ ପ୍ରବୃତ୍ତି - ପ୍ରଦର୍ଶନୀ	୧୧୮
ବାଲବାଡ଼ୀ ଶିକ୍ଷା - ୨	୧୨୦
ଶିଶୁର ଅନୁସନ୍ଧିତ୍ସା ବୃତ୍ତି	୧୨୦
ବାଲବାଡ଼ୀ ଶିକ୍ଷା - ୩	୧୨୫
ସୃଷ୍ଟି କରିବାରେ ଆନନ୍ଦ	୧୨୫
ଶିଶୁ ବାଲବାଡୀରେ କ'ଣ ଶିଖେ	୧୨୫
ସାହାଯ୍ୟ କରିବା ବୃତ୍ତି	୧୨୭
ବାଲବାଡ଼ୀ ଶିକ୍ଷା - ୪	୧୨୯
ଭାଷା ଶିକ୍ଷା	୧୩୦
ଗଣିତ ଶିକ୍ଷା	୧୩୦
ବିଜ୍ଞାନ ଶିକ୍ଷା	୧୩୧
ସମାଜ ଜୀବନ ଶିକ୍ଷା	୧୩୨
ବାଲବାଡ଼ୀ ଶିକ୍ଷା - ୫	୧୩୩
ଶିଶୁର ସ୍ୱାସ୍ଥ୍ୟ	୧୩୩
ପୁଷ୍ଟିକର ଖାଦ୍ୟର ଅଭାବ	୧୩୩
ପରିଚ୍ଛନ୍ନତା	୧୩୫
ପୋଷାକ ପରିଚ୍ଛଦ	୧୩୫
ଦୌଡା ଧାପଡା, ଡିଆଁଡେଇଁ ଓ ହସକୌତୁକ	୧୩୬
ଶାନ୍ତିପୂର୍ଣ୍ଣ ଗଭୀର ନିଦ୍ରା	୧୩୮

ଅଙ୍ଗ ପ୍ରତ୍ୟଙ୍ଗର ଯତ୍ନ ୧୩୮
ଶିଶୁର ଓଜନ ଓ ଉଚ୍ଚତା ୧୩୯
ଚତୁର୍ଥ ଭାଗ - କେତେକ ନାନାବାୟା ଗୀତ (ସଂଗୃହୀତ) ୧୪୧
ଅଙ୍ଗ ପ୍ରତ୍ୟଙ୍ଗ ସଂଚାଳନ (Action song) ୧୪୩
ପରମ୍ପରୀଣ ନାନାବାୟା ଗୀତ ୧୪୫
ଦୋଳି ଗୀତ ୧୫୧
ଚଇତି ଘୋଡ଼ା ୧୫୧
ଶିଶୁ କନ୍ୟା ପାଇଁ ୧୫୧
ଋତୁ ୧୫୨
ପାଗ ୧୫୩
ଗପ ୧୫୩
ଆଧୁନିକ ୧୫୪
ଖେଳ ୧୫୬
ପହଲି ୧୫୭
ଝଟତି କହିବାକୁ କଷ୍ଟ (ଶିଶୁରଂଜନ ପଦ) ୧୫୮
ଅଙ୍ଗପ୍ରତ୍ୟଙ୍ଗ ୧୫୮
ପ୍ରାର୍ଥନା ୧୫୯
ମୋ କଥା ଟି ସଇଲା ୧୬୦
ପଂଚମ ଭାଗ - ଶିଶୁଶିକ୍ଷା ମନୋବିଜ୍ଞାନ ୧୬୧
ମନୋବିଜ୍ଞାନ ଜାଣିବାର ଉପକାରିତା ୧୬୩
ଶିଶୁ ମନ ଜାଣିବା ଉପାୟ ୧୬୪
ମନ ୧୬୪
ମାନସିକ ଶକ୍ତି କେଉଁ ବିଷୟ ଉପରେ ନିର୍ଭର କରେ ? ୧୬୬
ସ୍ନାୟୁ ୧୬୭
ମସ୍ତିସ୍କ ୧୭୦
ସ୍ନାୟୁ ମଣ୍ଡଳର କାର୍ଯ୍ୟ ଜାଣି ଶିକ୍ଷକ କିପରି ଭଲରୂପେ କାର୍ଯ୍ୟ କରିବେ ୧୭୦
କ୍ଲାନ୍ତି ୧୭୧
କ୍ଲାନ୍ତି ଓ ବିରକ୍ତି ମଧ୍ୟରେ ପ୍ରଭେଦ ୧୭୩
ଇନ୍ଦ୍ରିୟ ୧୭୪
ସାଧାରଣ ଇନ୍ଦ୍ରିୟ ୧୭୪

ଶିଶୁର ଇନ୍ଦ୍ରିୟ ଚାଳନାର ଉପକାରିତା	୧୭୪
ଇନ୍ଦ୍ରିୟାନୁଭୂତି	୧୭୭
ଉପଲବ୍ଧି ବା ପ୍ରତ୍ୟକ୍ଷ ଜ୍ଞାନ	୧୭୭
ଇନ୍ଦ୍ରିୟ ବୋଧ ଓ ପ୍ରତ୍ୟକ୍ଷ ଜ୍ଞାନରେ ଭେଦ	୧୭୮
ଶିଶୁକୁ ଇନ୍ଦ୍ରିୟାନୁଭୂତି ଦ୍ୱାରା ଶିକ୍ଷା କାହିଁକି ଦିଆଯାଏ	୧୭୮
ଶ୍ରେଣୀ ଜ୍ଞାନ ବା ଜାତି ଜ୍ଞାନ	୧୭୯
ପ୍ରତ୍ୟକ୍ଷ ଓ ଶ୍ରେଣୀ ଜ୍ଞାନ ମଧ୍ୟରେ ଭିନ୍ନତା	୧୮୦
ଶ୍ରେଣୀ ଜ୍ଞାନ କେଉଁ କେଉଁ ବିଷୟ ଉପରେ ନିର୍ଭର କରେ	୧୮୦
ଧାରଣା ବା ଶ୍ରେଣୀ ଜ୍ଞାନ ଭୁଲ୍ ହେବାର କାରଣ	୧୮୧
ଶ୍ରେଣୀ ଧାରଣା ଭଲ ହେବା ପାଇଁ ଶିକ୍ଷକଙ୍କ କାର୍ଯ୍ୟ	୧୮୨
ଜାତି ଜ୍ଞାନର ଉପକାରିତା	୧୮୨
ମନୋଯୋଗ	୧୮୩
ଅନୈଚ୍ଛିକ ମନୋଯୋଗ	୧୮୩
ବିକ୍ଷିପ୍ତ ମନୋଯୋଗ	୧୮୪
ପିଲାର ମନୋଯୋଗ ଉତ୍ତେଜିତ କରିବାର ଉପାୟ	୧୮୪
ମନୋଯୋଗ ରକ୍ଷା କରିବା ଉପାୟ	୧୮୫
ଆଗ୍ରହ	୧୮୬
ପାଠରେ ପିଲାର ଆଗ୍ରହ କିପରି ଜନ୍ମାଯାଇପାରେ	୧୮୭
ଶିଶୁର ମନୋଯୋଗର ବାଧା ସମୂହ ଓ ଅମନୋଯୋଗର କାରଣ	୧୮୮
ସ୍ମରଣ ଶକ୍ତିର ଉପକାରିତା	୧୯୦
ଶବ୍ଦାଶ୍ରୟୀ ସ୍ମୃତି	୧୯୧
ଅର୍ଥାଶ୍ରୟୀ ସ୍ମୃତି	୧୯୧
ସ୍ମରଣ ଶକ୍ତି କେଉଁ କେଉଁ ବିଷୟ ଉପରେ ନିର୍ଭର କରେ	୧୯୨
ଉତ୍ତମ ସ୍ମୃତି ଚାଳନା ଓ ମନ୍ଦ ସ୍ମୃତି ଚାଳନା	୧୯୩
ବିଦ୍ୟାଳୟରେ ପିଲାଏ କେଉଁ ବିଷୟରେ କାହିଁକି ମୁଖସ୍ଥ କରିବେ	୧୯୫
ବିଦ୍ୟାଳୟରେ ଶିଶୁ ସ୍ମରଣ ଶକ୍ତି କିପରି ଚାଳିତ ହେବ	୧୯୫
ସ୍ମରଣ ରଖିବା ଓ ଭୂଲି ଯିବାର ନିୟମ	୧୯୬
ଭାବ ସଂଯୋଗର ଅର୍ଥ ବା ଉପକାରିତା	୧୯୮
ଭାବ ସଂଯୋଗର ନିୟମ	୧୯୮
ଭାବ ସଂଯୋଗର ନିୟମ ଜାଣିଲେ ଶିକ୍ଷକଙ୍କର କି ଲାଭ	୧୯୯

କଳ୍ପନା ଶକ୍ତି ୨୦୦
ଶିକ୍ଷା ଦାନରେ କଳ୍ପନା ଶକ୍ତିର ଉପକାରିତା ୨୦୦
ଅତିରିକ୍ତ କଳ୍ପନାର ଅପକରିତା ୨୦୧
ଶିଶୁର କଳ୍ପନାକୁ ପରିବର୍ଦ୍ଧିତ, ପରିଚାଳିତ କରିବାର ଉପାୟ ୨୦୧
ଅନୁଭୂତି ୨୦୩
ଶିକ୍ଷକଙ୍କର କାର୍ଯ୍ୟ ୨୦୪
ଷଷ୍ଠ ଭାଗ - ଆଦର୍ଶ ଶିକ୍ଷକ
ପ୍ରଫେସର୍ ପ୍ରୀତିଶ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ଲିଖିତ ପତ୍ର ୨୦୭

☆☆☆

ଓଡ଼ିଆ ସଂଖ୍ୟା ଓ ତଦୀୟ ଆନ୍ତର୍ଜାତୀୟ ରୂପ ୨୫

୧ ≡ 1, ୨ ≡ 2, ୩ ≡ 3 ,୪ ≡ 4, ୫ ≡ 5,
୬ ≡ 6, ୭ ≡ 7, ୮ ≡ 8, ୯ ≡ 9, ୦ ≡ 0.

ପ୍ରଥମ ଭାଗ

ଅନ୍ନପୂର୍ଣ୍ଣା ମହାରାଣାଙ୍କ ଲିଖିତ

ଖେଳ ଘର ପାଠ (୧)

(ଶିଶୁ ଶିକ୍ଷା କର୍ମୀମାନଙ୍କ ସହାୟକ ପୁସ୍ତିକା)

ପ୍ରସ୍ତାବନା

ଓଡ଼ିଆ ଭାଷାରେ ଶିଶୁଶିକ୍ଷା ଓ ଶିଶୁଶିକ୍ଷକଙ୍କ ପାଇଁ ଲେଖା ବିରଳ କହିଲେ ଚଳେ । ଯାହା ସାମାନ୍ୟ କିଛି ଅଛି, ସେ ସବୁ ମୁଖ୍ୟତଃ ଇଂରାଜୀ ଲେଖାର ଅନୁବାଦ, ଇଂରାଜୀ ଶବ୍ଦ ମଧ୍ୟ ମେଂଚା ମେଂଚା ଥାଏ । ତେଣୁ ସେ ସବୁ ଜଣେ ସାଧାରଣ କର୍ମୀ ଓ ଗାଁ ଗହଳିର ବାପା, ମାଆଙ୍କ ବ୍ୟବହାରରେ ଲାଗି ପାରେ ନାହିଁ ।

ଏହା ଜଣାଶୁଣା କଥା ଯେ ଶିକ୍ଷା ଜୀବନର ଭ୍ରୂଣ ଅବସ୍ଥାରୁ ଆରମ୍ଭ ହୁଏ । ସେହି କାରଣରୁ ଗର୍ଭବତୀ ମହିଳାଙ୍କୁ ପୁଷ୍ଟିକାରକ ଖାଦ୍ୟ ଦିଆଯାଏ । ସାଧୁ ସଜ୍ଜନ ଓ ବଡ଼ ମଣିଷଙ୍କ ଜୀବନୀ ପଢ଼ିବାକୁ କୁହାଯାଏ । ପୁରାଣାଦି ପଢ଼ିବା ବା ଶୁଣାଇବାକୁ ବ୍ୟବସ୍ଥା କରାଯାଏ । ଦେହ, ମନ ଓ ଆତ୍ମାର ଶକ୍ତି ପାଇଁ ଅନୁକୂଳ ବାତାବରଣ ତିଆରି କରାଯାଏ । 'ମା' ପେଟର ଶିଶୁ 'ମା' ସହିତ ଏକ ହୋଇ ଥାଏ । ତେଣୁ ଆଧାତ୍ମିକ ଓ ସୁସ୍ଥ ତଥା ସୁନିର୍ମଳ ସାମାଜିକ ପରିବେଶ ଗର୍ଭବତୀ 'ମା' ପାଇଁ ଏକାନ୍ତ ଆବଶ୍ୟକ । ଜନ୍ମ ପରେ ଅଳ୍ପ କେତେ ବର୍ଷ ଶିଶୁକୁ 'ମା' ତଥା ପରିବାରର ନିକଟ ସଂପର୍କରେ ଚଳିବାକୁ ପଡ଼େ । ପାଟି ଫିଟାଇବା, ହସିବା, ରାଗିବା, ବିରକ୍ତ ହେବା, କାନ୍ଦିବା, ହାତଗୋଡ଼ ହଲାଇବା ଆଦି ଶିଶୁ 'ମା' ଠାରୁ ଶିଖିଥାଏ । ଲୁଗାକାନି ଧରି ମା ସଙ୍ଗରେ ଘରୁ ବାହାରକୁ ଯାଏ । ଗଛ, ଲତା, ଫୁଲ, ଫଳ, ପତ୍ର, ଚଢ଼େଇ, ହାଣ୍ଡି, ବାସନ କୁସନ, ନଈନାଳ ଆଦି ଦେଖେ ଓ ଜାଣିପାରେ । କଥାଟିଏ କେଉଁଠୁ ଆସୁଛି କାନ ଡ଼େରି ଜାଣେ ଓ ଶୁଣେ । ଏମିତିକା ସାନ ସାନ ଅଭ୍ୟାସ କରେ । 'ମା' କୋଡ଼ ସୁଖ ଲାଗେ ଓ କୋଡରୁ ଅଲଗା ହେଲେ ଦୁଃଖ ଦିଏ । ମାଆର ଡାକ ମନଲାଖି ହୁଏ । ଏପରି 'ମା' ହୁଅନ୍ତି ପ୍ରଥମ ଶିକ୍ଷକ । କ୍ରେଶ୍ ଓ ବାଲବାଡ଼ୀକୁ ଆସିବା ଶିଶୁ ଜୀବନର ବଡ଼ କଥା । 'ମା' ଓ ପରିବାର ଛାଡ଼ି ଅନ୍ୟ ସାଙ୍ଗ କରିବା ପ୍ରଥମ ଅଭିଜ୍ଞତା, ପରିବାରର ପରିସର ବଢ଼ିଯାଏ । ଶିକ୍ଷା ପାଇଁ ସଙ୍ଗଠିତ ପରିବେଶ ବିଦ୍ୟାଳୟରୁ ମିଳେ । ଏପରି କ୍ଷେତ୍ରରେ ବାଲବାଡ଼ୀର ଶିକ୍ଷକ / ଶିକ୍ଷିକା ଦ୍ୱିତୀୟ ଜନନୀ ହୁଅନ୍ତି । ସ୍ନେହ ଓ ସ୍ୱୀକୃତି ଦେଇ, ଦେହ, ମନ ଓ ଆତ୍ମାର ବିକାଶ ସାଧନ କରନ୍ତି । ଖାଇବା, ଖେଳିବା, ଶୋଇବା, ଚଳିବାରେ କଅଣ କରାଯିବ ଓ କଅଣ କରାଯିବ ନାହିଁ ଏ ସବୁର ଉଦାହରଣ ଓ ଇଙ୍ଗିତ ଦେଖି ଶିକ୍ଷା କରନ୍ତି, ପୋଥି ପଢ଼ା ଗୁରୁତ୍ୱ ନୁହେଁ । ଏହା ଏ ବୟସର କାମ ନୁହେଁ । ଦେଖି ଶୁଣି, ଅନୁଭବ କରି ଅଭ୍ୟାସ ପଠନ କରାଯାଏ । ପଢ଼ାସ୍ଥାନ, ପରିସ୍ରାଗାର, ଖେଳ ପଡ଼ିଆ ଓ ଖେଳଣା, ଜଣା ଅଜଣା ଲୋକ ଆଦି ଜାଣିବାକୁ ହୁଏ । ହସିବା, ଡରିବା, କାନ୍ଦିବା, ରାଗିଯିବା ଆଦି କେଉଁଠି ଓ କାହିଁକି ତଥା କିପରି କରିବାକୁ ହୁଏ ଏହା ମନକୁ ମନ ଜାଣି ହୋଇଯାଏ । ଶିକ୍ଷା ଆପଣା ଛାଏଁ ଧରି ହୋଇଯାଏ । ଏଥିପାଇଁ ଶିଶୁକୁ ଧରାଧରି କରିବାର ପ୍ରଶ୍ନ ନାହିଁ । ଟଣାଟଣି କରି ପିଲାଙ୍କ ମନକୁ ପାଠରେ ଲଗାଯାଏ ନାହିଁ । ଆପେ ଆପେ ପିଲାଏ ଲାଗି ପଡ଼ନ୍ତି । ଜିନିସ ପତ୍ର ଫିଟାଇ ଦେଖନ୍ତି । ଯନ୍ତ୍ରପାତି ବ୍ୟବହାର କରି କାମ କରନ୍ତି । ଏକାଠି ଚୁପ ଚାପ ବସନ୍ତି ନାହିଁ । ପ୍ରଶ୍ନ ପଚାରନ୍ତି ଓ ଉତ୍ତର ପାଇବାର ଅପେକ୍ଷା ରଖନ୍ତି । କୌତୁହଳୀ ହେବାର ସମୟ ବାଲବାଡ଼ୀରେ; କିଏ, କଅଣ, କାହିଁକି କିପରି ଆଦି ପଚାରି ଅଥୟ କରନ୍ତି । ବାହାର ଲୋକଙ୍କୁ ଆଗ୍ରହରେ ଅଭିବାଦନ କରନ୍ତି । ନମସ୍କାର କରନ୍ତି, ବସିବାକୁ କହନ୍ତି, ପିଇବାକୁ ପାଣି ଦିଅନ୍ତି । ଅସ୍ଥିର ହୁଅନ୍ତି । କୋମଳମତି ପିଲାମାନେ ସର୍ବଦା ଚଂଚଳ । କରିବେ ଓ କାମ କରି ଶିଖିବେ । ଏସବୁ ନିର୍ଭର କରେ ଶିକ୍ଷକ/ ଶିକ୍ଷିକାଙ୍କ ଉପରେ । ସେ ଯେଉଁ ପରିବେଶ ସୃଷ୍ଟି କରନ୍ତି ତାହା ଦ୍ୱାରା ଏହା ସାଧିତ ହୁଏ ।

ଅତଏବ ପିତାମାତା ଓ ଶିକ୍ଷକ/ ଶିକ୍ଷିକାଙ୍କ ମଧ୍ୟରେ ସଂପର୍କ ରହିବା ଉଚିତ୍ । ଏହା ଶିକ୍ଷାର ସବୁ ସ୍ତରରେ ଆବଶ୍ୟକ । ବିଶେଷ କରି ଶିଶୁଶିକ୍ଷା ସ୍ତରରେ ଏହା ଏକାନ୍ତ ଆବଶ୍ୟକ । ଛୋଟ ପିଲାଙ୍କୁ ବୁଝି ସେମାନଙ୍କ ଗତିମତି ଅନୁସାରେ

ଶିକ୍ଷାଳୟ ଓ ପରିବାରକୁ ସଜାଡ଼ିବାକୁ ହେବ । ତେଣୁ ପାଠଶାଳା ଓ ପରିବାର ଅନୁପୂରକ ହେବା ଉଚିତ୍ । ଶିକ୍ଷକ ଶିକ୍ଷିକା ଶିଶୁଙ୍କ ଗାଁ ଓ ଘର ବୁଲି ଦେଖିବେ । ପିତାମାତାଙ୍କୁ ପରାମର୍ଶ ଦେବେ । ପାଠଶାଳାରେ ପରିଷ୍କାର ପରିଚ୍ଛନ୍ନତା, ସହଯୋଗିତା, କାମଦାମ, ହସଖୁସି ଆଦି ପାଇଁ ଯେପରି ବ୍ୟବସ୍ଥା ଅଛି ପରିବାରରେ ସେପରି ରହିବ । ଏଥିରେ ପାର୍ଥକ୍ୟ ବା ଭିନ୍ନତା ଦେଖା ଗଲେ ଶୈଶବକାଳୀନ ବିକାଶରେ ବାଧା ଉପୁଜିବ । ପୁଣି ଶିଶୁ ଶିକ୍ଷା କେନ୍ଦ୍ରକୁ ପିତାମାତାଙ୍କୁ ଆମନ୍ତ୍ରଣ କରାଯିବ । ପିଲାମାନଙ୍କ କାମଦାମର ପ୍ରଦର୍ଶନୀ କରାଯିବ । ବିଭିନ୍ନ ସମୟରେ ଜଣେ ଜଣେ ପିଲାର ହାତକାମ (ସୂତାକଟା, ମାଟିକାମ, ଖେଳଣା ତିଆରି)କୁ ସଂଗ୍ରହ କରି ପ୍ରଦର୍ଶନୀର ବ୍ୟବସ୍ଥା କରାଯିବ । ପିଲେ ନାଚିବେ, ଗୀତଗାଇବେ, ଖେଳିବେ, କଥାବାର୍ତ୍ତା କରିବେ, ଆବୃତ୍ତି କରିବେ, କାମ କରିବେ; ଏସବୁ ପିତାମାତା ଦେଖି ସେମାନଙ୍କ ପିଲେ କିପରି ପ୍ରଗତି କରୁଛନ୍ତି ଲକ୍ଷ୍ୟ କରିବେ । ଅଭିଭାବକଙ୍କ ସମୟ ସୁବିଧାକୁ ଚାହିଁ ଏହା କରାଯିବ । ସ୍ଥାନୀୟ ସମୟ ସୁବିଧାକୁ ଦେଖି କେନ୍ଦ୍ରର ସମୟ ସ୍ଥିର କରାଯିବ । ବିଭିନ୍ନ ଋତୁ, ହାଟ, ପର୍ବପର୍ବାଣୀକୁ ଲକ୍ଷ୍ୟ କରି ସମୟ ଧାର୍ଯ୍ୟ କରାଯିବ । ମୋଟ ଉପରେ କହିବାକୁ ଗଲେ ସମସ୍ତ ଶିଶୁଶିକ୍ଷା ଅନୌପଚାରିକ ଢଙ୍ଗରେ ପରିଚାଳିତ ହେବ ।

ଧରାବନ୍ଧା ଗତରେ ପକାଇ ଶିକ୍ଷା ଦିଆଯିବ ନାହିଁ । ଏପରି ମାମୁଲି ଢଙ୍ଗ ପିଲାଙ୍କୁ ଭଲ ଲାଗିବ ନାହିଁ । ହାତ ଗୋଡ଼ ଯୋଡ଼ି ବସି ରହିବାକୁ ଦିଆଯିବ ନାହିଁ । କିଛି କାମ, କ୍ରିୟାକଳାପ (Activity)ରେ ମାତିବାକୁ ସୁଯୋଗ ଦିଆଯିବ । ଏହା ସେମାନଙ୍କ ସ୍ୱଭାବ ଓ ଆବଶ୍ୟକତା (need)ର ଅନୁକୂଳ ହେବ । ଏହା ଫଳରେ ସେମାନେ କିଛି ନା କିଛି କରିବେ । ପ୍ରଶ୍ନ ପଚାରିବାର ସୁବିଧା ପାଇବେ । ଚିନ୍ତା କରିବେ, କଥା କହିବେ, ଆନନ୍ଦ ଅନୁଭବ କରିବେ । ଏ ପ୍ରକାର ପରିସ୍ଥିତି କେତୋଟିର ସୂଚନା ଦିଆଯାଉଛି ।

(୧) ବୁଲାବୁଲି କରିଯିବା: ଶିକ୍ଷାକେନ୍ଦ୍ରର ଯଥାସମ୍ଭବ ପାଖରେ ଥିବା ହାଟ, ବରଗଛ, ଦେବାଳୟ, ପୋଖରୀ, ଦୋକାନ, ଡାକଘର, ପଂଚାୟତ ଅଫିସ୍, ଆଖୁପେଡ଼ା କେନ୍ଦ୍ର, ବାଡ଼ି ବଗିଚା, ନଈନାଳ, ଧାନ ଅମଳ ଇତ୍ୟାଦି ।

(୨) ବଣଭୋଜି କରିବା: ପିଲେ ପତର ପକାଇବେ, ପରିବା ଆଣିବେ, ବାସନ ରଖିବେ, ଆଦି । ଶିକ୍ଷକ ଶିକ୍ଷିକା ଓ ଅନ୍ୟ ଗୁରୁଜନ ରାନ୍ଧିବେ, ପରିବେଷଣ କରିବେ, ଭୋଜି ପରେ ସ୍ଥାନଟିକୁ ପରିଷ୍କାର ରଖିବେ । ଭୋଜି ପୂର୍ବରୁ ଓ ପରେ ସମ୍ଭବ ହେଲେ ଗୀତ ଗାଇବେ । ଭୋଜି ସମ୍ବନ୍ଧରେ ଆଲୋଚନା କରିବେ । ଭୋଜିରେ କଅଣ ହେବ, ଏହା ପିଲେ ସ୍ଥିର କରିବେ ।

(୩) ଜାତୀୟ ଦିବସ ପାଳନ ଇତ୍ୟାଦି: ସିଆଣିଆ ଶିଶୁଟି ପତାକା ଉତ୍ତୋଳନ କରିବ । ଶିକ୍ଷକ ଶିକ୍ଷିକା ପିଲାଙ୍କ ସହିତ ମିଶି ଜାତୀୟ ସଙ୍ଗୀତ ବୋଲିବେ । ଜାତୀୟ ପତାକାକୁ ସମ୍ମାନ ପ୍ରଦର୍ଶନ କରିବାକୁ ଶିଖିବେ, ଏହାକୁ ଚିହ୍ନିବେ ।

ଏପରି କେତୋଟି ଉଦାହରଣ ଦିଆ ଗଲା । ଶିକ୍ଷକ/ ଶିକ୍ଷିକା ଶିଶୁ କେନ୍ଦ୍ରର ଅବସ୍ଥିତି, ପରିପାର୍ଶ୍ୱିକ ଜନବସତି ଓ ଶିଶୁମାନଙ୍କ ଅବସ୍ଥା ଓ ଆବଶ୍ୟକତାକୁ ଦେଖି ବିଭିନ୍ନ ପରିସ୍ଥିତି ସୃଷ୍ଟି କରାଯିବ । ଶିଶୁଙ୍କ ଉପରେ କିଛି ଲଦି ଦିଆଯିବ ନାହିଁ । ସେମାନେ ସ୍ୱୟଂ ସ୍ୱତଃସ୍ଫୂର୍ତ୍ତ ।

ଏପରି ଶିକ୍ଷା ଦିଆଗଲେ

(୧) ଶିଶୁମାନଙ୍କ ପୂର୍ଣ୍ଣାଙ୍ଗ ବିକାଶ ସାଧିତ ହେବ । ଏହା ହିଁ ଶିଶୁଶିକ୍ଷାର ଲକ୍ଷ୍ୟ ।

(୨) ସେମାନେ ପ୍ରାଥମିକ ଶିକ୍ଷା ଲାଭ ପାଇଁ ପ୍ରସ୍ତୁତ ରହିବେ ।

(୩) ଏ ପ୍ରକାର ଶିଶୁଶିକ୍ଷା ମାନବ ଜୀବନ ତଥା ଶିକ୍ଷାର ଭିତ୍ତି ସ୍ୱରୂପ ହେବ ।

(୪) ପ୍ରାଥମିକ ଶିକ୍ଷାରୁ ଆବଦ୍ଧତା ଓ ଅପଚୟ କମିଯିବ ।

(୫) ଶିଶୁ ଲାଳନ ପାଳନ ବିଜ୍ଞାନ ସମ୍ମତ ହେବ ।

(୬) ପରିବାର ଓ ପାଠଶାଳାର ସମ୍ପର୍କ ନିବିଡ଼ ହେବ ଓ ଶିଶୁଶିକ୍ଷା କେନ୍ଦ୍ର ଜୀବନ ଅନୁଷ୍ଠାନ ହେବ ।

ଶୁଦ୍ଧି ଓ ସାମଗ୍ରିକ ବିଚାର ନ ଥିବା ହେତୁ ଅଭିକା ଶିଶୁଶିକ୍ଷା କେବଳ ନାମରେ ଚାଲୁଛି । ଶିକ୍ଷକ/ ଶିକ୍ଷିକାଙ୍କ ବିଧିବଦ୍ଧ ତାଲୀମ ନାହିଁ । କ୍ୱଚିତ୍ ସେବାକାଳୀନ ଶିକ୍ଷାର ସୁବ୍ୟବସ୍ଥା ଅଛି । ଏପରି ପରିସ୍ଥିତିରେ ମା ଅନ୍ନପୂର୍ଣ୍ଣା ମହାରଣାଙ୍କ ରଚିତ ପୁସ୍ତିକା ବିଶେଷ ସହାୟକ ହେବ । ଶିକ୍ଷକ/ ଶିକ୍ଷିକା ଓ ଅଭିଭାବକମାନଙ୍କୁ ଏହା ମାର୍ଗଦର୍ଶନ ଦେବ । ବିଶେଷ କରି କୋରାପୁଟ ସର୍ବୋଦୟ ସମିତି ଓ ବାଲିଗୁଡ଼ାର ବନବାସୀ ସେବା ସମିତି ପରି ଅନେକ ସ୍ୱେଚ୍ଛାସେବୀ ସଙ୍ଗଠନ ଗାଁ ଗହଳ ଓ ଅରଣ୍ୟର ମଧ୍ୟରେ ଶିଶୁଶିକ୍ଷାକୁ ସଫଳ କରିବା ପାଇଁ ଉଦ୍ୟମରତ ରହିଛନ୍ତି । ସେମାନଙ୍କୁ ଏ ପୁସ୍ତିକା ଯଥେଷ୍ଟ ସାହାଯ୍ୟ କରିବ । ଏହି ସବୁ ଅବସ୍ଥାକୁ ଚାହିଁ ଜନସେବୀ ଶ୍ରୀମତୀ ମହାରଣା ଏହି ପୁସ୍ତିକାକୁ ପ୍ରସ୍ତୁତ କରିଛନ୍ତି । ମହାତ୍ମା ଗାଂଧୀଙ୍କ ଶିକ୍ଷାଦର୍ଶନ ଓ ଏହାର ପ୍ରୟୋଗ ବିଷୟରେ ତାଙ୍କର ଦୀର୍ଘ ଅଭିଜ୍ଞତା ରହିଛି । ଗ୍ରାମସେବାରେ ସେ ଆଜୀବନ ଏକନିଷ୍ଠ । ତେଣୁ ଏହା ଏକ ପୁସ୍ତିକା ହେଲେ ହେଁ ଏହାର ଉପଯୋଗିତା ଅନନ୍ୟ । ଏହି ରଚନାର ଅନନ୍ୟ ଶୈଳୀ ରହିଛି ।

ମୋର ଆଶା, ଶିକ୍ଷକ/ ଶିକ୍ଷିକାମାନେ ଏହି ରଚନା ଦ୍ୱାରା ଉପକୃତ ହେବେ ।

ଶତ୍ରୁଘ୍ନ ନାଥ
ଗୁରୁ ଦିବସ, ୧୯୯୨
୬୮୯ ଶହୀଦ ନଗର
ଭୁବନେଶ୍ୱର

ଶିଶୁ ଶିକ୍ଷାର ଆବଶ୍ୟକତା

ଶିକ୍ଷାବିତ୍ ମାନଙ୍କର ମତ ଯେ ମା ଗର୍ଭରୁ ୫ ବର୍ଷ ବୟସ ପର୍ଯ୍ୟନ୍ତ ହେଉଛି ମଣିଷର ଅସଲ ଶିକ୍ଷାକାଳ । ସେହି ସମୟ ମଧ୍ୟରେ ଶିଶୁ ଯାହା ଶିଖେ ସେହି ମୂଳଦୁଆ ଉପରେ ତା'ର ପରବର୍ତ୍ତୀ ଜୀବନ ଗଢ଼ା ହୋଇଥାଏ । ତେଣୁ ବିଦ୍ୟାଳୟକୁ ଯିବା ପୂର୍ବରୁ ଶିଶୁର ଶାରୀରିକ ଓ ମାନସିକ ବିକାଶ ନିମନ୍ତେ କ୍ରେଶ୍ (creche) ବା ଦୋଳିଘର ଅଥବା ଅଙ୍ଗନବାଡ଼ି ବା ବାଲବାଡ଼ି ସୃଷ୍ଟି ହୋଇଛି ।

୧. ଉପରୋକ୍ତ ଶିଶୁ ଅନୁଷ୍ଠାନ ମାଧ୍ୟମରେ ଶିଶୁ ମଧ୍ୟରେ ସାମାଜିକତା, ସହଯୋଗ, ସହଭୋଗ, ସ୍ୱାବଲମ୍ବନ, ବାଣ୍ଟିକୁଣ୍ଟି ଖାଇବା, ରୁଚି ସଂପନ୍ନ ମନୋରଂଜନ ଆଦି ଗୁଣର ବିକାଶ ଘଟାଇବା ହିଁ ଏହି ଶିକ୍ଷାର ଅନ୍ୟତମ ଉଦ୍ଦେଶ୍ୟ ଅଟେ ।

୨. ଶିଶୁ ମଧ୍ୟରେ ମାର୍ଜିତ ରୁଚି, ନିଜ କାମ ନିଜ ହାତରେ କରିବା ବୃତ୍ତି, ବ୍ୟବସ୍ଥିତତା ଆଦି ଗୁଣର ବିକାଶ ଘଟାଇ ତାହାକୁ ଆଚରଣରେ ପରିଣତ କରାଇବା ହେଉଛି ଏହି ଶିକ୍ଷାର ଉଦ୍ଦେଶ୍ୟ ।

୩. ଶିଶୁ ପାଳନ ସଂବନ୍ଧରେ ଅନଭିଜ୍ଞ ବା ଉଦାସୀନ ଅଭିଭାବକମାନେ ଶିଶୁର ଶାରୀରିକ ଓ ମାନସିକ ବିକାଶ ପ୍ରତି ଯଥାଯଥ ଦୃଷ୍ଟି ଦିଅନ୍ତି ନାହିଁ । ଏହି ଶିଶୁ ଅନୁଷ୍ଠାନ ହିଁ ଏ ଅଭାବ ପୂରଣ କରେ ।

୪. ବୟସ୍କ ଲୋକେ ଯେପରି ନିଜ ଘରେ, ନିଜ କର୍ମକ୍ଷେତ୍ରରେ ନିଜ ରୁଚି ଅନୁସାରେ ସ୍ୱଚ୍ଛନ୍ଦ ଭାବରେ କାମ କରନ୍ତି, ସେହିପରି ଶିଶୁକୁ ନିଜ ରୁଚି ଅନୁସାରେ ସୁଯୋଗ ଦେବା ହେଉଛି ଏହି ଶିଶୁ ଅନୁଷ୍ଠାନର ଉଦ୍ଦେଶ୍ୟ ।

୫. ଯେଉଁ ଶୋଷଣହୀନ, ଗଣତନ୍ତ୍ର ଆଧାରିତ ସାମ୍ୟଯୋଗ ମୂଳକ ପରିଚ୍ଛନ୍ନ ସମାଜ ରଚନା ଆମମାନଙ୍କର ଆଦର୍ଶ, ସେହି ସମାଜ ପାଇଁ ଅନୁରୂପ ଆଚରଣ ଓ ମନୋବୃତ୍ତି ପ୍ରତି ଶିଶୁକୁ ଆକୃଷ୍ଟ କରିବା ହିଁ ଏହି ଶିଶୁ ଶିକ୍ଷାର ଉଦ୍ଦେଶ୍ୟ ।

୬. ଶିଶୁର ବିଦ୍ୟାଳୟକୁ ଯିବା ବୟସ ହେବା ପର୍ଯ୍ୟନ୍ତ ତାହାକୁ ବିଦ୍ୟାଳୟକୁ ପଠାଇବାର ପୂର୍ବ ପ୍ରସ୍ତୁତି ଉପରୋକ୍ତ ଅନୁଷ୍ଠାନରେ ହୋଇଥାଏ ।

୭. ସହର ଓ ଗ୍ରାମାଂଚଳରେ ଜୀବିକା ଅର୍ଜନ ପାଇଁ କାରଖାନା, ସରକାରୀ ଦପ୍ତର, ଫାର୍ମ୍, ବିଲବାଡ଼ିକୁ ଯାଉଥିବା ମହିଳାମାନେ ଶିଶୁ ସନ୍ତାନକୁ ପଡ଼ିଆ ଘରେ, ନିଜର ବଡ଼ ପିଲାଙ୍କ ଜିମାରେ, ବେଳେ ବେଳେ ଘରେ ବନ୍ଦ କରି ଦେଇ କାମକୁ ଯାଆନ୍ତି । ଏହା ଫଳରେ ଶିଶୁର ଯଥା ଯଥ ଯତ୍ନ ନିଆଯାଇ ପାରେ ନାହିଁ । ବେଳେ ବେଳେ ଦୁର୍ଘଟଣା ମଧ୍ୟ ଘଟେ । ଏହି ମାଆମାନେ ଘରେ ଅନୁପସ୍ଥିତ ରହୁଥିବାରୁ ସେମାନଙ୍କର ଶିଶୁ ସନ୍ତାନମାନଙ୍କର ଯତ୍ନ ନେବା, ତୁଷ୍ଟି ଓ ପୁଷ୍ଟି ପ୍ରତି ଧ୍ୟାନ ଦେବା ପାଇଁ ଦୋଳିଘର, ଅଙ୍ଗନବାଡ଼ି, ବାଲବାଡ଼ି ଆଦି ଅନୁଷ୍ଠାନଗୁଡ଼ିକ ଉଦ୍ଦିଷ୍ଟ । ସଦ୍ୟଜାତ ଶିଶୁ ଠାରୁ ଆରମ୍ଭ କରି ବିଦ୍ୟାଳୟକୁ ଯାଇ ନ ଥିବା ପାଂଚ ବର୍ଷର ଶିଶୁକୁ ଏହି ଅନୁଷ୍ଠାନରେ ଗ୍ରହଣ କରାଯାଏ ।

କାର୍ଯ୍ୟ ସମୟ

ଅଭିଭାବକମାନେ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ସମୟରେ ଶିଶୁର ଯଥାଯଥ ବିକାଶ ପ୍ରତି ଦୃଷ୍ଟି ରଖି ଶିଶୁର ଯତ୍ନ ନେବା ହିଁ ଶିଶୁ ଅନୁଷ୍ଠାନର ଲକ୍ଷ୍ୟ ହୋଇଥିବାରୁ ସେହି ସମୟରେ ଦୋଳିଘର ବା ଅଙ୍ଗନବାଡ଼ି ବା ବାଲବାଡ଼ି କାର୍ଯ୍ୟ ସମୟ ହେବା ଉଚିତ । ଗ୍ରାମାଂଚଳରେ ମାଆମାନେ ସକାଳ ନଅ ଟାରୁ ସଂଧ୍ୟା ପାଂଚଟା ପର୍ଯ୍ୟନ୍ତ ନିଜ ଧନ୍ଦାରେ ବାହାରେ ରହୁଥିବାରୁ ଏହି ସମୟଟି ଶିଶୁ-ପାଳନ କେନ୍ଦ୍ରର କାର୍ଯ୍ୟ ସମୟ ହୋଇଥାଏ । ୨୫ ଟି ଶିଶୁଙ୍କୁ ଖୁଆଇବା, ଶୁଆଇବା, ଖେଳାଇବା, ଗାଧୋଇଦେବା ଆଦି କାର୍ଯ୍ୟ ତୁଲାଇବା ପାଇଁ ସାଧାରଣତଃ ଦୁଇ ଜଣ ସେବିକା ଶିଶୁ-ପାଳନ କେନ୍ଦ୍ରରେ ରହନ୍ତି ।

ସେବିକାଙ୍କ ଯୋଗ୍ୟତା

ଶିଶୁ ପାଳନ କେନ୍ଦ୍ରରେ କାର୍ଯ୍ୟ କରୁଥିବା ସେବିକାଙ୍କ ଠାରେ ନିମ୍ନ ଲିଖିତ ଯୋଗ୍ୟତା ଗୁଡ଼ିକ ରହିବା ଆବଶ୍ୟକ :-

୧. ସେ ଛୋଟ ପିଲାଙ୍କ ମେଳରେ ରହି ସେମାନଙ୍କ କ୍ରିୟା କଳାପ ଲକ୍ଷ୍ୟ କରିବାରେ ଆନନ୍ଦ ପାଉଥିବେ ।

୨. ଶିଶୁର ଦୋରଟି କଥା ଧୈର୍ଯ୍ୟଧରି ଶୁଣିବାକୁ, ସେମାନଙ୍କ ଖେଳ ଗୀତରେ ସମ୍ମିଳିତ ହେବାକୁ ତାଙ୍କର ମନୋବୃତ୍ତି ଓ ଶାରୀରିକ ଶକ୍ତି ଥିବ । ସେ ନିଜେ ନାଚି ଖେଳି ଗୀତ ଗାଇ ଗଳ୍ପ କହି ସେ ପିଲାଙ୍କ ମନ ରଂଜାଇ ପାରୁଥିବେ ।

୩. ପିଲାଙ୍କ ଅଜଟ, ପାଟିତୁଣ୍ଡ, ଗୋଳମାଳ ସହିବା ପାଇଁ ତାଙ୍କର ଧୈର୍ଯ୍ୟ ଥିବ ।

୪. ସେ ପିଲାଙ୍କ ନାକ, ଆଖି, ମଳମୂତ୍ର ଆଦି ସଫା କରିବାକୁ ଘୃଣା ବା କୁଣ୍ଠାବୋଧ କରୁ ନ ଥିବେ ।

୫. ଶିଶୁ ସ୍ୱାସ୍ଥ୍ୟ, ଶିଶୁ ମନୋବିଜ୍ଞାନ ବିଷୟରେ ତାଙ୍କର ଜ୍ଞାନ ଥିବ ।

୬. ବ୍ୟବସ୍ଥିତତା, ସମୟାନୁବର୍ତ୍ତିତା, ପରିଚ୍ଛନ୍ନତା ରକ୍ଷାକରିବାକୁ ସେ ସମର୍ଥ ଥିବେ ।

୭. ଚିତ୍ରକଳା, ହାତକାମରେ ତାଙ୍କର ଦକ୍ଷତା ଥିବ ।

୮. ସେ ପିଲାଙ୍କ ଦ୍ୱାରା ଯାହା କରାଇବାକୁ ଚାହୁଁଥିବେ ତାହା ନିଜ ଆଚରଣରେ କରୁଥିବେ ।

୯. ପ୍ରାଥମିକ ଉପଚାର ଜାଣିଥିବେ ।

୧୦. ଗାଁର ଝିଅ ବୋହୂ ଓ ପିଲାଙ୍କ ଅଭିଭାବକଙ୍କ ସହିତ ମିଶିବା ଓ ସେମାନଙ୍କୁ ଶିଶୁ-ପାଳନ କେନ୍ଦ୍ର ପ୍ରତି ଆକୃଷ୍ଟ କରାଇବାର ପ୍ରବୃତ୍ତି ଥିବ ।

୧୧. ତାଙ୍କର ସତ୍ ସ୍ୱଭାବ, ଚରିତ୍ର ଓ ଆଚରଣ ଶିଶୁମାନଙ୍କର ଓ ବଡ଼ମାନଙ୍କର ଅନୁକରଣୀୟ ହୋଇଥିବ ।

୧୨. ଗ୍ରାମବାସୀ ଓ ଶିଶୁ ଶିକ୍ଷା କେନ୍ଦ୍ର ମଧ୍ୟରେ ସହଯୋଗ କରି ସେ ଗ୍ରାମବାସୀଙ୍କୁ ଶିଶୁଶିକ୍ଷା କେନ୍ଦ୍ରର ଉଦ୍ଦେଶ୍ୟ ବୁଝାଇ ପାରୁଥିବେ ।

୧୩. ସେ କେନ୍ଦ୍ରର ଓ କେନ୍ଦ୍ରକୁ ଆସୁଥିବା ଶିଶୁମାନଙ୍କ ଘରର ପରିଚ୍ଛନ୍ନତା ଓ ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧରେ ସଚେତନ ଥିବେ ।

ଘର ଓ ଶିଶୁ-ଶିକ୍ଷା କେନ୍ଦ୍ର ମଧ୍ୟରେ ପାର୍ଥକ୍ୟ

୧. ଘରେ କୌଣସି ଦରକାରୀ ଜିନିଷ ଶିଶୁକୁ ଧରିବାକୁ ବା ବ୍ୟବହାର କରିବାକୁ ଦିଅନ୍ତୁ ନାହିଁ । ଶିଶୁ-ଶିକ୍ଷା କେନ୍ଦ୍ରରେ ସେ ସବୁ ଜିନିଷ ବ୍ୟବହାର କରିବାର ସ୍ୱାଧୀନତା ଶିଶୁକୁ (ଶିକ୍ଷା ଦୃଷ୍ଟିରୁ) ଦିଆଯାଏ ।

୨. ଶିଶୁର କୌଣସି ପ୍ରଶ୍ନ ଉପରେ ସାଧାରଣତଃ କେହି ଗୁରୁତ୍ୱ ନ ଦେଇ ଏଣୁ ତେଣୁ କହି ତାକୁ ବାଆଁରେଇ ଦିଅନ୍ତି ।

ଶିଶୁ ଶିକ୍ଷା କେନ୍ଦ୍ରରେ ଶିଶୁର ପ୍ରଶ୍ନକୁ ଶୁଣି ତାର ଜବାବ ଦିଆଯାଏ ଏବଂ ଶିଶୁର ପ୍ରଶ୍ନରୁ ହିଁ ତା'ର କେଉଁ ବିଷୟ ପ୍ରତି ଆଗ୍ରହ ଅଛି ତାହାର କଳନା କରାଯାଏ ।

୩. ବୟସ୍କ ଲୋକେ ଘରେ ଯେଉଁ କାମ ଗୁଡ଼ିକ କରନ୍ତି, ଶିଶୁ ଅନୁକରଣ ପ୍ରିୟ ହୋଇ ଥିବାରୁ, ସେହି କାମ ଗୁଡ଼ିକ ଯଥା – ଘର ଝାଡୁ ଦେବା, ବାସନ ମାଜିବା, ଗଛରେ ପାଣି ଦେବା ଆଦି କାମ କରିବାକୁ ଚାହେଁ । ଘରେ ତାହା କରିବାକୁ ଦିଆଯାଏ ନାହିଁ । ଶିଶୁଶିକ୍ଷା କେନ୍ଦ୍ରରେ ତାକୁ ସେହି ସୁଯୋଗ ଦିଆଯାଏ ।

୪. ଶିଶୁ ଶିକ୍ଷା କେନ୍ଦ୍ରରେ ଏକା ସାଥିରେ ଖାଇବା, ପ୍ରାର୍ଥନା କରିବା, ଖେଳିବା, ଖାଇବା ଆଗରୁ ମନ୍ତ୍ର ବୋଲିବା ଆଦି ଶିଶୁ ଶିଖିଥାଏ ।

ତଦ୍ୱାରା ସାମାଜିକତାର ବିକାଶ ହୁଏ ।

ଶିଶୁ ଶିକ୍ଷା କେନ୍ଦ୍ର ଓ ପ୍ରଚଳିତ ବିଦ୍ୟାଳୟ ମଧ୍ୟରେ ପାର୍ଥକ୍ୟ

୧. ଶିଶୁ ଶିକ୍ଷା କେନ୍ଦ୍ରରେ ଲିଖନ ପଠନ ଦ୍ୱାରା ଶିକ୍ଷା ଦିଆଯାଏ ନାହିଁ । ଖେଳ, ଗଳ୍ପ, କବିତା, ଓ ଶିଶୁ ଉପଯୋଗୀ କାର୍ଯ୍ୟ ମାଧ୍ୟମରେ ଶିକ୍ଷା ଦିଆଯାଏ ।

୨. ଶିଶୁ ଶିକ୍ଷା କେନ୍ଦ୍ରରେ ବିଦ୍ୟାଳୟ ପରି ଶ୍ରେଣୀ ବିଭାଗ ନାହିଁ ।

୩. ଶିଶୁ ଶିକ୍ଷା କେନ୍ଦ୍ରରେ ନିର୍ଦ୍ଦିଷ୍ଟ ପିରିୟଡ଼ରେ ନିର୍ଦ୍ଦିଷ୍ଟ ବିଷୟ ଶିକ୍ଷା ଦିଆଯାଏ ନାହିଁ । ସ୍ଥାନ, କାଳ, ପାତ୍ରକୁ ବିବେଚନା କରି ଶିକ୍ଷା ଦିଆଯାଏ ।

୪. ବିଦ୍ୟାଳୟରେ ନିଜ ରାଜ୍ୟରେ ସର୍ବତ୍ର ଏକାପ୍ରକାରର ପାଠ୍ୟକ୍ରମ ଚଳୁଥିବା ସ୍ଥଳେ ଶିଶୁ ଶିକ୍ଷା କେନ୍ଦ୍ରରେ କେନ୍ଦ୍ରର ପାରିପାର୍ଶ୍ୱିକ ପରିସ୍ଥିତି ପ୍ରତି ଲକ୍ଷ୍ୟ ରଖି ଶିକ୍ଷା ଦିଆ ଯାଏ ।

୫. ଶିଶୁ ଶିକ୍ଷା କେନ୍ଦ୍ରରେ ଶିକ୍ଷୟିତ୍ରୀଙ୍କ ମାର୍ଗଦର୍ଶନରେ ଶିଶୁମାନେ ଖେଳି, ବୁଲି, ହାତକାମ କରି ଆନନ୍ଦରେ ସମୟ କଟାଇବା ସଙ୍ଗେ ସଙ୍ଗେ ଶିକ୍ଷାଲାଭ କରିବା ପ୍ରତି ଦୃଷ୍ଟି ଦିଆଯାଏ ।

ଶିଶୁ ଶିକ୍ଷା କେନ୍ଦ୍ରରେ ପୂର୍ବ ପ୍ରସ୍ତୁତି

୧. ଶିକ୍ଷୟିତ୍ରୀ ନିର୍ଦ୍ଦିଷ୍ଟ ସମୟରେ କେନ୍ଦ୍ରକୁ ଆସି ଘର, ବାରଣ୍ଡା, ଅଗଣା ସଫା କରିବେ ।

୨. ପିଲାଙ୍କ ଖେଳ ଉପକରଣ ଗୁଡ଼ିକ ସେ ସଜାଇ ରଖିବେ ।

୩. ପିଲାଙ୍କ ହାତ କାମ ପାଇଁ ଚକଟା ମାଟି ଓ ଅନ୍ୟ ସରଂଜାମ ଠିକ୍ କରି ରଖିବେ ।

୪. ସେ ଦିନର ଖାଦ୍ୟ ପାଇଁ ପୂର୍ବ ଦିନରୁ ସ୍ଥିର କରାଯାଇଥିବା ଖାଦ୍ୟ ପଦାର୍ଥର ତଦାରଖ କରିବେ ।

୫. ସଫାଇ ଓ ବଗିଚା କାମ କରିବା ପାଇଁ, ଗଛରେ ପାଣି ଦେବା, ଘାସ ଉପାଡ଼ିବା, ଘର ଝାଡ଼ିବା ଆଦି କାମ ପିଲାଙ୍କ ଶିକ୍ଷା ଦୃଷ୍ଟିରୁ ଖେଳ ଖେଳିବାକୁ, ପିଲାଙ୍କୁ ଶିଖାଇବା ପାଇଁ ଶିଶୁ ଉପଯୋଗୀ ଝାଡୁ, ଝଡ଼ା, ଖୁରୁପୀ, ଟୋକେଇ, ବାଲଟି ଆଦି ସଜ କରି ରଖିବେ ।

୬. ଘଣ୍ଟା ବଜାଇ ସାରି ପିଲାଙ୍କୁ ଡାକିବାକୁ ଯିବେ । ଶିକ୍ଷୟିତ୍ରୀଙ୍କ ହାତ ଧରି, ପଣତ ଧରି ଆଗରେ ପଛରେ ଚାଲିଥିବା ଶିଶୁ ଶୋଭାଯାତ୍ରୀ ଦଳ କେନ୍ଦ୍ରରେ ପହଂଚିଲେ କାର୍ଯ୍ୟକ୍ରମ ଆରମ୍ଭ ହେବ ।

କାର୍ଯ୍ୟକ୍ରମ

(ନିମ୍ନ ଲିଖିତ ମତେ ରଖାଯାଇ ପାରେ)

ଶିକ୍ଷୟିତ୍ରୀ ଘର, ଅଗଣା ଆଦି ସଫା କରିଥିଲେ ହେଁ ପିଲାଙ୍କୁ ଶିଖାଇବା ପାଇଁ ପିଲାଙ୍କ ଦ୍ୱାରା ଘର ଝାଡୁ ଦେବା, କାନ୍ଥ କୋଣରୁ ଝୁଲ ଝାଡ଼ିବା, ଗଛରେ ପାଣି ଦେବା, ଘାସ ଉପାଡ଼ିବା, ପିଇବା ପାଣି ରଖି ଘୋଡ଼ାଇବା ଆଦି କାମ କରାଯିବ ।

- ସଫାଇ, ବଗିଚା କାମ, ଗୃହକୃତ୍ୟ ପରେ ଏକ ଅପରର ଦେହମୁଣ୍ଡ ଦେଖା ଦେଖି, ହାତଗୋଡ଼ ଧୁଆଧୋଇ, ନଖ ଚୂଳ ତଦାରଖ ଆଦି ଶାରୀରିକ ପରିଚ୍ଛନ୍ନତା କାର୍ଯ୍ୟ କରାଯିବ ।

- ଦୁଇ ମିନିଟ୍ "ଶାନ୍ତି" ଖେଳ ଓ ପ୍ରାର୍ଥନା । ପ୍ରାର୍ଥନାରେ 'ଆକାଶ ଦିଶେ କି ସୁନ୍ଦର' ବା 'ତୁମେ ଗଢ଼ିଛ ଏ ଟିକି ଚଢ଼େଇଟି' ପରି ଶିଶୁ ବୋଧଗମ୍ୟ ଭଜନ ରଖାଯିବା ଉଚିତ ।

- ମାଳି ଗୁନ୍ଥିବା, ବଉଳ, ଗଙ୍ଗଶିଉଳୀ ଆଦି ଆପେ ଝଡୁଥିବା ଫୁଲ ସାଉଁଟି ହାର ଗୁନ୍ଥା, ମାଟିରେ ଗୁଲି ବା ଅନ୍ୟ କଣ୍ଢେଇ ଗଢ଼ିବା ଆଦି ହାତକାମ ।

- ଖେଳ, ନାଚ, ଗୀତ ।

ସହ ଭୋଜନ (ପରିବେଷଣ ପରେ " ସାଙ୍ଗ ହୋଇ ଖେଳିବା, ବାଣ୍ଟିକୁଣ୍ଟି ଖାଇବା, ମିଳିମିଶି କାମ କରି ଆନନ୍ଦରେ ରହିବା" ଆବୃତ୍ତି କରାଇ ତାହା ପରେ ଖାଇବା ଆରମ୍ଭ ହେବ)

ଗାଁ ଓ ଘର ଖବର ଦିଆ ନିଆ ।

କାହାଣୀ ଶୁଣିବା ଓ କହିବା

ଗଳ୍ପାଭିନୟ (dramatisation), ଅଭିବାଦନ ପୂର୍ବକ ବିଦାୟ ନେବା ।

(ଉପରୋକ୍ତ କାର୍ଯ୍ୟକ୍ରମ ସହ ଶିକ୍ଷୟିତ୍ରୀ ହିସାବ ରଖିବା, ଚାର୍ଟ୍ ପୂରଣ କରିବା, ଖଦ୍ୟ ପଦାର୍ଥ ସଙ୍ଗ୍ରହ କରିବା, ଗାଁକୁ ଯାଇ ଅଭିଭାବକଙ୍କ ସହିତ ଶିଶୁପାଳନ ବିଷୟରେ ଆଲୋଚନା କରିବା, ଅସୁସ୍ଥ ପିଲାଙ୍କୁ ଦେଖିବା ଆଦି କାମ ମଧ କରିବେ)

ଶିଶୁଶିକ୍ଷା କେନ୍ଦ୍ରରେ ଶିକ୍ଷାର ବିଷୟ

ତିନି ବର୍ଷରୁ ପାଂଚ ବର୍ଷର ପିଲାଙ୍କୁ ଗୋଟିଏ ଧରାବନ୍ଧା ସମୟ ମଧ୍ୟରେ କିଛି ଶିଖାଇବା ଓ କାମ କରାଇବା ସହଜ ସାଧ୍ୟ ନୁହେଁ । ଉଦାହରଣ ସ୍ୱରୂପ, ହାତ କାମ କରୁ କରୁ କୋଉ ପିଲା ପାଂଚ ମିନିଟ୍ ରେ ଏକାଗ୍ରତା ହରାଏ, ପୁଣି କୌଣସି ପିଲା ନିର୍ଦ୍ଦିଷ୍ଟ ସମୟ ପରେ ମଧ୍ୟ ହାତ କାମରେ ଏକାଗ୍ର ରହେ । ଶିଶୁର ବିକାଶ ଦୃଷ୍ଟିରୁ ଶିଶୁ ନିବିଷ୍ଟ ଚିତ୍ତରେ କାମ କଲା ବେଳେ ତାକୁ ସେଥିରୁ ଓହରେଇବା କିମ୍ବା ଶିଶୁ ଯେଉଁ କାମ କରିବାକୁ ଚାହୁଁ ନାହିଁ, ସେ କାମକୁ ଜୋର ଜବରଦସ୍ତି କରିବା, ଧମକ ଦେଇ କରାଇବା ଅନୁଚିତ୍ । ତେଣୁ ଶିକ୍ଷା କେନ୍ଦ୍ରର ଶିକ୍ଷାକ୍ରମରେ ମୋଟାମୋଟି କେତୋଟି ବିଷୟରେ କେତେଦୂର ବିକାଶ ଶିଶୁର ହେବ ଏବଂ ସେଥିପାଇଁ ମୋଟାମୋଟି କେତେ ସମୟ ଦିଆଯିବ, ସେ ବିଷୟରେ ଗୋଟାଏ ଧାରଣା ଜନ୍ମାଇବା ପାଇଁ ବିଭିନ୍ନ ଶିଶୁକେନ୍ଦ୍ରରୁ ଅର୍ଜନ କରାଯାଇଥିବା ଅଭିଜ୍ଞତା ଉପରେ ଆଧାରିତ ଶିକ୍ଷାକ୍ରମ ଏଠାରେ ସନ୍ନିବେଶିତ କରା ହେଲା । ଏହି ଶିକ୍ଷାକ୍ରମ ପ୍ରସ୍ତୁତ କଲାଗଲା ବେଳେ ଶିଶୁଶିକ୍ଷା ସମ୍ବନ୍ଧରେ ମହାତ୍ମା ଗାଂଧୀଙ୍କ ନିମ୍ନ ଲିଖିତ ଅଭିମତକୁ ଆଖି ଆଗରେ ରଖା ଯାଇଛି :-

"୧. ଶିଶୁର ଶିକ୍ଷାରମ୍ଭ ଅକ୍ଷର ଜ୍ଞାନରୁ ନୁହେଁ, ସଫାଇରୁ ଆରମ୍ଭ ହେବା ଉଚିତ । ସଫାଇ ବୋଇଲେ ଦେହର ସଫାଇ, ଆଖପାଖର ସଫାଇ, ଭାଷାର ସଫାଇ ଓ ମନର ସଫାଇ ବୁଝାଏ ।

୨. ଶିଶୁକୁ କ, କା, କି, ଶିଖାଇବାକୁ ତରବର ନ ହୋଇ ତା'ର ହାତ ଗୋଡ଼, ଆଖି, ଦାନ୍ତ, ନଖ ଆଦି ସଫା କରିବା, ଗାଧୋଇବା, ଲୁଗା ଧୋଇବା ଆଦି କାମ ଶିଶୁକୁ ଶିଖାଇବା ବିଧେୟ ।

୩. କୌଣସି ଉତ୍ପାଦନ କରାଯାଇ ପାରୁଥିବା ଶିଶୁ ଉପଯୋଗୀ ଉପକରଣ ଶିଶୁ ହାତରେ ଦେଇ ତାହାର ବ୍ୟବହାର ଶିଶୁକୁ ଶିଖାଇବା ଉଚିତ୍ ।

୪. କାହାଣୀ ମାଧ୍ୟମରେ ଇତିହାସ, ଭୂଗୋଳ; କଥା ଓ କବିତା ମାଧ୍ୟମରେ ନୀତିଜ୍ଞାନ ଓ ଧର୍ମ ବିଚାର; ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ଦ୍ୱାରା ପଦାର୍ଥ ବିଜ୍ଞାନ, ଉଦ୍ଭିଦ, ଭୂମି ଓ ଆକାଶ ସମ୍ବନ୍ଧରେ ଧାରଣା ଦିଆଯିବ ଏବଂ ପଦାର୍ଥ ଦ୍ୱାରା ଗଣିତ ଶିକ୍ଷା ଦିଆଯିବ ।

୫. ଅକ୍ଷର ଶିକ୍ଷା ଦେବା ପୂର୍ବରୁ ଶିଶୁକୁ ଚିତ୍ର କରିବା ପାଇଁ ଓ ନିଜେ କଳ୍ପନା କରୁଥିବା ବା ଦେଖୁଥିବା ପଦାର୍ଥର ଚିତ୍ର କରିବାକୁ ପ୍ରବର୍ତ୍ତାଇବାକୁ ହେବ ।

୬. ଭଜନ, କବିତା ଆଦି ଆବୃତ୍ତି କରାଇ ଶିଶୁର ଉଚ୍ଚାରଣ ଶୁଦ୍ଧ କରାଇବାକୁ ହେବ ।

୭. ଏ ଗୁଡ଼ିକ ହାସଲ ହେବା ପରେ ଶିଶୁକୁ ଅକ୍ଷରଜ୍ଞାନ ଦେବା ଉଚିତ୍ ।"

ମୋ.କ. ଗାଂଧୀ

ଶିଶୁ ମଧ୍ୟରେ ଦୟା କରୁଣା, ସହଯୋଗିତା, ପରିଚ୍ଛନ୍ନତା, ଅଭିବାଦନ କରିବା, ଶାନ୍ତି ରକ୍ଷା, ପରିଶ୍ରମଶୀଳତା, ଏକାଗ୍ରତା ଆଦି ଗୁଣର ବିକାଶ ପାଇଁ ମାରିଆ ମଣ୍ଟେସରୀ, ଫ୍ରବେଲ୍, ରବୀନ୍ଦ୍ରନାଥ ଠାକୁର, ମହାତ୍ମା ଗାଂଧୀ ଆଦି ଶିଶୁର ଶୁଭଚିନ୍ତକମାନଙ୍କ ଶିଶୁଶିକ୍ଷା ସମ୍ବନ୍ଧୀୟ ସିଦ୍ଧାନ୍ତ ଉପରେ ଆଧାରିତ କାର୍ଯ୍ୟକ୍ରମ :-

୧. ମାତୃଭାଷା

୨. ଗଣିତ

୩. ସାମାଜିକ ଜୀବନ

୪. ସାଧାରଣ ବିଜ୍ଞାନ

୫. ସାଧାରଣ ଜ୍ଞାନ

୬. ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା

୭. କଳାଜ୍ଞାନ

୮. ଖେଳ

୯. ହସ୍ତକର୍ମ

୧୦. ସଙ୍ଗୀତ ଓ କବିତା ଆବୃତ୍ତି

୧. ମାତୃଭାଷା (ମାଧ୍ୟମ)

(କ) ଗଳ୍ପ ଶ୍ରବଣ ଓ କଥନ

(ଖ) କବିତା ଆବୃତ୍ତି

(ଗ) ଗଳ୍ପାଭିନୟ

(ଘ) ବିଭିନ୍ନ କ୍ରିୟା ମାଧ୍ୟମରେ ଶବ୍ଦ ଭଣ୍ଡାର ବୃଦ୍ଧି

(ଙ) ନିଜେ କଳ୍ପନା କରି କବିତା ବା ଗଳ୍ପ କହିବା

(ବି.ଦ୍ର. ଯେଉଁ ଗଳ୍ପରେ ଠକିବା, ମିଛ କହିବା, ପ୍ରତିଶୋଧ ନେବାର ବର୍ଣ୍ଣନା ଅଛି, ସେ ଗପ କହିବା ଅନୁଚିତ ।)

୨. ଗଣିତ (ମାଧ୍ୟମ)

(କ) ପିଲାଙ୍କୁ ଶିକ୍ଷୟିତ୍ରୀ ପ୍ରାର୍ଥନା, ଖେଳ ଓ ଖାଇବା ବେଳେ ଗଣିବେ ।

(ଖ) ପିଲାଙ୍କ ଆଗରେ ମୁଆଁ, କୌଣସି ଫଳ ବା ସେହି ପ୍ରକାରର ଖାଦ୍ୟ ସାମଗ୍ରୀ ଥୋଇ ପିଲାଙ୍କ ସଂଖ୍ୟା ଅନୁସାରେ ଗଣିବେ ।

(ଗ) ଜୋଡ଼ିଏ ଲେଖାଏଁ, ତିନୋଟି ଲେଖାଏଁ, ଚାରୋଟି ଲେଖାଏଁ ମୁଆଁ ବା ଫଳ ବା ସେହିପରି ପଦାର୍ଥ ସଜାଡ଼ି ରଖିବେ ।

(ଘ) ଖେଳରେ ପିଲାଙ୍କୁ ଦୁଇ ଜଣିଆ, ତିନି ଜଣିଆ, ଚାରି ଜଣିଆ କରି ଠିଆ କରାଇବେ ।

(ଙ) ଚଟେଇ, ଖେଳ ସାମଗ୍ରୀ ବାରମ୍ବାର ପିଲାଙ୍କ ଆଗରେ ଗଣିବେ ।

(ଚ) ପିଲାଏ ଗଣିବା ଶୁଣି ଶୁଣି ନିଜେ ଗଣିବା ଆରମ୍ଭ କଲେ ପିଲାଙ୍କ ଦ୍ୱାରା ଉପରୋକ୍ତ ମତେ ଗଣାଇବେ ।

(ଛ) ବହି, ସ୍ଲେଟ୍, ଥାଳିଆ, ଆଦି ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ଆକାରରୁ ଚାରିକୋଣିଆ, ଲମ୍ବା, ଗୋଲ ଆଦି ଆକାରର ଧାରଣା ଦେବେ । ପିଲାଙ୍କୁ ଖେଳ ସମୟରେ, ପ୍ରାର୍ଥନା ବେଳେ ଗୋଲ କରି, ଚାରିକଣିଆ, ତିନି କଣିଆ କରି ବସାଇବେ । ତେନ୍ତୁଳିଆଦିର ମଂଜି ବା ଫୁଲକୁ ଚାରିକଣିଆ, ଗୋଲ ଆଦି ଆକାରରେ ସଜାଇ ପିଲାଙ୍କୁ ଦେଖାଇବେ । ତାହାପରେ ପିଲା ଦ୍ୱାରା ମାଟିରେ ବା ମଂଜିରେ ସେହି ଆକାର ତିଆରି କରାଇବେ ।

୩. ସାମାଜିକ ଜୀବନ

(କ) ଶିଷ୍ଟାଚାର - ଅତିଥିଙ୍କୁ ଅଭିବାଦନ କରିବା, ଆସନ ଦେବା, ପାଣି ଯାଚିବା, ଗୋଡ଼ ବାଜିଲେ କ୍ଷମା ମାଗିବା ବା ବିଷ୍ଣୁ କହିବା; ଅନୁମତି ନେଇ କଥା କହିବା ବା କେନ୍ଦ୍ର ଘର ବାହାରକୁ ଯିବା, ପାଳିକରି ଜଣକ ପରେ ଜଣେ କହିବା, ଇତ୍ୟାଦି ।

(ଖ) ଭାଇ ଭଉଣୀ, ବାପା ମାଆ, ଆତ୍ମୀୟ ମାନଙ୍କ ନାମ ଓ ସଂପର୍କ । ଗାଁ, ଗାଁ ଲୋକ, ଗାଁ ମନ୍ଦିର, ଗାଁ ପାଠଶାଳା, ଡାକ ଘର, ଡାକ୍ତରଖାନା, ପର୍ବପର୍ବାଣୀ, ଜାତୀୟ ଦିବସ, ପତାକା ଉତ୍ତୋଳନ ଆଦିର ଧାରଣା । ଏକ/ଅପରର ଦେହ ମୁଣ୍ଡ ଦେଖାଦେଖି; ପରିବେଷଣ, ଖେଳନା ଯଥା ସ୍ଥାନରେ ରଖିବା, ସମସ୍ତଙ୍କ ପାଇଁ ଚଟ ବିଛାଇବା, ନିଜ ଠାରୁ ସାନ ପିଲାଙ୍କ ହାତ ଧୋଇଦେବା, ବ୍ୟବହାର୍ଯ୍ୟ ଜିନିଷକୁ ଯତ୍ନ କରିବା, ସଡ଼କରେ ବାଁ ପାଖରେ ଚାଲିବା, (ବି. ଦ୍ର. : ଫୁଟ୍ ପାଥ୍ ବା ମଣିଷଙ୍କ ପାଇଁ ଅଲଗା ପାଦଚଲା ରାସ୍ତା ନ ଥିବା ଗାଡ଼ି ମଟର ଚାଲୁଥିବା ବଡ଼ ରାସ୍ତାରେ ଡ଼ାହାଣ ପାଖରେ ଚାଲିଲେ ସାମନାରୁ କ'ଣ ଆସୁଛି ଦେଖି ହୁଏ ଓ ସାବଧାନରେ ଏକଦମ ଡ଼ାହାଣ ପାଖର କଡ଼ରେ ଚାଲିବା ବେଶୀ ନିରାପଦ ଅଟେ ।),
ଗଛଲତା, ପଶୁପକ୍ଷୀଙ୍କ ସହିତ ମଣିଷର ସଂପର୍କ । ସବୁ ମଣିଷ ସମାନ - ଏହି ଧାରଣା ; ଜନ୍ମାଇବା ।

୪. ସାଧାରଣ ବିଜ୍ଞାନ

(କ) ଧାତୁ, ପଥର, ଶସ୍ୟ, ଫୁଲ ଫଳ, ମଂଜି ଆଦିର ନମୂନା ସଙ୍ଗ୍ରହ

(ଖ) ଲୁହା, କାଠ, କାଚ, ପ୍ଲାଷ୍ଟିକ ଆଦି ଚିହ୍ନିବା

(ଗ) ଭଙ୍ଗା, ଅଭଙ୍ଗା, ବୁଡୁଥିବା, ଭାସୁଥିବା, ଜୋଡ଼ିହେବା, ଜୋଡ଼ି ନ ହେବା, ତାତୁ ଥିବା, ତାତୁ ନ ଥିବା ଆଦିର ଜ୍ଞାନ

(ଘ) ଖାଦ୍ୟ ପଦାର୍ଥ ମାଧ୍ୟମରେ ମିଠା, ଲୁଣିଆ, ଖଟା, କଷା, ରାଗ, ପିତା ଆଦିର ଜ୍ଞାନ

(ଙ) ଲୁଗାପଟା, ଫୁଲ, ଫଳ, ଚଢ଼େଇ ପର, ଇନ୍ଦ୍ରଧନୁ, ହଳଦୀ ଆଦି ଦ୍ୱାରା ବଂଶ ଜ୍ଞାନ

(ଚ) ମଂଜି ପୋତି ପାଣି ଦେଇ ଗଛ ଉଠିବା ପ୍ରକ୍ରିୟା ଜ୍ଞାନ

(ଛ) ମଶା, ବେଙ୍ଗ ଆଦିଙ୍କର ଜନ୍ମ ଓ କ୍ରମବିକାଶର ଜ୍ଞାନ

(ଜ) ଦ୍ୱିପଦ, ଚତୁଷ୍ପଦ, ଶତପଦ, ନିଷ୍ପଦ, ଜଳଚର, ସ୍ଥଳଚର, ଉଭୟଚର, ଖଚରଙ୍କ କଥା ଆଲୋଚନା ଓ ଖେଳ

(ଝ) ଓଜନ, ସମୟ, ଗତି, ଖରା, ବର୍ଷା, ଶୀତ, ସକାଳ, ସନ୍ଧ୍ୟା ଆଦିର ଜ୍ଞାନ । ମାଟି, ପାଣି, ପବନ, ଆଲୁଅ ଓ ଆକାଶ କଥା ଗଳ୍ପ ଆକାରରେ

(ଞ) ଗୃହ ପାଳିତ ଜୀବଙ୍କ ବିଷୟରେ ଜ୍ଞାନ

୫. ସାଧାରଣ ଜ୍ଞାନ

ଡାକଘର, ଡାକ୍ତରଖାନା, ହାଟବଜାରର ନାମ, ଗାଁ, ଗାଁ ମନ୍ଦିର, ଗାଁ ବିଦ୍ୟାଳୟ, ନଦୀ, ତୋଟା, ବିଲ ଆଦି ଜ୍ଞାନ । ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ନାମ, ଜେଜେ ଜେଜେମା, ବାପା ମା, ଭାଇ ଭଉଣୀ, ଆତ୍ମୀୟ ସ୍ୱଜନଙ୍କ ନାମ ଜାଣିବା । ନିଜର ନାମ, ଠିକଣା କହି ପାରିବାର ଜ୍ଞାନ । ନିଜର ଅବୟବ, ଖାଦ୍ୟ ପଦାର୍ଥ, ଫୁଲ, ଫଳ ଆଦିର ନାମ ଜାଣିବା । ନିଆଁ, ପାଣି, ବିଛା, ସାପ ଆଦି ସଙ୍କ୍ରାନ୍ତରେ ଜ୍ଞାନ ।

ଶଗଡ଼, ସାଇକଲ, ରିକ୍ସ, ବସ୍, ରେଳଗାଡ଼ି, ଡଙ୍ଗା, ଉଡ଼ାଜାହାଜ ଆଦି ଯାନ ବାହନ ଜ୍ଞାନ, ଇତ୍ୟାଦି ।

୬. ସ୍ୱାସ୍ଥ୍ୟରକ୍ଷା ଓ ପରିଚ୍ଛନ୍ନତା

(କ) ଆଖି,କାନ, ନାକ, ଆଦି ଅବୟବର ପରିଚ୍ଛନ୍ନତା ।

(ଖ) ଲୁଗାପଟା ଆଦିର ପରିଚ୍ଛନ୍ନତା ।

(ଗ) ଶୌଚାଳୟ, ମୂତ୍ରାଳୟର ପରିଚ୍ଛନ୍ନତା ।

(ଘ) ଅଳିଆ ଟୋକେଇ ବ୍ୟବହାର କରିବା ।

(ଙ) ଖାଦ୍ୟପେୟ ଘୋଡ଼ାଇ ରଖିବା, ହାତ ଧୋଇବା, ଖାଇସାରି ମୁହଁ ହାତ ଧୋଇବା ଆଦି ଜ୍ଞାନ ।

(ଚ) ପାଟିରେ ଆଙ୍ଗୁଳି ପୂରାଇବା, ଲଙ୍ଗଳା ହୋଇ ମାଟିରେ ବସିବାର ଅପକାରିତା ସମ୍ବନ୍ଧରେ ଧାରଣା ।

(ଛ) ମାଟି, ପାଣି, ପବନକୁ ଶୁଦ୍ଧ ରଖିବା ବିଷୟରେ ଶିଶୁ ଉପଯୋଗୀ ଧାରଣା ।

୭. ପରିପାଟି ଓ କଳାଜ୍ଞାନ

- ଯୋତା, ଛତା ଆଦି ଯଥାସ୍ଥାନରେ ରଖିବା;
- ଖଡ଼ି, ରଙ୍ଗମାଟି ଓ ଛେଚା ଦାନ୍ତକାଠି ତୁଳିରେ ଚିତ୍ର କରିବା;
- ପ୍ରାର୍ଥନା ସ୍ଥାନ, ଶିକ୍ଷାକେନ୍ଦ୍ର ଘର ସଜାଇବା;
- ଗଣେଶ ପୂଜା ଆଦିରେ ତୋରଣ ଆଦି କରିବା;
- ନିଜ ଜାମା, ଜଂଘିଆ ଚଉତି ରଖିବା;
- ପର୍ବ ପର୍ବାଣିରେ ଚିତା ଗାରେଇବା;
- ମାଟିରେ ଖେଳନା ଗଢ଼ିବା;
- ଗୀତ, ନାଚ ଆଦି ଶିଖିବା ।

୮. ଖେଳ

ବି.ଦ୍ର. ଧାରୁଆ, ମୁନିଆ, ଭାଙ୍ଗିକରି ଗୋଡ଼ ହାତରେ ପଶିଗଲା ପରି ଖେଳ ଜିନିଷ ଶିଶୁକୁ ଦେବାର ନୁହେଁ ।

ଛୋଟ ଛୋଟ ମଂଜି ବା ମାଳିକୁ ଶିଶୁ ନାକରେ, କାନରେ, ପାଟିରେ ପୂରାଇ ଦେଉଥିବାରୁ ସେପରି ବା ବିଷାକ୍ତ ପଦାର୍ଥରେ ଶିଶୁକୁ ଖେଳିବାକୁ ଦିଆଯାଏ ନାହିଁ ।
ପିଲାର ବୁଦ୍ଧିବଣା ହୋଇଗଲା ପରି ଜଟିଳ ଖେଳଣା ଦେବେ ନାହିଁ ।
ଘରେ ବ୍ୟବହୃତ ହେଉଥିବା ଚକି, କୋଦାଳ, ତରାଜୁ, କୁଲେଇ, ଚୁଲୀ, ହାଣ୍ଡି ଆଦି ଛୋଟ (ଆକାରରେ) ପିଲାଙ୍କୁ ଦିଆଯିବା ଉଚିତ୍ ।

ଛୁରୀ, କଲମ, ଚଷମା ଆଦି ଯେଉଁ ପଦାର୍ଥ ଶିଶୁକୁ ବ୍ୟବହାର କରିବାକୁ ଦିଆଯାଏ ନାହିଁ, ତାହା କାହିଁକି ଦିଆଯାଏ ନାହିଁ, ସେକଥା ପିଲାକୁ ବୁଝାଇ ଦେବା ଉଚିତ୍ ।

ପିଲାଏ ପାଟି କରିବାକୁ ଭଲ ପାଉଥିବାରୁ ବଣଜଙ୍ଗଲ ଖେଳ ଖେଳାଇ ବାଘ, ବିଲୁଆ, କୋଇଲି, କାଉ ଆଦି ପରି ବୋବାଇବା ପାଇଁ ପିଲାଙ୍କୁ ସୁଯୋଗ ଦେଇ ସେମାନେ ପାଟି କରି କରି ଥକି ଗଲେ, ଅନ୍ୟତ୍ର ଖେଳ ଖେଳା ଯାଏ ।

ଖେଳରେ ବାଦବୃଦିଆ ଭାବ ନ ଜନ୍ମିବା ଉଚିତ୍ । ଦୁଇ ଦଳ ଖେଳିଲା ବେଳେ ଯେଉଁ ଦଳ ହାରିଯିବ ତାକୁ ଚିଡ଼େଇବା ଉଚିତ୍ ନୁହେଁ । ବରଂ ଖେଳ ପରେ ଜିଣିବା ଦଳର ପିଲା ଓ ହାରିବା ଦଳର ପିଲା ଏକ ଅପରକୁ କୁଣ୍ଢାଇବା ଉଚିତ୍, ଯଦ୍ୱାରା ଦ୍ୱେଷ ଜନ୍ମିବ ନାହିଁ ।

ଶାନ୍ତି ଖେଳରେ ଶିକ୍ଷୟିତ୍ରୀ ଓ ଶିଶୁ ନୀରବ ରହି କେଉଁଆଡୁ କି ଶବ୍ଦ ଆସୁଛି, ତାହା ଶୁଣନ୍ତି । ନୀରବତା ଶେଷ ହେଲେ କିଏ କ'ଣ ଦେଖିଲେ ଓ ଶୁଣିଲେ ତାହା ଜଣ ଜଣ କରି ବର୍ଣ୍ଣନା କରନ୍ତି ।

୯. ହସ୍ତକର୍ମ

ଶିଶୁର ସାମର୍ଥ୍ୟ ଓ ଆଗ୍ରହ ପ୍ରତି ଦୃଷ୍ଟି ରଖି ସେମାନଙ୍କୁ ସୃଜାନତ୍ମକ ହସ୍ତକର୍ମରେ ନିଯୁକ୍ତି କରିବାଟା ଶିଶୁଶିକ୍ଷାର ପ୍ରଧାନ ଅଂଶ । ମାଟିରେ ଗୁଲି, ଶିଳ, ଚକି, କଣ୍ଢେଇ ଗଢ଼ିବା, ବୋତଲରେ ପାଣି ଭରତି କରି ଆଉ ଗୋଟିଏ ବୋତଲରେ ତାହା ପୁରାଇବା, ମଂଜି ଲଗାଇବା, ଗଛରେ ପାଣି ଦେବା, ନିଜଲୁଗା ନିଜେ ସଫା କରିବା, ଝାଡୁ ଦେବା, ମାଳାଗୁନ୍ଥିବା ଆଦି ହସ୍ତକର୍ମ ଦ୍ୱାରା ଶିଶୁର କାମ କରିବାର ସାମର୍ଥ୍ୟ ଓ କର୍ମ ପ୍ରତି ଶ୍ରଦ୍ଧା ବଢ଼ାଇବା ହେଲା ହସ୍ତକର୍ମର ଲକ୍ଷ୍ୟ ।

୧୦. ସଙ୍ଗୀତ, ନୃତ୍ୟ, ଅଭିନୟ

ଶିଶୁକୁ କବିତା-ଆବୃତ୍ତି ବା ସଙ୍ଗୀତ ଶିଖାଇବା ବେଳେ ସର୍ବଦା ମନେ ରଖିବାକୁ ହେବ ଯେ ତାହା ଯେପରି ଶିଶୁପାଇଁ ଚିତ୍ତାକର୍ଷକ ହେବା ସଙ୍ଗେ ସଙ୍ଗେ ଶିଶୁର ବୋଧଗମ୍ୟ ହେବ । ଛୋଟ ଶିଶୁ ଛନ୍ଦ ପ୍ରିୟ ହୋଇଥିବାରୁ ହାତରେ ତାଳ ଦେଇ ଆଖି ନଚାଇ, ଅଙ୍ଗଭଙ୍ଗୀ କରି ସେମାନଙ୍କୁ ଗୀତ କବିତା ଶିଖାଇବା ଉଚିତ୍ । ସାଧାରଣତଃ ୭ । ୯ । ୧୧ ଅକ୍ଷରିଆ ଛନ୍ଦର କବିତା ବା ଗୀତ ଶିଶୁ ସହଜରେ ଶିଖେ । ଯଥା –

"ଥିଲା ଏକ ଠେକୁଆ, ନାଁଟି ତାର ଭେକୁଆ"; (ପୃଷ୍ଠା ୧୫୫)
"ଦିନେ ରାମ ନରହରି, ବହିଖାତା ହାତେ ଧରି"; (ପୃଷ୍ଠା ୧୫୪)
"ଡାମରା କାଉରେ ଡାମରା କାଉ ଉଂଚ ପରବତେ ବୋବାଉ ଥାଉ";
"ବେଙ୍ଗୁଲିର ଆଜି ମଙ୍ଗଳ ପାକ";
ଆଦି ଛନ୍ଦ ଶିଶୁକୁ ଭଲ ଲାଗୁଥିବାର ଦେଖାଯାଏ ।

"ମେଘ ପକାଇଲା ଟପର ଟପର ", କିମ୍ବା "ଜୁଳୁଜୁଳିଆ ବୋହୂ କିଲୋ ଜୁଳୁଜୁଳିଆ ଶାଶୁ " ଆଦି ନିତି ଦେଖୁଥିବା ପ୍ରାକୃତିକ ଘଟଣା ଗୁଡ଼ିକ ଦେଖିବା ମାତ୍ରେ ତତ୍‌ସମ୍ବନ୍ଧୀୟ କବିତା ବୋଲାଇବା ଦ୍ୱାରା ଶିଶୁର ରସଜ୍ଞାନ ବୃଦ୍ଧି ପାଏ ।

ସେହିପରି "କଲୁରୀ ବେଣ୍ଟ" ବା "ଶୁଣ ମୋ ରାଣୀ ନନ୍ଦ ଘରଣୀ", "ମେଳି ବାନ୍ଧିଲେ ରାଇଜ ଲୋକ" ଆଦି ବର୍ଣ୍ଣନାତ୍ମକ କବିତା ବା ଗଳ୍ପକୁ ଶିଶୁଦ୍ୱାରା ଅଭିନୟ କରାଇବା ସହଜ ହୁଏ । ଅଭିନୟ ପାଇଁ ଆବଶ୍ୟକ ଉପଯୁକ୍ତ ପୋଷାକପତ୍ର ପ୍ରତ୍ୟେକ ଶିଶୁଶିକ୍ଷା କେନ୍ଦ୍ର ପକ୍ଷରେ ସଙ୍ଗ୍ରହ କରିବା ସହଜ ନୁହେଁ । ସେଥିପାଇଁ ଯେ ଯେଉଁ

ଭୂମିକାରେ ଅଭିନୟ କରିବେ, ମୋଟା କାଗଜ ପଟିରେ ସେହି ଭୂମିକାର ଛବି ଆଙ୍କି ଅଭିନୟକାରୀଙ୍କ ବେକରେ ଝୁଲାଇଦେଲେ ବେଶ୍ ଉପଭୋଗ୍ୟ ହୁଏ । ଉଦାହରଣ ସ୍ୱରୂପ; "କଲୁରୀବେଣ୍ଟ" ଅଭିନୟ କଲାବେଳେ କାଉ, କୁମ୍ଭାର, କଲୁରୀ ଆଦିର ଛବି ଚିତ୍ରିତ ହୋଇ ଖଣ୍ଡେ ଖଣ୍ଡେ ଛୋଟ ମୋଟା କାଗଜ ସେହି ସେହି ଭୂମିକା ଗ୍ରହଣ କରିଥିବା ଶିଶୁର ବେକରେ ଝୁଲାଇ ଦିଆଯିବ । କିମ୍ବା "ମି ମି କା ମାଣିକ ରଜା (ପତର ମୂଷି)" ଅଭିନୟ କଲାବେଳେ ଛେଳିଛୁଆ, ବାଘ, ଭାଲୁ, ସିଂହ ରାଜା, ମାଳୀ, ପଣ୍ଡା, ପ୍ରଭୃତିଙ୍କ ଛବି ଛୋଟ କାଗଜରେ ଚିତ୍ରିତ କରି ଅଭିନୟକାରୀଙ୍କ ବେକରେ ଝୁଲାଇଦିଆଯିବ ।

ଶିଶୁ-ଶିକ୍ଷା କେନ୍ଦ୍ର ଆନନ୍ଦ ନିକେତନ

ଶିଶୁଶିକ୍ଷା କେନ୍ଦ୍ର ଘରଟିକୁ ଏପରି ଭାବରେ ସଜାଇ ରଖିବାକୁ ହେବ ଏବଂ କେନ୍ଦ୍ରର ବାତାବରଣ ଶିଶୁ ପାଇଁ ଏପରି ଆନନ୍ଦଦାୟକ ହେବା ଉଚିତ୍, ଯଦ୍ୱାରା ଶିଶୁ କେନ୍ଦ୍ରକୁ ଆସିବା ପାଇଁ ସର୍ବଦା ଆଗ୍ରହୀ ହେବ । କେନ୍ଦ୍ରରେ ଯେଉଁ ଖାଦ୍ୟର ବ୍ୟବସ୍ଥା ରହିବ, ତାହା ଶିଶୁ ସ୍ୱାସ୍ଥ୍ୟ ଉନ୍ନତ କରାଇବା ସଙ୍ଗେ ସଙ୍ଗେ ରୁଚିକର ହେବା ଉଚିତ୍ । ଶିଶୁକୁ ଯତ୍ନ କରି ସଣ୍ଢଣାରେ ଖୁଆଇ ଶିଖାଇବା ଶିଶୁଶିକ୍ଷାର ଏକ ପ୍ରଧାନ ଅଙ୍ଗ । ଖାଇବା ବେଳେ ଖାଦ୍ୟ ପଦାର୍ଥ ବିଂଚି ହେବ ନାହିଁ, ତଳେ ପଡ଼ିବ ନାହିଁ, ନଷ୍ଟ ହେବ ନାହିଁ । ଚାକୁ ଚାକୁ ଶବ୍ଦ ନ କରି ଖାଦ୍ୟ ଚୋବାଇ ଖାଇବା, ଖାଇବା ପୂର୍ବରୁ ସମସ୍ତେ ମନ୍ତ୍ର ବୋଲିବା ଆଦି ଚଳଣି ଗୁଡ଼ିକ ଶିକ୍ଷୟିତ୍ରୀ ସସ୍ନେହରେ ଶିଶୁକୁ ଶିଖାଇବେ ।

ଶିକ୍ଷା କେନ୍ଦ୍ରରେ ଅଭିଭାବକଙ୍କ ପାଇଁ ମଧ୍ୟ ଶିଶୁପାଳନ ସମ୍ବନ୍ଧରେ କିଛି ଶିକ୍ଷଣୀୟ ବିଷୟ ରହିବା ଉଚିତ୍ । ଉଦାହରଣ ସ୍ୱରୂପ କେତେ ଗୁଡ଼ିଏ ଚାର୍ଟ୍ ଦିଆଗଲା :-

ଚାର୍ଟ୍ ୧

ଅଭିଭାବକମାନେ ମନେ ରଖନ୍ତୁ

ଶିଶୁର ଦୋଷ ବାଛି ଶାସନ କରିବା ବା ଉପଦେଶ ଦେବା ପୂର୍ବରୁ ନିଜେ ନିଜର ଆଚରଣ ସଜାଡ଼ନ୍ତୁ ।

ଶିଶୁକୁ ତାର ସମବୟସ୍କ ଶିଶୁ ସହିତ ଖେଳିବାକୁ ସୁଯୋଗ ଦିଅନ୍ତୁ ।

ଶିଶୁ ଆପଣଙ୍କୁ ଯେଉଁ ପ୍ରଶ୍ନ ପଚାରୁଛି ତାହାର ସରଳ ଉତ୍ତର ଦିଅନ୍ତୁ ।

ଚାର୍ଟ୍ ୨

ଅଭିଭାବକମାନଙ୍କ ଅବଶ୍ୟ କର୍ତ୍ତବ୍ୟ

୧. ଆପଣଙ୍କ ଘରର ବାତାବରଣ ଆନନ୍ଦମୟ ହେବ ।

୨. ଆପଣଙ୍କ ଘର ସ୍ନେହପୂର୍ଣ୍ଣ ହେବ ।

୩. ଆପଣ ପୁଅ ଝିଅ ନିର୍ବିଶେଷରେ ସନ୍ତାନକୁ ସମଦୃଷ୍ଟିରେ ଦେଖିବେ ।

୪. ଆପଣ ଶିଶୁ ସଙ୍ଗେ ନ୍ୟାୟୋଚିତ ବ୍ୟବହାର କରିବେ ।

୫. ଆପଣ ଶିଶୁର ବୟସ ଅନୁସାରେ ତା'ର ପସନ୍ଦ ଓ ଉଦ୍ୟମକୁ ସମର୍ଥନ କରିବେ ।

୬. ଆପଣ ଯଥାସ୍ଥାନରେ ନିଜର ଜିନିଷ ରଖିବାରେ ଅଭ୍ୟସ୍ତ ହେବେ ।

୭. ଆପଣ ଯଥା ସମୟରେ ନିୟମିତ ନିତ୍ୟକର୍ମ ସଂପନ୍ନ କରିବେ ।

ଚାର୍ଟ୍ ୩

ଅଭିଭାବକମାନଙ୍କୁ ନିବେଦନ

୧. ଘରେ କୁଭାଷା ପ୍ରୟୋଗ କରନ୍ତୁ ନାହିଁ ।

୨. ଆପଣା ଭିତରେ ଈର୍ଷା, ବାଦ ଛେଦ କରନ୍ତୁ ନାହିଁ ।

୩. ଶିଶୁ ବିନା କାରଣରେ କାନ୍ଦିଲେ, ରାଗିଲେ ବା ଜିଦ୍ କଲେ ବ୍ୟସ୍ତ ହୁଅନ୍ତୁ ନାହିଁ ।

୪. ଶିଶୁକୁ ହୀନ କଥା କୁହନ୍ତୁ ନାହିଁ ।

୫. ଦୋଷ କଲେ ଦଣ୍ଡ ଦିଅନ୍ତୁ ନାହିଁ, ତାକୁ ବୁଝାଇ ଦିଅନ୍ତୁ ।

୬. ଶିଶୁ ପକ୍ଷରେ ଯେଉଁ କାମ କଷ୍ଟକର ସେପରି କାମ ଶିଶୁ ହାତରେ କରାନ୍ତୁ ନାହିଁ ।

୭. ଶିଶୁ ମନରେ ଭୟ ବା ଉଦ୍‌ବେଗ ଜନ୍ମିବା ପରି କଥା କହନ୍ତୁ ନାହିଁ ବା ସେପରି ଚିତ୍ର ଓ ମୂର୍ତ୍ତି ତାକୁ ଦେଖାନ୍ତୁ ନାହିଁ ।

ଚାର୍ଟ୍ ୪

ଶିଶୁ କହୁଛି

ମୋତେ ହତାଦର କର ନାହିଁ, ହତାଦର କଲେ ମୁଁ ବଡ଼ହେଲେ

୧. କଳିହୁଡ଼ା ହେବି, ମିଛ କହିବି, ବାଦ କରିବି;

୨. ବଡ଼ ମଣିଷଙ୍କ କଥା ମାନିବି ନାହିଁ, ଅମାନିଆ ହେବି;

୩. ସମସ୍ତଙ୍କୁ ହତାଦର କରିବି;

୪. ନିଜକୁ ଅଯୋଗ୍ୟ ମନେ କରିବି ।

ଚାର୍ଟ୍ ୫

ଶିଶୁ କହୁଛି

ମୋତେ ଅତିମାତ୍ରାରେ ଗେହ୍ଲା କରନାହିଁ । ତାହା କଲେ ମୁଁ ବଡ଼ ହେଲେ

୧. ସ୍ୱାର୍ଥପର ହେବି;

୨. ଏକଜିଦିଆ ହେବି;

୩. ପରାବଲମ୍ବୀ ହେବି;

୪. ଅସହିଷ୍ଣୁ ହେବି;

୫. ମନମୁଖିଆ ହେବି;

୬. ମୁଁ ନିଜେ ଦୁଃଖ ପାଇବି, ସମସ୍ତଙ୍କୁ ଦୁଃଖ ଦେବି ।

ପ୍ରଦର୍ଶନୀ

ଶିଶୁଶିକ୍ଷା କେନ୍ଦ୍ର ଏହିପରି ଚାର୍ଟ୍, ପିଲାଙ୍କ ହାତତିଆରୀ ଜିନିଷ, କେନ୍ଦ୍ର ଥିବା ଅଂଚଳରେ ଉତ୍ପନ୍ନ ହେଉଥିବା ଶସ୍ୟ, ଫୁଲଫଳ, ମାଟି କୁଢ଼କରି ତିଆରୀ ହୋଇଥିବା ପାହାଡ଼, ବଣ, ନଈ, ଦ୍ୱୀପ, ଉପଦ୍ୱୀପ, ମଂଜିରୁ କିପରି ଗଛ ଉଠିଛି, ବିଭିନ୍ନ ରାଜ୍ୟର ପୋଷାକ ପିନ୍ଧିଥିବା କଣ୍ଢେଇ, ପଶୁପକ୍ଷୀଙ୍କ ଛବି ଆଦି ସଜାଇ ମଧ୍ୟେ ମଧ୍ୟେ ପ୍ରଦର୍ଶନୀ କରିବା ଉଚିତ୍ ।

ପର୍ବପର୍ବାଣୀ

ଜାତୀୟ ପତାକା ଉତ୍ତୋଳନ, ଶ୍ରୀ ପଂଚମୀ, ମକର ସଙ୍କ୍ରାନ୍ତି ଆଦି ପାଳନ କରି ତାର ତତ୍ତ୍ୱ ଶିଶୁ ଉପଯୋଗୀ ହେବାପରି କହିବା ଉଚିତ୍ ।

ଅନ୍ନପୂର୍ଣ୍ଣା ମହାରାଣାଙ୍କ ଲିଖିତ

ଖେଳ ଘର ପାଠ **(୨)**

(ଶିଶୁ ଶିକ୍ଷା କର୍ମୀମାନଙ୍କ ସହାୟକ ପୁସ୍ତିକା**)**

ଦ୍ୱିତୀୟ ଭାଗ

ଶିଶୁର ବିକାଶ

କ୍ରେଶ୍ (creche), ଅଙ୍ଗନବାଡ଼ି, ବାଲବାଡ଼ି ଆଦିରେ କାମ କରୁଥିବା ଶିକ୍ଷୟିତ୍ରୀ ଶିଶୁର ବିକାଶକ୍ରମ ଜାଣିଥିବା ଉଚିତ୍ । ଯଥା –

୩ ମାସର ଶିଶୁ କୌଣସି ଶିଶୁପଯୋଗୀ ଜିନିଷ ଧରିପାରେ ।

୬ ମାସର ଶିଶୁ କୌଣସି ଜିନିଷ ଦେଖିଲେ ହାତ ବଢ଼ାଏ ।

୭ ମାସର ଶିଶୁ ଦୁଇଟା ଜିନିଷ ଧରିପାରେ ।

୧୦ ମାସର ଶିଶୁ ତିନିଟା ଜିନିଷ ଧରିପାରେ ।

୧୮ ମାସର ଶିଶୁ ତାଟିଆ ଧରିପାରେ ।

୨୪ ମାସର ଶିଶୁ ଛୋଟ ଗ୍ଲାସ ଧରିପାରେ ।

ଶିଶୁ ତିନି ମାସରେ ପେଟାଏ ।

ଶିଶୁ ଚାରି ମାସରେ ହସେ ।

ଶିଶୁ ସାତ ମାସରେ ବସେ ।

ଶିଶୁ ବାର ମାସରେ ଚାଲେ ।

ଶିଶୁ ଛ ମାସରେ କକ ଗଗ ଆଦି ଶବ୍ଦ କହେ ।

ଶିଶୁ ବାର ମାସରେ ବାପା, ମାଆ ଆଦି ଶବ୍ଦ କହେ

ଶିଶୁ ଚବିଶ ମାସରେ ବାକ୍ୟ କହିପାରେ ।

ବର୍ଷକର ଶିଶୁ ଚାରି ପାଂଚୋଟି ଶବ୍ଦ କହୁଥିବା ସ୍ଥଳେ
ଦୁଇ ବର୍ଷର ଶିଶୁ ୨୭୨ଟି ଶବ୍ଦ କହିପାରେ ।

ତିନିରୁ ଛଅ ମାସିଆ ଶିଶୁ ମଧ୍ୟରେ ଭୟ, କ୍ରୋଧ, ଘୃଣାଭାବ ଜନ୍ମେ ।
ଛଅ ରୁ ବାର ମାସିଆ ଶିଶୁ ମଧ୍ୟରେ ହର୍ଷ ଉଲ୍ଲାସ ଭାବ ଜନ୍ମେ ।
ବାର ରୁ ଅଠର ମାସିଆ ଶିଶୁ ମଧ୍ୟରେ ଈର୍ଷା ଓ ବୟସ୍କ ଲୋକଙ୍କୁ ଆଦର ଭାବ ଜନ୍ମେ ।

ଅନ୍ଧାର, ଅପରିଚିତ, କୋଳାହଳ, ଅଚିହ୍ନା ବସ୍ତୁ ଶିଶୁ ମନରେ ଭୟ ଜନ୍ମାଏ ।

ବାପା ମାଆ ବା କେହି ଦୃଷ୍ଟି ନ ଦେଲେ, ବାଂଛିତ ବସ୍ତୁ ନ ପାଇଲେ, ଭୋକ କଲେ, ଶୋଇବା ବିଛଣା ବା ପୋଷାକ ଅସୁବିଧାଜନକ ହେଲେ, ତାହା ଶିଶୁମନରେ କ୍ରୋଧ ଜନ୍ମାଏ ।

ପରିଚିତ ଲୋକ ଦେଖିଲେ, ଖେଳନା ଦେଖିଲେ, ନିଜ ପରି ଛୋଟ ପିଲା ଦେଖିଲେ ଶିଶୁ ମନରେ ଆନନ୍ଦ ଉଲ୍ଲାସ ଦେଖାଦିଏ ।

ଶିଶୁର ସାମାଜିକ ବିକାଶ

ପ୍ରଥମ ଓ ଦ୍ୱିତୀୟ ମାସରେ ତୀବ୍ର ଧ୍ୱନୀ, କଠୋର ସ୍ପର୍ଶ ଶିଶୁ ସହିପାରେ ନାହିଁ ।

ତୃତୀୟ ମାସରେ ଶିଶୁ ମା କୋଳ ବାରିପାରେ । କୋଳରେ ନ ରହିଲେ ବା ଏକାଟିଆ ରହିଲେ ସେ କାନ୍ଦେ ।

ଛଅ ସାତ ମାସରେ ପାଖ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସେ ହାତ ଗୋଡ଼ ହଲାଏ । ଚିହ୍ନା ଅଚିହ୍ନା ବାରି ପାରେ ।

ବର୍ଷକର ହେଲେ ସେ ଅନ୍ୟ ପିଲାଠାରୁ ଖେଳନା ଛଡ଼ାଏ । କିଛି କିଛି ଆଦେଶ ମାନେ ଯଥା – "ଟୁକୁମୂଷି" ବା "ଗୁଣ୍ଡୁରି ଚଢ଼େଇ ଉଡ଼ିଗଲା" ବା "ତୋ ଶାଶୁ ନାକ ଦେଖା" ଆଦି ।

ବର୍ଷକରୁ ଅଠର ମାସରେ ଖେଳନା ବେଶି ଭଲ ପାଏ । ଅନ୍ୟ ପିଲାଙ୍କ ସାଙ୍ଗେ ଖେଳିବାକୁ ଚାହେଁ ।

ଶିଶୁର ମାନସିକ ବିକାଶ

ଆହାର, ନିଦ୍ରା, ବିଶ୍ରାମ ଆଦି ଆବଶ୍ୟକତା ପୂରଣ ନ ହେଲେ ଶିଶୁ ମନରେ ଦ୍ୱନ୍ଦ ଉପୁଜେ ।

ସ୍ନେହ, ଆଦର ନ ପାଇଲେ ମଧ୍ୟ ଶିଶୁ ମନରେ ଦ୍ୱନ୍ଦ ଦେଖାଦିଏ ।

ଶିଶୁର ପ୍ରଥମ ସଂପର୍କ ମାଆ ସଙ୍ଗରେ । ତାହା ପରେ ସେ ବାପର ସଂସ୍ପର୍ଶରେ ଆସେ । ମାଆ ପାଖରେ ସେ ସୁରକ୍ଷିତତା ଅନୁଭବ କରେ । କୌଣସି କାରଣରୁ ମାଆ ସନ୍ତାନର ଆବଶ୍ୟକତା ପୂରଣ କରି ନ ପାରିଲେ ଶିଶୁ ନିଜକୁ ଅରକ୍ଷିତ, ଅସହାୟ ମନେ କରେ । ମାତ୍ର ଶିଶୁ ମାଠାରୁ କିଛି ସମୟ ଅଲଗା ରହିଲେ ତା'ର ସମାଜରେ ମିଶି ଚଳିବା (ମନୋ)ବୃତ୍ତି ବଢ଼େ ।

ଘରେ ବାପ ମାଆ କଳି କଜିଆ ଲାଗିଲେ ବା ଅପଢ଼ ହେଲେ ଶିଶୁ ଉପରେ ତାହାର ଖରାପ ପ୍ରଭାବ ପଡ଼େ । ସେ ବଡ଼ ମଣିଷଙ୍କୁ ହଇରାଣ କରିବାକୁ ଚେଷ୍ଟା କରେ, କଳିହୁଡ଼ା ହୁଏ ।

ଶିଶୁସ୍ୱାସ୍ଥ୍ୟ

ଖାଦ୍ୟ

ପୁଷ୍ଟିକର ଖାଦ୍ୟର ଅଭାବରେ ଶିଶୁର ଯଥାଯଥ ବିକାଶ ହୋଇପାରେ ନାହିଁ । ପୁଣି ବାପା ମାଆ ଆଦରରେ ତେଲଛଣା ଖାଦ୍ୟ, ମିଠେଇ, ବିସ୍କୁଟ୍ ଆଦି ଖୁଆଇ ଶିଶୁର ସ୍ୱାସ୍ଥ୍ୟହାନି ଘଟାନ୍ତି । ଏହା ବଦଳରେ ଦୁଧ, ଋତୁ ଅନୁଯାୟୀ ଫଳ, ଭାତ, ଡାଲି, ଘର ତିଆରି ମୁଆଁ, ରାଶି କୋରା ଆଦି ଶିଶୁକୁ ଖାଇବାକୁ ଦେବା ଭଲ । କେଉଁ ଖାଦ୍ୟ ପଦାର୍ଥରେ କି ଖାଦ୍ୟସାର ଅଛି ଏବଂ ତାହା ମଣିଷର କେଉଁ ଅବୟବର ପୁଷ୍ଟି ସାଧନ କରେ, ତାହା ଶିକ୍ଷୟିତ୍ରୀ ଓ ଶିଶୁର ଅଭିଭାବକ ଜାଣିବା ଉଚିତ୍ । ପର୍ବ ପର୍ବାଣୀ ଉପଲକ୍ଷେ ପିଠାପଣା, ଋତୁ ଅନୁଯାୟୀ ଫଳର ଗୋଟିଏ ଚାର୍ଟ୍ ଶିକ୍ଷୟିତ୍ରୀ କରି ପାରନ୍ତି । ଗଜାମୁଗ, ବ୍ରାହ୍ମୀଶାଗ, ଅଁଳା, ତୁଳସୀପତ୍ର, ବେଲପତ୍ର, ଲିମ୍ବପତ୍ର ଆଦି ଖୋଇବା ପାଇଁ ଅଭିଭାବକମାନଙ୍କୁ ଉତ୍ସାହିତ କରିବାକୁ ହେବ ।

ପରିଚ୍ଛନ୍ନତା

ପରିଚ୍ଛନ୍ନତା ଶିଶୁ ସ୍ୱାସ୍ଥ୍ୟର ଅବିଚ୍ଛେଦ୍ୟ ଅଙ୍ଗ । ଗାଧୋଇବା, ତେଲ ଲଗାଇ ମୁଣ୍ଡ କୁଣ୍ଡାଇବା, ପାଇଖାନା ପ୍ରସାବଖାନା ବ୍ୟବହାର କରିବା, ଖାଇସାରି ଭଲକରି ଦାନ୍ତ, ମୁହଁ, ହାତ ଧୋଇବା, ଶୋଇବା ପୂର୍ବରୁ ଗୋଡ଼ ଧୋଇବା ଆଦିରେ ଅଭ୍ୟସ୍ତ କରାଇବାକୁ ଅଭିଭାବକମାନଙ୍କୁ ବୁଝାଇବାକୁ ହୁଏ ।

ପୋଷାକ ପରିଚ୍ଛଦ

ଉପଯୁକ୍ତ ପୋଷାକ ପରିଚ୍ଛଦ ମଧ୍ୟ ଶିଶୁ ବିକାଶରେ ସହାୟକ ହୁଏ । ବେଶୀ ଜାକ ହେଉଥିବା କୁର୍ତ୍ତା ଓ ଜୋତା ଶିଶୁର ଦୈହିକ ବିକାଶ ପାଇଁ କ୍ଷତିକାରକ । ଦୌଡ଼ାଦୌଡ଼ି, ଡିଆଁ ଡେଇଁ କରିବାରେ ଅସୁବିଧା ଉପୁଜାଉ ନ ଥିବା ଜାମା ଶିଶୁକୁ ଦେବା ଉଚିତ୍ । ଚକଚକିଆ ମୂଲ୍ୟବାନ୍ ପୋଷାକ ଅପେକ୍ଷା ଫୁଲଫଳ, ଜୀବଜନ୍ତୁଙ୍କ ଛବି ଥିବା ପୋଷାକ ଶିଶୁକୁ ଅଧିକ ଆନନ୍ଦ ଦିଏ । ସହଜରେ ଦେହରୁ କାଢ଼ି ହେଉଥିବା ପୋଷାକ, ନିଆଁ ପାଣିର ବିପଦ ସମ୍ଭାବନା ଦୃଷ୍ଟିରୁ, ଦେବା ବାଂଛନୀୟ । ଋତୁ ଅନୁସାରେ ପୋଷାକର ଆକାର ଓ ରଙ୍ଗ ହେବା ଆବଶ୍ୟକ ।

ଓଜନ ଓ ଉଚ୍ଚତା

ଶିଶୁର ଦୈହିକ ବିକାଶ ଯଥାଯଥ ଭାବରେ ହେଉଛି କି ନାହିଁ ଜାଣିବା ପାଇଁ ଓଜନ ଓ ଉଚ୍ଚତା ମାପିବା ଉଚିତ୍ ।

ନିଦ୍ରା

ଶାନ୍ତିପୂର୍ଣ୍ଣ ଗଭୀର ନିଦ୍ରା ଶିଶୁପାଇଁ ଅତ୍ୟାବଶ୍ୟକ ହୋଇ ଥାଏ । ମଶା, ମାଛି, ଛାରପୋକ ଆଦି ଏଥିରେ ବାଧକ । ବିଛଣା ଓଦା ହୋଇ ଥିଲେ ବା ବିଛଣାରେ ଭାଙ୍ଗ ରହିଯାଇଥିଲେ ଶିଶୁର ନିଦ୍ରା ହୁଏ ନାହିଁ । ଶୋଇବା ପରେ ମଧ୍ୟ

ଶିଶୁର ମସ୍ତିସ୍କ କାର୍ଯ୍ୟ କରୁଥାଏ । ଶିଶୁ ଶୋଇବାକୁ ଚାହିଁଲେ ଶିକ୍ଷାକେନ୍ଦ୍ରରେ ସୁଦ୍ଧା ତାକୁ ଶୋଇବାକୁ ଦେବା ଉଚିତ୍ ।

ଶାରୀରିକ ବୈଲକ୍ଷଣ

କାଛୁ, କୁଣ୍ଡିଆ, କାନ ପାଚିବା, ନାକରୁ ଅନବରତ ପାଣି ବୋହିବା, ଆଖିରେ ନେଂଜରା ହେବା, ପତଳା ଝାଡ଼ା, ହଳଦିଆ ପ୍ରସାବ, ଭୋଜନ ନ କରିବା, ନ ଖେଳି ମାନ୍ଦା ହୋଇ ବସି ରହିବା, ଶୋଇବା ଆଦି ବୈଲକ୍ଷଣ ପ୍ରତି ଶିକ୍ଷୟିତ୍ରୀ ଧ୍ୟାନ ଦେବେ ଏବଂ ତାହା ଅଭିଭାବକଙ୍କୁ ଜଣାଇବେ ଯଦ୍ୱାରା ରୋଗ ପୁରୁଣା ଓ ବିଷମ ହେବା ପୂର୍ବରୁ ତାର ପ୍ରତିକାର ହୋଇ ପାରିବ ।

ଶିଶୁର ସହଜାତ ମନୋବୃତ୍ତି

୧. ସ୍ୱାବଲମ୍ବନ ବୃତ୍ତି :-

କଚଡ଼ା ଖାଇବା ସତ୍ତ୍ୱେ ଚାଲିବା ଚେଷ୍ଟା, ନିଜ ହାତରେ ଖାଇବା ଚେଷ୍ଟା,ବଡ଼ ମଣିଷଙ୍କ ପରି କଥା କହିବା ଚେଷ୍ଟା, ଭାବବାଚକ ବିଶେଷ୍ୟକୁ ବୁଝିବା ଚେଷ୍ଟା, ସବୁ ଜିନିଷର ନାମ ଜାଣିବା ଚେଷ୍ଟା ଏହି ବୃତ୍ତିର ପରିଚାୟକ ।

୨. ଜିଜ୍ଞାସା ବୃତ୍ତି :-

"ଏ କଣ", "ଏଇଟି କଣ" ଆଦି ପ୍ରଶ୍ନ ଶିଶୁ କଥା କହି ଶିଖିବା ମାତ୍ରେ ପଚାରେ । ବଡ଼ ମଣିଷ ବ୍ୟବହାର କରୁଥିବା ଜିନିଷ; ଯଥା – ଘଣ୍ଟା, ଚଷମା ଆଦି ବିଷୟରେ ଜାଣିବାକୁ ଚାହେଁ । ଖେଳନାକୁ ଭାଙ୍ଗି ତା ଭିତରେ କଣ ଅଛି ଦେଖିବାକୁ ଚାହେଁ । ବନ୍ଦ ଆଲମାରୀ, ବାକ୍ସ ଭିତର ଦେଖିବାକୁ, ତାହା ଖୋଲିବାକୁ ଚାହେଁ, ଇତ୍ୟାଦି ।

୩. କଳ୍ପନା ପ୍ରବଣତା ବୃତ୍ତି :-

ଆପେ ଆପେ ଭୁଟୁରୁ ଭୁଟୁରୁ ହୋଇ କଥା କହିବା, ନ ଦେଖିବା ଘଟଣା କଳ୍ପନା କରି କହିବା, ଅନ୍ୟ ଲୋକ ଯାହା କରିଛନ୍ତି ବା ଖାଇଛନ୍ତି ତାହା ନ କରିଥିଲେ ବା ନ ଖାଇଥିଲେ ମଧ କରିଛି ବା ଖାଇଛି ବୋଲି ଯେ ଶିଶୁ କହେ ତଦ୍ୱାରା ତାର କଳ୍ପନା ପ୍ରବଣତା ପ୍ରକାଶ ପାଏ ।

୪. ସୃଜନାତ୍ମକ ବୃତ୍ତି :-

ବଡ଼ ମଣିଷଙ୍କ ପରି ଅଟା ଚକଟିବା, ମାଟି ହାଣିବା, କଲମରେ ଲେଖିବା, ରନ୍ଧାବଡ଼ା ଖେଳ ଖେଳିବା ଆଦିରେ ଏ ବୃତ୍ତି ଥାଏ ।

୫. ସାହାଯ୍ୟ କରିବା ବୃତ୍ତି :-

ମାଆକୁ, ନିଜର ଛୋଟ ଭାଇ ଭଉଣୀକୁ, ଖେଳ ସାଙ୍ଗକୁ ଖେଳରେ, କାମରେ ସାହାଯ୍ୟ କରିବାରେ ଏ ବୃତ୍ତି ଦେଖାଯାଏ । ବାଛୁରୀକୁ ଘାସ ଦେବା, ଶୁଖିଲା ପତ୍ର ସାଉଁଟିବା ଆଦି କ୍ରିୟାରେ ଏ ବୃତ୍ତି ପ୍ରକାଶ ପାଏ ।

୬. ଅନୁସନ୍ଧିତ୍ସା ବୃତ୍ତି :-

ବଡ଼ ମଣିଷଙ୍କ କଥାବାର୍ତ୍ତା ଜାଣିବା, ବାକ୍ସ ଟ୍ରଙ୍କରେ ଥିବା ଜିନିଷ ଘାଣ୍ଟିବା, ଥର୍ମମିଟର୍ ବା ଅନ୍ୟ ମୂଲ୍ୟବାନ ଜିନିଷ ଶିଶୁର ହାତପାହାନ୍ତରେ ରଖାଯାଉ ନ ଥିବାରୁ ସେ ସବୁ ଯୋଗାଡ଼ କରି ତାକୁ ପରଖ କରିବା ଆଦି କାମ ଗୁଡ଼ିକ ଶିଶୁକୁ ଏହି ଅନୁସନ୍ଧିତ୍ସା ବୃତ୍ତି ହିଁ କରାଏ ।

୭. ଅନୁକରଣ କରିବା ବୃତ୍ତି :-

ବଡ଼ ମଣିଷଙ୍କ ଖାଇବା, ପିନ୍ଧିବା, କଥା କହିବା ଆଦି ଅନୁକରଣ କରିବାକୁ ଶିଶୁ ସୁଖ ପାଏ । ଶେଯରେ ଶୋଇବା ବୟସରୁ ସେ ଅନୁକରଣ କରିବା ଆରମ୍ଭ କରେ । ଏହା ତାର ଭବିଷ୍ୟତ ଜୀବନକୁ ପ୍ରଭାବିତ କରେ । ତେଣୁ ଘରେ ଯଥା ସମୟରେ ଖାଇବା, ମିଠା କଥା କହିବା, ଲୁଗା ପଟା ଠିକ କରି ପିନ୍ଧିବା, ଯଥା ସ୍ଥାନରେ ଅଳିଆ ଆବର୍ଜନା ଓ ଛେପ ପକାଇବା, ଉଚ୍ଚ ନୀଚ ଭାବ ନ ରଖିବା, ପରିବାରରେ ପରସ୍ପର ପ୍ରତି ସୁସଂପର୍କ ରକ୍ଷା କରିବା ପ୍ରତି, ଶିଶୁର କଲ୍ୟାଣ ଦୃଷ୍ଟିରୁ, ନଜର ଦେବା ଆବଶ୍ୟକ ।

୮. ସଙ୍ଗ୍ରହ କରିବା ବୃତ୍ତି :-

ଶିଶୁ ଚଢ଼େଇ ପର, ବାଲିଗରଡ଼ା ଆଦି, ବଡ଼ ମଣିଷଙ୍କ ଦୃଷ୍ଟିରେ ନଗଣ୍ୟ ଜିନିଷ, ସଙ୍ଗ୍ରହ କରି ସାଇତି ରଖିବାକୁ ଭଲ ପାଏ । ସେ ଯାହା ସଙ୍ଗ୍ରହ କରି ଆଣିବ ତାହାକୁ ବଡ଼ ମଣିଷ ଦେଖି, ଯତ୍ନ କରି ରଖିବା ଶିଖାଇବେ । ତାର ଏହି ବୃତ୍ତିର ବିକାଶ ହେଲେ ଭବିଷ୍ୟତରେ ତାହା ତାର ସାମାଜିକ ଜୀବନରେ ସହାୟକ ହୁଏ ।

୯. ଖେଳିବା ବୃତ୍ତି :-

ଆମେ ଯାହାକୁ ଶିଶୁର ଖେଳ ଭାବୁଁ, ଶିକ୍ଷାବିତ୍ ମାନଙ୍କ ବିଚାରରେ ତାହା ତା'ର କାମ । ବଡ଼ ମଣିଷ ଭାବନ୍ତି ନିଜର ପେଟ ପୋଷିବା ପାଇଁ ବା ଘର ଚଲାଇବା ପାଇଁ ଯାହା କରାଯାଏ ତାହା ହିଁ କାମ । ଏ କାମ ଛଡ଼ା ଆଉ ଯେତେ ମିହନ୍ତ କରାଯାଏ, ସେ ସବୁ ଖେଳ । ତେଣୁ ଶିଶୁ ଯାହା କରେ ସେ ସବୁ ଖେଳ । କିନ୍ତୁ ଶିଶୁ ବାସ୍ତବରେ ବଡ଼ ମଣିଷଙ୍କ ଠାରୁ ଅଧିକ ପରିଶ୍ରମୀ ଓ ଗମ୍ଭୀର । ସେ ମୁହୂର୍ତ୍ତେ ସମୟ ନଷ୍ଟ କରେ ନାହିଁ । ଶେଯରେ ଶୋଇଥିବା ଶିଶୁ ଯେ ତାର ହାତ ଗୋଡ଼ ବାଡ଼ାଏ, କୌଣସି ଜିନିଷ ଧରିବାକୁ ବାରମ୍ବାର ଚେଷ୍ଟା କରେ, ଏ ସବୁ ତାର କାମ । ଦେଖିକରି ନୂଆ କରି ଶିଖିବାର ଏହି ଅକ୍ଳାନ୍ତ ଉଦ୍ୟମକୁ ଆମେ ଖେଳ କହୁଁ । ମାତ୍ର, ବାସ୍ତବରେ ଶିଶୁ ତାର ନିଜ ଜୀବନକୁ ଗଢ଼ିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରେ । ବଡ଼ ମଣିଷଙ୍କ ପରି କଥା କହିବାକୁ ସେ ତା ଓଠ ସଜାଡ଼େ, କାମ କରିବାକୁ ହାତ ସଜାଡ଼େ, ଚାଲିବାକୁ ଗୋଡ଼ ସଜାଡ଼େ । ତାହାର ଏ ସବୁ କ୍ରିୟାକୁ ବିଚାର କରି ଘରେ ଓ ଶିଶୁଶିକ୍ଷା କେନ୍ଦ୍ରରେ ଶିଶୁ ପ୍ରତି ସହାନୁଭୂତି ଓ ଅଗାଧ ସ୍ନେହ ଅଜାଡ଼ି ଦେବାକୁ ହୁଏ ।

ଶିଶୁର ଗୁଣ ବିକାଶ

ଜଣେ ଉତ୍ତମ ନାଗରିକ ମଧ୍ୟରେ ଯେଉଁ ଗୁଣ ରହିବା ଉଚିତ୍, ଶିଶୁ ମଧ୍ୟରେ ସେହି ଗୁଣର ବିକାଶ ଘଟାଇବା, ଶିଶୁଶିକ୍ଷା କେନ୍ଦ୍ରର ଉଦ୍ଦେଶ୍ୟ ହୋଇ ଥିବାରୁ ସହଯୋଗିତା, ନିର୍ଭୟତା, ଦେହମିହନ୍ତ ପ୍ରତି ଶ୍ରଦ୍ଧା, ଦେଶପ୍ରୀତି, ବ୍ୟବସ୍ଥିତତା, ସମୟାନୁବର୍ତ୍ତିତା, ଦାୟିତ୍ୱଜ୍ଞାନ, ସ୍ୱାବଲମ୍ବନ, ବାଣ୍ଟିକୁଣ୍ଟି ଖାଇବା ଆଦି ଗୁଣ ଗୁଡ଼ିକର ବିକାଶ, ସଫାଇ, ପ୍ରାର୍ଥନା, ପତାକା ଉତ୍ତୋଳନ, ଡ୍ରିଲ୍, ଭୋଜନ, ମିଳିତ ନୃତ୍ୟ ଓ ସଙ୍ଗୀତ, ଗଳ୍ପ ଅଭିନୟ ଆଦି ମାଧ୍ୟମରେ ଶିକ୍ଷା ଦିଆଯାଏ ।

ଉପଦେଶ, ତୁଳନାମୂଳକ ଉଦାହରଣ, ଭର୍ତ୍ସନା, କଟୁ ସମାଲୋଚନା, ସମୟେ ସମୟେ ପ୍ରହାର ଦ୍ୱାରା ଘରେ ଉପଯୁକ୍ତ ଗୁଣଗୁଡ଼ିକର ବିକାଶ ଘଟାଇବାକୁ ଅଭିଭାବକ ଉଦ୍ୟମ କରିଥାନ୍ତି; ଏ ବାଟ ଠିକ୍ ନୁହେଁ । ଆମର ଆଚରଣ ଦ୍ୱାରା ହିଁ ଆମେ ଶିଶୁକୁ ପ୍ରକୃତ ଶିକ୍ଷା ଦେଇ ପାରିବା ।

ଆନନ୍ଦ ଉଲ୍ଲାସ

ବଡ଼ ମଣିଷଙ୍କ ପରି ଶିଶୁ ମଧ୍ୟ ଜୀବଜନ୍ତୁ, ପ୍ରିୟଜନ, ଖେଳ ସାମଗ୍ରୀ ଦେଖିଲେ ଉଲ୍ଲସିତ ହୁଏ । ପାଟିକରି, ନାଚି, ତାଳିମାରି, ସେ ତାହା ପ୍ରକାଶ କରେ । ଏହାକୁ ଅସଭ୍ୟତା ବିଚାରି ଦବାଇଦେବା ଉଚିତ୍ ନୁହେଁ । ଶିଶୁ କୌଣସି କଥା ଦେଖି ଉଲ୍ଲସିତ ହୋଇ ତାହା ବର୍ଣ୍ଣନା କଲେ ବା ଦେଖାଇବାକୁ ଚାହିଁଲେ, ଅଭିଭାବକ ବା ଶିକ୍ଷୟିତ୍ରୀ ତାହା ଧୈର୍ଯ୍ୟଧରି ଶୁଣିବେ ଓ ଦେଖିବେ । ସେଥିରେ କିଛି ଶିକ୍ଷଣୀୟ ବିଷୟ ଥିଲେ ଶିଖାଇବେ । ଏହି ଆନନ୍ଦ ପ୍ରକାଶ କରିବା ପ୍ରଣାଳୀ ଯେପରି ଅନ୍ୟ ପାଇଁ କଷ୍ଟଦାୟକ, ଅପମାନ ଜନକ, କ୍ଷତିକାରକ ନ ହେବ ଏବଂ କୁଅଭ୍ୟାସ ନ କରାଇବ, ସେଥିପ୍ରତି ଦୃଷ୍ଟି ଦେବାକୁ ହେବ । ଶିଶୁଗୀତ, ନାଟକ, ଗଳ୍ପ, ପ୍ରଦର୍ଶନୀ, ପର୍ବପର୍ବାଣୀ ଆଦି ଦ୍ୱାରା ଶିଶୁ ମନରେ ଆନନ୍ଦ ଉଲ୍ଲାସ ଭରି ଦେବାକୁ ହୁଏ ।

ଦୟା କରୁଣା

କେହି ପଡ଼ିଗଲେ, ରକ୍ତ ବୋହିଲେ, ଖଣ୍ଡିଆ ଖାବରା ହେଲେ, କୌଣସି ଆକସ୍ମିକ ବିପଦରେ କେହି ପଡ଼ିଥିବାର ଦେଖିଲେ, ବଡ଼ ମଣିଷଙ୍କ ଭିତରୁ କେହି କେହି ତାହାକୁ ଝାମେଲା ଭାବି ସେଠାରୁ ପଳାନ୍ତି । କେହି କେହି ଦୟାପରବଶ ହୋଇ ବିପନ୍ନକୁ ସାହାଯ୍ୟ କରନ୍ତି । ଶିଶୁ ମଧ୍ୟରେ ଦୟାପରବେଶ ହେବା ବୃତ୍ତିର ବିକାଶ ଘଟାଇବାକୁ ହେବ । କାହାରିକୁ ମାରିବା, କାହାରି ଜିନିଷ ଛଡ଼ାଇ ନେବା, ଗଛରୁ ଫୁଲ ପତ୍ର ଛିଣ୍ଡେଇବା, ଅନ୍ଧ ଓ ପଙ୍ଗୁଙ୍କୁ ଚିଡ଼େଇବା ଆଦି ବୃତ୍ତି ଗୁଡ଼ିକ ଶିଶୁ ମଧ୍ୟରେ ଯେପରି ନ ରହିବ, ପରଦୁଃଖରେ ଦୁଃଖି ହେବାରେ ଆନନ୍ଦ ଅନୁଭବ କରିବ, ସେଥିପ୍ରତି ଦୃଷ୍ଟି ଦେବାକୁ ହେବ ।

ଶାନ୍ତି ରକ୍ଷା

ଘରେ, ଖେଳରେ, ସଭାରେ ଶନ୍ତି ରକ୍ଷା କରି ଶିଖିବା ଆବଶ୍ୟକ । ଶାନ୍ତି ଖେଳ, ପାଟିରେ କୋଳପ ପକାଇବା ଖେଳ, ପାଳିକରି କଥା କହିବା ଆଦି ଦ୍ୱାରା ଶାନ୍ତିରକ୍ଷା କରିବା ଶିକ୍ଷା ଦେବାକୁ ହେବ । ପିଲାଙ୍କୁ ଚିଡ଼ାଇବା, କଥା ନ

ମାନିଲେ ତୋତେ ଭଲ ପାଇବି ନାହିଁ କହି ଧମକାଇବା, ମୁଁ ତୋ ମା ହେବି ନାହିଁ ଆଦି କହିବା ଦ୍ୱାରା ଶିଶୁର ମନ ଅଶାନ୍ତ ହୁଏ । ଏ ସବୁ କହିବା ଅନୁଚିତ୍ ।

ନିର୍ଭୟତା

ଶିଶୁକୁ ବାୟା, ଭୂତ, ଡ଼ାହାଣୀ କଥା କହି ଡରାଇବା ଦ୍ୱାରା ସେ ଡରୁଆ ହୋଇଯାଏ । କୌଣସି ଲୋକର ନାମ ନ କହି ମୁହଁ ବିକୃତ କରି ମଧ୍ୟ ଶିଶୁକୁ ଡରାନ୍ତି । ଏପରି ଭାବରେ ଡରାଇବା ଉଚିତ୍ ନୁହେଁ । ବରଂ ଶିଶୁ ଅନ୍ଧାର, ଛାଇ ବା କୌଣସି ପଦାର୍ଥ ଦେଖି ଡରୁଥିଲେ, ତାହାକୁ ତାହା ଦେଖାଇ, ବୁଝାଇ ତା'ର ଡର ଭାଙ୍ଗିଦେବା ଉଚିତ୍ । ନାନା ପ୍ରକାର ଅନ୍ଧବିଶ୍ୱାସ ମଧ୍ୟ ଶିଶୁକୁ ଡରୁଆ କରିଦିଏ । ତାହା ଦୂର କରିବାକୁ ଉଦ୍ୟମ କରିବା ଆବଶ୍ୟକ ।

ଅଥିତି ଚର୍ଚ୍ଚା

ଘରକୁ କୁଣିଆ ଆସିଲେ ଅଗେ ପିଲାକୁ ହାତଗୋଡ଼ ନ ହଲେଇ ଚୁପ୍ ଚାପ୍ ରହିବାକୁ କହି ନିଜେ ତାଙ୍କ ସଙ୍ଗେ ଗପସପ ହେଉ । ଶିଶୁକୁ ମଧ୍ୟ କୁଣିଆଙ୍କ ସଙ୍ଗେ ଶିଶୁ ଉପଯୋଗୀ ଗପସପ ହେବାର ଓ ଅତିଥି ଚର୍ଚ୍ଚା କରିବାର ସୁଯୋଗ ଦେବା ଉଚିତ୍ ।

ବ୍ୟକ୍ତିତ୍ୱର ବିକାଶ

ପ୍ରତ୍ୟେକ ମଣିଷର ଟିପଚିହ୍ନ ଓ ଦେହର ଗନ୍ଧ ଯେପରି ଅଲଗା ଅଲଗା, ସେହିପରି ପ୍ରତ୍ୟେକ ମଣିଷର ବ୍ୟକ୍ତିତ୍ୱ ମଧ୍ୟ ଅଲଗା ଅଲଗା । ମଣିଷ ମଧ୍ୟରେ ଯେଉଁ ନାନାବିଧ ଭଲଗୁଣ ଓ ମନ୍ଦଗୁଣ ରହିଛି ତନ୍ମଧ୍ୟରୁ ଯେଉଁ ଭଲ ବା ମନ୍ଦ ଗୁଣ ବ୍ୟକ୍ତି ମାଧ୍ୟମରେ ପ୍ରକାଶ ପାଏ, ତାହା ହିଁ ତାର ବ୍ୟକ୍ତିତ୍ୱ । କେହି ଡରୁଆ, କେହି ଦୟାଳୁ, କେହି ଅଳସୁଆ, କେହି ପରିଶ୍ରମୀ ହୋଇ ନିଜର ବ୍ୟକ୍ତିତ୍ୱର ପରିଚୟ ଦିଅନ୍ତି । ଶିଶୁର ମଧ୍ୟ ଏହି ପରି ବ୍ୟକ୍ତିତ୍ୱ ରହିଛି । ତାହାକୁ ଠିକଣା ବାଟରେ ବିକଶିତ କରାଇବା ଏବଂ କ୍ଷତିକାରକ ବ୍ୟକ୍ତିତ୍ୱର ସ୍ଫୁରଣ ଦେଖିଲେ, ଶିଶୁକୁ ସେଥିରୁ ବୁଝାଇ ସୁଝାଇ ନିବର୍ତ୍ତାଇବା ଅଭିଭାବକ ଓ ଶିକ୍ଷୟିତ୍ରୀଙ୍କର କର୍ତ୍ତବ୍ୟ । ବ୍ୟକ୍ତିତ୍ୱର ବିକାଶ ପାଇଁ ଶିଶୁକୁ ଅନେକେ ଅତିଶୟ ପ୍ରଶ୍ରୟ ଦିଅନ୍ତି ଓ ମୁହଁ ବଢ଼ାଇ ଦିଅନ୍ତି । ଶିଶୁର ସ୍ୱାଧୀନ ମତ ଓ ସ୍ୱାଧୀନ ରୁଚି ବ୍ୟକ୍ତ କରିବା ପାଇଁ ତାକୁ ସୁଯୋଗ ଦେବା ସଙ୍ଗେ ସଙ୍ଗେ ତାକୁ ବାଟକୁ ଆଣିବା ମଧ୍ୟ ଆବଶ୍ୟକ ହୋଇଥାଏ । ପୁଣି ତୁ ପାରିବୁ ନାହିଁ, ତୁ ପଡ଼ି ଯିବୁ, ଆଦି ସ୍ନେହର ଆତିଶଯ୍ୟରେ କହିବା ଫଳରେ ସେ ନିଜକୁ ଅଯୋଗ୍ୟ ଭାବିବାକୁ ଆରମ୍ଭ କରେ । ତଦ୍ୱାରା ତା'ର ବ୍ୟକ୍ତିତ୍ୱ ବାଧା ପ୍ରାପ୍ତ ହୁଏ ।

ଶିଶୁ ଭାବିଚିନ୍ତି ନିଜେ କାମକଲେ ତା'ର ଆତ୍ମବିଶ୍ୱାସ ଜନ୍ମେ ଓ ବ୍ୟକ୍ତିତ୍ୱ ବିକଶିତ ହୁଏ । ତାର କାମକୁ ଖୁଣିଲେ, ପ୍ରଶ୍ନ ପଚାରି, ପରୀକ୍ଷା କରି ସେ ଠିକ୍ ଉତ୍ତର ନ ଦେଇ ପାରିଲେ ତାକୁ ନିନ୍ଦା କରିବା ଦ୍ୱାରା, ଅନ୍ୟ ସହ ତୁଳନା କଲେ ଶିଶୁର ବ୍ୟକ୍ତିତ୍ୱ ବିକଶିତ ହୁଏ ନାହିଁ । ଅନେକ କ୍ଷେତ୍ରରେ ତା'ର ପାଟି ଲାଗେ । ବେଳେ ବେଳେ ସେ ଭୟରେ ପ୍ରସାବ କରି ପକାଏ । ଏହା କ୍ଷତି କାରକ ।

ବାଟରେ ବା ଅଙ୍ଗନବାଡ଼ୀ ବା ବାଲବାଡ଼ୀରେ ଦୈବାତ୍ ପିଲା ଗୁରୁତର ଆଘାତ ପାଇଲେ କିଂବା ମୂର୍ଚ୍ଛିତ ହୋଇଗଲେ ଶିକ୍ଷୟିତ୍ରୀ ବା ସାହାଯ୍ୟକାରିଣୀ ଘଟଣାକୁ ନ ଲୁଚାଇ ବା ଉଦାସୀନ ନ ହୋଇ ତୁରନ୍ତ ପିଲାର ଅଭିଭାବକଙ୍କୁ ଜଣାଇବା ଦରକାର । ପାଖରେ ଡାକ୍ତର ବା ଚିକିତ୍ସକ ଥିଲେ ତାଙ୍କୁ ମଧ୍ୟ ଶୀଘ୍ର ଜଣାଇବା ଦରକାର ।

ଛୋଟ ଶିଶୁଟି ଚାଟଶାଳୀକୁ ଯିବାଯାଏଁ ଆମେ ତାକୁ ଅବୋଧ ବିଚାରୁଁ । ଅଥଚ, ଘରେ ପିଲାଟିଏ ଜନ୍ମ ହେବା ପରେ ଆମେ ମାନେ ହିଁ ମୁହଁ ହଲେଇ, ହାତ ହଲେଇ ନାନା କଥା ଶିଖାଉଁ । "ଗୁଣ୍ଡୁରୀ ଚଢ଼େଇ ଉଡ଼ିଗଲା", "ଟୁକୁମୂଷି", "ତାଳି ତାଳି", "ବାଇ ନାଗିଲାରେ ","ଶାଶୁ ନାକ", "ନଇଁ ବୁଢ଼ୀ ଚାଲି" ଆଦି ଶିଶୁକୁ ଆମେ ଦେଖାଇ ତାର ଅଙ୍ଗପ୍ରତ୍ୟଙ୍ଗ ଚାଳନା ଓ ବୁଦ୍ଧିର ବିକାଶରେ ସାହାଯ୍ୟ କରୁ । କିନ୍ତୁ ଆମର ଏ ଧାରଣା ମଧ୍ୟ ରହିଥାଏ ଯେ ପାଂଚଛଅ ବର୍ଷର ହେବା ଯାଏ ଶିଶୁ ବଡ଼ ମଣିଷଙ୍କ କଥା କିଛି ବୁଝେ ନାହିଁ । ସେଥିପାଇଁ ତାହା ଆଗରେ ଆମେ ନ କହିବା କଥା ନିଃସଙ୍କୋଚରେ କହୁ, ନ କରିବା କାମ ନିର୍ବିଚାରରେ କରିଥାଉଁ । ଆମ ପୁରାଣ ଶାସ୍ତ୍ରରେ ଅଭିମନ୍ୟୁ, ଅଷ୍ଟାବକ୍ର ଋଷି ଆଦିଙ୍କ କଥା କୁହାଯାଇଥିଲେ ହେଁ ଆମେ ସେଥିପ୍ରତି ମନ ଧ୍ୟାନ ଦେଉ ନାହିଁ ।

ଆଧୁନିକ ଶିଶୁ ଶିକ୍ଷାର ପ୍ରବର୍ତ୍ତକ ଇଟାଲୀର ମାରିଆ ମଣ୍ଟେସରୀ, ଜର୍ମାନୀର ଫ୍ରବେଲ୍ ଓ ଆଉ ଅନେକ ଶିଶୁ ଶିକ୍ଷାବିତ୍ ନିଜର ଅଭିଜ୍ଞତାରୁ କହିଲେ ଯେ ଛୋଟ ପିଲା ମା ଗର୍ଭରୁ ଶିକ୍ଷା ଆରମ୍ଭ କରି ପ୍ରଥମ ପାଂଚ ବର୍ଷରେ ଯାହା ଶିଖେ ତାହା ହିଁ ତା'ର ଭବିଷ୍ୟତ ଜୀବନର ମୂଳଦୁଆ ହୁଏ । କଥା ଅଛି
"ଯାହା ନୋହିଛି ବାଳକାଳେ, ତାହା ନୋହିବ କାଳେ କାଳେ" ।
ଛୋଟ ପିଲାଙ୍କୁ କେବଳ ଡରାଇ, ଧମକାଇ, ହୁକୁମ୍ ଦେଇ,ମାଡ଼ମାରି ଭଲ ଆଚରଣ ଶିଖାଇଲେ ସେ ତାହା ଶିଖେ

ନାହିଁ । ଆମେ ପିଲାକୁ ଯାହା ଶିଖାଇବାକୁ ଚାହୁଁ ତାହା ନିଜେ ନିଜ ଆଚରଣରେ କରି ତାକୁ ଦେଖାଇବା ଦରକାର ଏବଂ ପିଲା ବୁଝି ପାରିବା ଭାଷାରେ ଗୀତ, କବିତା, ଗଳ୍ପ ମାଧ୍ୟମରେ ତାକୁ ସତ୍‌-ଶିକ୍ଷା ଦେବା ଉଚିତ୍‌ । ପିଲା ଯେ ଘରେ ସବୁ ଜିନିଷରେ ହାତ ଦେବାକୁ ଚାହେଁ, ହୁମୁଦୁମୁ ହୁଏ, ସେଇଟା ତାର ଦୁଷ୍ଟାମୀ ନୁହେଁ । ସେ ନୂଆ ହୋଇ ଏ ସଂସାରକୁ ଆସିଥିବାରୁ ଆମମାନଙ୍କର ସବୁ କାମ ଦେଖି ତାକୁ ଅନୁକରଣ କରିବାକୁ ଚେଷ୍ଟା କରେ । ଆମେ ସେଥିପାଇଁ ତା ଉପରେ ବିରକ୍ତ ହେଉ, ତାକୁ ଦଣ୍ଡ ଦେଉଁ । ତାହାର ଖରାପ ପ୍ରଭାବ ପିଲାର ଭବିଷ୍ୟତ ଜୀବନ ଉପରେ ପଡ଼େ ।

ଏହି ବିଚାର ପ୍ରଣୋଦିତ ହୋଇ ଆମ ଦେଶର ଚିନ୍ତାଶୀଳ ଲୋକେ କ୍ରେଶ୍‌ (creche), ବାଲବାଡ଼ୀ, ଅଙ୍ଗନବାଡ଼ୀ ଆଦି ସ୍ଥାପନା କରାଉଛନ୍ତି । ଏହି ଶିଶୁ ଅନୁଷ୍ଠାନର କର୍ମୀ ଓ ଅଭିଭାବକମାନେ ଏହି ଅନୁଷ୍ଠାନ ସ୍ଥାପନର ଉଦ୍ଦେଶ୍ୟ ଭଲ ଭାବରେ ବୁଝି ନିଜ ନିଜ ପିଲାଙ୍କୁ ଦଣ୍ଡ ବା ଧମକ ନ ଦେଇ ସ୍ନେହରେ ସରଳ ଭାବେ କଥା କହି ମଣିଷ କଲେ ଆମ ସମାଜରୁ ବହୁ ବିଭ୍ରାଟ ଦୂର ହୋଇଯିବ ।

ତୃତୀୟ ଭାଗ

ଅନ୍ନପୂର୍ଣ୍ଣା ମହାରାଣାଙ୍କ ଲିଖିତ

(ପ୍ରଫୁଲ୍ଲ ବେହେରାଙ୍କ ସମ୍ପାଦିତ 'ଶିଖା' ପତ୍ରିକାରେ ପ୍ରକାଶିତ)

ଶିଶୁଶିକ୍ଷା ରଚନାମାନ

ଲାଳୟେତ୍ ପଂଚବର୍ଷାଣି

ଶିଶୁଶିକ୍ଷା ବାବଦରେ ଆମ ଶାସ୍ତ୍ରରେ ଶାସ୍ତ୍ରକାର ବିଧାନ ଦେଇଛନ୍ତି
"ଲାଳୟେତ୍ ପଂଚବର୍ଷାଣି ଦଶ ବର୍ଷାଣି ତାଡ଼ୟେତ୍ ।
ପ୍ରାପ୍ତେ ତୁ ଷୋଡ଼ଶେ ବର୍ଷେ ପୁତ୍ରଂ ମିତ୍ରବଦାଚରେତ୍ ।।"

କିନ୍ତୁ ଏଇ ଲାଳନ ପାଳନ କିପରି ଭାବରେ କରାଯିବ ତାହାର କୌଣସି ବିଧାନ ସେଥିରେ ନ ଥିଲା ବୋଲି ମୋର ଧାରଣା ।

ଅବଶ୍ୟ ରାମାୟଣ ମହାଭାରତ ଯୁଗରେ ବାଲ୍ମୀକି, ବ୍ୟାସଦେବ ପ୍ରମୁଖ ଅଷ୍ଟାବକ୍ର, ଶୁକଦେବ ଓ ଅଭିମନ୍ୟୁ ପ୍ରଭୃତିଙ୍କ ଉଦାହରଣ ଦେଇ ଶିଶୁର ଶିକ୍ଷା ମା ଗର୍ଭରୁ ଆରମ୍ଭ ହୁଏ ବୋଲି ସୂଚେଇଛନ୍ତି ଏବଂ ଭାବୀ ମା'ମାନଙ୍କରର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟପ୍ରତି ବିଶେଷ ଦୃଷ୍ଟିଦେବାର ବିଧାନ ମଧ୍ୟ ଶାସ୍ତ୍ରକାର ମାନେ ଦେଇଛନ୍ତି । ମାତ୍ର ଉପନୟନ ପୂର୍ବରୁ ଶିଶୁକୁ କିପରି ଶିକ୍ଷା ଦିଆଯିବ ତାର ବିଶଦ ବିବରଣୀ ଆମ ଆଖି ଆଗରେ ନାହିଁ । ସେଥିପାଇଁ ଆମ ସମାଜରେ ଶିଶୁକୁ ଚାରି ବର୍ଷ ଚାରିଦିନ ହୋଇଗଲେ ତାର ଖଡ଼ିଛୁଆଁର ଚଳଣି ବହୁ କାଳ ହେଲା ଚଳି ଆସୁଛି । ତାହ ପୂର୍ବରୁ ତାହାର ମୁକ୍ତ ବିହାର ଅନୁମୋଦିତ ହୋଇଥାଏ ।

ଶିଶୁ ଭୂମିଷ୍ଠ ହେଲା ପରେ ଚାରିବର୍ଷ ଚାରିମାସ ହେବାଯାଏ ସାଧାରଣତଃ ଆଜି (ମାତାମହୀ), ଆଈ ଶ୍ରେଣୀର ମହିଳାମାନେ ଶିଶୁ ଶିକ୍ଷାର ଦାୟିତ୍ୱ ବହନ କରିଥାନ୍ତି । ତାର ଅଙ୍ଗପ୍ରତ୍ୟଙ୍ଗ ଓ ଆଖପାଖରେ ଥିବା ପଶୁପକ୍ଷୀ, ଆତ୍ମୀୟ ସ୍ୱଜନ, ଏପରିକି ଆକାଶର ଜହ୍ନମାମୁଙ୍କୁ ସୁଦ୍ଧା ଶିଶୁ ସାଙ୍ଗରେ ଚିହ୍ନା ପରିଚୟ ସେହିମାନେ କରେଇ ଦିଅନ୍ତି । ନିଜର ଅଙ୍ଗପ୍ରତ୍ୟଙ୍ଗ ବିଷୟକ ଜ୍ଞାନ ମଧ୍ୟ ସେମାନେ ହିଁ ତାକୁ ଦିଅନ୍ତି । 'ଟୁକୁମୂଷି', 'ଗୁଣ୍ଡୁରି ଚଢ଼େଇ ଉଡ଼ିଗଲା' ଆଦି କହି ସେମାନେ ଶିଶୁକୁ ନାନା ପ୍ରକାର ଅଙ୍ଗଭଙ୍ଗୀ ଶିଖାନ୍ତି । ବାପା, ମାମା, ନନା, ଭାଇ, ଜେଜେ ଆଦି ଶବ୍ଦ ବାରମ୍ବାର ସେମାନଙ୍କ ଆଗରେ ଉଚ୍ଚାରଣ କରି ମାତୃଭାଷା ଶିଖାନ୍ତି ସେହିମାନେ । ଏହି ଅତି ମୂଲ୍ୟବାନ ଶିଶୁ ସାହିତ୍ୟ ଆମର ଏକ ଅମୂଲ୍ୟ ସମ୍ପଦ । କିନ୍ତୁ ଚାଟଶାଳୀକୁ ଯିବା ପୂର୍ବରୁ ଯେ ଶିଶୁ ମାତୃଭାଷା ଠାରୁ ପଦାର୍ଥ ବିଜ୍ଞାନ ପର୍ଯ୍ୟନ୍ତ ନାନା ବିଷୟରେ ଜ୍ଞାନ ଆହରଣ କରିପାରେ ତାହା ମଧ୍ୟ ଆଧୁନିକ ଯୁଗର ଶାସ୍ତ୍ରକାରମାନେ ପ୍ରମାଣ କଲେଣି ।

ଖଡ଼ି ଶିଲଟ ବା କାଗଜ କଲମ ନ ଧରି ତାହାର ପରିବାର, ପଡ଼ିଶା ଘର, ତାହା ଆଖପାଖର ପ୍ରାକୃତିକ ପରିବେଶ ଦ୍ୱାରା ଶିଶୁକୁ ଶିକ୍ଷା ଦେବାର ନାନା ପ୍ରକାର ପଦ୍ଧତି ଶିଶୁଶିକ୍ଷା ଶାସ୍ତ୍ରକାରମାନେ ପରଖ କରି ଦେଖିଲେଣି ଏବଂ ଏବେ ମଧ୍ୟ ନୂଆ ନୂଆ କଥାର ଉଦ୍ଭାବନ ହେଉଛି ।

ଶିଶୁ ଚାଲି ଶିଖିବା ଓ କଥା କହି ଶିଖିବା ପରେ, ଅର୍ଥାତ୍ ତାର ଅନୁକରଣ କରିବା ପ୍ରବୃତ୍ତି ବିକଶିତ ହେବା ପରେ, ସେ ଯେତେବେଳେ ପାଣିକୁ ଇଡ଼ି ଦେବା ଠାରୁ ଆରମ୍ଭ କରି ଚୁଲୀ ଜାଳିବାକୁ ସୁଦ୍ଧା ତତ୍ପର ହୋଇ ଉଠେ ସେତେବେଳେ ଘର ଲୋକେ ତା'ର କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ପଡ଼ନ୍ତି । ତାକୁ ଜଗିବା ଓ ଏହି କାମରୁ ନିବୃତ୍ତ କରିବା ପାଇଁ ମଧ୍ୟ ସେମାନେ ତତ୍ପର ହୁଅନ୍ତି । ଶିଶୁ ଓ ଅଭିଭାବକ ଏକ ଅପରର କାର୍ଯ୍ୟକଳାପର ବିରୋଧ କରନ୍ତି ।

କିନ୍ତୁ ଶାସ୍ତ୍ରକାରଙ୍କ ମତରେ ଶିଶୁ ମଧ୍ୟରେ ଅନୁକରଣ କରିବାର ଯେଉଁ ସହଜାତ ବୃତ୍ତି ରହିଛି ସେହି ବୃତ୍ତିର କ୍ରମ

ବିକାଶ ଫଳରେ ସେ ଏହି ସବୁ କାମ କରି ତାର ଜ୍ଞାନ ବଢ଼ାଏ । ସେଥିପାଇଁ ବାସନ ମାଜିବା, ଘର ଓଳାଇବା ଆଦି ସବୁ କାମରେ ସେ ହସ୍ତକ୍ଷେପ କରିବା ଫଳରେ ଯେଉଁ ବିଭ୍ରାଟ ସୃଷ୍ଟି ହୁଏ ସେଇଟାକୁ ତାର ଦୁଷ୍ଟ ବୁଦ୍ଧି ବୋଲି ମନେ କରାଯାଏ ।

ଶାସ୍ତ୍ରକାରମାନେ ସେଥିପାଇଁ ଦୁଇବର୍ଷରୁ ଚାରି ବା ପାଂଚବର୍ଷର ଶିଶୁମାନଙ୍କର ସ୍ୱତନ୍ତ୍ର ଚାଟଶାଳୀ ଚଳାଇ ସେମାନଙ୍କୁ ସେମାନେ ଦେଖୁଥିବା ସବୁ ପ୍ରକାର କାମକୁ ଛୋଟ ଆକାରରେ କରିବାକୁ ଦିଅନ୍ତି ଏବଂ ତାହାରି ସାହାଯ୍ୟରେ ତାକୁ ମାତୃଭାଷା, ଗଣିତ, ଉଭିଦଜ୍ଞାନ ଆଦି ଶିକ୍ଷା ଦିଅନ୍ତି । ଏହି ଶିକ୍ଷାଳୟକୁ ନର୍ସରୀ ସ୍କୁଲ୍, ବାଲବାଡ଼ୀ, ଶିଶୁବିହାର, ଅଙ୍ଗନବାଡ଼ୀ ଆଦି ନାମରେ ନାମିତ କରାଯାଇଛି ।

ଏହି ପାଂଚ ବର୍ଷିଆ ଯୋଜନା ବିଷୟରେ ପ୍ରତ୍ୟେକ ଅଭିଭାବକ ଜାଣିଲେ ଆଜି ଘରେ ଘରେ ପାଂଚ ବର୍ଷରୁ କମ୍ ବୟସର ଶିଶୁ ଯେ ମାଡ଼, ଗାଳି ଖାଇ ନିର୍ଯ୍ୟାତିତ ହେଉଛନ୍ତି ସେ ନିର୍ଯ୍ୟାତନା ଆଉ ସେମାନଙ୍କୁ ସହିବାକୁ ପଡ଼ିବ ନାହିଁ । ପୁଣି ସେହି ବାଳୁତ ବୟସରୁ ଯେଉଁ ସବୁ ଅସାମାଜିକ କାର୍ଯ୍ୟର ଶିକ୍ଷା ଅଭିଭାବକମାନେ ଦେଉଛନ୍ତି, ଯାହା ଫଳରେ ସମଗ୍ର ମାନବ ସମାଜ ନାନା ସମସ୍ୟାର ସମ୍ମୁଖୀନ ହେଉଛି, ସେଥିରୁ ମଧ୍ୟ ମୁକ୍ତି ମିଳିବ ।

ଅୟମାରମ୍ଭ

ଯେତେବେଳେ ବିଦେଶରେ ଏହି ଶିକ୍ଷାର ପ୍ରୟୋଗ ଆରମ୍ଭ ହେଲା ଏବଂ କ୍ରମେ ତାହା ଆମ ଦେଶରେ ଆରମ୍ଭ ହେଲା ସେତେବେଳେ ସାଧାରଣତଃ ଇଂରାଜୀ ଭାଷା ମାଧ୍ୟମରେ ଏ ଶିକ୍ଷା ଦିଆଗଲା ଏବଂ ମୁଷ୍ଟିମେୟ ଉଚ୍ଚଶିକ୍ଷିତ ପରିବାରର ଶିଶୁମାନେ ପ୍ରଥମେ ଏହି ପାଠଶାଳାରେ ଯୋଗ ଦେଲେ, ମାତ୍ର ଏ ଶିଶୁଶିକ୍ଷାର ପ୍ରଥମ ସିଦ୍ଧାନ୍ତ ହେଉଛି - ଶିଶୁକୁ ତାର ମାତୃଭାଷାରେ ଶିକ୍ଷା ଦେବା । ତେଣୁ ଇଂରାଜୀ ମାଧ୍ୟମରେ ଶିକ୍ଷା ଦେଉଥିବା ଚାହାଳୀମାନଙ୍କରେ ଯେଉଁ ମାନେ ଯୋଗ ଦେଲେ ସେମାନେ ଅନୁକରଣୀୟ ଚଳଣି ଓ ଆଦବକାଇଦା ଶିଖିଲେ ସତ୍ୟ ମାତ୍ର ଭାଷା ବୁଝିପାରୁ ନ ଥିବାରୁ ଶିଶୁ ଖେଳ ଗୀତରୁ କୌଣସି ରସ ଗ୍ରହଣ କରି ପାରୁ ନ ଥିଲେ । କବିଗୁରୁ ରବୀନ୍ଦ୍ରନାଥ ଠାକୁର ଏ ବିଷୟରେ ଲେଖିଛନ୍ତି ଯେ ସେ ଯେତେବେଳେ ପିଲାଦିନେ ଏହି ଇଙ୍ଗ୍ରାଜୀ ଭାଷା ମଧ୍ୟମରେ ଶିକ୍ଷା ଦିଆ ଯାଉଥିବା ଚାଟଶାଳୀକୁ ଗଲେ, ସେଠାର ଶିଶୁ ଖେଳଗୀତ ଶିଖି ଆସି ତାହା ବୋଲିଲେ ଘରେ ତାକୁ କେହି ବୁଝିପାରିଲେ ନାହିଁ । ଉଦାହରଣ ସ୍ୱରୂପ ସେ ଗୋଟିଏ ଗୀତ ବୋଲୁଥିଲେ
"ଅଲକି ଫୁଲକି ସିଙ୍ଗ୍ଲସ୍, ମେଲେଲିଙ୍ଗ୍, ମେଲେଲିଙ୍ଗ୍, ମେଲେଲିଙ୍ଗ୍, ମେଲେଲିଙ୍ଗ୍" ।
ବାସ୍ତବରେ ଗୀତଟି ହେଉଛି :
"All full of glee, singing merrily merrily" ।

୧୯୩୭ ମସିହାରେ ଗାଂଧୀଜୀ ଶିକ୍ଷାରେ ଆମୂଳ ପରିବର୍ତ୍ତନ ବିଷୟରେ 'ହରିଜନ' ପତ୍ରିକାରେ ଲେଖାଲେଖି ଆରମ୍ଭ କଲେ । ଫଳରେ ଏହି ଶିକ୍ଷା ବିଷୟରେ ବିଚାର କରି ଗୋଟିଏ ରୂପରେଖ ଦେବାପାଇଁ, ଦେଶ ପାଇଁ ହିନ୍ଦୁସ୍ତାନୀ ତାଲୀମୀ ସଂଘ ନାମରେ ଗୋଟିଏ ସଂସ୍ଥା ଗଠିତ ହେଲା । ଗାଂଧୀଜୀ କହିଥିଲେ ଯେ ଆଗର ଏ ଶିକ୍ଷା ଶିଶୁର ସାତ ବର୍ଷରୁ ଚଉଦବର୍ଷ ବୟସ ମଧ୍ୟରେ ସୀମିତ ନୁହେଁ । ଯେ ହେତୁ ମା ଗର୍ଭରୁ ଶିଶୁ ଶିଖିବା ଆରମ୍ଭ କରେ ସେଥିପାଇଁ ଗର୍ଭାଧାନ ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ଏ ଶିକ୍ଷା ପରିବ୍ୟାପ୍ତ । ତେଣୁ ହିନ୍ଦୁସ୍ତାନୀ ତାଲୀମୀ ସଂଘର ମୂଳ ଉଦ୍ଦେଶ୍ୟ ହେଲା-
"ଜୀବନ ପାଇଁ, ଜୀବନ ମାଧ୍ୟମରେ, ଜୀବନ ବ୍ୟାପୀ ଶିକ୍ଷା" ।
ଏଥିରୁ ବୁଝାଗଲା - ଶିଶୁର ଶିକ୍ଷା ପାଠଶାଳାକୁ ଯିବାର ବହୁ ପୂର୍ବରୁ ଆରମ୍ଭ ହେବା ଉଚିତ୍ ଏବଂ ଏହା ମତୃଭାଷାରେ ହେବା ବିଧେୟ ।

ଶ୍ରୀମତୀ ରମା ଦେବୀ ଚୌଧୁରୀ ଗାଂଧୀଜୀଙ୍କ ଦ୍ୱାରା ପ୍ରବର୍ତ୍ତିତ ମୌଳିକ ଶିକ୍ଷାର ପ୍ରୟୋଗ କାର୍ଯ୍ୟ ସହିତ ସଂଶ୍ଳିଷ୍ଟ ଥିଲେ । ସେ ଏହି ଶିଶୁଶିକ୍ଷାର ମଧ୍ୟ ପ୍ରୟୋଗ କରିବା ପାଇଁ ୧୯୪୫ ମସିହାରେ ରାମଚନ୍ଦ୍ରପୁର (ବରୀ-କଟକ) ଠାରେ ଶ୍ରୀମତୀ ଛାୟା ପରିଡ଼ାଙ୍କ ଦ୍ୱାରା ଏ କାର୍ଯ୍ୟ ଆରମ୍ଭ କଲେ ଏବଂ ମାତୃଭାଷାରେ ଏହି ଶିକ୍ଷା କିପରି ଦିଆ ଯାଉଛି ତାହା ପ୍ରତ୍ୟକ୍ଷ ଦେଖିବା ପାଇଁ ଗୁଜରାତ ଗଲେ । ଶିଶୁଶିକ୍ଷା ଶାସ୍ତ୍ରୀ ମାଡ଼ାମ୍ ମଣ୍ଟେସରୀଙ୍କ ପ୍ରଭାବରେ ସେତେବେଳେ ଶ୍ରୀ ଗୀଜୁଭାଇ ବଧେକା ଓ ଶ୍ରୀମତୀ ତାରା ବହନଙ୍କ ମାର୍ଗ ଦର୍ଶନରେ ଗୁଜରାତୀ ଭାଷା ମାଧ୍ୟମରେ ଶିଶୁମାନଙ୍କୁ ଖେଳ ଖେଳରେ ଶିକ୍ଷା ଦେବାର ବହୁତ ପ୍ରସାର ହୋଇ ସାରିଥିଲା । କିଣ୍ଡର୍‌ଗାର୍ଟେନ୍ (ଜର୍ମାନ୍ ଶବ୍ଦ Kindergarten) ବା ମଣ୍ଟେସରୀ ପଦ୍ଧତିରେ ଭାରତର, ବିଶେଷରେ ଓଡ଼ିଶାର ଗାଁ ଗହଳିରେ ଏ ବ୍ୟୟବହୁଳ ଶିକ୍ଷାକୁ ଅନୁକରଣ କରିବା ସମ୍ଭବପର ହେବ ନାହିଁ ଜାଣି ସେ ଓ ତାଙ୍କର ସହକର୍ମୀମାନେ ଏଥିପାଇଁ ଓଡ଼ିଆ ଭାଷାରେ କବିତା, ଗଳ୍ପ, ଗୀତ ଆଦି ପ୍ରସ୍ତୁତ କରିବାରେ ମନ ଦେଲେ ।

୧୯୪୭ରେ ସେ ବରୀରେ କୁମାରୀ ପ୍ରେମଲତା ମହାନ୍ତି ଓ ଶ୍ରୀମତୀ ସୁମିତ୍ରା ଚୌଧୁରୀଙ୍କୁ ଏହି ପ୍ରୟୋଗ କାର୍ଯ୍ୟରେ

ନିଯୁକ୍ତ କଲେ ।

ପୂର୍ବ ମୌଳିକ ଶିକ୍ଷାର ଶିକ୍ଷକଙ୍କ ନିମନ୍ତେ କୁମାରୀ ଶାନ୍ତା ନାୟାରଙ୍କ ଅଧ୍ୟକ୍ଷତାରେ ସେବାଗ୍ରାମରେ ୧୯୪୫ରେ ପୂର୍ବ ମୌଳିକ ପାଠଶାଳାର ଶିକ୍ଷକଙ୍କ ପାଇଁ ଗୋଟିଏ ତାଲିମ କେନ୍ଦ୍ର ଆରମ୍ଭ ହେବାରୁ ଶ୍ରୀମତୀ ରମ୍ଭା ଦେବୀ, କୁମାରୀ ମଙ୍ଗଳା ସେନଗୁପ୍ତ, ଶ୍ରୀ ମଦନ ମୋହନ ସାହୁ ଓ କୁମାରୀ ପ୍ରେମଲତା ମହାନ୍ତିଙ୍କୁ ଏହି ତାଲୀମ କେନ୍ଦ୍ରରେ ତାଲୀମ ନେବା ପାଇଁ ପଠାଗଲା । ଡକ୍ଟର୍ ତୁଙ୍ଗବିଦ୍ୟା ଦେବୀଙ୍କୁ ମଧ୍ୟ ଏହି ତାଲୀମ କେନ୍ଦ୍ରରେ ଶିଶୁ ଶରୀର ବିକାଶ ବିଷୟରେ ପଢ଼ାଇବା ପାଇଁ ସେଠାକୁ ପଠାଗଲା ।

ଶ୍ରୀମତୀ ରମ୍ଭା ଦେବୀ ଦୁତିଆ ପ୍ରମୁଖ ସେବାଗ୍ରାମରୁ ଏହି ତାଲୀମ ଗ୍ରହଣ କରି ଫେରିବା ପରେ ରାମଚନ୍ଦ୍ରପୁର ଠାରେ ପୂର୍ବ ମୌଳିକ ପାଠଶାଳାର ଶିକ୍ଷକ ତାଲୀମ କେନ୍ଦ୍ର ଆରମ୍ଭ ହେଲା, ଏବଂ କସ୍ତୁରବା ଗାଂଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟ ପକ୍ଷରୁ ସ୍ଥାପିତ ଗ୍ରାମସେବା କେନ୍ଦ୍ରରେ ମଧ୍ୟ ଏହି ପୂର୍ବ ମୌଳିକ ପାଠଶାଳା ସ୍ଥାପିତ ହେଲା । ସେହି ସମୟରୁ ଏହି ଶିଶୁଶିକ୍ଷା କେନ୍ଦ୍ର "ବାଲବାଡ଼ୀ" ନାମରେ ନାମିତ ହୋଇଛି । ରାମଚନ୍ଦ୍ରପୁରର ଉପରୋକ୍ତ ତାଲୀମ କେନ୍ଦ୍ରରେ ପ୍ରଥମେ ୧୦ ଜଣ ମହିଳା ଶିକ୍ଷା ଗ୍ରହଣ କରିଥିଲେ । ସେମାନଙ୍କ ନାମ ହେଲା ସର୍ବଶ୍ରୀ ହେମଲତା ରାଉତ, ବାସନ୍ତୀ ମିଶ୍ର, ଶାନ୍ତି ଦାସ, ପ୍ରିୟବାଳୀ ପଟ୍ଟନାୟକ, ଭଗବତୀ ରାୟ, ଭଗବତୀ ସାହୁ, ଚଂଚଳା ଦେବୀ, ରେଣୁ ମହାନ୍ତି, ନିରଜା ଦାସ ଓ ସ୍ୱର୍ଣ୍ଣଲତା ଜେନା । ସର୍ବଶ୍ରୀ ମଦନ ମୋହନ ସାହୁ, ରମ୍ଭା ଦେବୀ ଓ ମଙ୍ଗଳା ସେନଗୁପ୍ତ ଏହାର ପରିଚାଳନା ଦାୟିତ୍ୱରେ ଥିଲେ ।

ଓଡ଼ିଆ ଭାଷାରେ ଦୁଇବର୍ଷରୁ ପାଂଚବର୍ଷ ବୟସର ଶିଶୁଙ୍କ ପାଇଁ ଗଳ୍ପ, କବିତା, ନାଟକ ଆଦି ସଙ୍ଗ୍ରହ କରିବା ଓ ରଚନା କରିବା ପାଇଁ ମଧ୍ୟ ଉଦ୍ୟମ ଆରମ୍ଭ ହେଲା । ପଲ୍ଲୀକବି ନନ୍ଦ କିଶୋର, ଜାତୀୟ କବି ବୀର କିଶୋର, ରାମକୃଷ୍ଣ ନନ୍ଦ ପ୍ରଭୃତିଙ୍କ କବିତା ସହ ଓଡ଼ିଶାର ଗ୍ରାମାଂଚଳରେ ବହୁକାଳରୁ ଚଳି ଆସୁଥିବା ଶିଶୁ ଶ୍ରବଣ ଉପଯୋଗୀ ଗଳ୍ପ ଓ ଗୀତ, ଅଙ୍ଗ ସଂଚାଳନ କରି ଆବୃତ୍ତି କରାଯାଉଥିବା କବିତା ଆଦି ମଧ୍ୟ ସଙ୍ଗ୍ରହ କରାଗଲା ।

ଏଠାରେ ଉଲ୍ଲେଖ କଲେ ଅପ୍ରାସଙ୍ଗିକ ହେବ ନାହିଁ ଯେ ଓଡ଼ିଶାର ଗ୍ରାମାଂଚଳରେ ଶିଶୁର ବିକାଶ ସୂଚେଇବା (ଯଥା – ପାଂଚ ବର୍ଷର ଛଅ ଜଣ ପୁଅ ଲଥ୍ କରି ବସିବେ) ଓ ଗୀତ ବୋଲି ଶିଶୁଙ୍କୁ ଅଙ୍ଗଭଙ୍ଗୀ ଶିଖାଇବା (ଯଥା – ଟୁକୁ ମୂଷୀ, ଗୁଣ୍ଡୁରୀ ଚଢ଼େଇ ଉଡ଼ିଗଲା) ଆଦିର ଚିତ୍ତାକର୍ଷକ କବିତା ଓ ଗଳ୍ପମାନ ଆଜି, ଆଇମାନଙ୍କ ମୁହେଁ ମୁହେଁ ଚଳି ଆସୁଛି) । ଏହା ସହିତ ବିଂଶ ଶତାବ୍ଦୀରେ ରଚିତ " ଥିଲା ଏକ ଠେକୁଆ, ଜୁଳୁଜୁଳିକିଆ ବୋହୁ କିଲୋ ଜୁଳୁ ଜୁଳୁକିଆ ଶାଶୁ, ସକାଳ ହେଲେ କୁଆଡ଼େ ଯାଉ ସଂଜ ହେଲେ ଆସୁ" ଆଦି କବିତାରେ ଏହି ବାଲବାଡ଼ୀ ଗୁଡ଼ିକ ଗୁଂଜରିତ ହୋଇ ଉଠିଲା । ଗାଂଧୀଜୀ ପୂର୍ବ ମୌଳିକ ପାଠଶାଳାର ଶିକ୍ଷାକ୍ରମ ବିଷୟରେ ସୂଚେଇବାକୁ ଯାଇ ୧୯୪୫ମସିହାରେ କହିଥିଲେ -

" ସ୍ୱଚ୍ଛତା ହେବ ଏହି ପାଠଶାଳାର ପ୍ରଥମ ପାଠ - (୧) ନିଜ ଦେହର ସ୍ୱଚ୍ଛତା, (୨) ଆଖ ପାଖର ସ୍ୱଚ୍ଛତା, (୩) ମନର ସ୍ୱଚ୍ଛତା ଓ ଭାଷାର ସ୍ୱଚ୍ଛତା ବା ପରିଚ୍ଛନ୍ନତା ବିଷୟରେ ଶିଶୁ ସୁଲଭ ଭାଷାରେ ଶିଶୁଙ୍କୁ ବୌଦ୍ଧିକ ଓ ବ୍ୟବହାରିକ ଜ୍ଞାନ ଦେବା ହିଁ ପ୍ରଥମ ପାଠ" ।

ତାହା ସହିତ ଶିଶୁର ଖାଇବା, ଶୋଇବା, ବସିବା ଠାରୁ ଆରମ୍ଭ କରି ନାଚ, ଖେଳ, ଗୀତ ମାଧ୍ୟମରେ, ଛୋଟ ଛୋଟ ଝାଡୁରେ ଝାଡୁ ଦେବା, ଛୋଟ ଖୁରୁପୀରେ ମାଟି ଖୋଳି ମଂଜି ଲଗାଇ ଚାରା କିପରି ଉଠୁଛି ଓ ବଢୁଛି, ଆଦି କାର୍ଯ୍ୟକ୍ରମ ସହିତ ଖାଇବା ପୂର୍ବରୁ ହାତ ଧୋଇବା, ଯଥାରୀତିରେ ମଳମୂତ୍ର ତ୍ୟାଗ କରିବା, ଅତିଥିଙ୍କୁ ଅଭିବାଦନ କରି ଚର୍ଚ୍ଚା କରିବା ଆଦି ମଧ୍ୟ ବାଲବାଡ଼ୀର କାର୍ଯ୍ୟକ୍ରମର ଅନ୍ତର୍ଗତ ହେଲା ।

ପ୍ରଥମେ ଗାଁ ଲୋକେ ଏ ଶିକ୍ଷାର ଉଦ୍ଦେଶ୍ୟ ଓ ତତ୍ତ୍ୱକୁ ବୁଝୁ ନ ଥିଲେ । ବାପାମାନେ କିଛି ସମୟ ପାଇଁ ଜଂଜାଳରୁ ମୁକ୍ତି ପାଇବେ - ଏହି ବିଚାର ଘେନି ସେମାନେ ପିଲାଙ୍କୁ ବାଲବାଡ଼ୀ ପଠାଇ ଥିଲେ । ସେଥିପାଇଁ ଶିଶୁର ଅଭିଭାବକମାନଙ୍କ ସହିତ ଘନିଷ୍ଠ ହୋଇ ବାଲବାଡ଼ୀର ମୂଳ ଉଦ୍ଦେଶ୍ୟ ସେମାନଙ୍କୁ ବୁଝାଇବା ମଧ୍ୟ ଶିକ୍ଷକଙ୍କର ଗୋଟିଏ କର୍ତ୍ତବ୍ୟ ବୋଲି ଧରା ଯାଉଥିଲା ।

ଏହି ପାଠଶାଳା ପାଇଁ ଶିକ୍ଷାକ୍ରମ ତିଆରୀ କରିବା ମଧ୍ୟ ସହଜ ନ ଥିଲା । ତଥାପି ଶିଶୁମେଳରେ କାର୍ଯ୍ୟ କରୁଥିବା ଶିକ୍ଷିକାମାନେ ଧୈର୍ଯ୍ୟ ନ ହରାଇ ଶିକ୍ଷାକ୍ରମ ପ୍ରସ୍ତୁତ କଲେ ଏବଂ ତାହା ବ୍ୟାବହାରିକ ହେବ କି ନାହିଁ ତାହା ମଧ୍ୟ ପ୍ରୟୋଗ କରି ଦେଖିଲେ ।

ବର୍ତ୍ତମାନ ସରକାର ମଧ୍ୟ ଏହି ଶିଶୁଶିକ୍ଷା ପାଠ୍ୟକ୍ରମକୁ ସ୍ୱୀକୃତି ଦେଇଛନ୍ତି ଏବଂ ଶିକ୍ଷିକା ତାଲୀମ ବ୍ୟବସ୍ଥା ମଧ୍ୟ କରିଛନ୍ତି । ମାତ୍ର ଶିକ୍ଷିକା ଓ ଅଭିଭାବକମାନେ ଏ ଶିକ୍ଷାର ଗୁରୁତ୍ୱ ଉପଲବ୍ଧି କରିଥିଲା ପରି ମନେ ହେଲା ନାହିଁ । କାରଣ ଏ ପର୍ଯ୍ୟନ୍ତ ଶିଶୁଙ୍କୁ ମାଡ଼ ଦିଆ ଯାଉଛି ଏବଂ ଅଭିଭାବକମାନଙ୍କ ମୁହଁରୁ ବର୍ତ୍ତମାନ ସୁଦ୍ଧା କୁଭାଷା ଶୁଣାଯାଉଛି । ଫଳ ସ୍ୱରୂପ ବାଟଘାଟ ଠାରୁ ଆରମ୍ଭ କରି ବିଧାନ ସଭା ପର୍ଯ୍ୟନ୍ତ ସର୍ବତ୍ର ମାଡ଼ଗାଳି ଓ ଅଶିକ୍ଷା ଆଚରଣ ଦେଖିବାକୁ ମିଳୁଛି ।

ମାତ୍ର ଆମର ଆଶା ଓ ବିଶ୍ୱାସ ଯେ ଦିନେ ନା ଦିନେ ଏ ଚଳଣି ବଦଳିବ ।

ପୂର୍ବ ବୁନିୟାଦୀ ପାଠ୍ୟକ୍ରମ

ମହାତ୍ମା ଗାଂଧୀଙ୍କ ମୌଳିକ ଶିକ୍ଷାର ସିଦ୍ଧାନ୍ତ ଘୋଷିତ ହେବା ପରେ ମୌଳିକ ଶିକ୍ଷାର ବ୍ୟାଖ୍ୟା, ପାଠ୍ୟକ୍ରମ ଆଦି ପ୍ରସ୍ତୁତ କରିବା ପାଇଁ ଡକ୍ଟର୍ ଜାକୀର୍ ହୁସେନଙ୍କ ଅଧ୍ୟକ୍ଷତାରେ ଯେଉଁ ହିନ୍ଦୁସ୍ତାନୀ ତାଲୀମୀ ସଂଘ ଗଠିତ ହେଲା, ସେହି ସଂଘରେ ପ୍ରଥମେ ସାତବର୍ଷ ବୟସରୁ ଚଉଦ ବର୍ଷର ପିଲାଙ୍କ ପାଇଁ ପଠ୍ୟକ୍ରମ ପ୍ରସ୍ତୁତ କଲେ । ତଦନୁସାରେ ଦେଶର ବିଭିନ୍ନ ରାଜ୍ୟରେ ମୌଳିକ ଶିକ୍ଷାର ତାଲୀମ କେନ୍ଦ୍ର ଓ ମୌଳିକ ଶିକ୍ଷା ବିଦ୍ୟାଳୟମାନ ସ୍ଥାପିତ ହେଲା । ତାହାର କିଛି କାଳ ପରେ ସଂଘ ପୂର୍ବ ବୁନିୟାଦୀ ଶିକ୍ଷା ବିଷୟରେ ଚିନ୍ତା କଲେ । ସେତେବେଳେ ଗାଂଧୀଜୀ ଏହି ପୂର୍ବ ମୌଳିକ ଶିକ୍ଷା ବିଷୟରେ ନିମ୍ନଲିଖିତ ମତ ବ୍ୟକ୍ତ କରିଥିଲେ ।

ପୂର୍ବ ବୁନିୟାଦୀ ପାଠ୍ୟକ୍ରମ

୧) ପିଲାଙ୍କର ଶିକ୍ଷାର ଶ୍ରୀଗଣେଶ (ସିଦ୍ଧିହସ୍ତ) ଅକ୍ଷର ଶିକ୍ଷାରୁ ନୁହେଁ, ସଫାଇରୁ ହେବା ଉଚିତ୍ ।

୨) ଶିକ୍ଷକ (ଶିକ୍ଷିକା) କା, କି, କୀ ଶିଖାଇବା ପାଇଁ ତରବର ହେବା ଉଚିତ ନୁହେଁ । ବରଂ ଶିଶୁକୁ ତାର ନିଜ ଗୋଡ଼, ନାକ, କାନ, ଆଖି, ଦାନ୍ତ ଆଦି ସଫା କରିବା, ଗାଧୋଇବା, ଲୁଗା ଧୋଇବା ଆଦି ଶିଖାଇବେ ।

୩) ଏହା ପରେ ପିଲା ହାତରେ ତକଲୀ, ଚରଖା ଆଦି ଦେଇ ସୂତା କାଟିବାର କ୍ରିୟା ଗୁଡ଼ିକ ଶିଖାଇ ଦେବେ ।

୪) ଶିକ୍ଷକ (ବା ଶିକ୍ଷିକା) ଶିଶୁକୁ ଗଳ୍ପ ଦ୍ୱାରା ଇତିହାସ, ଭୂଗୋଳ କଥା ଏବଂ ଭଜନ ଦ୍ୱାରା ଧର୍ମ; ପ୍ରତ୍ୟକ୍ଷ ଅବଲୋକନ ଦ୍ୱାରା ପଦାର୍ଥ ବିଜ୍ଞାନ, ବନସ୍ପତି, ଭୂମି ଓ ଆକାଶର ବିଷୟକ ଜ୍ଞାନ ତଥା ପ୍ରତ୍ୟକ୍ଷ ପଦାର୍ଥ ଦ୍ୱାରା ଗଣିତ ଜ୍ଞାନ ଶିକ୍ଷା ଦେବେ ।

୫) ଅକ୍ଷର ଶିଖାଇବା ପୂର୍ବରୁ ଶିଶୁକୁ ଚିତ୍ର ଓ ଅକ୍ଷରଗୁଡ଼ିକର ଆକୃତି ଲେଖି କରି ବା ଚିତ୍ର ଦ୍ୱାରା ଦେଖାଇବେ ।

୬) ଭଜନ, ଶ୍ଲୋକ ଓ କବିତାର ଉଚ୍ଚାରଣ ଶିଖାଇ ତାହାକୁ କଣ୍ଠସ୍ଥ କରାଇବେ ।

୭) ତାହାପରେ ସୁନ୍ଦର ଆକୃତିର ଓ ସ୍ପଷ୍ଟ ପଢ଼ି ହେଉଥିବା ଅକ୍ଷର ଲେଖିବା ଶିଖାଇବେ ।

- ଗାଂଧୀଜୀ

ବିଷୟ ପ୍ରବେଶ

ପୂର୍ବ ବୁନିୟାଦୀ ହେଉଛି ନଈ ତାଲୀମର ପ୍ରଥମ ଭାଗ । ଜୀବନର ମୂଳଦୁଆ, ଜୀବନର ଆରମ୍ଭ ଓ ଜୀବନର ଭବିଷ୍ୟତ ପୂର୍ବ ବୁନିୟାଦୀ ଶିକ୍ଷାରେ ନିହିତ ।

ବାଳକ ଜନ୍ମରୁ କିଛି ଶକ୍ତି ଧାରଣ କରି ଭୂମିଷ୍ଠ ହୁଏ । ତେଣୁ ସେ ବାପାମାଆଙ୍କ କେବଳ ଗୋଟିଏ ଖେଳ ସାମଗ୍ରୀ ନୁହେଁ । ଉପରନ୍ତୁ ଶିଶୁ ହିଁ ପିତା ମାତାଙ୍କର ପ୍ରକୃତ ଗୁରୁ । ଶିଶୁ ଆଗରେ ମିଛ କହିବା, ଛଳନା କରିବା, ସ୍ୱାର୍ଥପର ହେବା ଚଳିବ ନାହିଁ । କାରଣ ତାର ଆଖି ଆମର ସବୁ ପ୍ରକାର ଆଚରଣକୁ ନିରୀକ୍ଷଣ କରେ ଏବଂ ଭଗବାନ ରୂପେ ଆମର ସବୁ କାମକୁ ପରଖେ । ଘରର ବାତାବରଣ ଶିଶୁର ବିକାଶରେ ସହାୟକ ହୁଏ, ପୁଣି ତା ଦ୍ୱାରା ମାଆର ମଧ୍ୟ ବିକାଶ ହୋଇଥାଏ ।

ଶିଶୁର ବିକାଶ ପାଇଁ ଘର ଓ ପାଠଶାଳାର ବାତାବରଣ ସ୍ନେହପୂର୍ଣ୍ଣ ହେବା ଆବଶ୍ୟକ । ଶିଶୁର ବିକାଶ ପାଇଁ ପାଠଶାଳା ଯେପରି ଆବଶ୍ୟକ, ମାତା ପିତାଙ୍କ ସହଯୋଗ ସଂସ୍ପର୍ଶ ସେତିକି ଆବଶ୍ୟକ । ଘର ହିଁ ଶିଶୁର ପ୍ରକୃତ ବିକାଶର କ୍ଷେତ୍ର ଓ ସଂସ୍କାର ଶିକ୍ଷାର ସ୍ଥାନ । ପରିଶ୍ରମ ହିଁ ମାନବ ଜୀବନର ଆଧାର, ତେଣୁ ଶୈଶବରୁ ପରିଶ୍ରମ କରିବାରେ ଅଭ୍ୟସ୍ତ ହେଲେ ତାର ଭବିଷ୍ୟତ ଜୀବନ ଉଜ୍ଜ୍ୱଳ ହେବ ।

ପୂର୍ବ ବୁନିୟାଦୀ ଶିକ୍ଷାର ଯୋଜନା ଗାଂଧୀଜୀ

"ଗାଁର ସବୁ ପିଲା ଯେପରି ପୂର୍ବ ବୁନିୟାଦୀ ଶାଳାକୁ ଆସିବେ ସେଥିପ୍ରତି ଚେଷ୍ଟିତ ହେବାକୁ ହେବ । ସବୁ ପିଲାଙ୍କୁ ଶାଳାକୁ ନ ଆଣି ପାରିବାଟା ଶିକ୍ଷକ ବା ଶିକ୍ଷୟିତ୍ରୀର ଅଯୋଗ୍ୟତା ବୋଲି ବିଚାରିବା ଉଚିତ୍ ।

ସେହି ପିଲାଙ୍କୁ ନିଜର ସନ୍ତାନ ବିଚାରି ସ୍ନେହ କରିବାକୁ ହେବ । ସେମାନଙ୍କ ଦେହ ଓ ମନ ସୁସ୍ଥ ସବଳ ହୋଇଗଲେ ଏବଂ ସେମାନେ ସାଧାରଣ ଭଦ୍ର ଆଚରଣ ଶିଖିଗଲେ ଆମର ଉଦ୍ଦେଶ୍ୟ ସିଦ୍ଧି ହୋଇ ଯିବ । ପିଲା ଯେପରି ଭଙ୍ଗାରୁଜା ଆଦି ବିଧ୍ୱଂସକ କାମ ନ କରିବେ ବା ଦୁଷ୍ଟାମୀ ଆଦୌ ନ କରିବେ ସେହିପରି ଶିକ୍ଷା ଦେବାକୁ ହେବ ।

ଶିଶୁ ଜନ୍ମରୁ ଭଲ ବା ମନ୍ଦ ହୋଇ ନ ଥାଏ । ଶିଶୁର ଶିକ୍ଷା ମା ଗର୍ଭରୁ ଆରମ୍ଭ ହୋଇ ଥାଏ । ସେଥିପାଇଁ ପ୍ରୌଢ଼ ଶିକ୍ଷା ଆବଶ୍ୟକ । ପ୍ରୌଢ଼ଙ୍କ ସଂସ୍କାରର ପ୍ରଭାବ ଶିଶୁ ଉପରେ ପଡ଼େ । ସେମାନଙ୍କ ଠାରୁ ସେ ସଂସ୍କାର ଶିକ୍ଷା କରେ । ଶିଶୁ ଯେ ସବୁବେଳେ ତାର ହାତ ଗୋଡ଼ ହଲାଏ, ତାହାର କାରଣ ହେଲା ସେ ସବୁବେଳେ କିଛି ନା କିଛି କରୁଥାଏ କିନ୍ତୁ ସେ ସେ କ'ଣ କରୁଥାଏ ତାହା ତାକୁ ଜଣା ନ ଥାଏ । କିନ୍ତୁ ତାର ସମସ୍ତ କ୍ରିୟା ବାସ୍ତବରେ ରଚନାତ୍ମକ ହିଁ ହୋଇ ଥାଏ - ବିଧ୍ୱଂସକ ନୁହେଁ ।

ଦୁଇ ବା ଅଢ଼େଇ ବର୍ଷ ବୟସର ପିଲା ଯଦି ଆମ ସଂପର୍କରେ ଆସିବ ଏବଂ ବତାଉଥିବା ପ୍ରଣାଳୀରେ ନିଜ ହାତ ଗୋଡ଼ ଖଟେଇବ ତେବେ ସେ କେତେ ଦୂର ଆଗେଇଯିବ ତାହା ନିର୍ଦ୍ଧାରିତ କରି କହି ହେବ ନାହିଁ । ତାକୁ ମାଡ଼ ଦେଇକରି ନୁହେଁ, ସ୍ନେହରେ ଶିଖାଇବାକୁ ହେବ ।

ମୋର ଶିଖେଇବା ପଦ୍ଧତି ହେଲା ଆଗ ରଙ୍ଗ ଗୁଡ଼ିକ ଚିହ୍ନେଇ କରି ଚିତ୍ର କରାଇବା । ଅକ୍ଷର ମଧ୍ୟ ତ ଚିତ୍ର । କିଏ ଶୁଆର ଚିତ୍ର ଆଙ୍କିବ ତ କିଏ ଅକ୍ଷରର ଚିତ୍ର ଆଙ୍କିବ । ୧, ୨, ଅ, ଆ ଆଦି ଚିତ୍ର ରୂପେ ଲେଖା ହେବ । ଆଗ ଅ ବା ୧ ର ଚିତ୍ର ଶିଖିବେ । ସବୁ ଅକ୍ଷର ଚିତ୍ରମୟ ହୋଇ ସାରିଲେ ଅକ୍ଷର ଜ୍ଞାନ ଦିଆ ଯିବ । ଥ୍ରୀ ଆର୍ସ (3 Rs, Reading, Writing, Arithmatic), ପରେ ଆସିବ । ଆଗ ପଢ଼ିବା ଶିଖି ସାରିଲେ ଚିତ୍ର ଆକାରରେ ଅକ୍ଷର ଶିଖାଯିବ । ଏହାଦ୍ୱାରା ପିଲାର ବୁଦ୍ଧି ଓ ହାତର ବିକାଶ ହୁଏ । ଖେଳ ଖେଳକେ ଏସବୁ ପିଲା ଶିଖି ଯାଏ ।

କାମ ଓ ଖେଳ ଦି'ଟା ଅଲଗା ବିକାଶ ନୁହେଁ । ଏହା ସାଧି ପାରିଲେ ଶିଶୁର ଭବିଷ୍ୟତ ଜୀବନରେ କାମଟା ଖେଳ ହୋଇଯାଏ । କିଛି ସମୟ କାମ - କିଛି ସମୟ ଖେଳ - ଏ ପ୍ରକାର ଦୁଇଟା ବିଭାଗ ମୋର ନାହିଁ । ପିଲାଦିନୁଁ ମୁଁ ଏହିପରି ଚଳି ଆସିଛି । ମୋ ପାଇଁ ଶିଖିବା ଟା ହିଁ ଖେଳ । ମୋ ପାଇଁ ସଚ୍ଚା ନଇ ତାଲୀମ ହେଉଛି - ଶିଶୁ ଖେଳୁ ଖେଳୁ ଶିଖିବ ।

ମନେ ରଖିବା ଉଚିତ୍ ଯେ ସରକାରୀ ବିଦ୍ୟାଳୟ ପାଇଁ ମଧ୍ୟ ବାୟୁମଣ୍ଡଳ ସୃଷ୍ଟି କରିବାକୁ ପଡ଼ିଥିଲା । କ୍ଷମତାରେ ଥାଇ ସୁଦ୍ଧା ନାନା ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଆମକୁ ମଧ୍ୟ ବାତାବରଣ ସୃଷ୍ଟି କରିବାକୁ ହେବ । ଏହା ହିଁ ପୁନରୁଦ୍ଧାର । ଆମର ଯେଉଁ ଭଲ କଥାଗୁଡ଼ିକ ଲୋପ ପାଇ ଯାଇଛି, ତାହାକୁ ଏ ନଇ ତାଲୀମ ଦ୍ୱାରା ପୁନର୍ବାର ବ୍ୟାପକ କରିବାକୁ ହେବ । ଗ୍ରାମୋତ୍ଥାନ କାମକୁ ସଂପନ୍ନ କରିବାର ଶକ୍ତି ଏ ନଇ ତାଲୀମରେ ରହିଛି ।

ଶିଶୁ ଶୈଶବରୁ ଆମର ହାତରେ ପଡ଼ିବେ ଏବଂ ସାତବର୍ଷ ବା ତହିଁରୁ ଅଧିକ ସମୟ ଆମେ ତାଙ୍କୁ ଶିକ୍ଷା ଦେବା ସତ୍ତ୍ୱେ ଯଦି ତାଙ୍କ ଠାରେ ସ୍ୱାବଲମ୍ବନ ଶକ୍ତି ନ ଆସିଲା ତେବେ ନଇ ତାଲୀମର ପ୍ରକୃତ ଅର୍ଥ ପୂରାପୂରି ବୁଝି ପାରି ନାହୁଁ

ବୋଲି ସ୍ୱୀକାର କରିବାକୁ ହେବ । ବର୍ତ୍ତମାନ ଯେଉଁ ଶିକ୍ଷା ମିଳୁଛି ତାହାରି ଯୋଗୁଁ ଶିକ୍ଷା ସ୍ୱାବଲମ୍ବୀ ହୋଇ ପାରି ନାହିଁ ବୋଲି ଆମେ ବିଚାରୁଛୁ । ନଈ ତାଲୀମ ଦ୍ୱାରା ଯଦି ପିଲା ସ୍ୱାବଲମ୍ବୀ ନ ହେଲା ତେବେ ବୁଝିବାକୁ ହେବ ଯେ ଶିକ୍ଷକ ନଈ ତାଲୀମର ତତ୍ତ୍ୱ ବୁଝିନାହିଁ । ନଈ ତାଲୀମର ମୁଖ୍ୟ ଅଂଶ ବା ଲକ୍ଷଣ ହେଉଛି ସ୍ୱାବଲମ୍ବନ । ଦ୍ୱିତୀୟତଃ ସହଯୋଗ ବିଚାରକୁ ମୂଳରୁ କାର୍ଯ୍ୟକାରୀ କରିବାକୁ ହେବ ।"

-ଗାଂଧୀଜୀ

ବାଳକ, ପାଳକ ଓ ସମାଜ

ଦେଶର ନାଗରିକ ଓ ସରକାର ବିଚାରୁଛନ୍ତି ଯେ ଛୋଟ ପିଲାଙ୍କ ଶିକ୍ଷାଟା ମୁଖ୍ୟତଃ ହାତକୁ ନେବା ଉଚିତ୍ । ଏଥିରେ ଚାଷୀ, ମୂଲିଆ, ଶ୍ରମିକ, ମଧ୍ୟବିତ୍ତ ଶ୍ରେଣୀର ଲୋକମାନେ ମଧ୍ୟ ଅନ୍ତର୍ଭୁକ୍ତ । ପୁଣି ଶିକ୍ଷାପଦ୍ଧତି ଟା କି ପ୍ରକାର ହେବ ତାହା ମଧ୍ୟ ବିଚାର କରିବାକୁ ହେବ ।

ବର୍ତ୍ତମାନ ପାରିବାରିକ ଓ ସାମାଜିକ ଜୀବନରେ କେତେକ ପରିବର୍ତ୍ତନ ଦେଖା ଦେଇଛି । ତେଣୁ ବାପା ମାଆଙ୍କ ବିଚାରକୁ ନ ବୁଝିଲେ ଆମେ ଯଥାର୍ଥ ଶିକ୍ଷା ଦେଇ ପାରିବା ନାହିଁ । ବିନୋବାଜୀଙ୍କ ମତ ହେଲା - ଶିଶୁ ପୂର୍ବ ଜନ୍ମର ସଂସ୍କାର ନେଇ ଆସେ ଏବଂ ଜନ୍ମ ପୂର୍ବରୁ ନିଜ ଗୁଣର ପୋଷାକ, ବାତାବରଣ ଖୋଜି ବାପା ମାଆ ମଧ୍ୟ ବାଛେ । ତାହାର ଦେହ ମନର ବିକାଶ ମାଆ ସହିତ ଜୋଡ଼ା ହୋଇଥାଏ ।

ତେଣୁ ମାଆ ଯଦି ସନ୍ତାନକୁ ଠିକ୍ ଭାବରେ ଲାଳନ ପାଳନ କରେ ତେବେ ପିଲା ସୁସ୍ଥ, ପରିଚ୍ଛନ୍ନ, ସମୟାନୁବର୍ତ୍ତୀ ଓ ବୁଝକ ହୁଏ । ମା ଶିଶୁର ଆଶ୍ରୟ ସ୍ଥାନ ହୋଇ ଥିବାରୁ ଶିଶୁ ମା ପ୍ରତି ଅଧିକ ଆସକ୍ତ ହୁଏ । କିନ୍ତୁ ସେ ବଡ଼ ହେବା ସଙ୍ଗେ ସଙ୍ଗେ ତାର ଚାରି ପାଖର ମଣିଷ, ଜୀବଜନ୍ତୁ, ପ୍ରକୃତି ପ୍ରତି ନଜର ପକାଏ । ବାପକୁ ଚିହ୍ନେ । କୁଟୁମ୍ବର ସମସ୍ତଙ୍କୁ ଚିହ୍ନେ ଓ ଆଦରେ । ଧୀରେ ଧୀରେ ତାର ପରିଚୟର ପରିସର ବିସ୍ତୃତ ହୁଏ । ତାହାର ଏହି ପରିଚିତ ପରିବେଶ ଟି ଯଦି ଶାନ୍ତି ଓ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ହେବ, ପରସ୍ପର ମଧ୍ୟରେ ସହଯୋଗ ସହଭୋଗର ବାତାବରଣ ରହିବ ତେବେ ଶିଶୁର ବିକାଶ ଯଥା ଯଥ ଭାବରେ ହୋଇ ପାରିବ । ସେଥିପାଇଁ ଘରର ସ୍ନେହ, ସହଯୋଗପୂର୍ଣ୍ଣ ବାତାବରଣ ହେଉଛି ଶିଶୁର ଭବିଷ୍ୟତ ଜୀବନର ମୂଳଦୁଆ ।

ଏ ବିଷୟରେ ମାଆମାନଙ୍କୁ ସଚେତନ କରିବା ପାଇଁ ପ୍ରୌଢ଼ ଶିକ୍ଷା ଏକାନ୍ତ ଆବଶ୍ୟକ । ଆମ ଦେଶର ଗରୀବ ଲୋକେ ନିଜର ସନ୍ତାନର ବିକାଶ ପ୍ରତି ଦୃଷ୍ଟି ଦେଇ ପାରୁନାହାନ୍ତି । ବଡ଼ ଲୋକମାନେ ପିଲାଙ୍କୁ ଖେଳ କଣ୍ଢେଇ ପରି ପାଳୁଛନ୍ତି । ସେଥି ପାଇଁ ଶିଶୁର ପୂର୍ଣ୍ଣ ବିକାଶ ଧନୀ ଗରୀବ ନିର୍ବିଶେଷରେ କାହାରି ଘରେ ହୋଇ ପାରୁନାହିଁ । ସବୁ ଶିଶୁ ଯେ ସମାନ, ସେମାନଙ୍କର ଆବଶ୍ୟକତା ମଧ୍ୟ ସମାନ ଏବଂ ସେମାନଙ୍କ ମଧ୍ୟରେ ଗୁଣ ବିକାଶ ମଧ୍ୟ ସମାନ ଭାବରେ ହେବା ଆବଶ୍ୟକ - ଏ କଥା ମନେ ରଖିବାକୁ ହେବ ।

ଖଟିଖିଆ ଘର ପିଲା ପିଲା ଦିନୁଁ ଦେହ ମିହନ୍ତ କରନ୍ତି, ନିଜ ଭାଇ ଭଉଣୀଙ୍କୁ ସମ୍ଭାଳନ୍ତି । କିନ୍ତୁ ବାପ ମାଆଙ୍କୁ ବୁଝାଇବାକୁ ହେବ ଯେ ତାର ସନ୍ତାନର ଏ ସମାଜକୁ, ଏ ଦେଶକୁ ଗଢ଼ିବାରେ ଭାଗ ଅଛି । ତେଣୁ ପିଲାକୁ ଶିକ୍ଷାରୁ ବଂଚିତ କରିବା ଉଚିତ୍ ନୁହେଁ । ତେଣୁ ପିଲା ହାତରେ ସେମାନେ ଯେଉଁ କାମ କରାଇବେ, ସେ କାମ ଦ୍ୱାରା ତାର ଦେହ, ମନ ଓ ବୁଦ୍ଧିର ବିକାଶ କିପରି ହେବ, ସେଥିପ୍ରତି ସେମାନେ ଦୃଷ୍ଟି ଦେବେ ।

ପୁଣି କେତେକ ବାପ ମାଆ ପିଲାଙ୍କୁ କଣ୍ଢେଇ ପରି ସଜାଇ ରଖନ୍ତି । ଆମ ପ୍ରୌଢ଼ ଶିକ୍ଷାର ଉଦ୍ଦେଶ୍ୟ ହେବ ପିଲାର ବୁଦ୍ଧି ଓ ଦେହର ବିକାଶ ପାଇଁ କିପରି ଭାବରେ ପିଲା ପାଳିବାକୁ ହେବ ।

ଟିକିଏ ବଡ଼ ହେଲେ ଶିଶୁ ବାପ ମାଆର କୋଳ ଛାଡ଼ି ବାଲବାଡ଼ୀକୁ ଆସିବ । ବାଲବାଡ଼ୀ ତାକୁ ପ୍ରଥମେ ପ୍ରଥମେ ଆରେଇବ ନାହିଁ । ସେ କ୍ଷେତ୍ରରେ ଶିକ୍ଷୟିତ୍ରୀ ମାଆ ପରି ସତର୍କ ଓ ସ୍ନେହଶୀଳ ହୋଇ ପିଲାକୁ ଏପରି ଭାବରେ ମଣ କରିବେ ଯାହା ଫଳରେ ସେ ବାଲବାଡ଼ୀକୁ ଆଦରି ଯିବ । କିନ୍ତୁ ଘର ଓ ବାଲବାଡ଼ୀର ଚଳଣିରେ ଯଦି ବିରୋଧ ରହିବ ତେବେ ତାହା ଶିଶୁ ପକ୍ଷରେ ବ୍ୟାଘାତ ଘଟାଇବ, କିନ୍ତୁ ଯଦି ଘରଲୋକଙ୍କୁ ବାଲବାଡ଼ୀର ଉଦ୍ଦେଶ୍ୟ ଓ

ଫଳାଫଳ ବୁଝାଇ ଦେଇ ହେବ ତେବେ ଶିଶୁ ବାଲବାଡ଼ୀର ଅନେକ ଚଳଣି ଘରେ ମଧ୍ୟ ଚଳାଇବା ଆରମ୍ଭ କରି ଦେବ । ସେଥିପାଇଁ ଘର ଓ ବାଲବାଡ଼ୀ ମଧ୍ୟରେ ସଂଯୋଗ, ସହଯୋଗ, ସଦ୍ଭାବ ରହିବା ଆବଶ୍ୟକ । ବାପା ମାଆ ଓ ଶିକ୍ଷକ ଉଭୟଙ୍କ ସମବେତ ଉଦ୍ୟମରେ ହିଁ ଶିଶୁର ବିକାଶ ସମ୍ଭବ ହୁଏ ।

ଘର ଓ ବାଲବାଡ଼ୀ ବ୍ୟତୀତ ସମାଜର ପ୍ରଭାବ ମଧ୍ୟ ଶିଶୁ ଉପରେ ପଡ଼ିଥାଏ । ସାମାଜିକ ରୀତିନୀତି, ସୁସଂସ୍କାର, କୁସଂସ୍କାର ଶିଶୁ ମନକୁ ପ୍ରଭାବିତ କରିଥାଏ । ସେଥିପାଇଁ ସୁସଂସ୍କୃତ ସମାଜ ବା ପରିବେଶରେ ଶିଶୁ କିପରି ଲାଳିତ ପାଳିତ ହେବ ତାହା ମଧ୍ୟ ଦେଖିବାକୁ ହେବ । ଘରେ ବା ବାଲବାଡ଼ୀରେ ବାପ ମାଆ ଓ ଶିକ୍ଷୟିତ୍ରୀ ଶିଶୁକୁ ଉତ୍ତମ ଆଚାର ବିଚାର ଶିକ୍ଷା ଦେଲେ ସୁଦ୍ଧା ଶିଶୁ ସମାଜରୁ, ସାଇ ପଡ଼ିଶାରୁ କୁଭାଷା, କୁଅଭ୍ୟାସ ଶିଖିଥାଏ । ସେଥିପାଇଁ ଶିକ୍ଷୟିତ୍ରୀ ଓ ଶିଶୁର ଅଭିଭାବକ ଆଖପାଖ ବାତାବରଣକୁ ସୁସଂସ୍କୃତ, ମାର୍ଜିତ କରିବା ପାଇଁ ମଧ୍ୟ ଚେଷ୍ଟିତ ହେବେ । ଏହିରୂପେ ବାପାମାଆ, ସମାଜ ଓ ବାଲବାଡ଼ୀ ଏ ତିନୋଟି ସଂସ୍ଥାର ଆଚାର ବିଚାର ଦ୍ୱାରା ଶିଶୁ ଜୀବନ ପ୍ରଭାବିତ ହେବ ।

ଏବେ ସ୍ୱାବଲମ୍ବନ କଥା ଉଠୁଛି । ଛୋଟ ପିଲା କିପରି କେଉଁ କଥାରେ ସ୍ୱାବଲମ୍ବୀ ହୋଇ ପାରିବ ଏବଂ ଭବିଷ୍ୟତ ଜୀବନରେ ସ୍ୱାବଲମ୍ବୀ ହେବା ପାଇଁ ତାର ମନୋବୃତ୍ତି ବିକଶିତ ହେବ ତାହା ହିଁ ବିଚାରଣୀୟ ।

ଶିଶୁ ମଧ୍ୟରେ କଳ୍ପନା ଶକ୍ତି (imagination), ଅନୁକରଣ ପ୍ରିୟତା (imitation), ସର୍ଜନା କରିବା (creation) ଓ ଖେଳିବାର ସହଜାତ ବୃତ୍ତି ରହିଛି । ତାହାର ଯେଉଁ କାମ ଗୁଡ଼ିକୁ ଆମେ ଦୁଷ୍ଟାମୀ ବୋଲି ଭାବୁ ସେ ଗୁଡ଼ିକ ତାର ସୃଜନଶକ୍ତି ତାକୁ କରାଏ । ଶେଜରେ ଶୋଇ ହାତ ଗୋଡ଼ ହଲାଇବାଟା ମଧ୍ୟ ତାର ଅନୁକରଣ କରିବା ଓ ସୃଜନ କରିବାର ବୃତ୍ତିର ପରିଚାୟକ । ସେଥିପାଇଁ ଖେଳ ମାଧ୍ୟମରେ ତାକୁ ଯଦି ତାହା ମଧ୍ୟରେ ସ୍ୱାଶ୍ରୟୀ ହେବାର ବୃତ୍ତିକୁ ବିକଶିତ କରାଯିବ ତେବେ ସେ ସବୁ କାମରୁ ଆନନ୍ଦ ପାଇବ, କାମଟା ତାର ଖେଳ ହୋଇଯିବ ।

ପ୍ରୌଢ଼ ଶିକ୍ଷାରେ ସେହିପରି ପ୍ରାପ୍ତବୟସ୍କ ଲୋକଙ୍କୁ ତାଙ୍କର ପରିବାର ଓ ସମାଜ ବା ଦେଶ ପ୍ରତି କର୍ତ୍ତବ୍ୟ ବିଷୟରେ ଧାରଣା ଦେବାକୁ ହେବ ଏବଂ ସେମାନେ କିପରି ଅଧିକ ଉପାର୍ଜନକ୍ଷମ ହେବେ ସେ ବାଟ ସେମାନଙ୍କୁ ବତାଇବାକୁ ହେବ, ସମସ୍ତେ ଖଟିବେ ଓ ମିଳିମିଶି ଖାଇବେ ଏହି ମୂଳମନ୍ତ୍ର ପ୍ରତି ସେମାନଙ୍କୁ ଆକୃଷ୍ଟ କରିବାକୁ ହେବ । ସେହିପରି ଶିଶୁର ଦୈନନ୍ଦିନ ଜୀବନର ପ୍ରତ୍ୟେକ କାର୍ଯ୍ୟ ସେ ନିଜେ ନିଜେ କରିବାର ଆଗ୍ରହ ସୃଷ୍ଟି କରିବା, ନିୟମିତ ସେହି କାର୍ଯ୍ୟ କରିବା ପାଇଁ ଦୃଷ୍ଟି ଦେବା ଏବଂ ସବୁ ପିଲା ମିଳିମିଶି ଖାଇବା, ଖେଳିବା ଆଦିର ରୁଚି ସୃଷ୍ଟି କରିବା ବାଲବାଡ଼ୀର ଧେୟ ହେବ ।

ପରିଶ୍ରମ କରିବାଟା ନ୍ୟୂନତା ନୁହେଁ ବରଂ ବଂଚିରହିବା ପାଇଁ ଏହା ଅନିବାର୍ଯ୍ୟ ସେ ଧାରଣା ଖେଳ, ଗଳ୍ପ, କବିତା ଓ ଆଚରଣ ଦ୍ୱାରା ଶିଶୁ ମନରେ ବଦ୍ଧମୂଳ ହେବା ଆବଶ୍ୟକ ।

ଗୁଣ ବିକାଶ ବା ସଂସ୍କାର

ମଣିଷର କେତେ ଗୁଡ଼ିଏ ଗୁଣ ବିକାଶ ଆନୁବଂଶିକ ହୋଇଥାଏ । ଖାଦ୍ୟପେୟ, ପୋଷାକ ପରିଚ୍ଛଦ, ଜୀବିକା, ନୈତିକତା ଆଦି କେତେ ଗୁଡ଼ିଏ ବଂଶ ପରଂପରା ଅନୁସାରେ ଚଳି ଆସୁଥିବାରୁ ଶିଶୁ ଶୈଶବାବସ୍ଥାରୁ ତଦ୍ୱାରା ପ୍ରଭାବିତ ହୁଏ ।

ସେହିପରି ଶିଶୁ ଯେଉଁ ସମାଜ ବା ପରିବେଶରେ ଲାଳିତ ପାଳିତ ହୁଏ ସେହି ସମାଜର ନୈତିକତା, ଚାଲି ଚଳଣ, ଭଲ ଓ ମନ୍ଦ ସଂସ୍କାରର ପ୍ରଭାବ ମଧ୍ୟ ତା ଉପରେ ପଡ଼େ । ସେଗୁଡ଼ିକ ଅନୁକରଣ କରେ । କଥା କହିବା ଠାରୁ ଆରମ୍ଭ କରି ବଡ଼ମାନଙ୍କୁ ନକଲ କରିବା ପର୍ଯ୍ୟନ୍ତ ଏ ସବୁ କଥା ସେ ଦେଖି ଶୁଣି ଶିଖେ । ଦୁଇ ଅଢ଼େଇ ବର୍ଷର ପିଲା ସବୁବେଳେ ବଡ଼ମଣିଷଙ୍କ ଦେଖା ଦେଖି କିଛି ନା କିଛି କରିବାକୁ ଚାହେଁ । ଆମେ ତାକୁ ତାର ଦୁରନ୍ତପଣିଆ ମଣୁ । ମାତ୍ର ବାସ୍ତବରେ ତଦ୍ୱାରା ସେ ନୂଆ ନୂଆ ବିଷୟ ଶିଖେ । ସେଥିପାଇଁ ଅଭିଭାବକ ତାର ସବୁ କାମରେ ବାଧା ନ ଦେଇ କେଉଁ କାମ ବା ଖେଳରେ ତାର ମନ ସଂଯୋଗ ହୋଇ ପାରୁଛି ତାହା ଅନୁଧ୍ୟାନ କରି ତାକୁ ସେହି କାମ ଦେବା ଉଚିତ୍ ।

ତାହା ସଙ୍ଗେ ସଙ୍ଗେ ତାକୁ କେତୋଟି ଭଲ ସଂସ୍କାର ଦେବା ମଧ୍ୟ ଆବଶ୍ୟକ ହୋଇଥାଏ । ଯଥାସ୍ଥାନରେ ମଳମୂତ୍ର ତ୍ୟାଗ କରିବା, ହାତ ଧୋଇ ଖାଇବା, ଶୋଇବା ପୂର୍ବରୁ ଗୋଡ଼ ଧୋଇବା ଅଦି ଅଭ୍ୟାସ ଗୁଡ଼ିକୁ ପିଲାଦିନରୁ କରାଇଲେ ସ୍ୱାସ୍ଥ୍ୟ ଦୃଷ୍ଟିରୁ ମଧ୍ୟ ଏହା ଉପକାରୀ ହୋଇଥାଏ ।

ପରିଚ୍ଛନ୍ନତା ବା ସଫାଇ ସଂସ୍କାର ପରି ଆଜ୍ଞା ପାଳନ କରି ଶିଖିବା ମଧ୍ୟ ଗୁଣ ବିକାଶର ଗୋଟିଏ ଲକ୍ଷଣ । କିନ୍ତୁ ଶିଶୁକୁ ବୁଝାଇ ସୁଝାଇ ଆଜ୍ଞା ପାଳିବା ଶିଖାଇବା ପରିବର୍ତ୍ତେ ଯଦି ତାକୁ ଜବରଦସ୍ତି ବା ଦଣ୍ଡ ଭୟ ଦେଖାଇ ଆଜ୍ଞା ପାଳନ କରିବାକୁ ବାଧ୍ୟ କରାଯାଏ ତେବେ ତାର ଭବିଷ୍ୟତ ଜୀବନରେ ନାନା ପ୍ରକାରର ବିକୃତି ଦେଖାଦିଏ । ଏପରିକି ଆଜ୍ଞା ପାଳନ ପରିବର୍ତ୍ତେ ଅବଜ୍ଞା ପ୍ରଦର୍ଶନ କରିବା ବୃତ୍ତି ମଧ୍ୟ ତାହା ଠାରେ ବିକଶିତ ହୁଏ ।

ସେହିପରି ସମୟାନୁବର୍ତ୍ତିତା, ସହଯୋଗ, ସହଭୋଗ ଆଦି ବୃତ୍ତି ଗୁଡ଼ିକର ବିକାଶ କିପରି ଶିଶୁ ମଧ୍ୟରେ ହେବ ସେଥିପ୍ରତି ଦୃଷ୍ଟି ଦେବା ସଙ୍ଗେ ସଙ୍ଗେ ସେ ଯେପରି ସେ ବାବଦରେ ପ୍ରତିକ୍ରିୟାଶୀଳ ନ ହେବ ସେଥିପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ହେବ ।

ଖେଳ, ନୃତ୍ୟ, ଗୀତ ଆଦି ଦ୍ୱାରା ଶିଶୁର ଅଭିରୁଚି କଳନା କରିହୁଏ ଏବଂ ଏହା ମାଧ୍ୟମରେ ଗୁଣ ବିକାଶ ମଧ୍ୟ ସହଜ ହୁଏ । ସେଥିପାଇଁ ଶିଶୁର ସୃଜନ ଶକ୍ତି, କଳ୍ପନା ଶକ୍ତିକୁ ବିକଶିତ କରୁଥିବା ଖେଳ, ବ୍ୟକ୍ତିତ୍ୱ ପ୍ରଦର୍ଶିତ ହେଉଥିବା ଖେଳ, ନାଚ, ଗୀତ ଆଦି ମଧ୍ୟ ସାବଧାନତା ସହକାରେ ବାଛିକରି ଶିଖାଇବା ଉଚିତ୍ ।

ବାଲବାଡ଼ୀରେ ଶିଶୁଦ୍ୱାରା କରଣୀୟ କାର୍ଯ୍ୟ

ସାଧାରଣତଃ ଅଢ଼େଇ ବର୍ଷରୁ ୫/୬ ବର୍ଷର ଶିଶୁ ବାଲବାଡ଼ୀକୁ ଆସନ୍ତି । ସେଥିପାଇଁ ବାଲବାଡ଼ୀରେ ଦୁଇଟି ବିଭାଗ ରହିଲେ କାର୍ଯ୍ୟ ସୁଗମ ହୁଏ । ଛୋଟ ପିଲାଙ୍କୁ ସ୍ୱଚ୍ଛନ୍ଦ ବିହାର ଦ୍ୱାରା ବାଲବାଡ଼ୀ ପ୍ରତି ଆକୃଷ୍ଟ କରିବାକୁ ହୁଏ । ମଳମୂତ୍ର ତ୍ୟାଗ କରିବା, ନାକ କାନ ସଫା କରିବା ଆଦି ପ୍ରାରମ୍ଭିକ ପରିଚ୍ଛନ୍ନତା ପ୍ରତି ଦୃଷ୍ଟି ଦେବାକୁ ହୋଇଥାଏ । ମାତ୍ର ଚାରି ବର୍ଷ ବୟସର ଶିଶୁ ବାଲବାଡ଼ୀର କେତେକ କାର୍ଯ୍ୟରେ ଅଂଶଗ୍ରହଣ କରିପାରେ । ବାଲବାଡ଼ୀ ଘର

ଫୁଲରେ ସଜାଇବା, ବାଲବାଡ଼ୀ ବଗିଚାରୁ ଘାସ ଉପାଡ଼ିବା, ଗଛ ଲଗାଇବା, ଛୋଟ ଝାଡୁରେ ଝାଡୁ ଦେବା, ଏପରିକି ଖାଇବା ଥାଳିଆ, ଛାତ୍ର ଛାତ୍ରୀଙ୍କ ସଂଖ୍ୟା ଗଣି ପରଷିବା ଆଦି କାମ କରି ପାରନ୍ତି । ପରସ୍ପରର ମୁଣ୍ଡ କୁଣ୍ଡେଇ ଦେବା, ସାନ ପିଲାଙ୍କ ନଖ ଦେଖା ଦେଖି କାମ ସେମାନେ ଉତ୍ସାହ ସହକାରେ କରନ୍ତି ।

ଶିକ୍ଷାକ୍ରମ

ନିମ୍ନ ପ୍ରାଥମିକ ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯେପରି ଧରାବନ୍ଧା ଶିକ୍ଷାକ୍ରମ ବା ସମୟ ନିର୍ଘଣ୍ଟ ପ୍ରସ୍ତୁତ ହୋଇଥାଏ ଅଙ୍ଗନବାଡ଼ୀରେ ତାହା ହୁଏ ନାହିଁ । କାରଣ ତିନି ବର୍ଷରୁ ପାଂଚବର୍ଷ ବୟସର ଅନେକ ଗୁଡ଼ିଏ ଚାଟ ଯେଉଁଠି ଏକାଠି ହେବେ ସେଠାରେ ସମସ୍ତଙ୍କୁ ଗୋଟିଏ ଧରାବନ୍ଧା ଗତରେ ଓ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କିଛି ଶିଖାଇବା ବା କୌଣସି କାମ କରାଇବା ସହଜ ନୁହେଁ । କାହାଣୀ ଶୁଣୁ ଶୁଣୁ ଅନେକ ପିଲା ଶୋଇ ପଡ଼ନ୍ତି । ମାଟିକାମ ଆଦି ହାତକାମ କରୁ କରୁ କେହି କେହି ଅଳ୍ପ ସମୟ ପରେ ଏକାଗ୍ରତା ହରାନ୍ତି । ପୁଣି କେହି କେହି ନିର୍ଦ୍ଦିଷ୍ଟ ସମୟ ଅତିକ୍ରମ ହୋଇଯିବା ପରେ ମଧ ଏକାଗ୍ର ହୋଇ ସେହି କାମ କରନ୍ତି । ଛୋଟ ପିଲାଙ୍କ ବିକାଶ ଦୃଷ୍ଟିରୁ ଏ ପ୍ରକାର ପିଲାଙ୍କ ଏକାଗ୍ରତାରେ ବିଘ୍ନ ଘଟାଇବା ମଧ ଉଚିତ୍ ହୁଏ ନାହିଁ । ତେଣୁ ବାଲବାଡ଼ୀର ଶିକ୍ଷାକ୍ରମ ଓ ସମୟ ନିର୍ଘଣ୍ଟରେ ମୋଟାମୋଟି କେତୋଟି ବିଷୟ କେତେ ସମୟରେ ଶିକ୍ଷା ଦିଆଯିବ ସେ ବିଷୟରେ ଗୋଟିଏ ଧାରଣା ଦେବା ପାଇଁ ବିଭିନ୍ନ ବାଲବାଡ଼ୀରୁ ଯେଉଁ ଅଭିଜ୍ଞତା ହାସଲ ହୋଇଛି ତଦନୁସାରେ ଗୋଟିଏ ଶିକ୍ଷାକ୍ରମର ନମୁନା ଏଠାରେ ଦିଆଯାଇଛି ।

୧) ଶିଶୁର ଶିକ୍ଷାରମ୍ଭ ଅକ୍ଷରଜ୍ଞାନରୁ ନୁହେଁ ସଫାଇରୁ ଆରମ୍ଭ ହେବା ଉଚିତ୍ ।

୨) ଶିକ୍ଷିକା କ, କା, କି, କୀ ଶିଖାଇବାକୁ ତରବର ନ ହୋଇ ତାର ଆଖି, ନାକ, ଦାନ୍ତ, ହାତଗୋଡ଼ ଆଦି ସଫା ରଖିବା, ଗାଧୋଇବା, ଲୁଗାପଟା ସଫା ରଖିବା ଶିଖାଇବେ ।

୩) ଏହା ପରେ କୌଣସି ଉତ୍ପାଦନ ହେବା ଭଳି ଶିଶୁ ଉପଯୋଗୀ ଉପକରଣ ଶିଶୁକୁ ଦେଇ ତାର ବ୍ୟବହାର ଶିଖାଇବେ ।

୪) ଶିଶୁକୁ କାହାଣୀ ମାଧ୍ୟମରେ ଇତିହାସ, ଭୂଗୋଳ, କଥା ଓ କବିତା ମାଧ୍ୟମରେ ନୀତିଜ୍ଞାନ ଓ ଧର୍ମ, ପ୍ରତ୍ୟକ୍ଷ ପର୍ଯ୍ୟବେକ୍ଷଣ ଦ୍ୱାରା ପଦାର୍ଥ ବିଜ୍ଞାନ, ଉଦ୍ଭିଦ, ଭୂମି, ଆକାଶ ସମ୍ବନ୍ଧରେ ଧାରଣା ଦେବେ ଏବଂ ପ୍ରତ୍ୟକ୍ଷ ପଦାର୍ଥ ଦ୍ୱାରା ଗଣିତ ଶିଖାଇବେ ।

୫) ଅକ୍ଷର ଶିକ୍ଷାର ଆରମ୍ଭ ପୂର୍ବରୁ ଚିତ୍ର ଆଙ୍କିବା, ଅକ୍ଷରର ଆକୃତି ଲେଖିବା, ନିଜେ କଳ୍ପନା କରୁଥିବା ବିଷୟର ଚିତ୍ର ଦ୍ୱାରା ପ୍ରଦର୍ଶନ କରିବା ଶିଖାଇବେ ।

୬) ଭଜନ, କବିତା ଆଦି କଣ୍ଠସ୍ଥ କରାଇ ଉଚ୍ଚାରଣ ଶୁଦ୍ଧି ପ୍ରତି ଦୃଷ୍ଟି ଦେବେ ।

୭) ଏ ସବୁ ହେବା ପରେ ସ୍ପଷ୍ଟ ପଢ଼ି ହେବା ଭଳି ଅକ୍ଷର ଲେଖିବା ଶିଖାଇବେ ।

ଏହି ସିଦ୍ଧାନ୍ତକୁ ଆଖି ଆଗରେ ରଖି ପ୍ରସ୍ତୁତ କରାଯାଇଥିବା ଶିକ୍ଷାକ୍ରମ ନିମ୍ନରେ ପ୍ରଦତ୍ତ ହେଲା ।

(୧) ଭାଷା, (୨) ଗଣିତ, (୩) ସାଧାରଣ ବିଜ୍ଞାନ, (୪) ସାମାଜିକ ଜ୍ଞାନ, (୫) ସଫାଇ ଓ ସ୍ୱାସ୍ଥ୍ୟ ରକ୍ଷା, (୬) କଳା ଜ୍ଞାନ, (୭) ସାଧାରଣ ଜ୍ଞାନ ।

ବାଲବାଡ଼ୀରେ ସାମିଲ ହେବାର ବୟସ ଅଢ଼େଇ ବର୍ଷରୁ ସଢ଼େ ଚାରି ବର୍ଷ ରଖା ଯାଇଛି । କାରଣ ଓଡ଼ିଶାରେ ଚାରିବର୍ଷ ଚାରିମାସରେ 'ଖଡ଼ିଛୁଆଁ' ହେବାର ବିଧି ଅଛି ।

୧. ଭାଷା ଶିକ୍ଷା:

(କ) ଗଳ୍ପ ଶୁଣିବା ଓ କହିବା । ଶିଶୁ ପ୍ରଥମ ବର୍ଷ କୋଡ଼ିଏଟି ଗଳ୍ପ ଶୁଣି ଶୁଣି ପାଂଚିଟି ଗପ କହି ପାରିବ ।

(ଖ) କବିତା ଆବୃତ୍ତି: ପ୍ରଥମ ବର୍ଷ ଦଶଟି କବିତା ଆବୃତ୍ତି କରି ପାରିବ । ଦ୍ୱିତୀୟ ବର୍ଷ ପନ୍ଦର ରୁ କୋଡ଼ିଏଟି ।

(ଗ) ଗଳ୍ପାଭିନୟ

(ଘ) ବିଭିନ୍ନ କ୍ରିୟା ମାଧ୍ୟମରେ ଶବ୍ଦ ଭଣ୍ଡାର ବୃଦ୍ଧି

(ଙ) ନିଜେ କଳ୍ପନା କରି ଗପ କହିବା ବା କବିତା ଆବୃତ୍ତି କରିବା ।

୨. ଗଣିତ ଶିକ୍ଷା:

(କ) ୫୦ ପର୍ଯ୍ୟନ୍ତ ସଂଖ୍ୟା ବିଷୟରେ ଧାରଣା । ବାଳସେବିକା ପ୍ରାର୍ଥନା, ଖାଇବା, ଖେଳ ସାମଗ୍ରୀ ସଜାଡ଼ିବା, ଜଳଖିଆ ବାସନ, ବସିବା ଚଟେଇ ଆଦି ପିଲାସଂଖ୍ୟା ଅନୁସାରେ ନିଜେ ଗଣି ପିଲାଙ୍କ ଦ୍ୱାରା ଗଣାଇବେ ।

(ଖ) ଲେଖା ଓ ଅକ୍ଷର ଜ୍ଞାନ :
ବହି, ଶିଲଟ, ଥାଳିଆ, ଚଟେଇ ଆଦି ବ୍ୟବହାର୍ଯ୍ୟ ପଦାର୍ଥର ଆକାରରୁ ଗୋଲ, ଚାରିକଣିଆ, ଲମ୍ବାର ଧାରଣା ଦେବେ । ପିଲାଙ୍କୁ ଖେଳ ଓ ପ୍ରାର୍ଥନା ବେଳେ ଗୋଲ, ତିନିକଣିଆ, ଚାରିକଣିଆ କରି ବସାଇବେ । ମାଟିରେ ତିନି କଣିଆ, ଚାରିକଣିଆ, ଗୋଲ ଆକୃତିର ଖେଳଣା ତିଆରି କରିବେ ଓ କରାଇବେ ।
ପିଲାଙ୍କୁ ୨ ଜଣ, ୩ ଜଣ ଆଦି ସଂଖ୍ୟାରେ ଛିଡ଼ା କରି ବା ବସାଇ ଖେଳାଇବେ ।

୩. ସାଧାରଣ ବିଜ୍ଞାନ:

(କ) ଧାତୁ, ପଥର, ଶସ୍ୟ, ଫୁଲ ଫଳ ଆଦିର ନମୁନା ସଂଗ୍ରହ

(ଖ) ଲୁହା, କାଠ, କାଚ, ଟିଣ, ଆଦି ଚିହ୍ନିବା

(ଗ) ଭଙ୍ଗା, ଅଭଙ୍ଗା, ପାଣିରେ ବୁଡ଼ିବା, ଭାସିବା, ଜୋଡ଼ି ହେବା, ଜୋଡ଼ି ନ ହେବା ଆଦି ଜ୍ଞାନ

(ଘ) ଖାଦ୍ୟ ପଦାର୍ଥ ମଧ୍ୟରେ ମିଠା, ଖଟା, ଲୁଣିଆ, କଷା, ପିତା, ରାଗ ଷଡରସର ଜ୍ଞାନ

(ଙ) ରଙ୍ଗ ଚିହ୍ନିବା ପାଇଁ ଫୁଲ, ପୋଷାକ, ଚଢ଼େଇ, ଫଳ, ଆକାଶ ଆଦିରୁ ରଙ୍ଗ ଜ୍ଞାନ, ଇନ୍ଦ୍ରଧନୁ, ହଳଦୀ ଆଦି ଦେଖାଇବେ

(ଚ) ମଂଜି ପୋତି, ପାଣି ଦେଇ ଗଛ ଗଜା ହେବା, ବୀଜପତ୍ର ବାହାରିବା ଆଦି ପର୍ଯ୍ୟବେକ୍ଷଣ

(ଛ) ମଶା, ବେଙ୍ଗ ଆଦିଙ୍କ ଜନ୍ମ ଓ କ୍ରମ ବିକାଶ ନିରୀକ୍ଷଣ କରିବା

(ଜ) ଦ୍ୱିପଦ, ଚତୁଷ୍ପଦ, ଶତପଦ, ଜଳଚର, ଉଭୟ ଚର, ଖେଚର, ସ୍ଥଳ ଚର, ପେଟେଇ ଚାଲୁଥିବା ପ୍ରାଣୀଙ୍କ

ବିଷୟରେ ଆଲୋଚନା ଓ ଖେଳ ସାହାଯ୍ୟରେ ଶିକ୍ଷା ଦେବା

(ଝ) ସମୟ, ଗତି, ମାପ, ଭାରୀ, ଓଜନର ଧାରଣା

(ଞ) ନିଜର ଅଙ୍ଗ ପ୍ରତ୍ୟଙ୍ଗର ନାମ ଓ କାମ ଜାଣିବା

(ଟ) ଯାନବାହାନ ଓ ବ୍ୟବହାରରେ ଲାଗୁଥିବା ହତିଆରର ନାମ ଓ କାମ

(ଠ) ଜୀବଜନ୍ତୁ ପାଳିବା
ପ୍ରକୃତି ପର୍ଯ୍ୟବେକ୍ଷଣ - ଖରା, ବର୍ଷା, ଶୀତ, ସକାଳ, ସନ୍ଧ୍ୟା, କାଠ, ମାଟି, ପାଣି, ପବନ, ଖରା, ଓ ଆକାଶ କଥା

୪. ସାମାଜିକତା ଜ୍ଞାନ:

(କ) ଅତିଥିଙ୍କୁ ଅଭିବାଦନ କରିବା, ଆସନ ଦେବା, ପାଣି ଯାଚିବା

(ଖ) ଗୋଡ଼ କାହାରି ଦେହରେ ବାଜିଗଲେ ବିଷ୍ଣୁ କହିବା କିମ୍ବା ଦୁଃଖ ପ୍ରକାଶ କରିବା ଅଥବା ନମସ୍କାର କରିବା

(ଗ) ରାସ୍ତାର ବାଁ କଡ଼ରେ ଚାଲିବା । (ବି. ଦ୍ର. : ଫୁଟ୍ ପାଥ୍ ବା ମଣିଷଙ୍କ ପାଇଁ ଅଲଗା ପାଦଚଲା ରାସ୍ତା ନ ଥିବା ଗାଡ଼ି ମଟର ଚଲୁଥିବା ବଡ଼ ରାସ୍ତାରେ ଡାହାଣ ପାଖରେ ଚାଲିଲେ ସାମନାରୁ କ'ଣ ଆସୁଛି ଦେଖି ହୁଏ ଓ ସାବଧାନରେ ଏକଦମ ଡାହାଣ ପାଖର କଡ଼ରେ, ଡାହାଣ ପାଖର ପରିସୀମାରେ, ଚାଲିବା ବେଶୀ ନିରାପଦ ଅଟେ ।)

(ଘ) ପାଠ ପଢ଼ା ବେଳେ 'ମୁଁ କହେ' କହି ଅନୁମତି ନେଇ କହିବା

୫. କଳା ବା ପରିପାଟି ଜ୍ଞାନ:

(କ) ଜୋତା ଛତା ଆଦି ଯଥାସ୍ଥାନରେ ରଖିବା

(ଖ) ଖଡ଼ିରେ ବା ଛେଚା ଦାନ୍ତକାଠି ଭଳି ତୁଳୀର ବ୍ୟବହାର

(ଗ) ପ୍ରାର୍ଥନା ସ୍ଥାନ ଓ ବାଲବାଡ଼ୀ ଘର ସଜାଇବା

(ଘ) ଗଣେଶ ପୂଜା ଆଦିରେ ବିଚାର ଉପଯୋଗୀ ତୋରଣ କରିବା

(ଙ) ଚିତା ଲେଖିବା, ମଂଜି ସଜାଡ଼ି ଚିତ୍ର କରିବା

(ଚ) ନିଜ ଜାମା, ଜଂଘିଆ ଆଦି ଚଉତାଇ ରଖିବା ଇତ୍ୟାଦି

୬. ହାତ କାମ:

(କ) ମାଟିରେ କଣ୍ଢେଇ ତିଆରି

(ଖ) ବୋତଲରେ ପାଣି ପୂରାଇବା

(ଗ) ମଂଜି ଲଗାଇବା

(ଘ) ଗଛରେ ପାଣି ଦେବା

(ଙ) ନିଜ ଲୁଗା ସଫା କରିବା

(ଚ) (ପରିତ୍ୟକ୍ତ) ଚଢ଼େଇ ଘର, ବିଭିନ୍ନ ରଙ୍ଗର ମଂଜି ଆଦି ସଙ୍ଗ୍ରହ କରିବା

(ଛ) ସାଙ୍ଗ ପିଲା ବା ଛୋଟ ପିଲା ପଡ଼ିଗଲେ ତାକୁ ଉଠାଇବା, ତା କାମରେ ସାହାଯ୍ୟ କରିବା, ନିଜ ନିଜ ଭିତରେ ମାଡ଼ ମରାମରି ନ ହେବା ଇତ୍ୟାଦି

୭. ଦାୟିତ୍ୱ ଜ୍ଞାନ:

(କ) ପିଲା ସଂଖ୍ୟା ଗଣି ସମସ୍ତଙ୍କ ପାଇଁ ବସିବା ଆସନ ବିଛେଇବା

(ଖ) ଦେହ ମୁଣ୍ଡ ଦେଖା ଦେଖି ବେଳେ ବେଳେ ନିଜ ଠାରୁ ସାନ ପିଲାର ଦେହମୁଣ୍ଡ ଦେଖାରେ ସାହାଯ୍ୟ କରିବା

(ଗ) ସାନ ପିଲାର ହାତ ଧୋଇଦେବା, ମୁହଁ ପୋଛିଦେବା

(ଘ) ଖେଳ ଜିନିଷ ଓ ଉପକରଣ ସଜାଡ଼ି ରଖିବା

(ଙ) ବ୍ୟବହାର୍ଯ୍ୟ ପଦାର୍ଥଗୁଡ଼ିକର ଯଥାଯଥ ବ୍ୟବହାର କରିବା

(ଚ) ପରସ୍ପରକୁ ସାହାଯ୍ୟ

(ଛ) ପର୍ବପର୍ବାଣୀ ପାଳନର ଆୟୋଜନରେ ସାହାଯ୍ୟ

୮. ସଂଚୟ ଓ ସ୍ୱାସ୍ଥ୍ୟ ରକ୍ଷା

(କ) ଆଖି, ନାକ, କାନ, ଦାନ୍ତ, ନଖ, କେଶ, ସଫା ରଖିବା

(ଖ) ମୂତ୍ରାଳୟ, ଶୌଚାଳୟର ଯଥାଯଥ ବ୍ୟବହାର

(ଗ) ଖାଦ୍ୟ ଓ ପିଇବା ପାଣି ଘୋଡ଼ାଇ ରଖିବା

(ଘ) ଖାଇବା ପୂର୍ବରୁ ଓ ଖାଇସାରି ମୁହଁ ହାତ ଧୋଇବା

(ଙ) ପାଟିରେ ହାତ ପୂରାଇବା, ଲଙ୍ଗଳା ହୋଇ ମାଟିରେ ବସିବା ଆଦି ଦ୍ୱାରା ସ୍ୱାସ୍ଥ୍ୟ ହାନିର ଧାରଣା

(ଚ) ମାଟି, ପାଣି, ପବନକୁ ମୁକ୍ତ ରଖିବା ବିଷୟରେ ଶିଶୁ ଉପଯୋଗୀ ଜ୍ଞାନ

୯. ସାଧାରଣ ଜ୍ଞାନ:

(କ) ନିଜ ଗାଁ ଓ ଠାକୁର ମନ୍ଦିର, ଘରଲୋକଙ୍କ ନାମ ଜାଣିବା

(ଖ) ଡାକଘରର ନାମ, ଡାକ୍ତରଖାନା, ହାଟବଜାର କାମ ଓ ଅବସ୍ଥିତି

(ଗ) ନଦୀ, ନାଳର ନାମ, ପର୍ବ ପର୍ବାଣୀର ନାମ, ପାଠଶାଳା, ବିଲ, ବଗିଚା, ବଣ, କୂଅ, ପୋଖରୀ ଆଦିର ଅବସ୍ଥାନ । ପିଇବା ପାଣିର ଉଚିତ୍ ରକ୍ଷଣାବେକ୍ଷଣ ଓ ବ୍ୟବହାର

ଗୁଣ ବିକାଶ

ଉପଦେଶ ନୁହେଁ ଆଚରଣ

ଶିଶୁକୁ ଜଣେ ଉତ୍ତମ ନାଗରିକ, ଉତ୍ତମ ଗୃହସ୍ଥ, ଉତ୍ତମ ବ୍ୟକ୍ତି ଭାବରେ ଗଢ଼ିବାକୁ ହେଲେ ଶିଶୁର ବ୍ୟକ୍ତିଗତ ଓ ସାମୂହିକ ଗୁଣ ବିକାଶ ପ୍ରତି ଦୃଷ୍ଟି ଦେଇ ତାହା ମଧ୍ୟରେ ଶୁଭସଂସ୍କାରଗୁଡ଼ିକୁ ବିକଶିତ କରିବା ହିଁ ବାଲବାଡ଼ୀର ଉଦ୍ଦେଶ୍ୟ ଅଟେ । ତେଣୁ ଜଣେ ଉତ୍ତମ ନାଗରିକ ମଧ୍ୟରେ ସହଯୋଗିତା, ନିର୍ଭୟତା, ସ୍ୱାବଲମ୍ବନ ବୃତ୍ତି, ନିର୍ଣ୍ଣୟ କରିବାର ବିଚାର ବୁଦ୍ଧି, ଶରୀରଶ୍ରମର ଅଭ୍ୟାସ (ଅନ୍ତତଃ ନିଜ କାମ ନିଜେ କରିବାର ରୁଚି), ସହିଷ୍ଣୁତା, ଦାୟିତ୍ୱଜ୍ଞାନ, ସ୍ନେହ, ସହାନୁଭୂତି, ଅନ୍ୟକୁ ସାହାଯ୍ୟ କରିବା ବୃତ୍ତି ଆଦି ଥିବା ଉଚିତ୍ । ତେଣୁ ଶିଶୁ ମଧ୍ୟରେ ଶିଶୁ ସୁଲଭ ଉପାୟରେ ଏହି ଗୁଣ ଗୁଡ଼ିକର ବିକାଶ ଘଟାଇବା ହିଁ ହେଉଛି ଅଙ୍ଗନବାଡ଼ୀ ବା ବାଲବାଡ଼ୀ ଅଥବା ଖେଳ ଘରର ଲକ୍ଷ୍ୟ । ମିଳିତ ଭାବରେ ସାମୂହିକ ସଫାଇ, ପ୍ରାର୍ଥନା, ବ୍ୟାମ ଓ ଡ୍ରିଲ୍, ସହଭୋଜନ, ଖେଳ, ହାତକାମ ଆଦି ମାଧ୍ୟମରେ ଏହି ବୃତ୍ତି ଗୁଡ଼ିକ ବିକଶିତ ହୁଏ । ସାଧାରଣତଃ ଅଭିଭାବକମାନେ ତୁଳନାମୂଳକ ଆଲୋଚନା, ଉଦାହରଣ, ଉପଦେଶ, ଭର୍ତ୍ସନା ଦ୍ୱାର ଏହି ଗୁଣ ଗୁଡ଼ିକର ବିକାଶ ଘଟାଇବାକୁ ଚେଷ୍ଟା କରନ୍ତି । ମାତ୍ର ବାସ୍ତବରେ ଶିଶୁ ଆଚରଣରୁ ଗୁଣଦୋଷ ଅନୁକରଣ କରୁଥିବାରୁ ଆମେ ଶିଶୁ ମଧ୍ୟରେ ଯେଉଁ ଗୁଣଗୁଡ଼ିକ ବିକଶିତ କରିବାକୁ ଚାହୁଁ ତାହା ନିଜେ ନିଜର ଆଚରଣରେ କରି ଦେଖାଇଲେ ଶିଶୁ ତାହା ଦ୍ୱାରା ପ୍ରଭାବିତ ହୁଏ ଓ ତାହାକୁ ଅନୁକରଣ କରେ । ଆମେ ଯଦି ଚାହୁଁ ଯେ ଆମ ଘରକୁ ଆସୁଥିବା ଅତିଥି ଅଭ୍ୟାଗତଙ୍କୁ ନମସ୍କାର କରିବା ଉଚିତ୍ ତେବେ ଆମେ ନିଜେ ସମସ୍ତଙ୍କୁ ନମସ୍କାର କରିବା ଉଚିତ୍ । ମୋ ପିଲା ସବୁ କାମ ଉତ୍ସାହ ସହିତ କରୁ ଏହା ହିଁ ଯଦି ମୋର କାମ୍ୟ ତେବେ ମୁଁ ସବୁ କାମ ଉତ୍ସାହର ସହିତ କରିବା ଆବଶ୍ୟକ । ଆମ ପିଲା ସବୁ ଜିନିଷ ଯଥାସ୍ଥାନରେ ସଜାଡ଼ି ରଖୁ - ଏହାହିଁ ଯଦି ଆମର ଇଚ୍ଛା ତେବେ ଆମେ ନିଜେ ଆମ ଜିନିଷ ଯଥା ସ୍ଥାନରେ ସଜାଡ଼ି ରଖିବାରେ ଅଭ୍ୟସ୍ତ ହେବା ଦରକାର । ତେବେ ପିଲାଙ୍କୁ ଦେଖାଇବା ପାଇଁ ନୁହେଁ, ଏ ଗୁଣ ନିଜର ଅଭ୍ୟାସରେ ପରିଣତ ହେବା ଆବଶ୍ୟକ । ଆମେ ଯଦି କେବଳ ଦେଖେଇ ହେବାକୁ ଏ ସବୁ କରିବା ତେବେ ନିର୍ଦ୍ଦୋଷ ସରଳ ଶିଶୁ ଉପରେ ତାର ଓଲଟା ପ୍ରଭାବ ପଡ଼ିବ ।

ପୁଣି ଏହି ଗୁଣଗୁଡ଼ିକର ବିକାଶ ପାଇଁ ଆମେ ଯଦି ଶୈଶବ କାଳରୁ ଖେଳାଖେଳି, ଦୌଡ଼ା ଦୌଡ଼ି, ପାଟିତୁଣ୍ଡ କରିବା, ମୋଟ ଉପରେ ତାର ସ୍ୱଚ୍ଛନ୍ଦରେ ବାଧା ଦେଉ ତେବେ ତା ଉପରେ ଏହାର ଓଲଟା ପ୍ରଭାବ ପଡ଼ିବ । ତାହାର ସ୍ୱଭାବ ମଧ୍ୟ ବିକୃତ ହୋଇଯିବାର ସମ୍ଭାବନା ରହିଛି । ସେଥିପାଇଁ ତାର ମନ ଜାଣି ଖେଳ, ଗଳ୍ପ ଆଦି ମାଧ୍ୟମରେ ହିଁ ଏହି ବୃତ୍ତିଗୁଡ଼ିକର ବିକାଶ ଘଟାଇବାକୁ ହୁଏ ।

ଆନନ୍ଦ ଉଲ୍ଲାସ

ଶିଶୁ ମଧ୍ୟରେ ଆନନ୍ଦ ଉଲ୍ଲାସ ଓ ସ୍ନେହ ପୂରି ରହିଥିବାରୁ କଥା କଥାକେ ସେ ଆନନ୍ଦରେ ଉଛୁଳି ଉଠେ । ଟିକିଏ ଅନୁକୂଳ ପରିସ୍ଥିତି ପାଇଲେ କେବଳ ମଣିଷ ନୁହେଁ, ଜୀବଜନ୍ତୁ, ଗଛଲତା, ଅଚିହ୍ନା ଲୋକଙ୍କୁ ସୁଦ୍ଧା ସ୍ନେହ କରେ । ବଡ଼ ମଣିଷଙ୍କ ମଧ୍ୟରେ ମଧ୍ୟ ଏହି ଭାବନା ରହିଛି । କାରଣ ମଣିଷ ମୂଳତଃ ଆନନ୍ଦସ୍ୱରୂପ ଅଟେ । ମାତ୍ର ବଡ଼ ମଣିଷ ସେମାନଙ୍କର ଆନନ୍ଦ ଉଲ୍ଲାସ ଓ ସ୍ନେହକୁ ସଂଯତ ଭାବରେ ବ୍ୟକ୍ତ କରନ୍ତି । ମାତ୍ର ଶିଶୁ ଏହା ବ୍ୟକ୍ତ କରିବା ପାଇଁ ପାଟିରେ ହସି ନାଚି ତାଳିମାରି ଉଚ୍ଛ୍ୱସିତ ହୋଇ ଉଠେ । ଅଭିଭାବକମାନେ ଅନେକ ସମୟରେ ଏହାକୁ ଅସଭ୍ୟତା ବିଚାରି ତାକୁ ଧମକ ଦିଅନ୍ତି ବା ଦବେଇ ଦିଅନ୍ତି । ସେତେବେଳେ ସେ ଭୟରେ ଚୁପ୍ ହୋଇଯାଏ

ସିନା ମାତ୍ର ତଦ୍ୱାରା ତାର ବିକାଶ କୁଣ୍ଠିତ ହୋଇଯାଏ । ତେଣୁ ତାର ମନୋଭାବ ପ୍ରକାଶ କରିବାକୁ ତାକୁ ସୁବିଧା ଦେବା ଉଚିତ୍ । ସେ ଚିତ୍ରଟିଏ ଆଙ୍କିଲେ ବା ମାଟିରେ କୁଣ୍ଢେଇଟିଏ ଗଢ଼ିଲେ କିମ୍ବା ସେ ଲଗାଇଥିବା ମଂଜିରୁ ଗଛଟିଏ ଉଠିଥିବାର ଦେଖିଲେ ଶିଶୁ ଆନନ୍ଦ ରେ ଉଲ୍ଲସିତ ହୋଇଯାଏ ଏବଂ ତାର ସେହି ଆନନ୍ଦ ତା ପ୍ରିୟଲୋକକୁ ତାହା ଦେଖାଇବାକୁ ଚାହେଁ । ତାହାର ଏହି ଆନନ୍ଦରେ ଅଭିଭାବକ ବା ଶିକ୍ଷୟିତ୍ରୀ ମଧ୍ୟ ଆନନ୍ଦିତ ହେବା ଉଚିତ୍ । ତାହା ବୋଲି ସେମାନଙ୍କର ହଟ୍ଟଗୋଳକୁ ପ୍ରଶ୍ରୟ ଦେବା ଉଚିତ୍ ନୁହେଁ । ଶିଶୁ ସହିତ ମିଶି ତା ଆନନ୍ଦରେ ଆନନ୍ଦିତ ହୋଇ କିପରି ଭାବରେ ଆନନ୍ଦ ପ୍ରକାଶ କଲେ କାହାରି କାର୍ଯ୍ୟରେ ବ୍ୟାଘାତ ହେବ ନାହିଁ, ତାହା ନିଜେ ଆଚରି ସେମାନଙ୍କୁ ଶିଖାଇବାକୁ ହୁଏ । ସଫାଇ, ହାତକାମ ବା ଘର ସଜାଇବା ଆଦି କାମ କରି ଆନନ୍ଦ ଅନୁଭବ କରିବା ବୃତ୍ତି ସେମାନଙ୍କୁ ଶିଖାଇବାକୁ ହୁଏ । ପିଲାଙ୍କ କଥା ଛାଡ଼ନ୍ତୁ, ଆମ ସମାଜରେ ବଡ଼ମଣିଷମାନେ ନିଜର ଆନନ୍ଦ ପ୍ରକାଶ କରିବା ପାଇଁ ଲାଉଡ୍ ସ୍ପିକର୍ ଖଂଜି ରେକର୍ଡ଼୍ ବଜାଇ ଏପରି ହଟ୍ଟଗୋଳ ସୃଷ୍ଟି କରନ୍ତି ଯେ ସାହି ପଡ଼ିଶା ସେହି ଆନନ୍ଦ ଜ୍ୱାଳାରେ ଅତିଷ୍ଠ ହୋଇ ଯାଆନ୍ତି । ସେଥିପାଇଁ ଆନନ୍ଦ ପ୍ରକାଶ କରିବାର ସୁରୁଚି ସଂପନ୍ନ ପଦ୍ଧତି ମଧ୍ୟ ବାଲବାଡ଼ୀରେ ହିଁ ସୃଷ୍ଟି କରିବାକୁ ହୁଏ, ଯଦ୍ୱାରା ନିଜର ଆନନ୍ଦ ପ୍ରକାଶ କରିବାରେ ସେ କୌଣସି ଆଘାତ ନ ପାଇବା ସଙ୍ଗେ ସଙ୍ଗେ ଆଖ ପାଖର ଲୋକେ ମଧ୍ୟ ଯେପରି ବ୍ୟତିବ୍ୟସ୍ତ ନ ହେବେ ।

ଦୟା କରୁଣା

କାହରି ଦୁଃଖ ଦେଖିଲେ ମଣିଷର ମନ ଭିତରେ ତାହା ପ୍ରତି ଯେଉଁ ସହାନୁଭୂତିପୂର୍ଣ୍ଣ ଭାବନା ଦେଖାଦିଏ ତାହା ହେଲା ଦୟା । ସେହି ଦୁଃଖର ନିରାକରଣ ପାଇଁ ମଣିଷ କୌଣସି କାମ କରିବାକୁ ପ୍ରବୃତ୍ତ ହେଲେ ତାହାକୁ କରୁଣା କୁହାଯାଏ । ଏହି ଦୟା, କରୁଣା ହେଉଛି ମଣିଷର ସହଜାତ ବୃତ୍ତି । ଏହାର ଯଥାଯଥ ବିକାଶ ଘଟାଇଲେ ମଣିଷର ସାମାଜିକ ଜୀବନ ସଫଳ ହୁଏ । ସେଥିପାଇଁ ଶିଶୁ ମଧ୍ୟରେ ଏହି ବୃତ୍ତିର ସମ୍ୟକ୍ ବିକାଶ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ । କେହି ଖେଳ ପଡ଼ିଆରେ ପଡ଼ିଯାଇ ଖଣ୍ଡିଆ ଖାବରା ହୋଇଗଲେ କିମ୍ବା କୌଣସି ଆକସ୍ମିକ ବିପଦ ଘଟିଲେ ଅନେକେ ଡରିଯାଇ କିଙ୍କର୍ତ୍ତବ୍ୟବିମୂଢ଼ ହୋଇ ଯାଆନ୍ତି । ଅନେକେ ସେ ସ୍ଥାନରୁ ପଳାଇ ଯାଆନ୍ତି । ପୁଣି କେତେକେ ସଙ୍ଗେ ସଙ୍ଗେ ତାହାର ପ୍ରତିକାରରେ ମନ ଦିଅନ୍ତି । ଶିଶୁ ମଧ୍ୟରେ ଶେଷୋକ୍ତ ଗୁଣର ବିକାଶ ଦିଗରେ ଦୃଷ୍ଟି ଦେବା ଆବଶ୍ୟକ । ବାଲବାଡ଼ୀରେ ଘଟୁଥିବା ଛୋଟ ଛୋଟ ଘଟଣାକୁ କେନ୍ଦ୍ର କରି ତାହାର ପ୍ରତିକାର ପାଇଁ ଶିଶୁ ମନରେ ଆଗ୍ରହ ଓ ପ୍ରେରଣା ଜନ୍ମାଇବା ଦିଗରେ ଶିକ୍ଷିକା ଧ୍ୟାନ ଦେବାକୁ ହେବ । ମଣିଷର ଅନ୍ୟ ଦୁଃଖ ରେ ଦୁଃଖୀ ଓ ସୁଖରେ ଆନନ୍ଦିତ ହେବାର ଯେଉଁ ସହଜାତ ବୃତ୍ତି ରହିଛି ତାହାର ବିକାଶ ହିଁ ମାନବିକତାର ଲକ୍ଷଣ । ଏଣୁ ଆମମାନଙ୍କ ଆଚରଣ ଦେଖିବା ଦ୍ୱାରା ତାହାର ଏହି ଗୁଣ ବିକଶିତ ହୁଏ ।

ଅଭିବାଦନ, ସ୍ୱାଗତ

ପରିଚିତ ଲୋକଙ୍କୁ ଦେଖିଲେ ଅଭିବାଦନ କରିବା ରୀତି ପ୍ରାୟ ସବୁ ଦେଶରେ ଅଛି । ନମସ୍କାର, ସୁପ୍ରଭାତ, ଶୁଭସନ୍ଧ୍ୟା, ସଲାମ୍ ଆଲେକମ୍, ଆଓତଜି ଆଦି ସ୍ୱାଗତ ସମ୍ଭାଷଣ ଓ ବିଦାୟ ସମ୍ଭାଷଣ ଆମେ କରିଥାଉ । ଶିଶୁକୁ ପିଲାଦିନୁଁ ଏହି ସାମାଜିକତାଟିକୁ ଶିକ୍ଷା ଦେବାକୁ ହୁଏ । ଅଙ୍ଗନବାଡ଼ିରେ ବିଭିନ୍ନ ଧର୍ମାବଲମ୍ବୀ ଓ ବିଭିନ୍ନ ଭାଷାଭାଷୀ ଚାଟ ମଧ୍ୟ ରହିଥିବାର ଦେଖାଯାଏ । ତେଣୁ ଅଭିବାଦନ କଲାବେଳେ ଜୟ ଜଗତ୍, ଈଶ୍ୱର ସହାୟ ଆଦି ଶବ୍ଦର ପ୍ରଚଳନ କରା ଯାଇଥିବାର ଦେଖାଯାଏ ।

ଅତିଥି ଅଭ୍ୟାଗତଙ୍କୁ ଦେଖିଲେ 'ଆସନ୍ତୁ, ବସନ୍ତୁ' କହି ପିଇବା ପାଣି ଯାଚିବା, ଗୁରୁଦ୍ୱାର, ମନ୍ଦିର, ମସଜିଦ୍,

ଗୀର୍ଜାକୁ ଗଲା ବେଳେ ପରିଷ୍କାର ପରିଚ୍ଛନ୍ନ ହୋଇ ଯିବା, ଯଥା ସ୍ଥାନରେ ଜୋତା ସଜାଡ଼ି ରଖିବା, ମନ୍ଦିରରେ ଜନସମାଗମ ସ୍ଥାନରେ ପାଟିତୁଣ୍ଡ ନ କରି ଧୀର ସ୍ୱରରେ କଥା କହିବା ଆଦି ସଂସ୍କାର ଖେଳ, ଗଳ୍ପ ଜରିୟାରେ ଓ ନିଜ ଆଚରଣ ଦ୍ୱାରା ଶିଶୁକୁ ଦେବାକୁ ହେବ ।

ପରିଚ୍ଛନ୍ନତା

ପରିଷ୍କାର ପରିଚ୍ଛନ୍ନତା ଗୋଟିଏ ବଡ଼ ସଦ୍‌ଗୁଣ । ଜୀବନର ବ୍ୟକ୍ତିଗତ ଓ ସାମାଜିକ ଉଭୟ କ୍ଷେତ୍ରରେ ଏହାର ଗୁରୁତ୍ୱ ବହୁତ ବେଶୀ । ଆମ ଦେଶ ଏ କ୍ଷେତ୍ରରେ ଏତେ ପଛରେ ପଡ଼ିଛି ଯେ ଏହି ଗୋଟିକ ଗୁଣର ବିକାଶ ଯଦି ବାଲବାଡ଼ୀରେ ହୋଇ ପାରିବ, ତେବେ ଜାଣିବ ସର୍ବସିଦ୍ଧି ହେଲା । ଆମ ଦେଶରେ ବଡ଼ ମଣିଷ ଯତ୍ରତତ୍ର ଛେପ ଓ ପାନପିକ ପକାଇବା, ଖଣ୍ଡିଆ ବିଡ଼ି ଫିଙ୍ଗିବା, ଅଜାଗାରେ ଶୌଚ ବସିବା ଠାରୁ ଆରମ୍ଭ କରି ଛିଣ୍ଡା କାଗଜ, ଚିନାବାଦାମ ଚୋପା ଫିଙ୍ଗିବା ଯାଏ ନାନା ପ୍ରକାରେ ନିଜ ଘର, ଗାଁ, ବଜାର, ବିଦ୍ୟାଳୟ, ସଡ଼କ, ଏପରିକି ସଚିବାଳୟକୁ ସୁଦ୍ଧା ଅଳିଆଗଦାରେ ପରିଣତ କରିବାରେ ପାରଙ୍ଗମ । ଏହି ସଂସ୍କାର ବିରୁଦ୍ଧରେ ଶିକ୍ଷୟିତ୍ରୀଙ୍କୁ ତାଙ୍କ ଛାତ୍ର ଛାତ୍ରୀଙ୍କ ଜରିଆରେ ଧର୍ମଯୁଦ୍ଧ ଘୋଷଣା କରିବାକୁ ପଡ଼ିବ ।

ବାଲବାଡ଼ୀରେ ଗାତ ଖୋଳି ତା'ଉପରେ ଭଙ୍ଗା ମାଠିଆରେ ବାଲବାଡ଼ୀର ପତ୍ର ଆଦି ଅଳିଆ ପୂରେଇ ନିର୍ଗନ୍ଧ ମୂତ୍ରାଳୟ ତିଆରି କରିବାକୁ ହେବ ଏବଂ ମୂତ୍ରାଳୟ ଛଡ଼ା ଅନ୍ୟତ୍ର ଯେଣେ ତେଣେ ପ୍ରସ୍ରାବ କରିବା ଯେ ସ୍ୱାସ୍ଥ୍ୟ ଓ ସଂସ୍କାରିତା ଦୃଷ୍ଟିରୁ ଭଲ ନୁହେଁ, ନାନା ଉପାୟରେ ସେ ଧାରଣା ପିଲାଙ୍କ ମନରେ ବଦ୍ଧମୂଳ କରାଇବାକୁ ହେବ । ସେହିପରି ମଫସଲର ବାଲବାଡ଼ୀ ଗୁଡ଼ିକରେ ଗାତ ପାଇଖାନାକୁ ଯିବା ଓ ମଳତ୍ୟାଗ କରିସାରି ମଳ ଉପରେ ମାଟି ପକାଇ ତାହା ଘୋଡ଼ାଇବା ଅଭ୍ୟାସ ମଧ୍ୟ ପିଲାଙ୍କୁ କରାଇବାକୁ ହେବ । ଯେଉଁ ଜିନିଷ ଖତ ହେବ ତାକୁ ଖତ ଗଦାରେ, ଘର ସଫା କରି ଅଳିଆ ପକାଇବା, ଛିଣ୍ଡା କାଗଜକୁ ଅଳିଆ ଟୋକେଇରେ ପକାଇବା, ଯେଉଁ ଜିନିଷ ଜାଳ ହୋଇ ପାରିବ ତାକୁ ଜାଳ ଭାଡ଼ିରେ ରଖିବା ଆଦି ଦିଗରେ ଶିକ୍ଷୟିତ୍ରୀଙ୍କର ତୀକ୍ଷ୍ଣ ଦୃଷ୍ଟି ରହିବା ଦରକାର ଏବଂ ସେ ପିଲାକୁ ସେହିପରି ଭାବରେ ଅଭ୍ୟସ୍ତ କରାଇ ପାରିଲେ ତାହା ଯଥାର୍ଥରେ ଏକ ରାଷ୍ଟ୍ର ନିର୍ମାଣ କାର୍ଯ୍ୟ ହେବ ।

ଶାନ୍ତି ରକ୍ଷା

ପରିଚ୍ଛନ୍ନତା, କରୁଣା ଆଦି ପରି ଶନ୍ତିରକ୍ଷା ମଧ୍ୟ ସଭ୍ୟତାର ଗୋଟିଏ ବଡ଼ ଅଙ୍ଗ । ସେଥିପାଇଁ ପିଲାମାନଙ୍କୁ ବାଲବାଡ଼ୀରେ କିଛି ସମୟ ମୌନ ହୋଇ ବସିବାରେ ଅଭ୍ୟସ୍ତ କରିବା ଦରକାର, ବାଲବାଡ଼ୀରେ ଏହାକୁ ପାଟିରେ କୋଲପ ପକାଇବା କୁହାଯାଏ । ଶିକ୍ଷୟିତ୍ରୀ ନିଜ ଓଠ ଉପରେ ହାତ (ଆଙ୍ଗୁଠି) ରଖିବା ମାତ୍ରେ ପିଲାଏ ବୁଝି ପାରନ୍ତି ଯେ ବର୍ତ୍ତମାନ ପାଟିରେ କୋଲପ ପଡ଼ିବ । ସେମାନେ ସମସ୍ତେ ନିଜ ନିଜ ଓଠ ବନ୍ଦ କରି ଓଠ ଉପରେ ବିଶି ଆଙ୍ଗୁଠି ରଖି ବସି ଯାଆନ୍ତି ।

ଏହା ପରେ ଶାନ୍ତି ଖେଳ ଆରମ୍ଭ ହୁଏ । ପିଲାଏ ଚୁପ୍ ଚାପ୍ ବସିଯିବା ପରେ ବାଲବାଡ଼ୀର ଝରକା କବାଟଗୁଡ଼ିକ ବନ୍ଦ କରି ଦିଆଯାଏ । ଝରକା କବାଟ ବନ୍ଦ କଲା ବେଳେ ଯେପରି ଶବ୍ଦ ନ ହେବ, ସେଥିପ୍ରତି ଶିକ୍ଷୟିତ୍ରୀ ଦୃଷ୍ଟି ଦିଅନ୍ତି । ଘର ଭିତର ଅନ୍ଧାରିଆ ହୋଇଯାଏ । ତାହାପରେ ଶିକ୍ଷୟିତ୍ରୀ କହନ୍ତି "ଆଖି ବନ୍ଦ " । ସେହି ନୀରବ ନିଷ୍ପନ୍ଦ ପରିବେଶରେ ମଝିରେ ମଝିରେ ଶିକ୍ଷୟିତ୍ରୀ ମୃଦୁସ୍ୱରରେ କହନ୍ତି - ଚଢ଼େଇ ବୋବଉଛି । ପୁଣି କିଛି ସମୟ ପରେ କହନ୍ତି ବଳଦ ବେକରେ ଘଣ୍ଟି ବାଜୁଛି । ପିଲାଏ ଆଖି ବୁଜି ଏକାଗ୍ର ଚିତ୍ତ ହୋଇ ଏହି ଶବ୍ଦ ବାରିବା ପାଇଁ ଚେଷ୍ଟା

କରନ୍ତି । ଏହିପରି କେତେ ମିନିଟ୍ କଟିଲା ପରେ ଶିକ୍ଷୟିତ୍ରୀ ହୁଇସିଲ୍ ବଜାଇଲେ ବା ତାଳି ମାରିଲେ ପିଲାଏ ଆଖି ଫିଟାନ୍ତି, ଦ୍ୱାର ଝରକା ଫିଟା ଯାଏ । ତାହା ପରେ ଶିକ୍ଷୟିତ୍ରୀ ଶାଗୁଆ ପତାକା ଓ ଲାଲ ପତାକା ଧରି ଛିଡ଼ା ହୋଇ ଲାଲ ପତାକା ଦେଖାଇଲେ ପିଲାଏ ନୀରବ ରହନ୍ତି, ଶାଗୁଆ ପତାକା ଦେଖାଇଲେ ହସନ୍ତି । ଏହିପରି ଭାବରେ ପ୍ରତିଦିନ ନିୟମିତ କିଛି ସମୟ ଶାନ୍ତି ଖେଳ ଖେଳାଇ ପିଲାଙ୍କୁ ଶାନ୍ତି ଦିଆଯାଏ । ଠିକ୍ ସେହିପରି ଜଳଖିଆ ପରିବେଷଣ ହେବା ପୂର୍ବରୁ " ଶାନ୍ତି " କହିବା ମାତ୍ରେ ପିଲାଏ ଚୁପ୍ ହୋଇ ଯାଆନ୍ତି । 'ଆହାର ପ୍ରକାର' କୁହାଯାଇ ପରିବେଷଣ ସରିବା ଯାଏ ସେମାନେ ନୀରବ ରହନ୍ତି । ତାହା ପରେ ମନ୍ତ୍ର ବୋଲି ସେମାନେ ଏକା ସାଙ୍ଗରେ ଖାଇବା ଆରମ୍ଭ କରନ୍ତି । ଅନେକ ସମୟରେ ଦେଖାଯାଉଛି ଯେ ପିଲାମାନଙ୍କୁ ଏହି ପ୍ରଣାଳୀ ଏତେ ଭଲ ଲାଗେ ଯେ ସେମାନେ ନିଜ ଘରେ ଖାଇବା ବେଳେ ଏହିପରି ଶାନ୍ତି ମନ୍ତ୍ର ଉଚ୍ଚାରଣ କରି ଖାଇବାକୁ ଚାହାନ୍ତି ।

ଶୈଶବାବସ୍ଥାରେ ଶିଶୁ ନିଜ ଘରେ ଆବଦ୍ଧ ନ ରହି ବାହାର ଲୋକଙ୍କ ସଂସ୍ପର୍ଶରେ ଆସୁ । ଏହି ବୟସରେ ସେ ଯେଉଁମାନଙ୍କ ସଂସ୍ପର୍ଶରେ ଆସେ ତାହା ଯଦି ଆନନ୍ଦ ଦାୟକ ନ ହୋଇ ଦୁଃଖଦାୟକ ହୁଏ ହୁଏ ତେବେ ତାହାର ସାମାଜିକ ଅନୁଭବ ବିକୃତ ହୋଇଯାଏ । ପିଲାଙ୍କୁ ଚିଡ଼ାଇବା, ତାହା ଠାରୁ ଜିନିଷ ଛଡ଼େଇ ନେବା ଆଦି କ୍ରିୟା ଦ୍ୱାରା ଅନେକ ସମୟରେ ବଡ଼ ମଣିଷମାନେ ଆନନ୍ଦ ଅନୁଭବ କରନ୍ତି । ମାତ୍ର ଶିଶୁର ଏହାର ଠିକ୍ ଓଲଟା ପ୍ରତିକ୍ରିୟା ହୋଇ ସେ ସମାଜ ବିମୁଖ ହୋଇଯାଏ । ତେଣୁ ପିଲାକୁ (ସବୁ ଜିନିଷ) ଦେଇ ଦେଲେ ସେ ଯେପରି ଆତ୍ମକେନ୍ଦ୍ରିତ ହୋଇଯିବାର ସମ୍ଭାବନା ଥାଏ ସେହିପରି ପରିବାର ବାହାରର ଲୋକ ତାକୁ ନାନା ପ୍ରକାର ଉତ୍ୟକ୍ତ କଲେ ସେ ସମାଜ ବିମୁଖ ହେବାର ଅବକାଶ ମଧ୍ୟ ରହିଛି ।

ଏହି ସମୟରେ ପିଲାମାନେ 'ନା' ପ୍ରୟୋଗ ମଧ୍ୟ ଶିଖନ୍ତି । ତେଣୁ ତାକୁ 'ହାତ ଧୋ', 'ଦଣ୍ଡବତ କର', 'ଖେଳ ଦେଖା' ଆଦି ଆଦେଶ ଦେଲେ ସେ ତାହା ମାନେ ନାହିଁ । ଏଥିପାଇଁ ଅଭିଭାବକ ଚିନ୍ତିତ ହେବା ଅନାବଶ୍ୟକ । ଏହି ବୟସ ପାରି ହୋଇଗଲେ ଏ ପ୍ରକାର ବୃତ୍ତି ଛାଏଁ ଛାଏଁ ଚାଲିଯାଏ ।

ବାଲବାଡ଼ୀ ଶିକ୍ଷାର ପ୍ରବର୍ତ୍ତକ (୧)

ଆମ ଦେଶରେ ସାଧାରଣ ଧାରଣା ରହିଛି ଯେ ପିଲାର ବୟସ ଚାରିବର୍ଷ ଚାରିମାସ ହେଲେ "ଖଡ଼ି ଛୁଆଁ" ହେବା କଥା । ଏହି ବୟସ ପୂର୍ବରୁ ପିଲାମାନଙ୍କର ଯେ କିଛି ଶିକ୍ଷଣୀୟ ଅଛି ଏବଂ ସେଥିପାଇଁ ପିଲାଙ୍କୁ ତାଲୀମ ଦେବା ଦରକାର ସେ କଥା ଆମେ ଭାବୁ ନାହିଁ । ଅଥଚ ପ୍ରତି ଘରେ ପିଲାଟିଏ ଜନ୍ମ ହେବା ପରେ ନାନା ପ୍ରକାର ଗୀତ ଶୁଣାଇ ଓ ଶିଖାଇ ଆମ ଅଜାଣତରେ ଆମେ ତାକୁ ଅଙ୍ଗ ଚାଳନା ତାଲୀମ ଦେଇଥାଉ ।

"ଗୁଣ୍ଡୁରୀ ଚଢ଼େଇ ଉଡ଼ି ଗଲା, ନଈବାଲି ଖାଇ ବୁଡ଼ି ଗଲା" କହିଲେ ୯/୧୦ ମାସର ପିଲା ହାତ ମୁଠାକରି ଫିଟାଏ ।

ସେହିପରି "ଟୃକୁମୃଷି ଟୁକେଇ ମୃଷି, ଧାନ ଭରଣକ ଖାଉ ଥା ବସି, ତୁ ଥା ମୁଁ ଯାଉଛି ରୁଷି", "ତାଳି ତାଳି ବନମାଳୀ", "ବାଆକେ ନଡ଼ିଆ ଭାଜି ପଡ଼ିଲା", "ମା ମାଇଲା, ଜାମୁ ଡାଳ ଖଣ୍ଡ ଭାଜି ପଇଲା" ଆଦି କହି ଛୋଟ ପିଲାକୁ ନାନା ଅଙ୍ଗଭଙ୍ଗୀ ଶିଖାଉ । "ବାଇ ଲାଗିଲା", "ଶାଶୁ ନାକ", "ନଇଁ ବୁଢ଼ୀ ଚାଲି" ଆଦି ଅଙ୍ଗ ଭଙ୍ଗୀ ଶିଖାଇବା ଦ୍ୱାରା ଶିଶୁର ଶାରୀରିକ ଓ ମାନସିକ ବିକାଶ ଘଟେ । ଠିକ୍ ସେହିପରି ଖଡ଼ିଛୁଆଁ ହୋଇ ଚାଟଶାଳୀକୁ ଯିବା ପୂର୍ବ ପର୍ଯ୍ୟନ୍ତ ଯେ ନାନା ପ୍ରକାର ଗଳ୍ପ, ନାଟକ, କବିତା, ଖେଳ ଓ କାମ ଜରିଆରେ ଶିଶୁର ଶାରୀରିକ ଓ ମାନସିକ ବିକାଶ ଘଟାଇବା ଦରକାର ସେ କଥା ଆମେ ଜାଣୁ ନାହିଁ । ବରଂ ଓଲଟା ଏହି ବୟସର ଶିଶୁକୁ ଅବୋଧ ବିଚାରି ସେମାନଙ୍କ ଆଗରେ ନ କହିବା କଥା, ନ କରିବା କାମ ସବୁ ନିଃସଙ୍କୋଚରେ କହୁ ଓ କରୁ । ଏ ସବୁ କାମ ଓ କଥା ଶିଶୁର ଭବିଷ୍ୟତ ଜୀବନ ଉପରେ ଗଭୀର ପ୍ରଭାବ ପକାଏ । ଆମେ ଯେ ସେଥିପାଇଁ ଦାୟୀ, ତାହା ଆମେ ଆଦୌ ଜାଣିପାରୁ ନାହିଁ ।

ଆମ ପୁରାଣ ଶାସ୍ତ୍ରରେ ଏ ସବୁ ଉଦାହରଣ ଦିଆ ଯାଇଥିଲେ ହେଁ ଆଧୁନିକ ଯୁଗରେ ଯେଉଁ ମନିଷୀମାନେ ଏ କ୍ଷେତ୍ରରେ ବିପ୍ଳବ ଘଟାଇଲେ ସେମାନଙ୍କ ମଧ୍ୟରୁ ଜଣେ ହେଉଛନ୍ତି ଜର୍ମାନୀ ଦେଶ ନିବାସୀ ଫ୍ରବେଲ୍, ଆଉ ଜଣେ ହେଉଛନ୍ତି ଇଟାଲୀ ଦେଶର ଡକ୍ଟର୍ ମାରିଆ ମଣ୍ଟେସରୀ । ଡକ୍ଟର୍ ମଣ୍ଟେସରୀଙ୍କ ଦ୍ୱାରା ପ୍ରବର୍ତ୍ତିତ ଶିଶୁ-ଶିକ୍ଷା ପଦ୍ଧତିକୁ ମଣ୍ଟେସରୀ ପଦ୍ଧତି କୁହାଯାଏ । ସମଗ୍ର ପୃଥିବୀରେ ଶିଶୁ-ଶିକ୍ଷା କ୍ଷେତ୍ରରେ ଏହି ପଦ୍ଧତିକୁ ମାନ୍ୟତା ଦିଆ ଯାଇଛି । ଇଟାଲି ଦେଶର ରୋମ୍ ସହରର ଗୋଟିଏ ଶ୍ରମିକ ବସ୍ତିରେ ସେ ନିଜେ ଜାନୁଆରୀ ୬ ତାରିଖ ୧୯୦୭ ମସିହାରେ ଗୋଟିଏ ବାଲବାଡ଼ୀ ଚଳାଇ ସେଠାରେ ନାନା ପ୍ରକାର ପରଖ ଚଳାଇଲେ । ସେ ମାନସିକ ଓ ଶାରୀରିକ ଦୃଷ୍ଟିରୁ ଅସମର୍ଥ ଓ ଅବିକଶିତ ଶିଶୁଙ୍କ ପାଇଁ ନାନା ପ୍ରକାର ଖେଳନା ଓ ଉପକରଣ ବାହାର କରି ସେମାନଙ୍କର ଅସମର୍ଥତା ଦୂର କଲେ । ସାଧାରଣତଃ ପିଲାଙ୍କୁ ମାଡ଼ମାରି, ଧମକ ଦେଇ ବା ଉପଦେଶ ଦେଇ ଶିକ୍ଷା ଦିଆ ଯାଇଥାଏ । ଛୋଟ ପିଲା ସେହି ଉପଦେଶର ଭାବାର୍ଥ ଗ୍ରହଣ ନ କଲେ ଆମେ ତାକୁ ଦୁଷ୍ଟ ବା ନିର୍ବୋଧ କହୁଁ ଏବଂ ସେ ପିଲା ପ୍ରତି ଆମ ମନରେ ଅନାସ୍ଥା ଜନ୍ମେ । ଡକ୍ଟର ମାରିଆ ମଣ୍ଟେସରୀ ଆମର ଏହି ଭ୍ରମ ଧାରଣା ଦୂର କଲେ । ସେ କହିଲେ ଯେ ଛୋଟ ପିଲାର ମନ ଓ ବୁଦ୍ଧି ବଡ଼ ମାନଙ୍କ ଭାଷାକୁ ଗ୍ରହଣ କରି ପାରେ ନାହିଁ । ସେଥିପାଇଁ ବଡ଼ମାନଙ୍କୁ ଯେପରି ଉପଦେଶ ଦିଆଯାଏ ଛୋଟ ପିଲାଙ୍କୁ ସେପରି ଉପଦେଶ ଦେଲେ ସେମାନେ ତାହା ଗ୍ରହଣ କରି ପାରନ୍ତି ନାହିଁ । ସେମାନେ ଗ୍ରହଣ କରି ପାରିବା ଭଳି ଭଷାରେ ଖେଳ, କବିତା ଓ ଗଳ୍ପ ମାଧ୍ୟମରେ ଛୋଟ ପିଲାଙ୍କୁ ଶିକ୍ଷା ଦିଆଯିବା ଉଚିତ୍ । ସେ ଯୁଗରେ ଛୋଟ ପିଲାଙ୍କୁ ପାଳିବା ବାବଦରେ ଯେଉଁ ସବୁ ଭ୍ରାନ୍ତ

ଧାରଣା ଥିଲା ସେ ତାର ଘୋର ବିରୋଧ କଲେ । ଧନୀ ଏପରିକି ଶିକ୍ଷିତ ଲୋକେ ସୁଦ୍ଧା ମାଆ ଝଡ଼ିଯିବ ଓ ଅସୁନ୍ଦର ହୋଇଯିବ ବୋଲି ପିଲାଙ୍କୁ କ୍ଷୀର ଖୋଉ ନ ଥିଲେ । ଏଥିପାଇଁ ସେମାନେ ଧାଈ ନିଯୁକ୍ତ କରୁଥିଲେ । ଧାଈର କ୍ଷୀର ଖାଇ ପିଲା ବଢୁଥିଲେ । ବିଚରା ଧାଈର ପିଲାଟି ସେଥିପାଇଁ ନିଜ ମାଆଠାରୁ ପେଟପୂରା କ୍ଷୀର ପାଉ ନ ଥିଲା । ଗରୀବ ଶ୍ରେଣୀର ମାଆମାନେ ପେଟ ପୋଷିବା ପାଇଁ ଏପରି କରୁଥିଲେ ।

ମଣ୍ଟେସରୀ ଏହି ଚଳଣୀର ଘୋର ବିରୋଧ କଲେ । ସେ କହିଲେ ଯେ ମାଆ ଠାରୁ କ୍ଷୀର ଖାଇବା ହେଉଛି ସନ୍ତାନର ଈଶ୍ୱରଦତ୍ତ ଜନ୍ମଗତ ଅଧିକାର । ଯେଉଁ ମାଆ ଶିଶୁକୁ ଏହି ଅଧିକାରରୁ ବଂଚିତ କରେ ସେ ପିଲାର ଶତ୍ରୁ । ଏପରି ଭାବରେ ଯେଉଁ ମାଆ ଶିଶୁକୁ ସ୍ତନ୍ୟପାନ ନ କରାଏ ତାକୁ କଠିନ ଦଣ୍ଡ ଦିଆଯିବା ଉଚିତ୍ । କାରଣ ମାଆର କୋଳ, ମାଆର ସ୍ପର୍ଶ, ମାଆର ସ୍ତନ୍ୟପାନ କଲା ବେଳେ ଯେଉଁ ପ୍ରଭାବ ପକାଏ ମାଆ କ୍ଷୀର ନ ଖାଇବା ବଳରେ ଶିଶୁ ସେଥିରୁ ବଂଚିତ ହୁଏ । ତାର ସମ୍ୟକ୍ ବିକାଶ ହୋଇପାରେ ନାହିଁ । ତଦ୍ଵାରା ସମାଜର ମଧ୍ୟ ବହୁତ କ୍ଷତି ହୁଏ ।

ପୁଣି ସେହିପରି ଛୋଟ ପିଲା ସଙ୍ଗେ କାରବାର ହେଲା ବେଳେ ବଡ଼ ମଣିଷ ଭୁଲି ଯାଆନ୍ତି ଯେ ସେ ପିଲାଟିର ହାତ ଗୋଡ଼ ଛୋଟ ଛୋଟ, ତାର ମନ, ବୁଦ୍ଧି ମଧ୍ୟ କଅଁଳ । ସେହି ଛୋଟ ପିଲାକୁ ଆମେ ଯେତେବେଳେ ଧରି ଉପରକୁ ଟେକି ଦେଉ ବା ହଲେଇ ଦେଉ ସେତେବେଳେ ସେ ଶିଶୁ କିପରି ଡରିଯାଏ ଓ ନିଜକୁ ଅସହାୟ ମନେ କରେ ତାହା ଅଦୌ ଭାବୁ ନାହିଁ । କେଉଁଠିକି ବୁଲି ଗଲାବେଳେ ଆମେ ଚାହୁଁ ପିଲା ଆମ ସାଙ୍ଗରେ କଦମ ମିଳେଇ ଚାଲୁ । ତା ଆଖିରେ ତ ଆମେ ବଡ଼ ମଣିଷ ଗୋଟାଏ ଗୋଟାଏ ଅସୁର ପରି ବଡ଼! ଆମ ଚଉକୀ, ଆମ ଖଟ, ଆମ ପିଢ଼ା, ଆମ ଛାଂଚୁଣୀ ତା ଆଖିକୁ ବହୁତ ବଡ଼ ଦିଶେ । ସେ ସବୁ ବ୍ୟବହାର କରିବା ଯେ ତା ପକ୍ଷରେ କଷ୍ଟ ହେଉଛି ସେ କଥା ଆମେ ଅଦୌ ଭାବୁ ନାହିଁ । ଶିଶୁ ଘରର ସବୁଠାରୁ ବଡ଼ ସମ୍ପଦ ହୋଇ ଥିଲେ ହେଁ ଏହିସବୁ କାରଣରୁ ଶିଶୁର ଜୀବନ ଯେ କଷ୍ଟମୟ ହୋଇଥାଏ ମଣ୍ଟେସରୀ ହିଁ ତାହା ପ୍ରତିପନ୍ନ କରାଇଲେ । ଶିଶୁ ଯେ ଆମର ଶତ୍ରୁ ନୁହେଁ ସେ ଆମର ପରମ ଆଦରର ଧନ, ସେଥିପାଇଁ ତାର ଆକୃତି ଓ ଶକ୍ତିକୁ ଚାହିଁ ତାହାପାଇଁ ଘରର ଉପକରଣ ତିଆରୀ ହେବା ଦରକାର । ବାଲବାଡ଼ୀର ଶିକ୍ଷୟିତ୍ରୀ ମଧ୍ୟ ଏଥି ପ୍ରତି ଦୃଷ୍ଟି ଦେବା ଆବଶ୍ୟକ । ଝାଡୁ ଠାରୁ ଆରମ୍ଭ କରି ବାଲଟି, କୋଡ଼ି କୋଦାଳ, ଆଦି ବାଲବାଡ଼ୀର ଉପକରଣଗୁଡ଼ିକ ଶିଶୁ ଯେପରି ବିନା ଆୟାସରେ ବ୍ୟବହାର କରି ପାରିବ ଏବଂ ସେହି କାମରୁ ଆନନ୍ଦ ପାଇବ, ଶିକ୍ଷୟିତ୍ରୀ ସେଥିପ୍ରତି ସମୁଚିତ ଧ୍ୟାନ ଦେବେ ।

ଖେଳ, ହୁମୁଦୁମୁ ନା କାମ?

ଶିଶୁର ମନକଥା ବୁଝିବା ପାଇଁ ମଣ୍ଟେସରୀ ଆଉ ଗୋଟିଏ ନୂଆ କଥା କହିଲେ । ସେ କହିଲେ ଛୋଟ ପିଲା ଯାହା କିଛି କରନ୍ତି, ଆମେ ଭାବୁ ସେ ଖେଳୁଛନ୍ତି । ଆମେ ବିଚାରୁ, ନିଜ ପେଟ ପୋଷିବା ପାଇଁ ବା ଘର ଚଳାଇବା ପାଇଁ ଯାହା କରାଯାଏ ତାହା ହିଁ ହେଉଛି କାମ, ଏ କାମ ଛଡ଼ା ଆଉ ଯେଉଁ ମିହନ୍ତ କରାଯାଏ ସେ ସବୁ ଖେଳ । ଏହି ବିଚାର ଅନୁସାରେ ଶିଶୁର କୌଣସି କାମ ପେଟ ପୋଷିବା ବା ଘର ଚଳାଇବାରେ ସାହାଯ୍ୟ କରୁ ନ ଥିବାରୁ ସେ ଯାହା କରେ, ଆମ ମତରେ ସେଇଟା ହେଉଛି ତାର ଖେଳ । ଏହି ପ୍ରକାର ଖେଳୁ ଖେଳୁ ଶିଶୁ ଯଦି ବଡ଼ ମଣିଷଙ୍କ କାମରେ ବାଧା ସୃଷ୍ଟି କରେ ବା ଆନନ୍ଦରେ ପାଟିତୁଣ୍ଡ କରି ବଡ଼ ମଣିଷଙ୍କ ଶାନ୍ତି-ଭଙ୍ଗ କରେ ଅଥବା କିଛି ଭାଙ୍ଗି ଦିଏ ସେତେବେଳେ ଶିଶୁର ସେ ଖେଳକୁ ଆମେ ଦୁଷ୍ଟାମି ବା ହୁମୁଦୁମ ହେବା ଆଖ୍ୟା ଦେଉ ।

ମଣ୍ଟେସରୀ ଶିଶୁଙ୍କୁ ଭଲ ପାଉଥିବାରୁ ପୁଣି ସେମାନଙ୍କର ପ୍ରକୃତ ହିତାକାଙ୍କ୍ଷୀ ହୋଇଥିବାରୁ ଶିଶୁର ଏ ସବୁ କାଣ୍ଡକାରଖାନାକୁ ସେ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଚାର କରିଛନ୍ତି । ସେ କହିଛନ୍ତି ଶିଶୁ ଆମ ଠାରୁ ଅଧିକ ପରିଶ୍ରମୀ ଓ ବେଶୀ ଗମ୍ଭୀର । ସେ ମୁହୂର୍ତ୍ତେ ସମୟ ନଷ୍ଟ କରିବାକୁ ଚାହେଁ ନାହିଁ । ଶେଜରେ ବା ଦୋଳିରେ ଶୋଇଥିବା

ବେଳେ ସୁଦ୍ଧା ସେ ନିଜର ହାତ ଗୋଡ଼କୁ ହଲାଉ ଥାଏ, ତାକୁ ମଜବୁତ୍ କରିବା ପାଇଁ ସେ ତାହା କରେ । ଦିନସାରା କୌଣସି ଗୋଟାଏ ପଦାର୍ଥକୁ ଧରିବା ପାଇଁ ସେ ଚେଷ୍ଟା କରୁଥାଏ, ଧରି ପାରୁ ନ ଥାଏ ପୁଣି ଚେଷ୍ଟା କରୁଥାଏ । ସମସ୍ତଙ୍କ ପରି ଚାଲି ନ ଶିଖିବା ପର୍ଯ୍ୟନ୍ତ ସେ ଯେତେ କଚଡ଼ା ଖାଉ ପଛକେ ଚାଲିବା ପାଇଂ ଚେଷ୍ଟା କରେ । ଗତିଶୀଳ ହେବା ପାଇଁ ପେଟେଇ କରି ଦଣ୍ଡା ପେଲେ, ହାମା ଗାଳେ । କାନ୍ଥବାଡ଼ ଧରି ଛିଡ଼ା ଛିଡ଼ା ହୁଏ । ଏ ସବୁ କରିବାରେ ସେ ଅଦୌ କ୍ଲାନ୍ତ ବୋଧ କରେ ନାହିଁ ।

ସେହିପରି ନୂଆ କଥା ଶିଖିବା ପାଇଁ ଶିଶୁର ଏହି ଅକ୍ଲାନ୍ତ ଉଦ୍ୟମକୁ ଆମେ ଖେଳ କହୁ । ଆମେ ଯଦି ଟିକିଏ ତା ମନ ଭିତରେ ପ୍ରବେଶ କରିବାକୁ ଚେଷ୍ଟା କରିବା ତେବେ ସ୍ପଷ୍ଟ ଉପଲବ୍ଧି କରିବା ଯେ ଶିଶୁ ତାର ନିଜ ଜୀବନକୁ ଗଢ଼ିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରୁଛି । ଆନ୍ତରିକତା ଓ ସଚ୍ଚୋଟପଣିଆ ସହିତ ସେ ଏ କାମ କରେ । କୌଣସି ନୂଆ ଶବ୍ଦ ଶୁଣିବା ମାତ୍ରେ ସେ ତାହାର ଅର୍ଥ ବୁଝିବା ପାଇଁ ଚେଷ୍ଟା କରୁଥାଏ । ଏ ସବୁ ଶୁଣିବା ଓ ବୁଝିବା କିଛି ସହଜ ବ୍ୟାପାର ନୁହେଁ । ପୁଣି ସେ କାନରେ ଯାହା ଶୁଣେ ସେହି କଥାକୁ ନିଜେ କହିବା ପାଇଁ ଚେଷ୍ଟା କରେ । ସେଥିପାଇଁ ଜିଭ ଓ ଓଠକୁ କିପରି ହଲାଇବାକୁ ହେବ, ତାହା ମଧ୍ୟ ସେ ଦେଖି ଶୁଣି ଶିଖେ , ସେ ଯାହା ଭାବୁଛି ତାହା ଯଥାଯଥ ଭାବରେ ଭାଷାରେ ପ୍ରକାଶ କରିବା ପାଇଁ ପରିଶ୍ରମ କରେ ଓ କ୍ଳାନ୍ତ ହୋଇ ଶୋଇ ପଡ଼େ । ସେ ଯେ ଏ ସବୁ ଶିଖିବା ପାଇଁ ଏତେ ଖଟୁଛି ତାହା ବଡ଼ମାନେ ବୁଝି ପାରନ୍ତି ନାହିଁ ।

ପ୍ରତ୍ୟେକ ମାଆ ଓ ବାଲବାଡ଼ୀର ଶିକ୍ଷୟିତ୍ରୀ ଯଦି ଏହି କଥାଟା ବୁଝି ଶିଶୁର ଯତ୍ନ ନେବେ ତେବେ ତାହା ଶିଶୁର ବିକାଶ ଦିଗରେ ବହୁତ ସାହାଯ୍ୟ କରିବ । ଆମ ଘରକୁ କେହି ଅତିଥି ବା ଆଗନ୍ତୁକ ଆସିଲେ ଆମେ ଚାହୁଁ ଆମ ପିଲା ଚୁପ୍ ଚାପ୍ ହାତ ଗୋଡ଼ ବାନ୍ଧି ବସି ରହିବ, ପାଠଶାଳାରେ ମଧ୍ୟ ଛୋଟ ପିଲା ଟିକିଏ ହସିଲେ ବା କଥା କହିଲେ ଶିକ୍ଷକ ସେତକ ବରଦାସ୍ତ କରି ପାରନ୍ତି ନାହିଁ । ଏହା ଫଳରେ ପିଲାଏ ଯେ କି ଯାତନା ଭୋଗ କରନ୍ତି ତାହା ବର୍ଣ୍ଣନା କରି ହେବ ନାହିଁ । ଏହା ଫଳରେ ସେହି ପିଲା ବଡ଼ ହେଲା ବେଳକୁ ଡରୁଆ ଓ ଲାଜକୁଳା ହୋଇ ଯାଆନ୍ତି । ସେମାନଙ୍କ ମଧ୍ୟରେ କଳା କୁଶଳତା ଓ ପ୍ରତ୍ୟୁତ୍ପନ୍ନମତିତା ମଧ୍ୟ ବିକଶିତ ହୋଇ ପାରେ ନାହିଁ । ଆମେ ନିଜେ ଯେଉଁଟାକୁ ଭଦ୍ରତା ବିଚାରୁ ଅବୋଧ ଶିଶୁ ସେହି ଭଦ୍ର ଆଚରଣ କରିବାକୁ ବାଧ୍ୟ କରିବା, ଆମେ ଯେଉଁ ସବୁ ଗୁଣର ବିକାଶ ଚାହୁଁ ସେହି ଗୁଣର ବିକାଶ ପାଇଁ ଶିଶୁ ଉପରେ ଜୋର ଜବରଦସ୍ତି କରିବା ଦ୍ୱାରା ଓଲଟା ଫଳ ହୁଏ । ଶିଶୁକୁ ପାଠଶାଳାରେ ଘଣ୍ଟା ଘଣ୍ଟା କାଳ କଣ୍ଢେଇ ପରି ବସେଇ ରଖା ହୁଏ, ତାର ଶାରୀରିକ ଓ ମାନସିକ ବିକାଶରେ ଘୋର କ୍ଷତି ଘଟାଏ ।

ଠିକ ସେହିପରି ଶିଶୁକୁ ବାଲବାଡ଼ୀରେ କେତେ ଗୁଡ଼ାଏ ଏଣୁ ତେଣୁ ଗପ ଶୁଣାଇ ଦେଲେ ବା ଖେଳ ଖେଳେଇ ଦେଲେ ତଦ୍ୱାରା ମଧ୍ୟ ଶିଶୁର ଯଥାଯଥ ବିକାଶ ହୁଏ ନାହିଁ । ପ୍ରୟୋଗଶାଳାରେ ଗବେଷଣାରତ ବୈଜ୍ଞାନିକ ଓ ଶିଶୁଶିକ୍ଷାର ଦାୟିତ୍ୱ ନେଇଥିବା ଶିକ୍ଷକର ଦାୟିତ୍ୱ ପ୍ରାୟ ସମାନ । ଅନେକେ ଭାବନ୍ତି, ଛୋଟ ପିଲାଙ୍କୁ ଶିକ୍ଷା ଦେବାଟା ଭାରି ସହଜ କାମ । ବାସ୍ତବରେ ଫୁଲ କଢ଼ ଭଳି ସୁକୁମାର ଶିଶୁର ଯଥାଯଥ ଶାରୀରିକ ଓ ମାନସିକ ବିକାଶ ଘଟାଇ ତାକୁ ଗୋଟିଏ ସୁନ୍ଦର ଫୁଲ ଭଳି ଫୁଟାଇବା ହେଲା ଶିକ୍ଷକର କାମ । ସେଥିପାଇଁ ଶିକ୍ଷକ ମଧ୍ୟରେ ଶିଶୁ ପ୍ରତି ଅସୀମ ସ୍ନେହ, ଧୈର୍ଯ୍ୟ ଓ ସତର୍କ ଦୃଷ୍ଟି ରହିବା ଦରକାର । ପୁଣି ଛୋଟ ପିଲାଙ୍କ ସଙ୍ଗରେ ମିଶି ସେମାନଙ୍କ ସଙ୍ଗରେ ହସି ଖେଳି ସେମାନଙ୍କ ମନକୁ କିଣି ନେଇ ସେମାନଙ୍କୁ ମଙ୍ଗାଇବାର ବୃତ୍ତି ମଧ୍ୟ ଶିକ୍ଷକଙ୍କ ମଧ୍ୟରେ ରହିବା ଦରକାର । ମଣ୍ଟେସରୀଙ୍କ ମତରେ ବାଲବାଡ଼ୀର ଶିକ୍ଷକ ବା ଶିକ୍ଷୟିତ୍ରୀ ନିଜକୁ ଜଣେ ପ୍ରୟୋଗଶାଳାର ବୈଜ୍ଞାନିକ ବା ଡାକ୍ତର ଭଳି ମନେ କରିବା ଉଚିତ୍ । ଡାକ୍ତର ଯେପରି ରୋଗୀର ରୋଗ ନିର୍ଦ୍ଧାରଣ ପାଇଁ ନିର୍ବିକାର ଅଥଚ ନିବିଷ୍ଟ ଚିତ୍ତରେ ରୋଗୀର ମଳ ମୂତ୍ର ପରୀକ୍ଷା କରେ, ଜଣେ ବୈଜ୍ଞାନିକ ଯେପରି କାମ କଲାବେଳେ ନିଜର ଲମ୍ବାବରଣ

ପୋଷାକ ଉତାରି କମିଜର ହାତ ଉପରକୁ ଟେକି ଦେଇ ଆପ୍ରନ୍ ପିନ୍ଧି କାମରେ ଲାଗିଯାଏ, ଶିକ୍ଷକ ମଧ୍ୟ ସେହିପରି ବାଲବାଡ଼ୀରେ କାମ କଲାବେଳେ ସେହିପରି ନିଷ୍ଠା ଓ ଉତ୍ସାହର ସହିତ ଶିଶୁର ନାକ ଶିଂଘାଣି ପୋଛି ଦେବ, ନଖ କାଟି ଦେବ, ତାହା ସଙ୍ଗରେ ନାଚିବ, ଗାଇବ ଓ ଖେଳିବ । କେବଳ ନାଚ ଗୀତ ନୁହେଁ ଶିଶୁ ଯେପରି ନିଜ କାମରେ ନିବିଷ୍ଟଚିତ୍ତ ହେବ ସେଥିପ୍ରତି ମଧ୍ୟ ଶିକ୍ଷକ ଦୃଷ୍ଟି ଦେବାକୁ ହେବ । ଛୋଟ ପିଲା ଖେଳୁ ଖେଳୁ ସେହି ଖେଳରେ ଏତେ ନିବିଷ୍ଟ ଚିତ୍ତ ହୋଇଯାଏ ଯେ ତାହା ଚାରିପାଖରେ କ'ଣ ଘଟୁଛି କିଛି ଜାଣି ପାରେ ନାହିଁ । ତାକୁ ଡାକିଲେ ସେ ଜବାବ ଦିଏ ନାହିଁ । ଆମେ ଭାବୁ ସେ ଜାଣିଶୁଣି ଏହା କରୁଛି । ମାତ୍ର ବାସ୍ତବରେ ସେତେବେଳେ ତାହାର ମନ ସେହି କାମରେ ବୁଡିଯାଇଥାଏ । ଶିଶୁର ଏହି ବୃତ୍ତି କିପରି ଉତ୍ତରୋତ୍ତର ବଢ଼ିବ, ସେ ଦିଗରେ ଦୃଷ୍ଟି ନ ଦେଇ ଆମେ ତାର ଧ୍ୟାନ ଭାଙ୍ଗି ଦେବାକୁ ଚେଷ୍ଟା କରୁ । ଏହା କରିବା ଉଚିତ୍ ନୁହେଁ । ଶିଶୁ କେତେଦୂର ନିବିଷ୍ଟ ଚିତ୍ତ ହୋଇପାରେ ଭକ୍ତ ଶିଶୁଧ୍ରୁବ ତାହାର ଜ୍ୱଳନ୍ତ ଉଦାହରଣ ହୋଇ ରହିଛନ୍ତି । ତେଣୁ ଅଭିଭାବକ ଓ ଶିକ୍ଷକ ଶିଶୁର ଏହି ଶକ୍ତି ବିକାଶ ଘଟାଇବାରେ ସହାୟକ ହେବା ଉଚିତ୍ ।

ଶିଶୁ ଶିକ୍ଷାର ଆଉ ଜଣେ ବଡ଼ ପ୍ରବର୍ତ୍ତକ ହେଉଛନ୍ତି କବି ରବୀନ୍ଦ୍ର ନାଥ ଠାକୁର । ଛୋଟ ପିଲାଙ୍କୁ ଚାଟଶାଳୀର ଚାରିକାନ୍ଥ ଭିତରେ ବନ୍ଦୀ କରି ଅକ୍ଷର ଶିଖେଇବା ଦଣ୍ଡ ଯେ ଘଣ୍ଟା ଘଣ୍ଟା ଧରି ଦିଆଯାଏ, ରବୀନ୍ଦ୍ର ନାଥ ଠାକୁର ତାହାର ତୀବ୍ର ବିରୋଧ କରି ଶିଶୁକୁ ପ୍ରକୃତି କୋଳରେ ବଢ଼ାଇ, ପ୍ରକୃତି ମଧ୍ୟରେ ଗଛମୂଳରେ, ନଦୀକୂଳରେ ଶିକ୍ଷାଦେଇ ପ୍ରାକୃତିକ ଦୃଶ୍ୟ ଓ ଶିଶୁ ଚାରି ପାଖରେ ଯେଉଁ ପ୍ରାକୃତିକ ପରିବର୍ତ୍ତନ ଅହରହ ଘଟୁଛି ତାହାକୁ ପର୍ଯ୍ୟବେକ୍ଷଣ କରି ଶୁଦ୍ଧ ସ୍ୱାତ୍ତ୍ୱିକ ଆନନ୍ଦ ଉପଭୋଗ କରିବା ବୃତ୍ତି ଶିଶୁ ମଧ୍ୟରେ ବଢ଼ାଇବା ଉପରେ ରବୀନ୍ଦ୍ର ନାଥ ବହୁତ ଗୁରୁତ୍ୱ ଦେଇଥିଲେ ।

ବାଲବାଡ଼ୀ ଶିକ୍ଷାର ପ୍ରବର୍ତ୍ତକ (୨)

ଆମ ଦେଶରେ ଡ଼କ୍ଟର ମଣ୍ଟେସରୀଙ୍କର ଏହି ପ୍ରଣାଳୀର ଜଣେ ବଡ଼ ପ୍ରବର୍ତ୍ତକ ହେଉଛନ୍ତି ସ୍ୱର୍ଗତଃ ଗିରିଜା ଶଙ୍କର ବଧେକା ଓ ଶ୍ରୀମତୀ ତାରା ବହନ୍ ମୋଡ଼କ । ସେମାନେ ମଣ୍ଟେସରୀଙ୍କ ପ୍ରତ୍ୟକ୍ଷ ସଂପର୍କରେ ଆସି ଭାରତବର୍ଷରେ ଏହି ଶିଶୁଶିକ୍ଷାର ପ୍ରୟୋଗ ଆରମ୍ଭ କରିଥିଲେ । ସେହି ସମୟରେ ମହାତ୍ମା ଗାଂଧୀଙ୍କର ଅହିଂସାତ୍ମକ ଆନ୍ଦୋଳନ ଆରମ୍ଭ ହୋଇଥିଲା । ଶ୍ରୀଯୁକ୍ତ ବଧେକା ଅନେକ ଚିନ୍ତା କରି ସ୍ଥିର କଲେ ଯେ ଶିଶୁମାନଙ୍କ ପ୍ରତି ମଧ୍ୟ ଅହିଂସ ଆଚରଣ କରାଯିବା ଉଚିତ୍ । ସେଥିପାଇଁ ସେ ଯେଉଁ ବାଲବାଡ଼ୀ ଚଳାଉଥିଲେ ସେଠାରେ ପିଲାଙ୍କୁ ମାଡ଼ ଦେବା ପ୍ରଶ୍ନ ତ ନ ଥିଲା, ଗାଳି ଦେବା ତ ଦୂରର କଥା, ଯେଉଁ କଥା କହିଲେ ଶିଶୁର ମନରେ ଆଘାତ ଲାଗିବ ସେପରି କଥା କହିବା ମଧ୍ୟ ନିଷିଦ୍ଧ ଥିଲା । ଅହିଂସା ବା ପ୍ରେମ ଉପରେ ଆଧାରିତ ସମାଜ ବ୍ୟବସ୍ଥାର ବିଚାର ମହାତ୍ମା ଗାଂଧୀଙ୍କ ଠାରୁ ଲାଭ କରିବା ପରେ ଶ୍ରୀଯୁକ୍ତ ବଧେକା ଶିଶୁଶିକ୍ଷା କ୍ଷେତ୍ରରେ ଅନେକ ନୂଆ ନୂଆ ପ୍ରୟୋଗ ଆରମ୍ଭ କଲେ । ଉଦାହରଣ ସ୍ୱରୂପ ତାଙ୍କ ଦ୍ୱାରା ପରିଚାଳିତ ବାଳ-ମନ୍ଦିର ବା ବାଲବାଡ଼ୀରେ ସବୁ ପିଲାଙ୍କୁ ସସମ୍ମାନର ସମ୍ବୋଧନ କରିବା ପ୍ରଥା ସେ ଚଳାଇଲେ; ଆମେ ଯାହାର ନାମ ଚକ୍ରଧର ତାକୁ ଚକରା, ଯାହାର ନାମ ଶ୍ୟାମ କୁ ଶାମା ଏହିପରି ତୁଚ୍ଛ ତାଚ୍ଛଲ୍ୟ କରି ସମ୍ବୋଧନ କରିବାର ଚଳଣି ରହିଛି, ସେହି ଚଳଣିକୁ ସେ ବଦଳାଇ ଦେଲେ । ତଦ୍ୱାରା ପିଲାଙ୍କ ମଧ୍ୟରେ ନିଜ ପ୍ରତି ସମ୍ମାନ ବୋଧ ଜାଗ୍ରତ ହେଲା ।

ଆମ ଦେଶରେ ଗୁରୁଜନମାନଙ୍କୁ ଦେଖିଲେ ପ୍ରଣାମ କରିବା ବିଧି ଅଛି । ମାତ୍ର ଛୋଟ ପିଲାଙ୍କୁ ଦେଖିଲେ ସେମାନଙ୍କୁ ଅଭିବାଦନ କରିବା ଚଳଣି ଅଦୌ ନାହିଁ । ଶ୍ରୀଯୁକ୍ତ ବଧେକା ତାଙ୍କର ବାଳମନ୍ଦିରକୁ ଶିଶୁଛାତ୍ରମାନେ ଆସିବା ବେଳେ ଦପ୍ତରରେ ଛିଡ଼ା ହୋଇ ସେମାନଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ହାତଯୋଡ଼ି ଜୟ ଜୟ କହି ସ୍ୱାଗତ କଲେ । ଠିକ୍ ସେହିପରି ପିଲାମାନେ ବାଳମନ୍ଦିରରୁ ଘରକୁ ଫେରିବା ବେଳେ ସେମାନଙ୍କୁ ନମସ୍କାର କରି ବିଦାୟ ଦେବା ଫଳରେ ପିଲାଙ୍କ ମଧ୍ୟରେ ନୂଆ ସଂସ୍କାର ଜନ୍ମିଲା ।

ପିଲାଏ ଘରୁ ସଫା ସୁତୁରା ହୋଇ ଆସିଥାନ୍ତୁ ବା ନ ଆସି ଥାନ୍ତୁ, ବାଳମନ୍ଦିରକୁ ଆସିବା ପରେ ସେମାନଙ୍କ ହାତ ମୁହଁ ଧୋଇ ପୋଛିଦେବା, ମୁଣ୍ଡ କୁଣ୍ଡେଇବା ଆଦି ଶାରୀରିକ ସଫାଇ ଦ୍ୱାରା ପରିଷ୍କାର ପରିଚ୍ଛନ୍ନ ରହିବା ପ୍ରତି ରୁଚି ସୃଷ୍ଟି ହେଲା ।

ବାଲବାଡ଼ୀରେ ପିଲାଏ ଜଳଖିଆ ଖାଇବା ଚଳଣି ମଧ୍ୟ ଶ୍ରୀଯୁକ୍ତ ବଧେକା ଚଳେଇଲେ । ଏହା ତାଙ୍କର ଛୋଟ ଛୋଟ ପିଲାଏ ନିଜ ହାତରେ ସାଙ୍ଗ ସାଥିଙ୍କୁ ପରଷି ଶିଖିଲେ । ଛୋଟ ଛୋଟ ଜଳଖିଆ ପରଷିବା ଆଦି ସଣ୍ଢଣା ଶିଖିବା ସଙ୍ଗେ ସଙ୍ଗେ ସେମାନଙ୍କ ହାତ ଗୋଡ଼ ଆଦି ଅଙ୍ଗପ୍ରତ୍ୟଙ୍ଗ ଯଥାଯଥ ଚାଳନା ମଧ୍ୟ ହେଲା । ପୁଣି ଚୋବାଇକରି ଖାଇବା, ଖାଇବା ବେଳେ ଖାଦ୍ୟ ପଦାର୍ଥ ତଳେ ନ ପକାଇବା, ପରଷା ସରିଲେ ସମସ୍ତେ ଏକା ସଙ୍ଗରେ ଖାଇବା, ଖାଇବା ବେଳେ ପାଟିଗୋଳ ନ କରିବା, ସଣ୍ଢଣା ହୋଇ ବସି ଖାଇବା ଆଦି ପ୍ରତି ମଧ୍ୟ ବାଳମନ୍ଦିରରେ ଦୃଷ୍ଟି ଦିଆଗଲା ।

ଶ୍ରୀଯୁକ୍ତ ବଧେକା ତାଙ୍କ ବାଳ ମନ୍ଦିରରେ ସମୂହ ପ୍ରାର୍ଥନା ମଧ୍ୟ ଚଳାଇଲେ । ପ୍ରାର୍ଥନା ଶବ୍ଦଟା ଛୋଟ ପିଲାଙ୍କ ପାଇଁ ବୋଧଗମ୍ୟ ହେବ ନାହିଁ ବୋଲି ସେ ଶାନ୍ତି ଖେଳ ନାମରେ ପ୍ରାର୍ଥନା କରାଇଲେ । ଖେଳ, ଗଳ୍ପ ଆଦି ବନ୍ଦ କରି ପିଲାଏ ଦୁଇ ତିନି ମିନିଟ୍ ସଂପୂର୍ଣ୍ଣ ନୀରବ ରହି ନୀରବତାର ଶାନ୍ତିକୁ ପ୍ରତ୍ୟକ୍ଷ ଅନୁଭବ କରିବେ, ଏହା ହିଁ ହେଲା

ଶାନ୍ତି ଖେଳର ଉଦ୍ଦେଶ୍ୟ ।

ବାଲବାଡ଼ୀମାନଙ୍କରେ ଆଜି ମାତୃଭାଷାରେ ଯେତେ ଗୀତ, ଗଳ୍ପ ଆଦି ଓ ନାନା ପ୍ରକାର ଖେଳ ଯୋଗୁଁ ଯେଉଁ ଆନନ୍ଦମୟ ପରିବେଶ ସୃଷ୍ଟି ହେଉଛି ସେଥିପାଇଁ ଗୁଜରାତରେ ଶ୍ରୀଯୁକ୍ତ ବଧେକା, ବଙ୍ଗଳାରେ ସ୍ୱୟଂ ରବୀନ୍ଦ୍ର ନାଥ ଠାକୁର ହେଉଛନ୍ତି ଅଗ୍ରଗଣ୍ୟ । ଶିଶୁ ମନରେ ଆନନ୍ଦ ସୃଷ୍ଟି କରିପାରିବା ଭଳି ଛନ୍ଦ, ଭାଷା ଓ ରାଗରାଗିଣୀ ବାଛି ସେହି ଛନ୍ଦ ଓ ଭାଷାରେ ଶିଶୁ-ସାହିତ୍ୟ ସୃଷ୍ଟି କରି ସେମାନେ ଯୁଗାନ୍ତର ଆଣିଛନ୍ତି ।

ମୌଳିକ ଶିକ୍ଷାରେ ପୂର୍ବ ବୁନିୟାଦୀ ଶିକ୍ଷାର ସଂଯୋଜନା କରି ମହାତ୍ମା ଗାଂଧୀ ଶିଶୁଶିକ୍ଷା କ୍ଷେତ୍ରରେ ଏକ ନୂତନ ପଦକ୍ଷେପ ଗ୍ରହଣ କରିଥିଲେ । ଦକ୍ଷିଣ ଆଫ୍ରିକାରେ ଥିବା ବେଳେ ସେ ନିଜେ ଟଲଷ୍ଟୟ ଫାର୍ମ୍ ର ପିଲାଙ୍କୁ ପାଠ ପଢ଼ାଉଥିଲେ । ଶିଶୁଶିକ୍ଷା ପାଇଁ ପ୍ରଚଳିତ ପାଠ୍ୟ ପୁସ୍ତକଗୁଡ଼ିକ ତାଙ୍କୁ ଅନୁପଯୋଗୀ ବୋଧ ହେବାରୁ ସେ ନିଜେ 'ବାଳପୋଥି' ନାମରେ ଖଣ୍ଡିଏ ଶିଶୁପାଠ୍ୟ ବହି ଲେଖିଥିଲେ ଏବଂ ସମଗ୍ର ଭାରତର ଶିଶୁ କିପରି ପୂର୍ବ ବୁନିୟାଦୀ ଶିକ୍ଷା ଯୋଜନା ଦ୍ୱାରା ଶିକ୍ଷାଲାଭ କରି ଉତ୍ତମ ନାଗରିକ ହେବେ, ସେ ତାର ଯୋଜନା ପ୍ରସ୍ତୁତ କରାଇଥିଲେ ।

ମହାତ୍ମା ଗାଂଧୀଙ୍କ ଯୋଜନାରେ ଗୋଟିଏ ନୂଆ କଥା ଥିଲା ଯେ ପାଠଶାଳା ବା ବାଲବାଡ଼ୀରେ ଶିଶୁମାନଙ୍କର ଯାହା ଖେଳ, କାମ ବା ପାଠ ଶିକ୍ଷା ହେଉ ନା କାହିଁକି, ଶିଶୁକୁ କୌଣସି ଉତ୍ପାଦକ ଧନ୍ଦା ଶିଖାଇବାର କଳା ବା କୌଶଳ ଆୟତ୍ତ କରିବାକୁ ହେବ । ଶିଶୁର ବୟସ ଅନୁସାରେ ଯେତେ ଛୋଟିଆ ବା ତୁଚ୍ଛ ମନେ ହେଉଥାଉ ନା କାହିଁକି କୌଣସି ନା କୌଣସି ଉତ୍ପାଦକ ଶରୀର ଶ୍ରମ ପ୍ରତି ଶିଶୁ ମନରେ ଆଗ୍ରହ ସୃଷ୍ଟି କରାଇବାକୁ ହେବ । ପ୍ରତ୍ୟେକ ଶିଶୁ ବଗିଚାରେ ଗୋଟିଏ ହେଉ ପଛକେ ଗଛ ଲଗାଇ ସେ ଗଛରେ ନିୟମିତ ପାଣିଦେଇ ଗଛକୁ ବଢ଼ାଇବା ଭଳି ଅନେକ ଛୋଟିଆ ଛୋଟିଆ ଶିଶୁ ଉପଯୋଗୀ ଧନ୍ଦା ଯେ ବାଲବାଡ଼ୀରେ କରାଯିବା ସମ୍ଭବ, ସେଥିପ୍ରତି ସେ ଶିକ୍ଷାବିତ୍ ମାନଙ୍କ ଦୃଷ୍ଟି ଆକର୍ଷଣ କରାଇଥିଲେ ।

ମହାତ୍ମା ଗାଂଧୀଙ୍କର ଆଉ ଗୋଟିଏ ସୂଚନା ଥିଲା ପିଲାଦିନୁଁ ସଫାଇ ବା ପରିଷ୍କାର ପରିଛନ୍ନତା ପ୍ରତି ଶିଶୁମନରେ ଆଗ୍ରହ ସୃଷ୍ଟି କରିବା । ସେ ବିଚାରୁଥିଲେ ଭାରତବର୍ଷର ପିଲାଙ୍କୁ ଯଦି ଶିଶୁକାଳରୁ ପରିଷ୍କାର ପରିଚ୍ଛନ୍ନ ରହିବାରେ ଅଭ୍ୟସ୍ତ କରାଇ ଦିଆଯିବ ତେବେ ଏ ଦେଶ ଯେ ଆଜି ଗୋଟାଏ ଅଳିଆ ଆବର୍ଜନା ସଙ୍ଗ୍ରହାଳୟ ଭଳି ହୋଇ ଯାଇଛି, ସେ ଦୁର୍ଦ୍ଦଶା ଆଉ ରହିବ ନାହିଁ ।

ଗାଂଧୀଜୀଙ୍କର ତୃତୀୟ ସିଦ୍ଧାନ୍ତ ଥିଲା ପୂର୍ବ ବୁନିୟାଦୀ ଓ ବୁନିୟାଦୀ ଶିକ୍ଷା ସମସ୍ତ ଦେଶରେ, ଧନୀ ଦରିଦ୍ର ନିର୍ବିଶେଷରେ, ସବୁ ସ୍ତରର ଲୋକଙ୍କ ପିଲାଏ ଯେପରି ଚଉଦବର୍ଷ ବୟସ ପର୍ଯ୍ୟନ୍ତ ଲାଭ କରିବାର ସୁଯୋଗ ପାଇବେ । ସେ ଭାବୁଥିଲେ ଯେ ଏହା ହୋଇପାରିଲେ ସମଗ୍ର ଦେଶର ଶିକ୍ଷାର ମାନ ବଢ଼ିଯିବ, ଯାହାଫଳରେ ସମାଜରେ ଏକ ବିରାଟ ପରିବର୍ତ୍ତନ ସଂଘଟିତ ହେବ ।

ମହାତ୍ମା ଗାଂଧୀଙ୍କର ଆଉ ଗୋଟିଏ ଯୁକ୍ତି ଥିଲା ଶିଶୁକୁ ଅତି ଅଳ୍ପ ବୟସରୁ ପ୍ରଥମେ ଅକ୍ଷର ଲେଖାଇବା ଓ ଚିହ୍ନାଇବା ଆଦୌ ଉଚିତ୍ ନୁହେଁ । ପ୍ରଥମେ ନାନା ଆକୃତିର ରେଖା ଟାଣିବା, ଛବି ଆଙ୍କିବା ଆଦି ଦ୍ୱାରା ଶିଶୁର ଆଙ୍ଗୁଳିଗୁଡ଼ିକ ମଣ ହେବାପରେ ଯାଇ ତାକୁ ଅକ୍ଷର ଲେଖିବାକୁ ଦେବା ଉଚିତ୍ ।

ଗାଂଧୀଜୀଙ୍କ ମତରେ ଶିଶୁ ତା ଆଖି ଆଗରେ ଯେଉଁ ବ୍ୟବହାର୍ଯ୍ୟ ଜିନିଷ ବା ଯନ୍ତ୍ରପାତି ଦେଖୁଛି ସେ ଗୁଡ଼ିକର ତିଆରି ଓ ତାର ଯାନ୍ତ୍ରିକ କୌଶଳ ଆଦି ସହିତ ଶିଶୁ ପ୍ରଥମେ ପରିଚିତ ହେବା ଦରକାର । ସେ ଗୁଡ଼ିକ ଛୋଟ ଆକାରରେ କରାଯାଇ ଶିଶୁକୁ ତାହା କାରବାର କରିବା ପାଇଁ ତାହା ମନରେ ଆଗ୍ରହ ସୃଷ୍ଟି କରାଗଲେ ସେହି ବୃତ୍ତି

ତାର ଭବିଷ୍ୟତ ଜୀବନରେ ପ୍ରଯୁକ୍ତିବିଦ୍ୟା ଶିକ୍ଷା ଓ ବିଜ୍ଞାନ ସମ୍ମତ ମନୋବୃତ୍ତି ଗଠନ କରିବାରେ ସହାୟକ ହେବ । ଛୋଟ ଛୋଟ କଥା, ଯଥା – ଚୁଲୀ ଫୁଙ୍କିଲେ ନିଆଁ କାହିଁକି ଜଳେ, ସଡ଼କ ବାଟ ପଡ଼ି ଥିବା ସତ୍ତ୍ୱେ ଲୋକେ ବିଲ ବାଟେ କାହିଁକି ଚାଲି ଚାଲି ଯାଆନ୍ତି, ରାତିରେ ଗଛତଳେ ଶୋଇବା କାହିଁକି ଖରାପ ଆଦି ନିତି ଘଟୁଥିବା ଅନେକ ଛୋଟ ଛୋଟ କଥାରୁ ପିଲାଙ୍କୁ ବିଜ୍ଞାନ ଶିକ୍ଷା ଦିଆଯାଇ ପାରିବ ବୋଲି ଗାଂଧୀଜୀ ମତ ଦେଇଥିଲେ ।

ଶିଶୁର ଆନନ୍ଦ ପ୍ରବୃତ୍ତି - ହାତକାମ

ଆମେ ଆମ ଘରେ ଦେଖିଛୁ ଏବଂ ବାଲବାଡ଼ୀରେ ଲକ୍ଷ୍ୟ କଲେ ଦେଖିପାରିବା ଯେ ଛୋଟ ପିଲା ଖେଳଖେଳକେ ଅନେକ କାମ କରି ପାରନ୍ତି । ଶିଶୁ ସ୍ୱଭାବତଃ ଅନୁକରଣ ପ୍ରିୟ ହୋଇ ଥିବାରୁ ଘରେ ବଡ଼ମଣିଷ ଯାହା କରନ୍ତି, ସେ ସବୁ ସେ ନିଜେ ଅନୁକରଣ କରି କରିବାକୁ ଚାହେଁ । ମା ଝାଡୁ ଦେଲେ ପିଲା ମଧ୍ୟ ଝାଡୁ ଦେବାକୁ ବାହାରେ । ମା ପାଣି ଆଣିବା ପାଇଁ କଳସୀ କାଖେଇ ବାହାରିଲେ କିମ୍ବା ବାପା ଭାରରେ ଜିନିଷ ବୋହୁଥିବାର ଦେଖିଲେ ପିଲା ସେ କାମ କରିବାକୁ ଚାହେଁ । ଆମ କାମରେ ପିଲାର ଆଗ୍ରହ ବାଧା ସୃଷ୍ଟି କରୁଥିବାରୁ ଆମେ ପିଲାକୁ ସେଥିରୁ ନିବର୍ତ୍ତାଇ ବାଆଁରେଇ ଦେବାକୁ ଚାହୁଁ । ମାତ୍ର ତାହା ନ କରି ତାକୁ ଏ ସବୁ କାମ କରିବାକୁ ଦେବା ଉଚିତ୍ । ଅଧିକନ୍ତୁ ତାହା ପାଇଁ ଛୋଟ ଝାଡୁ, ଛୋଟ ମାପର ଶିକା, ବାହୁଙ୍ଗୀ ଆଦି ଯୋଗାଡ଼ କରିଦେବା ଉଚିତ୍ । ଏ ସବୁ କରିବାର ସୁଯୋଗ ପାଇଲେ ପିଲାଏ ବହୁତ ଖୁସି ହୁଅନ୍ତି । ସେମାନଙ୍କ ଇନ୍ଦ୍ରିୟଗୁଡ଼ିକ ମଧ୍ୟ ଏ ସବୁ ଉପକରଣର ଯଥାଯଥ ବ୍ୟବହାରରେ ପିଲାଦିନୁ ଅଭ୍ୟସ୍ତ ହୋଇଥିବାରୁ ଅଧିକ ବିକଶିତ ହୁଅନ୍ତି ।

ବାଲବାଡ଼ୀକୁ ସାଧାରଣତଃ ଅଢ଼େଇବର୍ଷରୁ ପାଂଚ ବର୍ଷର ପିଲା ଆସନ୍ତି । ସେଥିପାଇଁ ସେମାନଙ୍କୁ ଆମେ ଯେଉଁ କାମ ଦେବା, ତାହା ସେମାନଙ୍କୁ ଅଧିକ ସମୟ ଯାଏ କରାଇବା ଠିକ୍ ହେବ ନାହିଁ । ସେ କାମକୁ ପିଲାର ମନ ବା ଧୈର୍ଯ୍ୟ ତୁଟିବା ପୂର୍ବରୁ ତାକୁ ଅନ୍ୟ କାମ ବା ମନୋରଂଜନାତ୍ମକ କାର୍ଯ୍ୟକ୍ରମରେ ନିଯୁକ୍ତି କରିଦେବା ଉଚିତ ହେବ । ଅବଶ୍ୟ ଗୋଟିଏ ଗୋଟିଏ ପିଲା ଗୋଟିଏ କାମରେ ବହୁ ସମୟ ଧରି ନିବିଷ୍ଟ ଚିତ୍ତ ରହନ୍ତି ମାତ୍ର ତାହାକୁ ବ୍ୟତିକ୍ରମ ମନେ କରିବାକୁ ହେବ । ପିଲା ଯେପରି କାମକୁ ବୋଝ ମନେ ନ କରିବ ବରଂ ଓଲଟା ସେ କାମଟି କରିବାରେ ଆନନ୍ଦ ଅନୁଭବ କରିବ, ସେଥିପ୍ରତି ବିଶେଷ ନଜର ଦେବାକୁ ହେବ । ନିୟମ ରକ୍ଷା ପାଇଁ ବା ଶିଶୁକୁ ଅଧିକ କାର୍ଯ୍ୟ କରିବା ଆଗ୍ରହରେ ଯଦି ତାର ସାମର୍ଥ୍ୟରୁ ଅଧିକ କାମ ତା ଉପରେ ଲଦି ଦିଆ ହେବ ତେବେ ଶିଶୁ ଉପରେ ତାର ଓଲଟା ପ୍ରଭାବ ପଡ଼ିବ । ଶିଶୁ କର୍ମବିମୁଖ ହୋଇ ଯିବ ।

କୌଣସି ଯନ୍ତ୍ର ବା ହତିଆର, ଛୋଟ କଇଁଚି ବା ଖୁରୁପୀ ଭଳି ସାଦାସିଧା ହତିଆର ଶିଶୁକୁ ବ୍ୟବହାର କରିବାକୁ ଦେବା ବେଳେ ବୁଝି ବିଚାର କରି ସେ ହତିଆର ବାଛିବାକୁ ହେବ । ଶିଶୁର ଆଖି ବା ଅନ୍ୟ ଅଙ୍ଗ ପ୍ରତ୍ୟଙ୍ଗକୁ ଆଘାତ କରିବା ଭଳି ମୁନିଆ, ଧାରୁଆ, ଓଜନିଆ ଆଦି ହତିଆର ବା ଉପକରଣ ଶିଶୁହାତରେ ଦେବା ଅଦୌ ଉଚିତ ନୁହେଁ । କାଚ ବା ସେହିଭଳି ପଦାର୍ଥ ସହଜରେ ଭାଙ୍ଗିଯାଇ ଗୋଡ଼ହାତରେ ଫୁଟି ଯିବା ଖେଳ ସାମଗ୍ରୀ ବା ହତିଆର ପିଲାକୁ ନ ଦେବା ଉଚିତ୍ । ବଗିଚାରେ ହିଡ଼ ବାନ୍ଧିବା, କିଆରୀରେ ପାଣି ମଡ଼ାଇବା ଆଦି କାମ ଗୁଡ଼ିକ ପିଲାଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ଏବଂ ଏ କାମ କରିବା ବେଳେ ଦ୍ୱୀପ, ଉପଦ୍ୱୀପ, ପ୍ରଣାଳୀ ଆଦି ଶବ୍ଦ ଗୁଡ଼ିକର ପଦାର୍ଥ ପାଠ ବିଷୟରେ ଧାରଣା ଦେବା ମଧ୍ୟ ସହଜ ହୋଇଥାଏ । ଶିକ୍ଷୟିତ୍ରୀ ଓ ଶିକ୍ଷକ ସ୍ଥାନ କାଳ ପାତ୍ର ଦେଖି ଏ ସବୁ କାମ କିପରି ଭାବରେ କରାଇଲେ ଉପଯୋଗୀ ହେବ ତାହା ଦେଖିବେ ।

ବର୍ତ୍ତମାନ ବାଲବାଡ଼ୀ ପିଲାଙ୍କ ଦ୍ୱାରା କି ପ୍ରକାର ହାତକାମ ହୋଇ ପାରିବ ଓ ସେଥି ପାଇଁ କି ଉପକରଣ ଆବଶ୍ୟକ ସେ ବିଷୟରେ ଆଲୋଚନା କରାଯିବ । ଯେଉଁ ହାତ କାମ ଛୋଟପିଲା କରିବେ, ତାହା ବଡ଼ମଣିଷ କାମ ପରି

ସର୍ବାଙ୍ଗସୁନ୍ଦର ଓ ସ୍ୱୟଂସଂପୂର୍ଣ୍ଣ ହେବ ବୋଲି ଆଶା କରିବା ଉଚିତ୍ ନୁହେଁ । ହାତକାମ ପ୍ରତି ଶ୍ରଦ୍ଧା ଓ ନିଷ୍ଠା ଜନ୍ମାଇବା ସଙ୍ଗେ ସଙ୍ଗେ ବୋଝ ନ ବିଚାରି ଶିଶୁ ଆନନ୍ଦରେ ଅଭ୍ୟସ୍ତ ହେବ ତାହା ହିଁ ହେବ ଶିକ୍ଷକ ବା ଶିକ୍ଷୟିତ୍ରୀଙ୍କର ଲକ୍ଷ୍ୟ ।

→ ନିଜ ଗୋଡ଼ହାତ ନିଜେ ଧୋଇବେ,
→ ନିଜେ ସାବୁନ୍ ଲଗେଇ ହେବେ,
→ ନିଜେ ଗାଧୋଇବ,
→ ନିଜେ ଜାମା ଜଂଘିଆ ପିନ୍ଧିବେ,
→ ନିଜେ ଜୋତା ପିନ୍ଧିବେ,
→ ନିଜେ ମୁଣ୍ଡ କୁଣ୍ଡେଇବେ ,
→ ନିଜେ ବାସନ ମାଜିବେ,
→ ନିଜେ ଖେଳନା ଉଠାଇ ରଖିବେ,
→ ନିଜେ ଝାଡୁ ଦେବେ, ନିଜେ ଘର ଝାଡ଼ିବେ,
→ ନିଜେ ଟେବୁଲ ଚଉକୀ ସଜାଡ଼ିବେ,
→ ନିଜେ ପାଣି ଭରତି କରିବେ,
→ ରୋଷେଇ ବେଳେ ସାହାଯ୍ୟ କରିବେ,
→ ଛବି ଆଙ୍କିବେ,
→ ଫୁଲ ଗୁଂଥିବେ,
→ ମାଳୀ ଗୁନ୍ଥିବେ, ଆମ୍ବପତ୍ର, ଦେବଦାରୁ ପତ୍ର ତୋରଣ କରିବେ,
→ କଣ୍ଢେଇ ତିଆରି କରିବେ,
→ ବଗିଚାରୁ ଫଳ ତୋଳିବେ,
→ ବଗିଚାରେ ପାଣି ଦେବେ,
→ ମଂଜି ପୋତିବେ
ଇତ୍ୟାଦି ।

ଏ କାମ ଗୁଡ଼ିକ କିପରି ଶିଶୁମାନଙ୍କ ପାଇଁ ଆନନ୍ଦ ଦାୟକ ହେବା ସଙ୍ଗେ ସଙ୍ଗେ ସେମାନଙ୍କ ଶାରୀରିକ ଓ ମାନସିକ ବିକାଶରେ ସହାୟକ ହେବ ତାହା ହିଁ ମୂଳ ଲକ୍ଷ୍ୟ । ସେଥିପାଇଁ ଏ ସବୁ କାମ ଯୋଜନାବଦ୍ଧ ଭାବରେ ହେବା ଦରକାର । ଉଦାହରଣ ସ୍ୱରୂପ ଯେଉଁ ପିଲା ବାଲବାଡ଼ୀରେ ପରଷିବେ, ସେମାନେ ଅପେକ୍ଷାକୃତ ବଡ଼ ପିଲା ହୋଇଥିବେ । ସେମାନେ
(କ) ଖାଉଟି ସଂଖ୍ୟା ଗଣିବେ
(ଖ) ସେତିକି ସଂଖ୍ୟକ ପଟି ବିଛେଇବେ
(ଗ) ସେତିକି ବାସନ ଓ ଗିଲାସ ଗଣି ରଖିବେ
(ଘ) ପିଇବା ପାଣି ଘୋଡ଼ାଇ ରଖିବେ
(ଙ) ପରଷିବା ବାସନ ସଜାଡ଼ିବେ
(ଚ) ଖାଇବା ଆଗରୁ ଶାନ୍ତି, ଆହାର ପ୍ରକାର, ମନ୍ତ୍ର କହି ମନ୍ତ୍ର ବୋଲିବେ ।

ଠିକ୍ ସେହିପରି ବାସନ ମାଜିବା କାମ କଲାବେଳେ କେଉଁ ବାସନ ପାଉଁଶରେ, କେଉଁ ବାସନ ସୋଡ଼ାରେ ମଜା

ହେବ, ବାସନ ମଜା ହୋଇ, ଧୁଆ ହୋଇ, ପୋଛା ହୋଇ ଯଥା ସ୍ଥାନରେ ସଜା ହୋଇ ରହିବ ଆଦି ଜାଣି ତାହା ଅନୁସରଣ କରିବେ । କଂସା ବା ପିତଳ ବାସନରେ କହିଁକି ଖଟା ଖାଇ ହେବ ନାହିଁ, କାଚ ବାସନ କାହିଁକି ଚୁଲୀରେ ବସେ ନାହିଁ ଆଦି ବିଷୟରେ ସାଧାରଣ ଜ୍ଞାନ ପିଲାଙ୍କୁ ଦେବାକୁ ହେବ । ଆମର ପ୍ରତ୍ୟେକ ଆଚରଣ ପଛରେ ଯେଉଁ ବିଜ୍ଞାନସମ୍ମତ ବିଚାର ରହିଛି ତାହା ସେମାନଙ୍କ ହୃଦ୍‌ବୋଧ ହେବାଭଳି ଭାଷାରେ ସେମାନଙ୍କୁ ବୁଝାଇବାକୁ ହେବ । ଏଥିପାଇଁ ଯେଉଁ ସବୁ ଉପକରଣ ଆବଶ୍ୟକ ତାହାର ମୋଟା ମୋଟି ତାଲିକା ନିମ୍ନରେ ଦିଆଗଲା ।

ଦେହ ସଫା ପାଇଁ - ବାଲଟି, ସାବୁନ୍, ତଉଲିଆ, ତେଲଗିନା,ପାନିଆ (ପ୍ରତ୍ୟେକ ପିଲା ପାଇଁ ଅଲଗା ଅଲଗା ତଉଲିଆ ଓ ପାନିଆ)
ଘର ସଫାଇ ପାଇଁ - ଛୋଟ ଝାଡୁ, ଛୋଟ ପହଁରା, ଝାଡୁ
ପାଣି ଭରିବା ପାଇଁ - କଳସୀ, ଛୋଟ ବାଲଟି, ପାଣି ଛଣା
ଖାଦ୍ୟ ପଦାର୍ଥ ସଫା ପାଇଁ - କୁଲା, ଚାଲୁଣୀ, ଡ଼ାଲା, ଚକୀ

ପରିବା କଟା ଆଦି ରନ୍ଧା କାମ ପାଇଁ -
ଛୋଟ ପନିକି, ଛୋଟ ହେମଦସ୍ତା, ଛୋଟ ତାବା, ବେଲଣା ଚକି ଓ କାଠି, ଚୁଲୀ, ସଣ୍ଡୁଆସି, ଚିମୁଟା, କରଚୁଲି, ହାଣ୍ଡି, ପରାତ ।

ଖାଇବା ବ୍ୟବସ୍ଥା ପାଇଁ -
ଆସନ ବା ପିଢ଼ା, ଥାଳିଆ, ପଟି, ଚାମୁଚ, ଗିଲାସ

ବାସନ ମାଜିବା ପାଇଁ -
ପାଉଁଶ, କତା, ପାଣି ରଖିବା ବାସନ, ବାସନ ପୋଛା,ଅଇଁଠା ପକାଇବା ଟିଣ, ବାସନ ରଖିବା ଥାକ

ବଗିଚା କାମ ପାଇଁ -
ଛୋଟ ଖୁରୁପୀ, ଛୋଟ ଦା, ଛୋଟ କୋଦାଳ, ଛୋଟ ଶାବଳ, ଛୋଟ କୁଣ୍ଡ, ଛୋଟ ଝରି, ଛୋଟ ବାଲଟି

ମାଟି ଖେଳନା ତିଆରି ପାଇଁ -
ଚକଟା ମାଟି, ମାଟି ରଖିବା କୁଣ୍ଡ,

ଚିତ୍ର କରିବା, କାଗଜ କାଟିବା, ଫୁଲ ଗୁନ୍ଥିବା ଆଦି ପାଇଁ -
କଇଁଚି, ରଙ୍ଗ, ତୂଳି (ଦାନ୍ତକାଠି ଛେଚି), କାଗଜ, ପୁରୁଣା ପୋଷ୍ଟକାର୍ଡ୍, ପୁରୁଣା ଖବର କାଗଜ, ମୋଟା ଛୁଂଚି, ସୂତା ଆଦି ।

ଏହିପରି ଯେତେ ଯେତେ କାମ ବାଲବାଡ଼ୀରେ କରାଯାଇ ପାରିବ, ତାର ଉପକରଣ ମଧ୍ୟ ମହଜୁଦ ରଖିବାକୁ ହେବ ।

ଶିଶୁର ଆନନ୍ଦ ପ୍ରବୃତ୍ତି - ଶିଶୁଗୀତ

ମନର ଆନନ୍ଦ ବ୍ୟକ୍ତ କରିବାର ଗୋଟିଏ ବଡ଼ ମାଧ୍ୟମ ହେଉଛି ନାଚଗୀତ । ମହୁମାଛି ମହୁର ସନ୍ଧାନ ପାଇଲେ ଗୁଣୁ ଗୁଣୁ ହୋଇ ନାଚେ, ମୟୂର ମେଘ ଦେଖିଲେ କେକା ଧ୍ୱନୀ କରି ନାଚେ । ଛୋଟ ପିଲା ମଧ୍ୟ ଗୀତ ଶୁଣିବାକୁ, ନାଚ

ଦେଖିବାକୁ ଓ ନିଜେ ନାଚିବାକୁ, ଗାଇବାକୁ ସୁଖ ପାଆନ୍ତି । ସେଥିପାଇଁ ବାଲବାଡ଼ୀ ଶିକ୍ଷାରେ ନାଚ ଓ ଗୀତ ଏକ ଅପରିହାର୍ଯ୍ୟ ଅଙ୍ଗ ହୋଇଥାଏ । ବାଲବାଡ଼ୀ ପିଲାକୁ କବିତା ଆବୃତ୍ତି ବା ଗୀତ ଶିଖେଇବା ବେଳେ ସର୍ବଦା ମନେ ରଖିବାକୁ ହେବ ଯେ ତାହା ଯେପରି ଶିଶୁର ଚିତ୍ତାକର୍ଷକ ହେବା ସଙ୍ଗେ ସଙ୍ଗେ ବୋଧଗମ୍ୟ ହେବ । ଛୋଟ ପିଲା ଅନୁପ୍ରାସ ଓ ଛନ୍ଦ ପ୍ରିୟ ହୋଇ ଥିବାରୁ କବିତା ଓ ଗୀତ ସେହିପରି ହୋଇଥିବା ଦରକାର । ଶିକ୍ଷୟିତ୍ରୀ ହାତରେ ତାଳ ଦେଇ, ଆଖି ନଚେଇ, ନାନା ଅଙ୍ଗଭଙ୍ଗୀ କରି ପିଲାଙ୍କୁ କବିତା ବା ଗୀତ ଶିଖାଇବେ । ସେ ଆଗ ବୋଲିବା ପରେ ପିଲାଏ ତାହା ଦୋହରାଇବେ । ସାଧାରଣତଃ ୭ / ୯ / ୧୧ / ୧୨ ଅକ୍ଷରିଆ ଛନ୍ଦ ପିଲାଏ ଶୀଘ୍ର ଶିଖିଥାନ୍ତି । ଯଥା –

"ଥିଲା ଏକ ଠେକୁଆ, ନାଁ ଟି ତାର ଭେକୁଆ",

"ଦିନେ ରାମ ନରହରି
ବହିଖାତା ହାତେ ଧରି
ଯାଉଥିଲେ ଚାହାଳୀକି
ବାଟେ ଗଲେ ଅଟକି"

କିମ୍ବା
"ଚୁଟିଆ ମୂଷା ଛୁଆ
କୂଅ ମୂଳକୁ ଯିବୁ ତୁ ଯେବେ
ଧରିବ ବୁଢ଼ା କୁଆ"

ଅଥବା
"କାଉ ଡାକେ କା କା
କୋଇଲି ଡାକେ କୂ"
ଇତ୍ୟାଦି ।

କବିତା ଆବୃତ୍ତି କଲା ବେଳେ ହାତ ହଲାଇ କବିତାର ବିଷୟବସ୍ତୁ ବର୍ଣ୍ଣନା କରିବା ମଧ୍ୟ ପିଲାଏ ଶିଖିବେ । କବିତା ବା ଗୀତ ଗୁଡ଼ିକ ପ୍ରସଙ୍ଗ ଉପଯୋଗୀ ହେଲେ ପିଲାଙ୍କ ନିମନ୍ତେ ରୁଚିକର ହୋଇଥାଏ । ଯଥା - ମେଘ ପକାଇଲେ:

ମେଘ ପକାଇଲା ଟପର ଟପର କେଣ୍ଟୁର ମାଇଲା ଗଜା କେଉଁ ରାଇଜରେ ରହିଲେ ମୋ ରଜା ତେଲିଙ୍ଗି ବାଇଦ ବଜା । ମେଘ ବରଷଇ ଟପର ଟପର କେଣ୍ଟୁର ମାଇଲା ଗଜା ସାରୁ ଗଛ ମୂଳେ ବେଙ୍ଗଟିଏ ବସି ଆପେ ବୋଲାଉଛି ରଜା ।

ବର୍ଷା ଦିନେ ଖରା ନ ହେଲେ :
ଆ ଖରା ମା ଖରେଇ ଦେ ...

କାଉ ଦେଖିଲେ :
ଡାମରା କାଉ ରେ ଡାମରା କାଉ ...

ଡଙ୍ଗାରେ ବସିଲେ:
ଆରେ ବୋଇତ ଭାଷି ଯା ...

ସେହିପରି ବଗିଚାର ଫୁଲ, ଫଳ, ଜହ୍ନ, ତାରା, ମେଘ, ତୋଫାନ, ବାଟରେ ଯାଉଥିବା ଗାଡ଼ି ମଟର, ଘରେ ଥିବା ଗାଈ ବାଛୁରୀ, ଦିନେ ଅଧେ ଦେଖିବାକୁ ମିଳୁଥିବା ଘୋଡ଼ା, ହାତୀ ଆଦି ବିଷୟରେ କବିତା ଓ ଗୀତ ପିଲାଙ୍କୁ ଶିଖାଯାଏ ।

ଆମ ଓଡ଼ିଶାରେ ଓଡ଼ିଆ ଭାଷାରେ ବାଲବାଡ଼ୀ ଶିକ୍ଷାର ବହୁଳ ପ୍ରଚାର ଏ ପର୍ଯ୍ୟନ୍ତ ହୋଇ ନାହିଁ । ସେଥିପାଇଁ ଶିଶୁ ଖେଳ ଗୀତ, କବିତା ଆଦି ସଙ୍ଗ୍ରହ କରିବା, ନୂଆ ନୂଆ ଗୀତ କବିତା ରଚନା, ତାହା ପିଲାଙ୍କୁ ଶିଖାଇ ସେମାନଙ୍କ ଲାଖି ହୋଇଛି କି ନାହିଁ ପରଖ କରିବା ଶିକ୍ଷୟିତ୍ରୀଙ୍କର ପ୍ରଧାନ କର୍ତ୍ତବ୍ୟ ହେବ । ଏହା ଦ୍ୱାରା ଓଡ଼ିଶାର ଶିଶୁ ସାହିତ୍ୟ ସମୃଦ୍ଧ ହେବା ସଙ୍ଗେ ସଙ୍ଗେ ଶିଶୁଜଗତର ପ୍ରଭୂତ ଉପକାର ସାଧିତ ହେବ ।

ଶିଶୁର ଆନନ୍ଦ ପ୍ରବୃତ୍ତି - କାହାଣୀ

ଗୋସାଇଁମା, ଆଇମାଙ୍କ କୋଳରେ ବସି କାହାଣୀ ଶୁଣିବା ହେଲା ଶିଶୁ ପାଇଁ ସବୁଠାରୁ ଆନନ୍ଦ ଦାୟକ କାର୍ଯ୍ୟକ୍ରମ । ଶିଶୁଶିକ୍ଷାରେ ମଧ୍ୟ କାହାଣୀ-କଥନ ଉପରେ ବହୁତ ଗୁରୁତ୍ୱ ଆରୋପ କରାଯାଇଛି । କାହାଣୀ ମାଧ୍ୟମରେ ଶିଶୁର ସାହିତ୍ୟ, ଇତିହାସ, ଭୂଗୋଳ, ବିଜ୍ଞାନ ଆଦି ସହଜରେ ଶିକ୍ଷା ଦିଆଯାଇ ପରେ । ପୁଣି ଯଦି କାହାଣୀକୁ ବିକୃତ କରି କୁହାଯାଏ ତେବେ ତାହା ଶିଶୁକୁ ଡରୁଆ, କୁସଂସ୍କାରାଛନ୍ନ, ପ୍ରତିଶୋଧ ପରାୟଣ, ଈର୍ଷା ପରାୟଣ କରିଦିଏ । ସେଥିପାଇଁ ବାଲବାଡ଼ୀରେ ଯେଉଁ କାହାଣୀ କୁହାଯିବ ତାହାର ବିଷୟବସ୍ତୁ ଅତ୍ୟନ୍ତ ସାବଧାନତା ସହକାରେ ବାଛିବାକୁ ପଡ଼େ । ବ୍ୟାସଦେବ ଓ ବାଲ୍ମୀକି ହେଉଛନ୍ତି ଏ କ୍ଷେତ୍ରରେ ଆମର ଆଦର୍ଶ । ବ୍ୟାସ ଯେପରି ଭାବରେ କୃଷ୍ଣଙ୍କ ପିଲାଦିନର କଥା ବର୍ଣ୍ଣନା କରିଛନ୍ତି ଓ ବାଲ୍ମୀକି ରାମାୟଣରେ ଭାତୃସ୍ନେହ ଦେଇଛନ୍ତି, କର୍ତ୍ତବ୍ୟ ପରାୟଣତାର ମର୍ମସ୍ପର୍ଶୀ ଚିତ୍ର ଆଙ୍କିଛନ୍ତି ହଜାର ହଜାର ବର୍ଷ ଧରି ତାହା ଆମ ଦେଶର ଶିଶୁ ମନକୁ ରଂଜଉଛି । ବାଲ୍ମୀକିଙ୍କ ହନୁମାନ ଓ ବ୍ୟାସଙ୍କ କାଳୀୟ ନାଗ ଉପରେ ନାଚୁଥିବା କୃଷ୍ଣଙ୍କୁ କୋଉ ଶିଶୁ ଭଲ ନ ପାଏ? ତେଣୁ ପୁରାଣ ଶାସ୍ତ୍ର ଠାରୁ ଆରମ୍ଭ କରି ଆଧୁନିକ ଶିଶୁ-ପତ୍ରିକାରେ ପ୍ରକାଶ ପାଉଥିବା କାହାଣୀଗୁଡ଼ିକ ପଢ଼ି, ତନ୍ମଧ୍ୟରୁ ଯେଉଁ କାହାଣୀଗୁଡ଼ିକ ଶିଶୁର ବୋଧଗମ୍ୟ ହେବା ସଙ୍ଗେ ସଙ୍ଗେ ତାର ସଦ୍‌ଗୁଣ ବିକାଶରେ ସହାୟକ ହେବ, ସେହି କାହାଣୀ ସଙ୍ଗ୍ରହ କରିବା ବିଧେୟ ।

ବୟସ ଅନୁସାରେ ଶିଶୁକୁ ଭିନ୍ନ ଭିନ୍ନ ଢଙ୍ଗର କାହାଣୀ ଶୁଣାଇବାକୁ ପଡ଼େ । ତିନି ବର୍ଷର ଶିଶୁ ଯେଉଁ କାହାଣୀ ଶୁଣିବାକୁ ସୁଖପାଇବ, ୪ ବର୍ଷର ଶିଶୁକୁ ତାହା ଭଲ ଲାଗିବ ନାହିଁ । ତିନି ବର୍ଷର ଶିଶୁକୁ ତାର ଆଖପାଖରେ ଘଟୁଥିବା ଘଟଣା ବା ଗାଈ, ଘୋଡ଼ା, ବିଲେଇ, କୁକୁର ଆଦିକୁ ଘେନି କାହାଣୀ ରଚନା କରି କହିଲେ ସେମାନେ ଆଗ୍ରହରେ ଶୁଣିବେ । କାରଣ କାହାଣୀ ଶୁଣିଲା ବେଳେ ଶିଶୁ ମନଶ୍ଚକ୍ଷୁରେ ସେ ସବୁ ଦୃଶ୍ୟ ଦେଖେ । ତେଣୁ ସେ ଦେଖୁଥିବା, ଶୁଣୁଥିବା କଥାକୁ ବର୍ଣ୍ଣନା କରିବା ଦ୍ୱାରା ତାହା ପକ୍ଷରେ କାହାଣୀ ବିଷୟବସ୍ତୁକୁ କଳ୍ପନା ନେତ୍ରରେ ଦେଖିବା ସହଜ ହୁଏ ।

ଇତର ପ୍ରାଣୀଙ୍କ ପରି ମାନବ ଶିଶୁର ମସ୍ତିଷ୍କ ଧରାବନ୍ଧା ଗତରେ କାମ ନ କରି ମୁକ୍ତ ଚିନ୍ତନ କରିପାରେ ଏବଂ ସେଥିରେ ସେ ଆନନ୍ଦ ଲାଭ କରେ । କିନ୍ତୁ ଅତି ଛୋଟପିଲା, ଯେ ପାହାଡ଼, ବଣ ଆଦି ଦେଖି ନାହିଁ ତାକୁ ବଣ ପାହାଡ଼, ରାଜାରାଣୀ କଥା କହିଲା ବେଳେ ବଣ ପାହାଡ଼, ରାଜା ରାଣୀ ଆଦିର ବିସ୍ତୃତ ବର୍ଣ୍ଣନା ଶୁଣାଇବାକୁ

ଦରକାର ହୁଏ । ତେଣୁ ବାଲବାଡ଼ୀର ଶିକ୍ଷୟିତ୍ରୀଙ୍କୁ ସର୍ବପ୍ରଥମେ ଶିଶୁର ମନକୁ ରଂଜେଇ ପାରିଲା ଭଳି ଭାଷା ଓ ଗଳ୍ପ କଥନ ଶୈଳୀ ଆୟତ୍ତ କରିବାକୁ ହେବ ।

ଦ୍ୱିତୀୟ କଥା ହେଲା ଏକା ଓଡ଼ିଆ ଭାଷା ବିଭିନ୍ନ ଜିଲ୍ଲାରେ ବିଭିନ୍ନ ଶୈଳୀରେ ଉଚ୍ଚାରିତ ହୋଇଥାଏ । ତେଣୁ ଶିଶୁର ବୋଧଗମ୍ୟ ହେବା ଦୃଷ୍ଟିରୁ ଶିକ୍ଷୟିତ୍ରୀ ସେହି ଆଂଚଳିକ ଭାଷା ପ୍ରୟୋଗ କରି ପିଲାକୁ କାହାଣୀ ଶୁଣାଇବେ ।

ତୃତୀୟ କଥା ହେଲା କାହାଣୀ କହିବା ବେଳେ କାହାଣୀର ଘଟଣା ଅନୁସାରେ ଶିକ୍ଷକଙ୍କର କଥା କହିବା ଭଙ୍ଗୀ ମଧ୍ୟ କେତେବେଳେ ଧୀର, କେତେବେଳେ ଉଚ୍ଚ, କେତେବେଳେ ଆନନ୍ଦ ଗଦ୍ ଗଦ, କେତେବେଳେ ବିଷାଦସୂଚକ ହେବା ଦରକାର । କାହାଣୀର ପାତ୍ର ପାତ୍ରୀଙ୍କ କାର୍ଯ୍ୟକଳାପ ଶିକ୍ଷୟିତ୍ରୀଙ୍କ ବର୍ଣ୍ଣନା ଦ୍ୱାରା ଜୀବନ୍ତ ହୋଇ ଉଠିଲେ ତାହା ଶିଶୁର ଚିତ୍ତ ଜୟ କରେ । ଏଥିପାଇଁ କାଉ ପରି ବୋବାଇବାକୁ ବା କୁକୁର ପରି ଭୁକିବାକୁ ପଡ଼ିଲେ ଶିକ୍ଷୟିତ୍ରୀ କୁଣ୍ଠାବୋଧ କରିବା ଉଚିତ୍ ନୁହେଁ ।

ଆଜିକାଲି ଅନେକ ଶିଶୁସାହିତ୍ୟରେ ବହୁତ ଛବି ଦିଆଯାଇ କାହାଣୀ ଲେଖା ହୋଇଥାଏ । ଶିକ୍ଷୟିତ୍ରୀ ସେଗୁଡ଼ିକ ପଢ଼ି ଶୁଣାଇଦେଲେ ଚଳିବ ନାହିଁ । କିମ୍ବା ସେଗୁଡ଼ିକୁ ମୁଖସ୍ଥ କରି ପିଲାଙ୍କ ଆଗରେ ଦୋହରେଇ ଦେଲେ ଚଳିବ ନାହିଁ । ମୁହଁରେ ଯେଉଁ କାହାଣୀ କୁହାଯାଏ, ତାହା ସହିତ କାହାଣୀ କହିବା ଲୋକର ପ୍ରାଣର ଆବେଗ ମିଶିଥିବାରୁ ତାହା ଶ୍ରୋତା ମନରେ ମଧ୍ୟ ଆବେଗ ସୃଷ୍ଟି କରେ । ସେଥିପାଇଁ ଶିଶୁ କାହାଣୀ ଶୁଣୁ ଶୁଣୁ ହସେ କିମ୍ବା କାନ୍ଦି ପକାଏ କିମ୍ବା ଉତ୍ତେଜିତ ହୋଇ ରାକ୍ଷସକୁ ମାରିବାକୁ ବାହାରେ । ତାହା ହିଁ ତାର ଅସଲ ବିକାଶର ଚିହ୍ନ । ଶିକ୍ଷୟିତ୍ରୀ ଏହା ଭୁଲିଲେ ଚଳିବ ନାହିଁ ।

ଶିଶୁର ଆନନ୍ଦ ପ୍ରବୃତ୍ତି ଶିଶୁନାଟ୍ୟ

ନାଟକ ହେଉଛି ବାଲବାଡ଼ୀ ଶିକ୍ଷାର ଅନ୍ୟତମ ଅବିଚ୍ଛେଦ୍ୟ ଅଂଶ । ଶିଶୁ ଯାହା କାହାଣୀ ଶୁଣେ ନିଜକୁ ସେହି କାହାଣୀର ଜଣେ ପାତ୍ର ରୂପେ କଳ୍ପନା କରିବାକୁ ସୁଖ ପାଏ । ହନୁମାନ କଥା ଶୁଣୁ ଶୁଣୁ ସେ ଆପେ ହନୁମାନ ହୋଇ ଯାଏ, ରାମକଥା ଶୁଣି ଧନୁଶର ଧରି ରାକ୍ଷସ ମାରିବାକୁ ବାହାରେ । ମେଘ ବରଷିବା ଆରମ୍ଭ ହେଲେ "ଦେ ଇନ୍ଦ୍ର ଦେ କଚାଡ଼ି, ଦେଲେ ଖାଇବୁ କ୍ଷୀରି ଖେଚୁଡ଼ି" କହି ନାଚୁଥିବା ପିଲାର ନାଚ ଦେଖି କିଏ ଧନ୍ୟ ନ ହୋଇଛି !

ତେଣୁ ବାଲବାଡ଼ୀରେ ଛୋଟ ପିଲା ଅଭିନୟ କରି ପାରିବା ଭଳି ନାଟକ ମଧ୍ୟ ଶିଖାଇବାକୁ ପଡ଼େ । ଯେଉଁ କାହାଣୀ ପିଲାଏ ଶୁଣନ୍ତି ତାହାକୁ ହିଁ ନାଟ୍ୟାଭିନୟ (Dramatisation) କରିଲେ ପିଲାଏ ତାହା ଖୁବ୍ ଉପଭୋଗ କରନ୍ତି । କଲୁରେଇବେଣ୍ଟ କାହାଣୀଟିକୁ ପିଲାଏ ନାଟ୍ୟାଭିନୟ କଲାବେଳେ କୂଆ, କଲୁରେଇବେଣ୍ଟ ପରି କଣ୍ଢେଇ, ମିରିଗ, କାଳୀଗାଈ, ଆଦି କଥାକୁ, ଯାହା କାହାଣୀରେ ବାରଂବାର ଦୋହରା ହୁଏ, ସେହି କାହାଣୀକୁ ଅଭିନୟ କରିବା ଫଳରେ ପିଲାଏ ତାକୁ ସହଜରେ ମନେ ରଖି ପାରନ୍ତି । ସେମାନଙ୍କର ଶବ୍ଦଭଣ୍ଡାର (Vocabulary) ମଧ୍ୟ ବଢ଼େ । "ମି ମି କା ମାଣିକ ରଜା", "ମୁଁ ତ ଲାଉ ଧୁଡୁକୀ" , "କଲୁରେଇ ବେଣ୍ଟ" ଆଦି କାହାଣୀଗୁଡ଼ିକ ଏହି ପର୍ଯ୍ୟାୟ ଭୁକ୍ତ ।

ଶିଶୁକୁ ନାଟକ ଶିଖାଇବା ବେଳେ ଶିକ୍ଷୟିତ୍ରୀ ନିଜେ ପିଲାଙ୍କ ପରି ନାଚିକୁଦି ଅଭିନୟ କରିବେ । ତାହା ହେଲେ ପିଲାଏ ସହଜରେ ଅନୁକରଣ କରିପାରିବେ ।

ଏହି ଶିଶୁ ନାଟ୍ୟକାରଙ୍କ ପାଇଁ, ଯଦି ନାଟକ ପାଇଁ ଉପଯୋଗୀ ପୋଷାକ ପତ୍ର ଯୋଗାଡ଼ କରାଯାଇପାରେ ତେବେ

ନାଟକ ଆହୁରି ଚିତ୍ତାକର୍ଷକ ହୁଏ । 'ମୈଁ ମିଁକା ମାଣିକ ରଜା' କାହାଣୀରେ ବାଘ, ଭାଲୁ, ଛେଳି ଆଦିର ମୁଖା ମଧ୍ୟ ପିଲାଙ୍କ ପାଇଁ ବ୍ୟବହାର କରାଯାଇପାରେ । ସେହି ରଙ୍ଗର କନା ବେକରେ ବାନ୍ଧି ସେହି ଜନ୍ତୁଙ୍କ ପରି ମଝିରେ ମଝିରେ ଘୁମୁରିଲେ ମଧ୍ୟ । ନାଟକର ପାତ୍ର ପାତ୍ରୀଙ୍କ ଛବି ଆଙ୍କି କାର୍ଡ଼ବୋର୍ଡରେ ଲଗାଇ ଗୋଟିଏ ଗୋଟିଏ ଲମ୍ବା କାଠି ଅଗରେ ସେହି ଛବି ବାନ୍ଧି ଦିଆଯାଇ ମଧ୍ୟ ପିଲାଏ ନାଟକ କରନ୍ତି । କାର୍ଡ଼ବୋର୍ଡର ଆଗରେ ଯେପରି ପିଲାଙ୍କ ମୁଣ୍ଡ ନ ଦିଶିବ, ପିଲାଏ ଯେ ଯେଉଁ ପାତ୍ରର ଭୂମିକା ନେବେ ସେହି କାଠିରେ ବନ୍ଧା ଛବିକୁ ଧରି ସେହି ଚଦର ପଛରେ ରହିବେ । ପିଲାଏ ଛପି ରହି ନିଜ ମୁହଁରେ ସେହି ନାଟକର କଥୋପକଥନ କରିବା ସଙ୍ଗେ ସଙ୍ଗେ କାଠି ହଲେଇ ଛବି ଦେଖେଇ ଦେବେ ।

ପିଲାଙ୍କର ଏହି ନାଟକକୁ ରିହର୍ସଲ କରାଯାଏ ନାହିଁ । କାହାଣୀ ଶୁଣିବା, ଶୁଣାଇବା ଓ ନାଟ୍ୟାଭିନୟ କରିବା ବାଲବାଡ଼ୀ ଶିକ୍ଷାର ଅଙ୍ଗ । ତେଣୁ ପିଲାଏ ସ୍ୱାଭାବିକ ଭାବରେ ଏ ସବୁ ମନେ ରଖି କରିବେ । ନାଟକ ଯେପରି ସେମାନଙ୍କ ପାଇଁ ଏକ ବୋଝ ହେବ ନାହିଁ, ସେଥିପ୍ରତି ସଜାଗ ରହିବାକୁ ହେବ ।

ପିଲାଙ୍କ ନାଟ୍ୟାଭିନୟ ପାଇଁ ସିନ୍ ବା ସାଜଘର (Green Room) ଦରକାର ହୁଏ ନାହିଁ । ଧାଡ଼ି ହୋଇ ବସିଥିବା ପିଲାଙ୍କ ଭିତରୁ ପିଲାଏ ରଙ୍ଗମଂଚ ଉପରକୁ ଉଠିଯାଇ ନିଜ ଭୂମିକାରେ ଅଭିନୟ କରନ୍ତି ।

ବେଳେ ବେଳେ ଶିକ୍ଷୟିତ୍ରୀ ନିଜେ ଏହି ନାଟକରେ ଭୂମିକା ଗ୍ରହଣ କରି ଅଭିନୟ କଲେ ନାଟକ ଆହୁରି ସରସ ହୁଏ । ସାଜସଜ୍ଜା ଓ ବେଶଭୂଷା ପାଇଁ ପଇସା ଖରଚ କରିବାର ଆଜିକାଲି ଯେଉଁ ଚଳଣି ସମାଜରେ ଚଳୁଛି, ବାଲବାଡ଼ୀରେ ତାହା ଆଦୌ ଚଳିବା ଉଚିତ୍ ନୁହେଁ । ଗଛର ପତ୍ର, ଫୁଲ, ଚଢ଼େଇ ପର ଆଦି ଉପାଦାନ ଏଥିପାଇଁ ବ୍ୟବହୃତ ହେବା ଉଚିତ୍ ।

ଶିଶୁର ଆନନ୍ଦ ପ୍ରବୃତ୍ତି ପ୍ରଦର୍ଶନୀ

ପଥର, ଚଢ଼େଇ ପର, ଖେଳଣା, ଆଦି ଠାରୁ ଆରମ୍ଭ କରି ନାନା ପ୍ରକାର ଜିନିଷ ସଙ୍ଗ୍ରହ କରିବା ଶିଶୁର ସ୍ୱାଭାବିକ ଗୁଣ । ଏହାକୁ ଶିକ୍ଷାର ମାଧ୍ୟମ ରୂପେ ପ୍ରୟୋଗ କରିବା ହେଉଛି ଶିକ୍ଷୟିତ୍ରୀଙ୍କ କାମ । ସେ ପିଲାଙ୍କୁ ନାନା ପ୍ରକାର ଚଢ଼େଇ ପର ଓ ଫୁଲ ସଙ୍ଗ୍ରହ କରି ଖାତାରେ ଚାପି ରଖିବା ପାଇଁ ପ୍ରବର୍ତ୍ତାଇବେ ଏବଂ ପର ଓ ଫୁଲର ପରିଚୟ ସଙ୍ଗେ ସଙ୍ଗେ ରଙ୍ଗର ପରିଚୟ ମଧ୍ୟ କରାଇ ପାରିବେ । ସେହିପରି ଶିଶୁର ସାଧାରଣ ଜ୍ଞାନର ବିକାଶ ପାଇଁ ବିଭିନ୍ନ ଧାତୁର ବାସନ, ବିଭିନ୍ନ ପ୍ରକାର ପିଲାଙ୍କ ପୋଷାକ, ଛବି ଓ ଛବି ବହି , ଧାନ ଗହମ ଆଦି ନାନା ପ୍ରକାର ଖାଦ୍ୟ ଶସ୍ୟ, ଋତୁ ଅନୁସାରେ ପନିପରିବା ଓ ଫଳ, ଫୁଲ, ପତ୍ର, ଶାମୁକା, ଗେଣ୍ଡା, ଶଂଖ ଆଦି, ବାଲିଗରଡ଼ା, ଚଢ଼େଇ ପର, ବିଭିନ୍ନ ପ୍ରକାର ହତିଆର ଆଦିର ପ୍ରଦର୍ଶନୀ କରାଯାଇ ପାରେ । ଶିଶୁକୁ ଜଳଚର, ସ୍ଥଳଚର, ଖେଚର, ଉଭୟଚର ଜୀବଙ୍କ ବିଷୟରେ ଓ ଜୀବଜଗତର କ୍ରମ ବିକାଶ ଆଦି ବିଷୟରେ ଜ୍ଞାନ ଦେବା ପାଇଁ ସେହିପରି ଖେଳନା ମାନ ସଙ୍ଗ୍ରହ କରି ସଜାଇ ଦିଆଯାଇ ପାରିବ । ବାଲିରେ ଡାଳ ପୋତି, ଜଙ୍ଗଲ କରି, ପାହାଡ଼ ତିଆରୀ କରି, ନଦୀ ସୃଷ୍ଟି କରି ଶିକ୍ଷା ଦିଆଯାଇ ପାରେ । ମିଠା, ପିତା, କଷା, ଖଟା, ଲୁଣିଆ ଆଦି ସ୍ୱାଦ ବାରିବା ପାଇଁ ବିଭିନ୍ନ ଖାଦ୍ୟ ପଦାର୍ଥ, ମଂଜିରୁ କିପରି ଗଛ ହେଉଛି ଦେଖାଇଥିବା ପାଇଁ ସରାରେ ମାଟି ରଖି ମୁଗ, ସୋରିଷ ଆଦି ପିଲାଙ୍କ ଦ୍ୱାରା ବୁଣାଯିବା, ତାକୁ ଛାଇରେ ରଖିଲେ ଗଛ ହଳଦିଆ ହେଉଥିବା ଓ ଖରାରେ ରଖିଲେ ଶାଗୁଆ ହେଉଥିବା ଆଦି ପର୍ଯ୍ୟବେକ୍ଷଣ କରାଇବା, ଭାତ, ଡାଲି,ତେଲ ଆଦି କେଉଁଥିରୁ କିପରି ହେଉଛି ତାହା ଦେଖାଇବା, ଆଦି ନାନା ବିଷୟ ପ୍ରଦର୍ଶିତ ହୋଇ ପାରିବ । ମୂଳ କଥା ହେଲା ଶିକ୍ଷୟିତ୍ରୀ ପ୍ରଦର୍ଶନୀକୁ ଶିଶୁର ଚିତ୍ତାକର୍ଷକ ହେଲା ଭଳି ସୁନ୍ଦର କରି ପ୍ରଦର୍ଶନୀକୁ ସଜାଇବ ଏବଂ ଶିଶୁ ମଧ୍ୟରେ ଆଗ୍ରହ ସୃଷ୍ଟି କରାଇ ଏହି ସାମଗ୍ରୀମାନ ଯଥା ସମ୍ଭବ ସେହିମାନଙ୍କ ଦ୍ୱାରା ସଙ୍ଗ୍ରହ କରାଇବେ ।ଦୋକାନ, ଡାକଘର, ରେଳ ଷ୍ଟେଶନ୍, ଡାକ୍ତରଖାନା ଆଦି ଖେଳ ପାଇଁ ନାନା ପ୍ରକାର ଖେଳନା ପ୍ରସ୍ତୁତ କରି ପ୍ରଦର୍ଶନୀରେ ରଖାଯାଇ ପାରେ ଓ ତାହା ଶିଶୁ ପାଇଁ ଶିକ୍ଷଣୀୟ ମଧ୍ୟ ହୋଇଥାଏ ।

ପିଲାଏ ନିଜ ହାତରେ ତିଆରୀ କରିଥିବା ମାଟି ଖେଳଣା, କଇଁଚିରେ କାଟିଥିବା କାଗଜ, ନିଜେ ଆଙ୍କିଥିବା ଚିତ୍ର ମଧ୍ୟ ପ୍ରଦର୍ଶନୀରେ ସ୍ଥାନ ପାଇବ ।

ଏହା ଛଡ଼ା ବାଲବାଡ଼ୀ ଚଳାଇବାର ଉଦ୍ଦେଶ୍ୟ, ଅଭିଭାବକମାନଙ୍କ ପାଇଁ ଶିଶୁ-ପାଳନ ସମ୍ବନ୍ଧରେ ଶିକ୍ଷଣୀୟ ଚାର୍ଟ୍ ପ୍ରଦର୍ଶନୀରେ ରଖିବାକୁ ହୁଏ । ଅଭିଭାବକମାନଙ୍କୁ ପ୍ରଦର୍ଶନୀ ଦେଖିବା ପାଇଁ ବାଲବାଡ଼ୀର ଛାତ୍ରମାନେ ଆମନ୍ତ୍ରଣ ଦେଇଥାନ୍ତି । ପ୍ରଦର୍ଶନୀର ସାଜସଜ୍ଜା, ଆମ୍ବପତ୍ର ତୋରଣ ବାନ୍ଧିବା ଆଦି କାମରେ ପିଲାମାନେ ମଧ୍ୟ ଯେପରି ସହଯୋଗ କରି ପାରିବେ, ସେହିପରି ଛୋଟ ଛୋଟ ଅଥଚ ଦାୟିତ୍ୱସମ୍ପନ୍ନ କାମ ପିଲାଙ୍କୁ ଦେବା ଭଲ । ତଦ୍ୱାରା ସେମାନଙ୍କର ନିଜ ପ୍ରତି ଆସ୍ଥା ବଢ଼େ ଓ ବ୍ୟକ୍ତିତ୍ୱର ବିକାଶ ହୁଏ ।

ବାଲବାଡ଼ୀ ଶିକ୍ଷା ୨

ଶିଶୁର ଅନୁସନ୍ଧିତ୍ସା ବୃତ୍ତି

ଘରେ ଥିବା ନାନା ପ୍ରକାର ସାମଗ୍ରୀ ଓ ନିଜ ଆଖପାଖରେ ଘଟୁଥିବା ଘଟଣା ବିଷୟରେ ଜାଣିବା ପାଇଁ ଶିଶୁ ସବୁବେଳେ ଉତ୍ସୁକ ହୋଇ ରହିଥାଏ । ସେଥିପାଇଁ ଅନେକ ପିଲା ଖେଳଣାଟିଏ ପାଇବା ମାତ୍ରେ ତାକୁ ଭାଙ୍ଗିକରି, ଏପରିକି ପାଟିରେ ପୂରାଇ ପରଖ କରିବାକୁ, ଦେଖିବାକୁ ଚାହାନ୍ତି ଏବଂ ବଡ଼ମାନେ କାରବାର କରୁଥିବା ଜିନିଷ ଗୁଡ଼ିକ ଧରି ଦେଖିବାକୁ ଚାହାନ୍ତି । ଶିଶୁକୁ ସବୁ ଜିନିଷ ସାବଧାନତା ସହିତ ଧରାଇ ଦେଖାଇଦେଲେ ତାହାର କୌତୁହଳ ଚାଲିଯାଏ । ସବୁବେଳେ ତା ହାତରୁ ଜିନିଷ ଛଡ଼ାଇ ନେଲେ ସେ ଅଝଟ ହୋଇ ବା ଲୁଚେଇ କରି ସେ ଜିନିଷକୁ ହସ୍ତଗତ କରିବାକୁ ଚେଷ୍ଟା କରେ । ଅବଶ୍ୟ ଥର୍ମୋମିଟର୍, ଔଷଧ ଆଦି ଅନେକ ସାମଗ୍ରୀ ଶିଶୁ ହାତକୁ ଦେବା ବିପଦଜନକ । ମାତ୍ର ତାହାକୁ ଧମକା ଚମକା ନ କରି ନ ଦେବା ଅପେକ୍ଷା ତାହାକୁ ସେ ସାମଗ୍ରୀ ଦେଖାଇ ସେଥିରେ କି ବିପଦ ଅଛି ତାହା ତାକୁ ଧୈର୍ଯ୍ୟ ସହକାରେ ବୁଝାଇବା ଉଚିତ୍ । ତଦ୍ୱାରା ଶିଶୁର ଜ୍ଞାନ ମଧ୍ୟ ବଢ଼େ ଏବଂ ଠିକ ଢଙ୍ଗରେ ବୁଝାଇ ପାରିଲେ ଶିଶୁ ଠିକ୍ ବୁଝିଥାଏ ।

ଶିଶୁର ଏହି ସ୍ୱଭାବ ପ୍ରତି ଦୃଷ୍ଟି ରଖି ଆମକୁ ବାଲବାଡ଼ୀରେ ଶିଶୁ ପାଇଁ ଅନୁକୂଳ ବାୟୁମଣ୍ଡଳ ସୃଷ୍ଟି କରିବାକୁ ହେବ । ସେମାନଙ୍କ ଆଖି, ହାତ ଆଦି ଇନ୍ଦ୍ରିୟର ବିକାଶ ପାଇଁ ନାନା ପ୍ରକାର ସାମଗ୍ରୀ ରଖିବାକୁ ହେବ, ଯାହାକୁ ଦେଖି, ଧରି, ଭାଙ୍ଗି ସେମାନେ ନିଜର କୌତୁହଳରୁ ନିବୃତ୍ତ ହେବେ ଓ ଏବଂ ଏହା ହିଁ ହେବ ସେମାନଙ୍କ ର ପ୍ରକୃତ ଖେଳ ସାମଗ୍ରୀ । ସେଥିପାଇଁ ଏହି ଖେଳ ସାମଗ୍ରୀ ଗୁଡ଼ିକ ସଙ୍ଗ୍ରହ କଲା ବେଳେ କେତେଗୁଡ଼ିଏ ବିଷୟ ପ୍ରତି ଦୃଷ୍ଟି ଦେବାକୁ ହେବ ।

ପ୍ରଥମତଃ ଖେଳ ସାମଗ୍ରୀ ହାଲୁକା ଓ ଛୋଟ ଛୋଟ ହେବା ଦରକାର, ଯେପରି ପିଲାମାନେ ତାହା ନିଜେ ଉଠାଇକରି ଯେଣେ ତେଣେ ନେଇ ଯାଇ ପାରିବେ । ଦ୍ୱିତୀୟତଃ ମୁନିଆ ବା କାଚ ଭଳି ଭାଙ୍ଗିକରି ହାତଗୋଡରେ ପଶିଗଲା ଭଳି ଖେଳନା ବାଲବାଡ଼ୀରେ ରଖିବା ଠିକ୍ ନୁହେଁ । ଛୁରୀ, ବ୍ଲେଡ୍, ସେଫଟିପିନ୍ ଭଳି ଧାରୁଆ ବା ମୁନିଆ ଜିନିଷ ଆଦୌ ରଖିବେ ନାହିଁ । କାଠ, ମାଟି, ପିତ୍ତଳ ଖେଳନା, ଅଭଙ୍ଗା କଣ୍ଢେଇ ରଖିବା ଭଲ । ତୃତୀୟତଃ ଖେଳନାର ଆକାର ଅତି ଛୋଟ ହେବା ଉଚିତ୍ ନୁହେଁ । ଅନେକ ସମୟରେ ମାଳି, ମଂଜି ଆଦି ନେଇ ଖେଳିବା ବେଳେ ଛୋଟ ପିଲାମାନେ ତାହା ପାଟିରେ ପୂରେଇ ଗିଳି ଦିଅନ୍ତି ବା ତଣ୍ଟିରେ ଲାଗିଯାଏ । ସେଥିପାଇଁ ବାଲବାଡ଼ୀକୁ ପ୍ରଥମ ବର୍ଷ ଆସିଥିବା ପିଲାଙ୍କୁ ଏ ସବୁ ଖେଳସାମଗ୍ରୀ ଦେବା ଠିକ୍ ନୁହେଁ ।

ଚତୁର୍ଥତଃ ଚାବି ମୋଡ଼ି ଦେଲେ ଚାଲୁଥିବା ଖେଳନା ଦେଖିଲେ ଛୋଟ ପିଲାଙ୍କ ବୁଦ୍ଧିବଣା ହେବାର ସମ୍ଭାବନା ଥାଏ । ପୁଣି ତା ଭିତରେ କ'ଣ ଅଛି ଦେଖିବା ପାଇଁ ଶିଶୁ ସେ ଖେଳନାକୁ ଭାଙ୍ଗି ଦେବାକୁ ଚାହେଁ । ତେଣୁ ଏ ପ୍ରକାର ବୁଦ୍ଧିବଣା କରୁଥିବା ଜଟିଳ ଖେଳଣା ବାଲବାଡ଼ୀରେ ଯେତେ କମ୍ ରହିବ, ସେତେ ଭଲ ।

ପିଲାଙ୍କ କୌତୁହଳ ବୃତ୍ତି ଚରିତାର୍ଥ କରିବା ପାଇଁ ଗୁଡ଼ାଏ ଏଣୁତେଣୁ ଖେଳଣା ଠାରୁ ଘରେ ବ୍ୟବହୃତ ହେଉଥିବା ଉପକରଣର ଛୋଟ ଛୋଟ ଖେଳଣା, ଛୋଟ ଛୋଟ କୋଦାଳ, ଛୋଟ ମାଠିଆ, ଛୋଟ ତରାଜୁ ଆଦି ଶିଶୁ ପାଇଁ

ଅଧିକ ଉପଯୋଗୀ ହୋଇଥାଏ ଏବଂ ସେଥିରେ ଖେଳିବା ବେଳେ ସେ ନିଜକୁ ବଡ଼ମଣିଷ ରୂପେ କଳ୍ପନା କରି ଆମୋଦ ଅନୁଭବ କରେ ।

ପିଲାମାନେ ଘରେ କଲମ, ଚଷମା, ଘଣ୍ଟା ଆଦି ଧରି ଖେଳିବାକୁ ଚାହାନ୍ତି । ବଡ଼ମାନେ ସେମାନଙ୍କ ଦାଉରୁ ନିଜର ଏହି ଦରକାରୀ ଓ ଉପଯୋଗୀ ଜିନିଷ ଗୁଡ଼ିକ ରକ୍ଷା କରିବା ପାଇଁ ଜିନିଷ ଗୁଡ଼ିକୁ ଲୁଚାଇ ରଖନ୍ତି । ପିଲା ତାକୁ ଧରିଲେ ଛଡ଼ାଇ ନିଅନ୍ତି, ଭାଙ୍ଗିଲେ ମାଡ଼ ଦିଅନ୍ତି । ମାତ୍ର ନିଜେ ପିଲାଙ୍କ ଆଗରେ ସେ ଜିନିଷ ଗୁଡ଼ିକ ବ୍ୟବହାର କରୁଥିବାରୁ ପିଲାଟି ମଧ୍ୟ ତାହା ବ୍ୟବହାର କରିବା ପାଇଁ ଯେ ଅଦମ୍ୟ ଇଚ୍ଛା ହେଉଛି, ତାହା କଳି ପାରନ୍ତି ନାହିଁ । ଅଧିକାଂଶ ଘରେ ବଡ଼ ଓ ପିଲାଙ୍କ ମଧ୍ୟରେ ଏହି ସଂଘର୍ଷ ଗୋଟାଏ ନିତି ଦିନିଆ ବ୍ୟାପାର ହୋଇଥାଏ । ପିଲା ଭିତରେ ଯେ ଜାଣିବାର ଓ ସୃଷ୍ଟି କରିବାର ସହଜାତ ପ୍ରବୃତ୍ତି ରହିଛି, ତାହାକୁ ଚରିତାର୍ଥ କରିବାକୁ ନ ଦେଇ ଆମେ ତାହା ପ୍ରତି ଅନ୍ୟାୟ କରିଥାଉ । ସେମାନଙ୍କୁ କିପରି ଭାବରେ ବୁଝାଇ ସୁଝାଇ, ପାଖରୁ ସେ ଜିନିଷକୁ ଦେଖାଇ ନିବୃତ୍ତ କରିବାକୁ ହେବ, ସେହି କଳା ପ୍ରତ୍ୟେକ ବାପା ମାଆ ଓ ଶିକ୍ଷୟିତ୍ରୀ ଆୟତ୍ତ କରିବା ଆବଶ୍ୟକ ।

କେବଳ କଲମ, ଚଷମା ଆଦି ସାମଗ୍ରୀ ନୁହେଁ, ଆମମାନଙ୍କ ଅନେକ ଆଚରଣକୁ ମଧ୍ୟ ଶିଶୁ ଯେ ନିଜସ୍ୱ କରିବାକୁ ଚାହେଁ, ଏ କଥା ମଧ୍ୟ ଅଭିଭାବକ ଓ ଶିକ୍ଷୟିତ୍ରୀ ମନେ ରଖିବା ଦରକାର । ଯେଉଁ ଆଚରଣ ବା ଅଭ୍ୟାସ ଆମେ ଶିଶୁ ଠାରୁ ଆଶା କରୁ, ଆମେ ନିଜେ ସେହି ଆଚରଣ କରିବା ଦରକାର । ଆମେ ଚାହୁଁ ପିଲା ଠିକ୍ ସମୟରେ ଖାଇବେ, ଅବେଳରେ ଏଣୁତେଣୁ ଜିନିଷ ପାଟିରେ ପକାଇବେ ନାହିଁ ଅଥଚ ଆମେ ପିଲାଙ୍କ ଆଗରେ ପାନ ଗୁଣ୍ଡି ଠାରୁ ଆରମ୍ଭ କରି ନାନା ପ୍ରକାର ଜିନିଷ ପାଟିରେ ପକାଇ ଥାଉଁ । ନାସ ଶୁଂଘୁ, ଆଉ ବିଡ଼ି ସିଗାରେଟ୍ ମଧ୍ୟ ଟାଣି ପକାଉ, ଅଥଚ ପିଲା ଏ ସବୁ ଅନୁକରଣ କଲେ ତା ଉପରେ ମାଡ଼ ଗାଳି ବର୍ଷଣ କରୁ । ମାଡ଼ ଭୟରେ ପିଲାଏ ଲୁଚେଇ କରି ପାନ ଖାଇବା, ବିଡ଼ି ଟାଣିବା ଆଦି ଶିଖନ୍ତି ।

ଖାଇବା ଜିନିଷ ମଧ୍ୟ ଅବେଳରେ ଖାଇବା ଦ୍ୱାରା ଯେ ସ୍ୱାସ୍ଥ୍ୟ ହାନି ହୁଏ ଏହା ଜାଣି ସୁଦ୍ଧା ଆମେ ଅବେଳରେ ଖାଉ । ଆମ ପାଟିକୁ ସୁଆଦ ଲାଗୁଥିବା ପୁରୀ, ବୁନ୍ଦିଆ, ଭଜାଭଜି, ଚାଟ୍, ଆଦି ଖାଉ, ଲଙ୍କାମରିଚ, ଅତ୍ୟଧିକ ମସଲା ମଧ୍ୟ ଆମକୁ ଭଲ ଲାଗେ । ଏ ସବୁଗୁଡ଼ିକ ଆମ ପାଇଁ ଯେତେ ଅପକାରୀ ଶିଶୁପାଇଁ ତାହା ଠାରୁ ଅଧିକ ଅପକାରୀ । ମାତ୍ର ସେ ବିଚରା ପ୍ରଥମେ ପ୍ରଥମେ ଏ ସବୁ ଖାଇବାକୁ କଷ୍ଟ ବୋଧ କଲେ ମଧ୍ୟ ଧୀରେ ଧୀରେ ଏଗୁଡ଼ିକ ଖାଇବାରେ ଅଭ୍ୟସ୍ତ ହୁଏ । ଫଳରେ ନାନା ରୋଗର ଶିକାର ହୁଏ । ତେଣୁ ଏ ଦିଗରେ ଦୃଷ୍ଟି ଦେବା ଦରକାର ।

ଆମ ପୋଷାକ ପତ୍ର ବାବଦରେ ମଧ୍ୟ ଏହିପରି ଅଜ୍ଞତା ଦେଖିବାକୁ ମିଳିଥାଏ । ପୋଷାକ ପିନ୍ଧିବା ବେଳେ ତାହା ଖରା, ବର୍ଷା, ଶୀତ ଓ ପରିଚ୍ଛନ୍ନତା ରକ୍ଷା କରିବା ପାଇଁ ଉପଯୋଗୀ କି ନାହିଁ ତାହା ବିଚାର କରିବା କଥା ମାତ୍ର ଆମେ ଚାକଚକ୍ୟ ଓ ବଡ଼ଲୋକୀ ଚଳଣୀ ପ୍ରତି ଅଧିକ ଦୃଷ୍ଟି ଦେଇ ଖରାଦିନେ କଳାରଙ୍ଗର କୋଟ୍ ବା ଦେହକୁ ଜାକ ହେଉଥିବା କୁର୍ତ୍ତା, ଶୀତଦିନେ ଛୋଟହାତର କୁର୍ତ୍ତା ଓ ପତଳା ଶାଢ଼ୀ ଆଦି ଅନେକେ ପିନ୍ଧିବାର ଦେଖାଯାଏ । ଏ ବିଷୟରେ ଅଧିକା ଅଲୋଚନା ନ କରି କେବଳ ଏତିକି ଉଲ୍ଲେଖ କଲେ ଯଥେଷ୍ଟ ହେବ ଯେ ଏ ଦେଶର ଜଳବାୟୁ ପ୍ରତି ଲକ୍ଷ୍ୟ ରଖି ସ୍ୱଚ୍ଛଳ ଅଙ୍ଗଚାଳନାରେ ବାଧକ ନ ହେଲା ଭଳି ଅଥଚ ଦେହକୁ ଘୋଡ଼ାଇ ରଖିବା ପାଇଁ ଯେଉଁ ପ୍ରକାର ପୋଷାକ ପିନ୍ଧିବା ଉଚିତ୍ ସେ ପ୍ରକାର ପୋଷାକ ପିଲାଙ୍କୁ ପିନ୍ଧାଇବା ଉଚିତ୍ ଅବଂ ଅଭିଭାବକମାନେ ମଧ୍ୟ ସେହି ଦୃଷ୍ଟିରୁ ନିଜର ପୋଷାକ ବାଛିବା ଉଚିତ୍ ।

ଆଉ ଗୋଟିଏ ବିପଦଜନକ ଅଭ୍ୟାସ ହେଉଛି ବୃଥାରେ ସମୟ କଟାଇବା । ଦିନଯାକର କରଣୀୟ କାର୍ଯ୍ୟ ପରେ କିଛି ସମୟ ବୁଲାବୁଲି କରିବା, ଗପସପ ହେବା, ଖେଳିବା ଦରକାର । ମାତ୍ର ଆମ ଭିତରୁ ଅନେକେ ଯେ ଦିନଯାକ

ନିର୍ଲକ୍ଷ୍ୟ ଭାବରେ ବୁଲନ୍ତି କିମ୍ବା ଦିନଯାକ ବସି ନିରର୍ଥକ ଗପସପରେ କାଳକ୍ଷେପଣ କରବା ଅଭ୍ୟାସ, ଶିଶୁ ଉପରେ ଏପରି ମନୋଭାବର ଭଲ ପ୍ରଭାବ ପଡ଼େନାହିଁ । ଦେହମିହନ୍ତ ନ କରି ବସି ରହିବାଟାକୁ ସେ ଅନୁକରଣ କରେ । ଫଳରେ ଭବିଷ୍ୟତ ଜୀବନରେ ସେ ଦୁଃଖ ଭୋଗ କରେ ।

ସବୁଠାରୁ ବଡ଼କଥା ହେଉଛି ବଡ଼ମଣିଷମାନେ ଯେଉଁ ପ୍ରକାର ଭାଷା କହନ୍ତି ଓ ପରସ୍ପର ସହିତ ଆଚରଣ କରନ୍ତି, ଶିଶୁ ସେହିପରି ଭାଷା ଓ ଆଚରଣ ଶିଖେ । ବାପା ମାଆଙ୍କ ଭିତରେ ତିକ୍ତତା ଦେଖାଦେଲେ ତଦ୍ୱାରା ଶିଶୁ ନିଜକୁ ଅତ୍ୟନ୍ତ ଅସହାୟ ବୋଧ କରେ ଓ ତା'ର ମନ ଉପରେ ତାହାର ଗଭୀର ପ୍ରଭାବ ପଡ଼େ । ବାପା ମାଆଙ୍କର ପରସ୍ପର ପ୍ରତି ପ୍ରୀତିପୂର୍ଣ୍ଣ ବ୍ୟବହାରକୁ ଦେଖି ଶିଶୁ ସମସ୍ତଙ୍କ ସଙ୍ଗେ ସେହିପରି ଆଚରଣ କରିବା ଶିଖେ । ତେଣୁ ସନ୍ତାନର ମାନସିକ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ ଘରେ ପରସ୍ପର ପ୍ରତି କଠୋର, ଅଶ୍ଳୀଳ ଭାଷା ଅଦୌ ପ୍ରୟୋଗ କରିବା ଉଚିତ୍ ନୁହେଁ । ଅନେକ କ୍ଷେତ୍ରରେ ଦେଖାଯାଇଛି ଯେ ବାପା ମାଆଙ୍କର ପରସ୍ପର ପ୍ରତି ରୁଢ଼ ବ୍ୟବହାର, କଠୋର ଭାଷା ପ୍ରୟୋଗ ଆଦି ଦେଖି ଦେଖି ଶିଶୁ ମନରେ ହତାଶାଭାବ ସୃଷ୍ଟି ହୋଇଛି ଓ ସେ ମୂଢ଼ବତ୍ ଆଚରଣ କରୁଛି । ଏପରି ଶିଶୁ ବଡ଼ ହେଲେ ନରହତ୍ୟା, ଚୋରୀ, ଡକାୟତି, ଭଙ୍ଗାରୁଜା କାମକୁ ପସନ୍ଦ କରୁଥିବାର ମଧ୍ୟ ଦେଖା ଯାଉଛି । ତେଣୁ ଏ ବିଷୟରେ ବାପା ମାଆ ଖୁବ୍ ସତର୍କ ରହିବା ଦରକାର । ବାପା ଓ ମାଆ ହେବାର ସୌଭାଗ୍ୟ ଲାଭ କରିସାରିଲା ପରେ ନିଜର ବ୍ୟକ୍ତିଗତ ସୁବିଧା ଅସୁବିଧା ଠାରୁ ନିଜ ପିଲାଙ୍କୁ ଭଲ ମଣିଷ କରି ଗଢ଼ିବା ପାଇଁ ଯାହା ଦରକାର ସେ ବିଷୟରେ ବାପା ମାଆ ଅଧିକ ସଚେତନ ହେବା ଦରକାର । ସେମାନେ ମନେ ରଖିବା ଦରକାର ଯେ ଶିଶୁକୁ ଜନ୍ମ ଦେବା, ଲାଳନପାଳନ କରି ସୁନାଗରିକ କରି ଗଢ଼ିବା ହେଉଛି ଗୋଟିଏ ବଡ଼ ଧରଣର ରାଷ୍ଟ୍ରସେବା ବା ଈଶ୍ୱର ଆରାଧନା । କେବଳ ଆପଣା ଭିତରେ ନୁହେଁ, ଚାକର, ପୂଜାରୀ, ଗରୀବ ଆତ୍ମୀୟ ସ୍ୱଜନ ଓ ଆଗନ୍ତୁକମାନଙ୍କ ପ୍ରତି ଯେଉଁ ବ୍ୟବହାର ଆମେ କରୁ, ତାହାକୁ ଶିଶୁ ଲକ୍ଷ୍ୟକରେ ଓ ଅନୁକରଣ କରେ । ତେଣୁ ସେଥିପ୍ରତି ମଧ୍ୟ ସାବଧାନ ରହିବା ଉଚିତ୍ ।

ଆମ ସମାଜ ଭିତରେ, ମଣିଷ ମଣିଷ ମଧ୍ୟରେ ନାନା ପ୍ରକାର ଉଚ୍ଚ ନୀଚ ଭେଦଭାବ ଦେଖାଯାଇଥାଏ । ଆମେ ମଣିଷକୁ ମଣିଷ ଭାବରେ ସମ୍ମାନ ନ କରି ଜାତି, ଧର୍ମ, ବର୍ଣ୍ଣ, ଶିକ୍ଷା, ଚାକିରୀ, ଅର୍ଥ ଆଦିର ବିଚାର କରି ତାହା ସହିତ ଆଚରଣ କରୁ, ସରଳ ଶିଶୁ ଏହି ଭେଦଭାବକୁ ଆଦୌ ଗଳାଧଃକରଣ କରି ପାରେ ନାହିଁ । ସେଥିପାଇଁ କାହାରି ପ୍ରତି ଅପମାନପୂର୍ଣ୍ଣ ବ୍ୟବହାର କରାଯାଇଥିଲେ, ଦେଖିଲେ ତାହାର ମନ ବିକଳ ହୁଏ । ଶିଶୁ ନନ୍ଦନ କାନନର ପାରିଜାତ ଭଳି ପବିତ୍ର । ଏତେ ଭେଦଭାବ ସେ ଜାଣେ ନାହିଁ । ଆମେମାନେ ହିଁ ତାକୁ ଆଘାତ ଦେଇ, ତାକୁ ସଙ୍କୀର୍ଣ୍ଣମନା କରି ଦେଉ । ତେଣୁ ଶିଶୁକୁ ଏ ପ୍ରକାର ଭେଦଭାବରୁ ଦୂରରେ ରଖିବା ଦରକାର । ମଣିଷ ସମାଜରେ ଯେ କୌଣସି ମଣିଷ ପ୍ରତି ଅଶିଷ୍ଟ, ତୁଚ୍ଛତାପୂର୍ଣ୍ଣ, ଅପମାନଜନକ ଓ ଅନ୍ୟାୟପୂର୍ଣ୍ଣ ଆଚରଣ ନ କରି ପରସ୍ପର ପ୍ରତି ବନ୍ଧୁତା, ଉଦାରତା ଓ ସମ୍ମାନଜନକ ବ୍ୟବହାର କରିବା ବୃତ୍ତି ଆମ ଭିତରେ ବିକଶିତ ହେବା ଦରକାର, ଯଦ୍ୱାରା ଶିଶୁର ଚରିତ୍ର ବିକୃତ ହେବ ନାହିଁ ।

ବାଲବାଡ଼ୀ ଶିକ୍ଷା ୩

ସୃଷ୍ଟି କରିବାରେ ଆନନ୍ଦ

ଶିଶୁର ଆଉ ଗୋଟିଏ ମୂଳ ପ୍ରବୃତ୍ତି ହେଉଛି ସୃଷ୍ଟି କରିବାରେ ଆନନ୍ଦ । ସେ ବଡ଼ମାନଙ୍କୁ ବଗିଚାରେ, ରୋଷେଇ ଘରେ, କମାର ଶାଳ, ବଢ଼େଇ ଶାଳ ଆଦିରେ ନାନା ନୂଆ ନୂଆ କଥା ସୃଷ୍ଟି କରୁଥିବାର ଦେଖେ ଓ ନିଜ ସୃଷ୍ଟି କରିବା ପ୍ରବୃତ୍ତି ନେଇ ନାନା କାମରେ ହାତ ଦିଏ । ଶିଶୁ ଅଟା ଚକଟି ବସିଲେ ମା ବ୍ୟସ୍ତ ହୁଅନ୍ତି । ବାପାଙ୍କ ରଙ୍ଗବାକ୍ସରେ ଲାଗିଲେ ବାପା ବିରକ୍ତ ହୁଅନ୍ତି, ବଗିଚାରେ ଖୋଳାଖୋଳି କଲେ ବଗିଚା ଖରାପ ହୋଇଯିବ ଓ ପିଲାଟା ଅପରିଚ୍ଛନ୍ନତା ଶିଖୁଛି ବିଚାରି ଆମେ ତାକୁ ସେଥିରୁ ନିବୃତ୍ତ କରୁ । ଏହା ତାହାର ବିକାଶ ପଥରେ ବାଧକ ।

ଶିଶୁ ବାଲବାଡ଼ୀରେ କ'ଣ ଶିଖେ

ଏହି ବୃତ୍ତିଗୁଡ଼ିକୁ ଘେନି ଶିଶୁ ଗୋଟିଏ ଦରଫୁଟା କଳିକା ପରି ବାଲବାଡ଼ୀକୁ ଆସେ।ତାହାର ଏହି ସ୍ୱାଶ୍ରୟୀ ହେବା, ଅନୁକରଣ କରିବା, କଳ୍ପନା ପ୍ରବଣତା, ସୃଜନ କରିବା ଆଦି ବୃତ୍ତିଗୁଡ଼ିକର ଯଥାଯଥ ବିକାଶ ଘଟାଇବା ପ୍ରତି ଦୃଷ୍ଟି ଦେବା ହେଲା ବାଳସେବିକାର କାମ । ଦୈନନ୍ଦିନ ଜୀବନରେ ବଡ଼ମଣିଷମାନେ ଯେଉଁ କାମ ଗୁଡ଼ିକ କରନ୍ତି, ଘରେ ଶିଶୁ ସେ କାମଗୁଡ଼ିକ କରିବା ପାଇଁ ସୁଯୋଗ ପାଏ ନାହିଁ । ବାଲବାଡ଼ୀରେ ସେହି କାମ ଗୁଡ଼ିକୁ ସେମାନଙ୍କୁ ବୁଦ୍ଧିପୂର୍ବକ ଓ ଯତ୍ନର ସହିତ କରିବାକୁ ଦିଆଯାଏ ।

ବାଲବାଡ଼ୀରେ ଶିଶୁ ପରିବେଷଣ କରେ । ସମସ୍ତଙ୍କ ସଙ୍ଗରେ ଏକା ପଙ୍ଗତରେ ବସି ବଡ଼ମଣିଷଙ୍କ ପରି କଥା କହି କହି ଖାଇବା ଶିଖେ । ଖାଇସାରି ନିଜେ ନିଜ ବାସନ ମାଜେ । ବାସନ ମାଜିସାରି ତାହାକୁ ଯଥାସ୍ଥାନରେ ସଜାଇ ରଖେ ।

ଘରେ ଅଭିଭାବକ ଶିଶୁର ହାତ ଗୋଡ଼ ଧୋଇ ଦିଅନ୍ତି, ତାକୁ ଗାଧୁଆଇ ଦେଇ ଲୁଗାପଟା ପିନ୍ଧାଇ ମୁଣ୍ଡ କୁଣ୍ଡାଇ ଦିଅନ୍ତି । ଶିଶୁର ସ୍ୱାଶ୍ରୟୀ ବୃତ୍ତି ନିଜେ ଏହା କରିବାକୁ ଚାହେଁ , ଏପରିକି ବଡ଼କୁ ଅନୁକରଣ କରି ନିଜ ଠାରୁ ସାନ ଭାଇଭଉଣୀର କାମ କରିବାକୁ ଚାହେଁ, ମାତ୍ର ବ୍ୟବସ୍ଥିତ ଭାବରେ କରିପାରୁ ନ ଥିବାରୁ ଅଭିଭାବକ ତାକୁ ତାହା କରିବାକୁ ଦିଅନ୍ତି ନାହିଁ । ବାଲବାଡ଼ୀରେ ତାହାକୁ ଏହି ସୁଯୋଗ ମିଳେ । ସେ ନିଜେ ନିଜର ହାତ ଗୋଡ଼ ଧୋଇ ପୋଛି ହୁଏ, ନିଜର ମୁଣ୍ଡ କୁଣ୍ଡାଏ । ନିଜ ଠାରୁ ଛୋଟ ସାଥୀର ଗୋଡ଼ହାତ ଧୋଇଦେଇ ତାହାର ମୁଣ୍ଡ କୁଣ୍ଡାଇ ଦିଏ ଏବଂ ବଡ଼ମାନେ ଯେଉଁ ଯେଉଁ ଉପଦେଶ ଦେଇ ତାହାକୁ ସଫା ସୁତୁରା ରଖନ୍ତି, ସେ ତାର ଛୋଟ ସାଥୀକୁ ସେହି ସେହି ଉପଦେଶ ଦିଏ ।

ସେହିପରି ବାଲବାଡ଼ୀର ଖାଇବା ସ୍ଥାନ, ବସିବା ସ୍ଥାନ ଆଦି ସଫା କରିବାରେ ମଧ୍ୟ ସେମାନେ ଆନନ୍ଦ ଅନୁଭବ କରନ୍ତି । ଏ ସବୁ କାମ ପ୍ରତି ବଡ଼ମାନଙ୍କର ଯେଉଁ ଅବଜ୍ଞାଭାବ ଥାଏ, ଶିଶୁ ମନରେ ତାହା ନ ଥାଏ । ଏହି କାମଗୁଡ଼ିକ ହିଁ ହେଉଛି ତାହାର ପ୍ରକୃତ ମନୋରଂଜନାତ୍ମକ କାର୍ଯ୍ୟକ୍ରମ । ସଫାଇ କାମ ପ୍ରତି ଶ୍ରଦ୍ଧା ବାଲବାଡ଼ୀରୁ ହିଁ ସେ ଅର୍ଜନ କରିପାରେ ।

ନିଜ କୁର୍ତ୍ତା ନିଜେ ପିନ୍ଧିବା, ଓଲଟା କୁର୍ତ୍ତା ସିଧା କରି ପିନ୍ଧିବା, ବୋତାମ ଲଗାଇବା, ଜୋତା ମୋଜା ସଜାଡ଼ି ଯଥାସ୍ଥାନରେ ରଖିବା ଆଦି କାମ ଶିଶୁ ବାଲବାଡ଼ୀରେ ନିଜେ ଆନନ୍ଦରେ କରେ କାରଣ ସମୟ ବରବାଦ ହେବା ଦୃଷ୍ଟିରୁ ଘରେ ପିଲାଙ୍କୁ କେହି ଏ ସବୁ କାମ କରିବାକୁ ଦିଅନ୍ତି ନାହିଁ ।

ବାକ୍ସ ଖୋଲିବା ଓ ବନ୍ଦ କରିବା, ଆଲମାରୀ ଖୋଲି ଜିନିଷ ବାହାର କରି ତାହା ବନ୍ଦ କରି ରଖିବା, ନିଶୁଣୀରେ ଚଢ଼ିବା ଓ ଓହ୍ଲାଇବା, ମଶିଣା ବା ସତରଂଜି ବିଛାଇ ତାକୁ ଉଠାଇବା ବେଳେ ବ୍ୟବସ୍ଥିତ କରି ରଖିବା, ତାଲା ଫିଟାଇବା ଓ ବନ୍ଦ କରିବା ଆଦି କାମ ଗୁଡ଼ିକ କରିବା ପାଇଁ ଶିଶୁ ଆତୁର ହୁଏ ମାତ୍ର ଏ ସବୁ କାମ କରିବାର ସୁଯୋଗ ପାଏ ନାହିଁ । ବାଲବାଡ଼ୀରେ ତାହାକୁ ଏ ସବୁ କାମ କରିବାକୁ ଦିଆଯାଏ । କାରଣ ତଦ୍ୱାରା ତାହାର ଶାରୀରିକ ଓ ମାନସିକ ବିକାଶ ହୋଇଥାଏ ।

ମାଠିଆରେ ପାଣି ଭରିବା, ରନ୍ଧାଶାଳକୁ କାଠ ବୋହି ଆଣିବା, ବାସନକୁଶନ ସଜାଡ଼ି ରଖିବା, ରୁଟି ବେଲିବା, ପନିକିରେ ପରିବା କାଟିବା, ଶିକା ବାହୁଙ୍ଗୀରେ ଭାର ବୋହିବା, ଆଦି କାମ କରିବାକୁ ଶିଶୁ ଆଗ୍ରହ ପ୍ରକାଶ କରେ । ମାତ୍ର ସେହି ସାମଗ୍ରୀ ଗୁଡ଼ିକ ବଡ଼ମଣିଷଙ୍କ ମାପରେ ବଡ଼ ବଡ଼ ହୋଇ ଥିବାରୁ ସେ ତାହା କାରବାର କରିପାରେ ନାହିଁ । ବାଲବାଡ଼ୀରେ ସେହି ସାମଗ୍ରୀଗୁଡ଼ିକ ତାହାରି ମାପରେ ଛୋଟ ଛୋଟ ଆକାରର ରଖା ଯାଇଥାଏ, ତେଣୁ ସେ ସବୁ ସେ ଆନନ୍ଦରେ କାରବାର କରେ ଏବଂ ତଦ୍ୱାରା ତାହାର ଏହି ଆତ୍ମବିଶ୍ୱାସ ଜନ୍ମେ ଯେ ମୁଁ ମଧ୍ୟ ବଡ଼ମାନଙ୍କ ପରି ଏ ସବୁ କାମ କରିବାକୁ ସମର୍ଥ ।

ଶାବଳରେ ଗାତ ଖୋଳିବା, ମାଟି ହାଣିବା, ଫଳ କାଟିବା, ମଂଜି ବୁଣିବା, ଚକିପେଷା, ଢିଙ୍କିକୁଟା, ଦହିମୁହାଁ, ଆଦି କାମ ପ୍ରତି ମଧ୍ୟ ଶିଶୁର ଆଗ୍ରହ ଜନ୍ମେ । ବାଲବାଡ଼ୀରେ ତାହାପାଇଁ ଉପଯୋଗୀ ହେବା ଭଳି ଏ ସବୁ ଉପକରଣ ସେ ବ୍ୟବହାର କରିପାରେ ।

ସାରକଥା, ଶିଶୁ ଘରେ ଓ ସାହି ପଡ଼ିଶାରେ ଯେଉଁ ସବୁ କାମ ବଡ଼ମଣିଷମାନେ କରୁଥିବାର ଦେଖୁଛି, ସେ ସବୁ ଅନୁକରଣ କରିବାକୁ ଚାହେଁ । ବାଲବାଡ଼ୀରେ ଏ ସବୁ ଉପକରଣ ରହିବା ଦରକାର । ତାହାହେଲେ ତଦ୍ୱାରା ତାହାର ସମ୍ୟକ ବିକାଶ ହୋଇପାରିବ ।

ଅଭିଭାବକ ଯେତେବେଳେ ଦେଖନ୍ତି ଯେ ବାଲବାଡ଼ୀରେ ଶିଶୁ ଏ ସବୁ କାମ କରୁଛି ଏବଂ ତାର କାମ କରିବା ପଦ୍ଧତି ଅଧିକ ବିଜ୍ଞାନ ସମ୍ମତ ଓ ବ୍ୟବସ୍ଥିତ, ସେତେବେଳେ ସେମାନେ ଏହାର ଗୁରୁତ୍ୱ ବୁଝନ୍ତି ଏବଂ ଧୈର୍ଯ୍ୟ ସହକାରେ ମଧ୍ୟ ଶିଶୁକୁ ଏ ସବୁ କାମ କରିବାରେ ଓ ଶିଖିବାରେ ସାହାଯ୍ୟ କରନ୍ତି ।

ସାହାଯ୍ୟ କରିବା ବୃତ୍ତି

ନିଜେ ନିଜେ ଖାଇବା, ପିନ୍ଧିବା, ଗାଧୋଇବା, ଘର ପହଁରିବା/ ଖରକିବା, ବାସନ ମାଜିବା ଆଦି କାମ ଶିଶୁ କିପରି ନିଜେ କରିବାକୁ ଚାହେଁ ଏବଂ ବାଲବାଡ଼ୀରେ ତାହାର ଏହି ବୃତ୍ତିର କିପରି ବିକାଶ ହୁଏ ସେ ବିଷୟରେ ଆଲୋଚନା କରାଗଲା ।

ବଡ଼ମଣିଷମାନେ ଯେଉଁ କାମଧନ୍ଦା କରନ୍ତି ସେ କାମ ଗୁଡ଼ିକ ପ୍ରତି ମଧ୍ୟ ଶିଶୁର ଊଣା ଆଗ୍ରହ ନଥାଏ । ମା ରୋଷେଇ କଲା ବେଳେ, ଚକି ପେଷିଲା ବେଳେ ବା ଧାନ କୁଟିଲା ବେଳେ, ବାପା ନିଜର ଜୀବିକା ଅର୍ଜନ ପାଇଁ କୈଣସି ଧନ୍ଦା କଲା ବେଳେ, ଛୋଟ ଶିଶୁ ସେ କାମରେ ସାହାଯ୍ୟ କରିବାକୁ ଆଗଭର ହୁଏ । କାମ ଖରାପ

ହୋଇଯିବ ବା ବିଳମ୍ବ ହୋଇଯିବ ବୋଲି ମାଆ ବାପା ତାକୁ ଘରେ ସେ ଦିଗରେ ଉତ୍ସାହିତ କରନ୍ତି ନାହିଁ । ମାତ୍ର ବାଲବାଡ଼ୀରେ ଶିକ୍ଷୟିତ୍ରୀ ଶିଶୁକୁ ଏ ଦିଗରେ ଉତ୍ସାହିତ କରିବା ଉଚିତ୍ ଏବଂ ଏହାକୁ ଶିକ୍ଷାର ଗୋଟିଏ ଅଙ୍ଗ ମଣି ନିଜେ କିଛି କାମ କଲାବେଳେ ପିଲାଙ୍କ ସାହାଯ୍ୟ ଲୋଡ଼ି ପିଲାଙ୍କର ସେ କାମ ପ୍ରତି ଆଗ୍ରହ ସୃଷ୍ଟି କରାଇବା ପାଇଁ ଚେଷ୍ଟିତ ହେବା ଉଚିତ୍ । ତଦ୍ଵାରା ଅନ୍ୟର କାମରେ ସହଯୋଗ କରିବା ଓ କାମ କରିବାର ପ୍ରଣାଳୀ ଶିଖିବାର ମନୋଭାବରେ ମୂଳଦୂଆ ପଡ଼ିଥାଏ ଏବଂ ଭବିଷ୍ୟତରେ ବ୍ୟକ୍ତିଗତ ଓ ସାମାଜିକ ଜୀବନରେ ଏ ମନୋଭାବ ଶିଶୁର ସହାୟକ ହୁଏ । ତେଣୁ ବାଲବାଡ଼ୀରେ ପିଲାଙ୍କ ଜଳଖିଆ ତିଆରି ହେଲା ବେଳେ ସେମାନଙ୍କୁ ବୋଲ ହାକ ବତାଇବା, ବଗିଚା କାମରେ ଗଛରେ ଛୋଟ ଛୋଟ ଝରୀରେ ପାଣି ଦେବା , ଶୁଖିଲା ପତ୍ର ସାଉଁଟିବା, ଶସ୍ୟ ବାଛିବାକୁ ଦେବା, ଅଟା ଚଲେଇବାକୁ ଦେବା, ପାଣି ରଖିବାକୁ ଦେବା, ବାଛୁରୀକୁ ଘାସ ଦେବା, ଗୃହପାଳିତ ପ୍ରାଣୀରେ ଯତ୍ନ ନେବା ଆଦି କାମରେ ସେମାନଙ୍କର ସାହାଯ୍ୟ ଗ୍ରହଣ କରାଯିବା ଉଚିତ୍ ।

ବାଲବାଡ଼ୀଶିକ୍ଷା ୪

ପିଲାଟି ଅଙ୍ଗନବାଡ଼ୀରେ ଥିବା ବେଳେ ଖାଲି ଖେଳିବ, ଗୀତ ବୋଲିବ, ଗୀତ ଗାଇବ, ପୁଣି ନିଦମାଡ଼ିଲେ ସେଠି ଶୋଇବ । ମାଡ଼ ନାହିଁ, ଗାଳି ନାହିଁ । ଏପରି ହେଲେ ପିଲାଟା ଅମଣିଷ ହୋଇ ଯିବ (। ଏହା ଭାବି) ପିଲାଙ୍କୁ ଅକ୍ଷର ଶିଖାଇବା, ପିଲା ଚଂଚଳ ମତି ହେଲେ ତାକୁ ଶାସନ କରିବା ପାଇଁ ଅଭିଭାବକମାନେ ଶିକ୍ଷୟିତ୍ରୀଙ୍କୁ ପ୍ରବର୍ତ୍ତାନ୍ତି । ଶିକ୍ଷୟିତ୍ରୀ ମଧ୍ୟ ଅଭିଭାବକମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଖେଳ, ଗୀତ, ନାଚ ଫାଙ୍କରେ ପିଲାଙ୍କୁ ଅକ୍ଷର ଚିହ୍ନେଇବାକୁ ଚେଷ୍ଟା କରନ୍ତି । ଯେଉଁ ପିଲା ଶୀଘ୍ର ଅକ୍ଷର ଶିଖିଯାଏ ତାକୁ ବୁଦ୍ଧିମାନ୍ ମନେ କରନ୍ତି ।

ଅନୁଭବୀ ଶିକ୍ଷାଶାସ୍ତ୍ରୀମାନଙ୍କ ମତରେ ଚାରି ପାଂଚ ବର୍ଷର ଶିଶୁକୁ ଘରର ଚାରିକାନ୍ଥ ଭିତରେ ରଖି ଅକ୍ଷର ଚିହ୍ନେଇବା ଦ୍ୱାରା, ଲାଭ ପରିବର୍ତ୍ତେ, କ୍ଷତି ହିଁ ହୋଇଥାଏ । ପିଲାଦିନୁଁ ପ୍ରକୃତି ସଂସ୍ପର୍ଶରେ ଆସୁ ନ ଥିବାରୁ ଓ ନିଜ ହାତଗୋଡ଼କୁ ବିଭିନ୍ନ କାମରେ ଲଗାଉ ନ ଥିବାରୁ ସେମାନେ ଦିହ ମିହନ୍ତ କରିବାକୁ ପରାଙ୍ମୁଖ ହୁଅନ୍ତି ଏବଂ ଚାକିରୀ କରିବାକୁ ସୁଖ ପାଆନ୍ତି । ଦ୍ୱିତୀୟତଃ ତିନି ଚାରି ବର୍ଷର ପିଲାଙ୍କ ଆଙ୍ଗୁଳୀ ଅତି ନରମ ହୋଇଥାଏ । ପୁଣି ଆଙ୍ଗୁଳିକୁ ନିୟନ୍ତ୍ରଣ କରିବା ଶକ୍ତି ପିଲା ହାସଲ କରି ନ ଥାଏ । ଏପରି ସ୍ଥଳେ ତାକୁ ଗାରେଇବାକୁ ନ ଦେଇ ମୂଳରୁ ନିର୍ଦ୍ଦିଷ୍ଟ ଆକୃତିର ଅକ୍ଷର ମଡ଼ାଇବାକୁ ଦେଲେ ହସ୍ତାକ୍ଷର ଖରାପ ହେବାର ତାହା ଗୋଟିଏ କାରଣ ହୁଏ । ସେଥିପାଇଁ ଅଙ୍ଗନବାଡ଼ୀରେ ପିଲାଙ୍କୁ ପ୍ରଥମେ ଅକ୍ଷର ଲେଖାଇବା ବଦଳରେ ଚିତ୍ର ଆଙ୍କିବାକୁ ଦିଆଯାଏ । ସେ ଚିତ୍ର ମଧ୍ୟ ପ୍ରଥମେ ପେନ୍‌ସିଲ୍ ବା ତୂଳୀରେ ନ ଆଙ୍କି ଖଜୁରୀ କାଠି ବା ଅନ୍ୟ କୌଣସି କାଠିର ଅଗ ଛେଚି ତାକୁ ରଙ୍ଗରେ ବୁଡ଼େଇ ଗାରେଇବାକୁ ଦିଆଯାଏ ।

ପାଠଶାଳାରେ ଯେତୋଟି ବିଷୟ ଶିଖାଯାଏ ତନ୍ମଧ୍ୟରୁ ଭାଷା, ଗଣିତ, ବିଜ୍ଞାନ, ସମାଜ ଜୀବନର ମୌଖିକ ଅଲୋଚନା କରାଯାଏ । ଶିଶୁ ମନରେ ଏହି ବିଷୟ ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ତାହା ପକ୍ଷରେ ଏହି ବିଷୟ ଯେତିକି ଗ୍ରହଣଯୋଗ୍ୟ ହେବ ତାକୁ ସେତିକି ଶିକ୍ଷା ଦେବା ହେଲା ଅଙ୍ଗନବାଡ଼ୀ ଶିକ୍ଷା ଯୋଜନାର ଲକ୍ଷ୍ୟ ।

୧. ଭାଷା ଶିକ୍ଷା:

ଅଙ୍ଗନବାଡ଼ୀରେ ଯେଉଁ କାହାଣୀ, ଗୀତ ବା ନାଟକ ପିଲାଏ ଶୁଣନ୍ତି ଓ ଶିଖନ୍ତି ତଦ୍ୱାରା ସେମାନଙ୍କର ଭାଷା ଜ୍ଞାନ ବଢ଼େ । ପୁଣି ଯେଉଁ କାମ କରନ୍ତି ସେଥି ସହିତ ସଂପୃକ୍ତ ନାନା ପ୍ରକାର ନୂଆ ଶବ୍ଦ ମଧ୍ୟ ସେମାନେ ଶିଖନ୍ତି । ସେଥିପାଇଁ ଶିକ୍ଷୟିତ୍ରୀ କାହାଣୀ, ଗୀତ ଓ କାମ ମାଧ୍ୟମରେ ସେମାନଙ୍କୁ ନୂଆ ନୂଆ ଶବ୍ଦ ଶିଖାଇବା ପ୍ରତି ନଜର ଦିଅନ୍ତି । ଉଦାହରଣସ୍ୱରୂପ ଯେଉଁ ଜୀବ ପାଣିରେ ରହେ ତାକୁ ଜଳଚର କୁହାଯାଏ । ଏହି ଶବ୍ଦଟି ଏହିପରି ଭାବରେ ତାକୁ ନ ଘୋଷାଇ ଜଳଚର ଶବ୍ଦଟି କାହାଣୀରେ ବାରମ୍ବାର ବ୍ୟବହାର କଲେ ପିଲା ସେ ଶବ୍ଦଟିକୁ ସହଜରେ ତାର ଅର୍ଥ ସହିତ ମନେ ରଖେ । ସେହିପରି ଅଙ୍ଗପ୍ରତ୍ୟଙ୍ଗର ନାମ ମଧ୍ୟ ପିଲାଙ୍କୁ ପ୍ରତିଦିନ ଶୁଣାଇଲେ ତାହା ସେମାନେ ସହଜରେ ମନେ ରଖନ୍ତି । କାହାଣୀ କହିବା ବେଳେ ମଧ୍ୟ ନୂଆ ନୂଆ ଶବ୍ଦ ପ୍ରୟୋଗ କରି ବାରଂବାର ସେହି ଶବ୍ଦକୁ ଦୋହରାଇଲେ ପିଲାଏ ଅନାୟସରେ ତାକୁ ମନେ ରଖନ୍ତି ।

୨. ଗଣିତ ଶିକ୍ଷା:

ସାଧାରଣତଃ ପିଲାଙ୍କୁ ଯେପରି ଏକ ଦୁଇ ତିନ ଚାରି ଗଣିବା ଶିଖାଯାଏ ବା ଏକରେ ଏକ ଏଗାର, ଏକରେ ଦୁଇ ବାର, ଅଥବା ଦୁଇକେ ଦୁଇ, ଦୁଇଦୁଣେ ଚାରି, ଘୋଷାଇ ଦିଆ ଯାଏ ସେ ପ୍ରଣାଳୀରେ ଶିଶୁର ଯଥାଯଥ ଗଣିତ ଜ୍ଞାନ ହୁଏ ନାହିଁ । ଏହି ଏକ ଦୁଇ ତିନି ଚାରି ଶବ୍ଦ ଗୁଡ଼ିକ ସେ ମନ୍ତ୍ରବତ୍ ମୁଖସ୍ଥ କରି ପକାଏ । ବାସ୍ତବ କ୍ଷେତ୍ରରେ ତାହା ପ୍ରୟୋଗ କରି ପାରେ ନାହିଁ । ସେଥିପାଇଁ କୌଣସି ବସ୍ତୁ ସାହାଯ୍ୟରେ ଗଣିତ ଶିଖାଇବା ଉଚିତ୍ । ହାତ ଆଙ୍ଗୁଠି, ଖାଇବା ବାସନ, ଖେଳିବା ବେଳେ ପିଲାଙ୍କ ସଂଖ୍ୟା, ଆସନ ଆଦି ଯଦି ଶିକ୍ଷୟିତ୍ରୀ ବାରମ୍ବାର ପିଲାଙ୍କ ଆଗରେ ନିଜେ ଗଣିବେ ତେବେ ପିଲା ତାହା ସହଜରେ ମନେ ରଖିବେ । ତିନି ତିନି ଜଣ ଲେଖାଏଁ ଠିଆ କରାଇ ବାସନକୁ ଜୋଡ଼ି ଜୋଡ଼ିକରି ବା ତିନିଟା ଲେଖାଏଁ ରଖି ହଳେ, ତିନିଟା, ପୁଂଜାଏ ଆଦି ତାକୁ ଦେଖାଇଲେ ସେମାନଙ୍କର ସଂଖ୍ୟା ବିଷୟରେ ଧାରଣା ହୁଏ । ଫୁଲ, ଫଳ, ପତ୍ର, ମାଟି ଗୋଟାଳୀ ଆଦି ସବୁ ଖେଳ ସାମଗ୍ରୀ ଯଦି ନିଜେ ଶିକ୍ଷୟିତ୍ରୀ ବାରମ୍ବାର ଗଣି ପିଲାଙ୍କୁ ମଧ୍ୟ ଖାଇବା ବେଳେ, ଧାଡ଼ି ବାନ୍ଧିବା ବେଳେ ଗଣିବାକୁ କହିବେ ତେବେ ପିଲାଏ ଅତି ଆନନ୍ଦରେ ଗଣିବା ଆରମ୍ଭ କରି ଦେବେ । ସେହିପରି ଛୋଟ ଛୋଟ ମିଶାଣ ଫେଡ଼ାଣ ମଧ୍ୟ ଏ ସବୁ ଜରିଆରେ ପିଲାମାନେ ଶିଖି ଯାଆନ୍ତି ।

ମୋଟ କଥା ସେମାନଙ୍କ ବୟସ ଓ ଗ୍ରହଣ ଶକ୍ତି ଅନୁସାରେ ସରଳ ମାନସାଙ୍କ ଦ୍ୱାରା ହିଁ ସେମାନେ ଗଣିତ ଶିଖିବେ ।

ଠିକ୍ ସେହିପରି ତ୍ରିକୋଣ, ଚାରିକୋଣ, ଗୋଲ, ସଳଖ ଗାର ଆଦି ଆକୃତିର ଚିତ୍ର ପିଲାଏ ନାନା ପ୍ରକାର ଖେଳ ଓ ଚିତ୍ର ମାଧ୍ୟମରେ ପରିଚିତ ହେବେ । ଶିକ୍ଷୟିତ୍ରୀଙ୍କୁ ଏଥିପାଇଁ ବିଧିବଦ୍ଧ ଯୋଜନା କରିବାକୁ ହେବ । ଦୋକାନ ଖେଳ ମାଧ୍ୟମରେ ତରାଜୁର ବ୍ୟବହାର ଓ ଓଜନ ଜ୍ଞାନ ଅକ୍ଳେଶରେ ଦେଇ ହେବ । ଖଣ୍ଡେ ରୁଟି, ଚକୁଳି ପିଠା ବା ମୁଆଁ ଦୁଇ ଖଣ୍ଡ ବା ଚାରିଖଣ୍ଡ କରି ଏକଭାଗ, ଦୁଇଭାଗ, ଚାରିଭାଗ ଆଦିର ଧାରଣା ମଧ୍ୟ ଦେଇ ହେବ ।

୩. ବିଜ୍ଞାନ ଶିକ୍ଷା

ଛୋଟ ପିଲାଙ୍କ ଜିଜ୍ଞାସା ବଢ଼ାଇବା ହେଲା ବିଜ୍ଞାନ ଶିକ୍ଷାର ପ୍ରଥମ ସୋପାନ । ଆମ ଚାରି ପାଖରେ ଯାହା ଘଟୁଛି, ସେ ସବୁକୁ ପର୍ଯ୍ୟବେକ୍ଷଣ କରିବା ଓ ତାର କାରଣ ଜାଣିବାକୁ ଚେଷ୍ଟା କରିବା ହେଲା ବୈଜ୍ଞାନିକ ମନୋବୃତ୍ତି । ଶିଶୁ ମଧ୍ୟରେ ଏହି ମନୋବୃତ୍ତି ବଢ଼ାଇବା ଉଦ୍ୟମ ଅଙ୍ଗନବାଡ଼ୀରେ କରାଯାଇଥାଏ । ଗୋଟିଏ ମହମବତୀ ଜଳୁଛି ।

ତାକୁ ଘୋଡ଼େଇ ଦେଲେ ତାହା କିଛି ସମୟ ପରେ ଲିଭି ଯାଉଛି । ପାଣିରେ ଖଣ୍ଡେ ବଡ଼ କାଠ ଭାସୁଛି । ଗୋଟିଏ ଛୋଟିଆ ମାଟି ଢେଲା ବୁଡ଼ି ଯାଉଛି । ଜଳିଲା କାଠର ଗୋଟିଏ ମୁଣ୍ଡକୁ ଧରିଲେ ହାତକୁ ତାତି କାଟୁ ନାହିଁ । ଖଣ୍ଡେ ଲୁହା ବାଡ଼ିକୁ ଚୁଲୀରେ ପକେଇଦେଲେ ତାର ଆର ମୁଣ୍ଡ ତାତି ଯାଉଛି । ଏ କଥାଗୁଡ଼ିକ ବଡ଼ ମଣିଷଙ୍କ ପାଇଁ ନୂଆ ନୁହେଁ କିନ୍ତୁ ପିଲାମାନେ ଏଥିରୁ ବହୁତ ଜ୍ଞାନ ହାସଲ କରନ୍ତି । ସେହିପରି କେଉଁ ଜିନିଷ ପାଣିରେ ମିଶି ଯାଉଛି, କେଉଁଟା ପଣିରେ ମିଶିଯାଇ ପୁଣି ତଳେ ବସି ଯାଉଛି, କେଉଁଟା ପାଣିରେ ମିଶୁ ନାହିଁ, ଆଦି ନିତି ଘଟୁଥିବା ବିଷୟ ଗୁଡ଼ିକ ପ୍ରତି ପିଲାଙ୍କ ଦୃଷ୍ଟି ଆକର୍ଷଣ କଲେ ସେମାନେ ତାକୁ ଉପଭୋଗ କରନ୍ତି । ଗୋଟିଏ ବୋତଲରେ ପାଣି ପୂରେଇ ତାକୁ ଅନ୍ୟ ବୋତଲରେ ଢାଳିବା ଖେଳ ଶିଖାଇଲେ ପିଲାଙ୍କ ଆଙ୍ଗୁଳିଗୁଡ଼ିକ ଅଭ୍ୟସ୍ତ ହୋଇ ଭବିଷ୍ୟତରେ ଟେଷ୍ଟ ଟ୍ୟୁବ୍, ଯନ୍ତ୍ରପାତି ଆଦି ବ୍ୟବହାର କରିବା ତା ପକ୍ଷରେ ସହଜସାଧ ହେବ । ଏହିପରି ଭାବରେ ମଂଜି ପୋତିଲେ କିପରି ସେଥିରୁ ଗଛ ବାହାରୁଛି, ଗୋଟିଏ ହାଣ୍ଡିରେ ପାଣି ରଖିଦେଲେ ସେଥିରୁ କିପରି ମଶା ଜନ୍ମ ହେଉଛନ୍ତି, ବେଙ୍ଗଫୁଲା କିପରି ବେଙ୍ଗ ହୋଇଯାଉଛି ଆଦି ପର୍ଯ୍ୟବେକ୍ଷଣ କରିବାର ଆଗ୍ରହ ଓ ରୁଚି ସୃଷ୍ଟି କରିବା ହେଲା ଅଙ୍ଗନବାଡ଼ୀ ଶିକ୍ଷୟିତ୍ରିଙ୍କ କାମ ଯଦ୍ବାରା ଶିଶୁ ମଧ୍ୟରେ ଅନୁସନ୍ଧିତ୍ସା ବୃତ୍ତି ବଢ଼ିବ ।

୪. ସମାଜ ଜୀବନ ଶିକ୍ଷା

ଶିଶୁ ଯେଉଁ ଘରେ ବଢ଼େ ଓ ଯେଉଁ ସାହି ପଡ଼ିଶାଙ୍କ ଘରକୁ ଯାଏ ଓ ସେମାନଙ୍କ ପିଲାଙ୍କ ସାଙ୍ଗରେ ଖେଳେ, ଯେଉଁ ନଈ ପୋଖରୀରେ ଗାଧୁଆ ପାଧୁଆ କରେ, ଯେଉଁ ଆମ୍ବ ତୋଟାରେ ବୁଲେ, ସେହି ଘର ତାର ସମାଜ, ସେହି ତାର ଇତିହାସ, ଭୂଗୋଳ । ସେଥିପାଇଁ ବାଲବାଡ଼ୀରେ ଗୋଟିଏ କାର୍ଯ୍ୟକ୍ରମ ଥାଏ ଖବରାଖବର୍ ବୁଝାବୁଝି । ପିଲାଏ କ'ଣ ନୂଆ କଥା ଦେଖିଛନ୍ତି ବା ଶୁଣିଛନ୍ତି ତାହା ସେମାନେ ବର୍ଣ୍ଣନା କରନ୍ତି । କାହା ଘରେ ଧଳା ଅଣ୍ଡିରା ବାଛୁରୀ ହୋଇଛି, କାହା ପୁଅର ଏକୋଇଶିଆ ହେଉଛି, କିଏ ଗୋଟିଏ ଶାରୀ ପାଳିଛି, କାହା ପୋଖରୀରେ ମାଛ ଧରା ହେଉଛି, କିଏ ଗଛରେ ଚଢ଼ିଥିଲା, ପଡ଼ିଗଲା, କାହାର ଜନ୍ମଦିନରେ ପିଠା ହେଲା, କାହାର ମାମୁ ଆସିଛନ୍ତି ଆଦି ନାନା ପ୍ରକାରର ଖବର ପିଲାଏ ଶୁଣାନ୍ତି । ଜଣେ ଜଣେ ପିଲା ଏ ସବୁ ଶୁଣି ସେ ମଧ୍ୟ ଏସବୁ ଦେଖିଲି ବୋଲି କହେ । ତାହା ଶୁଣି ସେ ମିଛ କହୁଛି ବୋଲି କେହି ଥଟ୍ଟା କରନ୍ତି । ମାତ୍ର ବାସ୍ତବରେ କଳ୍ପନା କରିବା ବୃତ୍ତି (Imagination) ଶିଶୁର ସହଜାତ ବୃତ୍ତି ହୋଇ ଥିବାରୁ ତାର ମନଶ୍ଚକ୍ଷୁରେ ସେ ତାହା ଦେଖେ ।

ଆପେ ଆପେ କଥା କହିହେବାଟା ଅସ୍ବାଭାବିକ ମନେ କରୁ ଏବଂ ନ ଦେଖିଥିବା, ନ ଘଟିଥିବା କଥା ସେ କହିଲେ ମିଛ କହୁଛି ବୋଲି ମନେ କରୁ । ମାତ୍ର ଶିଶୁର ଗୋଟିଏ ମୂଳପ୍ରବୃତ୍ତି ହେଉଛି କଳ୍ପନା ପ୍ରବଣତା । ସେଥିପାଇଁ ସେ ଆପେ ଆପେ କ'ଣ କହି ହେଉଛି, ବା ଆମକୁ କେଉଁ ବିଷୟରେ କଳ୍ପନା କରି କହୁଛି, ତାହା ଲକ୍ଷ୍ୟ କରି ତାର କଳ୍ପନା ଶକ୍ତିକୁ ପରୋକ୍ଷରେ ଠିକ୍ ବାଟରେ ଆଣିବା ଉଚିତ୍ । ମିଥ୍ୟାବାଦୀ, ମୁଣ୍ଡପାଗଳା କହି ତାକୁ ନିରୁତ୍ସାହିତ କରିବା ଉଚିତ୍ ନୁହେଁ ।

ଶିଶୁର ସ୍ୱାସ୍ଥ୍ୟ

ସାଧାରଣ ବିଦ୍ୟାଳୟର ଶିକ୍ଷକଙ୍କ ଭଳି ବାଲବାଡ଼ୀର ଶିକ୍ଷୟିତ୍ରୀ କେବଳ ଶିଶୁର ଶିକ୍ଷା ବିଷୟକ ପାଠ୍ୟକ୍ରମ କଥା ଚିନ୍ତା କରନ୍ତି ନାହିଁ । ବାଲବାଡ଼ୀକୁ ଆସୁଥିବା ପିଲାଙ୍କ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ ସେମାନଙ୍କୁ ନଜର ଦେବାକୁ ପଡ଼େ । ବାଲବାଡ଼ୀ ପିଲା ଛୋଟ ଛୋଟ ହୋଇଥିବାରୁ ସେମାନେ ନିଜ ସ୍ୱାସ୍ଥ୍ୟ ବିଷୟରେ କିଛି ଜାଣି ପାରନ୍ତି ନାହିଁ । ପୁଣି ସେମାନଙ୍କୁ ମାଆ କୋଳରୁ ଆଣି ବାଲବାଡ଼ୀରେ ରଖୁଥିବାରୁ ବାଲବାଡ଼ୀରେ ରହିବା ସମୟରେ ସେମାନଙ୍କ ଯତ୍ନ ନେବା ସଙ୍ଗେ ସଙ୍ଗେ କୌଣସି ଶାରୀରିକ ଅସୁସ୍ଥତା ଲକ୍ଷ୍ୟ କଲେ ତାହା ଅଭିଭାବକଙ୍କୁ ଜଣାଇବାକୁ ପଡ଼େ । ବାପାମାଆ ସନ୍ତାନକୁ ଅଧିକ ସ୍ନେହ କରନ୍ତି ସତ ମାତ୍ର ଶିଶୁର ସ୍ୱାସ୍ଥ୍ୟରକ୍ଷା ସଂବନ୍ଧରେ ବହୁ ବାପମାଆଙ୍କ ମନରେ କୌଣସି ଧାରଣା ନ ଥାଏ । ସେଥିପାଇଁ ନିଜର ସନ୍ତାନର ସ୍ୱାସ୍ଥ୍ୟ ପ୍ରତି ସେମାନେ ସମୁଚିତ ଦୃଷ୍ଟି ଦେଇ ପାରନ୍ତି ନାହିଁ, ପୁଣି ଅନେକ ସମୟରେ ଗୃହଜଂଜାଳରେ ବ୍ୟସ୍ତ ରହି ସେମାନେ ଶିଶୁ ପ୍ରତି ପୂରା ନଜର ଦେଇ ପାରନ୍ତି ନାହିଁ ।

ଅବସ୍ଥାପନ୍ନ ପରିବାରରେ ମଧ୍ୟ ନାନା ପ୍ରକାର ପୂଜାପାର୍ବଣ, ବିଭାବ୍ରତରେ ଭୋଜିଭାତ, ଲୁଗାପଟା, ଯାନିଯାତ୍ରା ଆଦିରେ ଯେତେ ଖର୍ଚ୍ଚ କରନ୍ତି, ଶିଶୁକୁ ସୁଷମ ଖାଦ୍ୟ ଦେବା ବିଷୟରେ ସେତେ ଯତ୍ନବାନ ହୁଅନ୍ତି ନାହିଁ । ଫଳରେ ଶିଶୁର ସ୍ୱାସ୍ଥ୍ୟହାନୀ ଘଟେ । ସେଥିପାଇଁ ବାଲସେବିକା ଶିଶୁର ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବା ଦରକାର ଏବଂ ଶିଶୁସ୍ୱାସ୍ଥ୍ୟ ସମ୍ବନ୍ଧରେ ଜ୍ଞାନ ଅର୍ଜନ କରିବା ଆବଶ୍ୟକ ।

ପୁଷ୍ଟିକର ଖାଦ୍ୟର ଅଭାବ

ବାଲବାଡ଼ୀର ପିଲା ନିଜ ନିଜ ଘରେ ଯାହା ଖାଆନ୍ତି, ସେଥିରୁ ତାଙ୍କ ଦେହ ପାଇଁ ଆବଶ୍ୟକ ହେଉଥିବା ଖାଦ୍ୟ ପୂରା ମିଳୁଛି କି ନାହିଁ, ତାହା ଶିକ୍ଷୟିତ୍ରୀ ପର୍ଯ୍ୟବେକ୍ଷଣ କରିବା ଦରକାର ହୋଇଥାଏ । ଅବସ୍ଥାପନ୍ନ ଘରେ ଅଭିଭାବକ ମାନେ ଅଧିକ ପଇସା ଖରଚ କରି ପିଲାଙ୍କୁ ବଜାର ବିସ୍କୁଟ୍, ମିଠେଇ, ଲେବେନ୍ ଚୁଷ, ତେଲଛଣା ଜିନିଷ କିଣି ଖାଇବାକୁ ଦିଅନ୍ତି । ଏ ଗୁଡ଼ିକ ଶିଶୁର ସ୍ୱାସ୍ଥ୍ୟ ପାଇଁ ଆଦୌ ଉପକାରୀ ନୁହେଁ । ସେହିପରି ଅଭାବଗ୍ରସ୍ତ ଅଭିଭାବକମାନେ ପିଲାଙ୍କୁ ଦୁଧ, ଫଳ ଆଦି ଆବଶ୍ୟକ ଖାଦ୍ୟ ତ ଦୂରର କଥା ପେଟପୂରାଇ ମୁଠାଏ ଭାତ ସୁଦ୍ଧା ଦେଇ ପାରନ୍ତି ନାହିଁ । ସେଥିପାଇଁ ବାଲବାଡ଼ୀର ଶିକ୍ଷୟିତ୍ରୀ ପିଲାଙ୍କୁ ଯେଉଁ ଜଳଖିଆ ଖାଇବାକୁ ଦିଅନ୍ତି, ତାହା କିପରି ଅଳ୍ପ ଖରଚରେ ପିଲାଙ୍କ ପାଇଁ ପୁଷ୍ଟିକର ହେବ, ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼େ । ମିଠେଇ ବିସ୍କୁଟ୍ ଆଦି ପରିବର୍ତ୍ତେ ଦୁଧ, ଘୋଳଦହି, ଗାଁରେ ମିଳୁଥିବା ବିଲାତୀ ବାଇଗଣ, କାକୁଡ଼ି, ଚିନିଆଳୁ ଆଦି ଫଳ, ଟଟକା ପନିପରିବା ଆଦି ଯେଉଁଥିରୁ ଖାଦ୍ୟସାର ମିଳିବ, ତାହା ହିଁ ଦେବା ବିଧେୟ । ଚିନି ପରିବର୍ତ୍ତେ ଗୁଡ଼, ବିସ୍କୁଟ୍ ବଦଳରେ ମୁଢ଼ି, ହୁଡୁମ ବା ଚୁଡ଼ାଭଜା, ମିଠେଇ ବଦଳରେ ମୁଆଁ, ରାଶିଲଡୁ ଆଦି ଦିଆଯାଇପାରେ । ସେଥିପାଇଁ ସୁଷମ ଖାଦ୍ୟ ବିଷୟରେ ଶିକ୍ଷୟିତ୍ରୀଙ୍କୁ ସମ୍ୟକ୍ ଜ୍ଞାନ ଆହରଣ କରିବାକୁ ହୁଏ । ଚିନାବାଦାମ, ନଡ଼ିଆ, ଘିଅ ବା ତେଲ ଛଣା ଜିନିଷ କାହିଁକି ସବୁଦିନେ ପିଲାଙ୍କୁ ଦେବା ଉଚିତ୍ ନୁହେଁ, ଶିକ୍ଷୟିତ୍ରୀ ତାହା ଜାଣିବା ଦରକାର ଏବଂ ବାପାମାଆଙ୍କ ସହିତ ମଧ୍ୟ ସେ ବିଷୟରେ ଆଲୋଚନା କରିବା ଆବଶ୍ୟକ । ଋତୁ ଅନୁସାରେ ଜଳଖିଆ ବଦଳାଇ

କରି ଦେବା ପାଇଁ ଶିକ୍ଷୟିତ୍ରୀ ଗୋଟିଏ ଜଳଖିଆ ଚାର୍ଟ୍ ତିଆରୀ କରି ପାରନ୍ତି । ଉଦାହରଣ ସ୍ୱରୂପ ସ୍ୱାଦୁ ବାରି ଶିଖିବା, ସ୍ୱାସ୍ଥ୍ୟରକ୍ଷା ଓ ଋତୁ ପରିଚୟ ଦୃଷ୍ଟିରୁ ଗ୍ରୀଷ୍ମ ଋତୁରେ ଆମ୍ବ, ଜାମୁରୋଳ, ତରଭୁଜ, ସପେଟା, କାକୁଡ଼ି, ତାଳସଜ ଆଦି, ବର୍ଷା ଓ ଶରତ୍ ଋତୁରେ ମିଠା କୋଳି, ବିଲାତୀ ବାଇଗଣ ଆଦି ଏବଂ ସବୁ ଋତୁରେ ସବୁଦିନିଆ ଫଳ, କଦଳୀ, ଅମୃତଭଣ୍ଡା ଆଦି ଦିଆଯାଇପାରେ ।

ସେହି ପରି ଆମ ପର୍ବ ପର୍ବାଣୀ ଉପଲକ୍ଷ୍ୟେ ହେଉଥିବା ପିଠାପଣା ଆଦି, ଯଥା – ପ୍ରଥମାଷ୍ଟମୀରେ ଏଣ୍ଡୁରୀ, ବଉଳ ଅମାବାସ୍ୟାରେ ଗଇଁଠା, ଜାଗରରେ ଚଣାଭଜା, ମକର ସଙ୍କ୍ରାନ୍ତିରେ ଛତୁ ଓ ପଣା, ଗଣେଶ ଚତୁର୍ଥୀରେ ରାଶିଲଡୁ, ଦଶହରାରେ ମଣ୍ଡାପିଠା , ଚିତଉ ଅମାବାସ୍ୟାରେ ଚିତଉ, କୁମାର ପୂର୍ଣ୍ଣିମାରେ ଛେନା ଚକଟା ଆଦି ଦିଆଯାଇପାରେ । ଏହା ଫଳରେ ଶିଶୁ ଓଡ଼ିଶାର ପର୍ବପର୍ବାଣୀ ସହିତ ମଧ୍ୟ ପରିଚିତ ହୁଏ । ମଧ୍ୟେ ମଧ୍ୟେ ତୁଳସୀ ପତ୍ର, ବେଲପତ୍ର ଖାଇବାକୁ ପିଲାକୁ ପ୍ରୋତ୍ସାହିତ କରିବା, ଗଜାମୁଗ ମୁଗ ଗଜାକରି ଖାଇବାକୁ ଦେବା ସଙ୍ଗେ ସଙ୍ଗେ ଉଦ୍ଭିଦ ବିଜ୍ଞାନ ଶିକ୍ଷା ଦେବା ଆଦି କାର୍ଯ୍ୟ ହୋଇପାରେ ।

ପରିଚ୍ଛନ୍ନତା

ପିଲାଙ୍କୁ ଭଲକରି ଗାଧୁଆଇଦେବା ଓ ଗୋଡ଼ହାତ ଧୋଇ ସଫା ରଖିବା, ମୁଣ୍ଡରେ ଉକୁଣିଜନିତ ଘା ହେବାକୁ ନ ଦେବା ଆଦି ଶିଶୁର ସ୍ୱାସ୍ଥ୍ୟରକ୍ଷାରେ ବହୁତ ସାହାଯ୍ୟ କରେ । ସବୁ ଅଭିଭାବକ ଶିଶୁର ସ୍ନାନାଦି ପ୍ରତି ଯଥାଯଥ ଦୃଷ୍ଟି ଦେଇ ଭଲକରି ଓଦା ଗାମୁଛାରେ ଘଷି ଦେଇ ଗାଧୋଇ ଦେଇ ପୋଛାରେ ପୋଛି ଦେଇ ଲୁଗା ପିନ୍ଧାଇ ମୁଣ୍ଡ କୁଣ୍ଡାଇ ଦେବା ପ୍ରତି ରୁଚି ସୃଷ୍ଟି କରିବା ଗୋଟିଏ ପ୍ରୟୋଜନୀୟ କାମ । ବାଳ ସେବିକା ଏଥି ପ୍ରତି ଧ୍ୟାନ ଦେବେ । ସେହିପରି ଦାନ୍ତ ଘଷିବା, ପାଇଖାନା ଓ ପ୍ରସାବ ସ୍ଥାନର ଯଥାଯଥ ବ୍ୟବହାର କରିବା, ଖାଇବା ଆଗରୁ ହାତ ଧୋଇବା, ଖାଇସାରି ହାତ ମୁହଁ ଓ ଦାନ୍ତ ସଫା କରିବା, ଦାଣ୍ଡରୁ ଆସି ଓ ଶୋଇବା ପୂର୍ବରୁ ଗୋଡ଼ ଧୋଇ ଶୋଇବା ଆଦି ପରିଛନ୍ନ ରହିବାର ଅଭ୍ୟାସ ସେ କାହିଁକି ଅଭ୍ୟସ୍ତ ହେବା ଦରକାର ତାହା ପିଲାଙ୍କୁ ସେମାନଙ୍କ ହୃଦ୍‌ବୋଧ ହେବାଭଳି ଭାଷାରେ ବୁଝାଇ ସେମାନଙ୍କୁ ସେହି ଅଭ୍ୟାସରେ ଅଭ୍ୟସ୍ତ କରାଇବାକୁ ବାପାମାଆଙ୍କୁ ମଧ୍ୟ ପ୍ରବର୍ତ୍ତାଇବାକୁ ପଡ଼ିବ ।

ଖେଳ ପଡ଼ିଆରେ, ସ୍କୁଲ୍ ଯିବା ବାଟରେ ବୁଲା ବିକାଳି ଠାରୁ କିଣି ଖାଇବା, ତଳେ ଘୁଷୁରୀ ହୋଇ ଲୁଗାପଟା ମଇଳା କରିବା, ଯତ୍ରତତ୍ର ଛେପ ଖଙ୍କାର ପକାଇବା ଆଦି ଯେ ଶିଶୁର ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ, ଏ ଦିଗରେ ସଜାଗ ରହିବା ଆବଶ୍ୟକ ।

ସହରରେ ପାଇଖାନା ବ୍ୟବସ୍ଥା ଥାଇ ସୁଦ୍ଧା ଅଭିଭାବକମାନେ ନାଳରେ, ରାସ୍ତାକଡରେ ପିଲାଙ୍କୁ ଝାଡ଼ା ଫେରାନ୍ତି । ଗାଁରେ ତ ସହଜେ ପଡ଼ିଆରେ ଝାଡ଼ା ଫେରିବା ଚଳଣି ରହିଛି । ଏହା ଦ୍ୱାରା କି କ୍ଷତି ହେଉଛି ଓ ପାଇଖାନା ବ୍ୟବହାର କଲେ କି ଲାଭ ଅଛି ତାହା ବୁଝିଥିବା ଆବଶ୍ୟକ । ଗାଁରେ ଚାଲୁଥିବା ବାଲବାଡ଼ୀମାନଙ୍କରେ ଏକଫୁଟ୍ (୩୦ ସେ.ମି) ଗଭୀର, ନଅ ଇଂଚ (୨୨ ସେ.ମି.) ଓସାରର ଗାତ ଖୋଳି ପିଲାଙ୍କୁ ଝାଡ଼ା ଫେରାଇବା ଓ ଝାଡ଼ା ଫେରି ସାରିବା ପରେ ମଳ ଉପରେ ଶୁଖିଲା ମାଟି ବା ପାଉଁଶ ପକାଇବାରେ ଅଭ୍ୟସ୍ତ କରାଇବା ଦରକାର । ଅଭିଭାବକମାନଙ୍କୁ ମଧ୍ୟ ଏହାର ଆବଶ୍ୟକତା ବୁଝାଇ ଘରେ ପିଲା ପାଇଁ ପାଇଖାନା କରିବାକୁ ବାଳ ସେବିକା ପ୍ରବର୍ତ୍ତାଇବେ ।

ପୋଷାକ ପରିଚ୍ଛଦ

କଣ୍ଢେଇ ପରି ସଜାଇବା ପାଇଁ ସ୍ୱଚ୍ଛଳ ଅବସ୍ଥାର ବାପାମାଆ ପିଲାକୁ ଖୁବ୍ ଲୁଗାପଟା ପିନ୍ଧାଇ ଦିଅନ୍ତି । ସେହିପରି ଅଭାବଗ୍ରସ୍ତ ପରିବାରର ବାପାମାଆ ପାନ, ଗୁଣ୍ଡି, ଗୁଡ଼ାଖି, ବିଡ଼ି, ପିକା ଆଦି ଖାଇବାରେ ଯେତେ ତତ୍ପର ହୁଅନ୍ତି, ପିଲାଙ୍କ ପାଇଁ ଆବଶ୍ୟକ ଲୁଗାପଟା, ଶୀତବସ୍ତ୍ର ଯୋଗାଇବା କଥା ଉପରେ ସେତେ ଗୁରୁତ୍ୱ ଦିଅନ୍ତି ନାହିଁ । ଏ ଦୁଇଟିଯାକ ମନୋବୃତ୍ତି ଆଦୌ ସ୍ୱାଗତଯୋଗ୍ୟ ନୁହେଁ । ଅବସ୍ଥାପନ୍ନ ପରିବାରର ବାପାମାଆ ଋତୁ ଅନୁସାରେ ସ୍ୱାସ୍ଥ୍ୟକର ପରିଚ୍ଛଦ ପିନ୍ଧିବା ଅପେକ୍ଷା ସମାଜରେ ପ୍ରଚଳିତ ଷ୍ଟାଇଲ୍ ବା ଫ୍ୟାଶନ୍ ପ୍ରତି ଦୃଷ୍ଟିରଖି ଲୁଗାପଟା ପିନ୍ଧନ୍ତି । ନିଜ ପିଲାଙ୍କୁ ମଧ୍ୟ ସେହିପରି ପରିଚ୍ଛଦ ପିନ୍ଧାନ୍ତି । ମାତ୍ର ପିଲାଙ୍କ ଶରୀରର ବିକାଶ ଦୃଷ୍ଟିରୁ ସେମାନଙ୍କୁ ଢିଲା ପୋଷାକ ପିନ୍ଧାଇବା ଉଚିତ୍ ଓ ସେମାନଙ୍କ ଚଲାବୁଲା, ଡିଆଁ ଡେଇଁ, ଖେଳ କୁଦରେ ଅସୁବିଧା ନ ହେଲା ଭଳି ଲୁଗାପଟା ସେମାନଙ୍କୁ ଦେବା କଥା ।

ମୂଲ୍ୟବାନ୍ ଚକଚକିଆ ପରିଚ୍ଛଦ ଅପେକ୍ଷା ସୁରୁଚିସମ୍ପନ୍ନ ନାନା ପ୍ରକାରର ରଙ୍ଗ ଫୁଲଫଳ, ପଶୁପକ୍ଷୀ ଚିତ୍ର ଥିବା ପୋଷାକ ଓ ଚାଦର ଆଦି ପିଲାଙ୍କ ପାଇଁ ବ୍ୟବହାର କରାଗଲେ ସେମାନେ ସେଥିରୁ ଆନନ୍ଦ ପାଆନ୍ତି ଓ ତାହା

ସେମାନଙ୍କ ବୁଦ୍ଧିର ବିକାଶରେ ସହାୟକ ହୁଏ । ମୂଲ୍ୟବାନ୍ ପୋଷାକର ଯତ୍ନ ଶିଶୁ ନେଇପାରେ ନାହିଁ । ତେଣୁ ବାପାମାଆ ତା ଉପରେ ବିରକ୍ତ ହୁଅନ୍ତି, ଫଳରେ ଶିଶୁ ପରିଚ୍ଛନ୍ନ ସଚେତନ ହୋଇଯାଏ । ଏହା ତାହାର ମାନସିକ ସ୍ୱାସ୍ଥ୍ୟପାଇଁ କ୍ଷତିକାରକ ।

ଦୌଡ଼ା ଧାପଡ଼ା, ଡିଆଁ ଡେଇଁ ଓ ହସକୌତୁକ

ମୂଳରୁ ସୂଚେଇ ଦିଆ ହୋଇଛି ଯେ ବାଲବାଡ଼ୀ ଏକ ଚାଟଶାଳୀ ଭଳି ପିଲା ଅଡ଼େଇବା ସ୍ଥାନ ନୁହେଁ । ସେଠାରେ ପିଲାଙ୍କୁ ହସ ଖେଳ, ଦୌଡ଼ା ଧାପଡ଼ା, ଡିଆ ଡେଇଁ କରିବାକୁ ପର୍ଯ୍ୟାପ୍ତ ସୁବିଧା ଦେବା ଉଚିତ୍ । ଘରେ ମଧ୍ୟ ମାଆମାନେ ସବୁବେଳେ ପିଲାଙ୍କୁ ଶିଲଟ ଖଡ଼ି ଧରେଇ ବସେଇ ରଖିବା ଠିକ୍ ନୁହେଁ । ଏହି ଦୌଡ଼ା ଦୌଡ଼ି, ହସଖେଳ ସେମାନଙ୍କ ଶାରୀରିକ ବିକାଶ ପାଇଁ ନିତାନ୍ତ ପ୍ରୟୋଜନ, ତଦ୍ୱାରା ସେମାନଙ୍କର ଦେହ ବୃଦ୍ଧି ହୋଇଥାଏ । ପିଲା ଖେଳି ଖେଳି ଥକି ଯିବାଟା ଭଲ । ସେହିପରି ନାଚ ଗୀତ, କବିତା ଆବୃତ୍ତି ଦ୍ୱାରା ସେମାନଙ୍କୁ ବହୁତ ମାନସିକ ଖୋରାକି ମିଳେ ଓ ସେମାନଙ୍କ ଚିତ୍ତ ପ୍ରସନ୍ନ ରହେ ।

ଶିଶୁ ବଢ଼ିବା ସଙ୍ଗେ ସଙ୍ଗେ ତାହାର ବୁଦ୍ଧିର ବିକାଶ ଅନୁଯାୟୀ ସେ ନୂଆ ନୂଆ ଖେଳ ଖେଳିବାକୁ ଭଲ ପାଏ । ଏଇ ଖେଳରୁ ସେ ଅନେକ ଶିକ୍ଷା ଲାଭ କରେ । ସେଥିପାଇଁ ବାଲବାଡ଼ୀରେ ଶିକ୍ଷୟିତ୍ରୀ ଓ ଘରେ ଅଭିଭାବକ ପିଲାଙ୍କ ଖେଳ ପ୍ରତି ଦୃଷ୍ଟିଦେବା ଦରକାର । ଅନେକ ସମୟରେ ଦେଖାଯାଏ ଶିଶୁ ମୂଲ୍ୟବାନ୍ ଖେଳନା ଛାଡ଼ି ବଡ଼ ମଣିଷର ଆଚରଣକୁ ନକଲ କରି ଖେଳିବାକୁ ଭଲପାଏ । ଶିଶୁ ଭିତରେ ଯେ ବଡ଼ ହେବା ପାଇଁ ଓ ବଡ଼ମାନଙ୍କ ପରି ଆଚରଣ କରିବାର ଆକାଙ୍କ୍ଷା ରହିଛି, ତାହାର ଏହି କାମରେ ତାହା ହିଁ ପରିସ୍ଫୁଟ ହୁଏ । ଏଥିରେ ତାକୁ ସବୁବେଳେ ବାଧା ଦେବା ଅନୁଚିତ, ବରଂ ତାହାର ଡିଆଁ ଡେଇଁ, ଦୌଡ଼ାଧାପଡ଼ା, ଖେଳକୁଦ କିପରି ଧ୍ୱଂସାତ୍ମକ ନ ହୋଇ ରଚନାତ୍ମକ, ନିର୍ମାଣ ଅଭିମୁଖୀ ହେବ, ସେ ଦିଗରେ ଧ୍ୟାନ ଦେବା ଉଚିତ୍ । ସେମାନଙ୍କର ହାତ ଓ ମନ କିପରି ସୃଜନାତ୍ମକ ଶ୍ରମ ଅଭିମୁଖୀ ହେବ ସେ ଦିଗରେ ଶିକ୍ଷୟିତ୍ରୀ ଓ ଅଭିଭାବକ ବିଶେଷ ଯତ୍ନଶୀଳ ହେବେ ।

ଶାନ୍ତିପୂର୍ଣ୍ଣ ଗଭୀର ନିଦ୍ରା

ଶିଶୁର ଶାରୀରିକ ଓ ମାନସିକ ବିକାଶ ପାଇଁ ଶାନ୍ତିପୂର୍ଣ୍ଣ ଗଭୀର ନିଦ୍ରା ଅତ୍ୟାବଶ୍ୟକ ହୋଇଥାଏ । ବଡ଼ ବଡ଼ ଶିକ୍ଷାଶାସ୍ତ୍ରୀଙ୍କ ମତରେ ମାଟିରେ ଗାତ ଖୋଳି ମଂଜିଟିଏ ପୋତି ମାଟି ଘୋଡ଼ାଇ ଦେବାର କିଛିକାଳ ପରେ ଯେପରି ମଂଜିରୁ ଗଜା ବାହାରେ ସେହିପରି ଦିନ ଯାକ ମଣିଷ ଯାହା ଯେତେ କାମ କରେ ରାତିରେ ଶୋଇବା ପରେ ମଧ୍ୟ ମଣିଷର ସେ ଦିଗରେ ମସ୍ତିଷ୍କ ଚାଳନା ହେଉଥାଏ । ସେଥିପାଇଁ ଶୋଇବାଟା ମଧ୍ୟ ବିକାଶର ଗୋଟାଏ ଅଙ୍ଗ ।

ବାଲବାଡ଼ୀରେ ପିଲାଙ୍କର ଶୋଇବା ପାଇଁ ବ୍ୟବସ୍ଥା ଥିବା ଦରକାର । ନାନା କାରଣରୁ ଅନେକ ସମୟରେ ଘରେ ଶିଶୁର ନିଦରେ ବ୍ୟାଘାତ ହୋଇଥାଏ । ଘରେ ବାହା ବାଜି ଚାଲିଥିଲେ, ବନ୍ଧୁବାନ୍ଧବଙ୍କ ଏକାଠି ହୋଇ ଗପସପ, ମଉଜ ମଜଲିଶ କରୁଥିଲେ, ପିଲା ଟିକିଏ ବେଶୀ ଖାଇଦେଲେ, ମୁଣ୍ଡରେ ଉକୁଣି, ବିଛଣାରେ ଛାରପୋକ ଥିଲେ ବା ଘରେ ମଶା ଥିଲେ ପିଲାର ପୂରା ନିଦ ଭୋଗ ହୋଇ ନ ଥାଏ । ସେଥିପାଇଁ ବାଲବାଡ଼ୀକୁ ଆସି ଅନେକ ପିଲା ଘୁମାନ୍ତି କିମ୍ବା ତଳେ ଶୋଇ ପଡ଼ନ୍ତି । ସେପରି ସ୍ଥଳେ ସେ ପିଲାଙ୍କ ନିଦ ଭଙ୍ଗାଇବା ପାଇଁ ଚେଷ୍ଟା କରିବା ଉଚିତ୍ ନୁହେଁ । ସେମାନଙ୍କୁ ଟେକି ନେଇ ବାଲବାଡ଼ୀର 'ନିଦ ଘରେ' ବିଛଣାରେ ଶୁଆଇ ଦେବାକୁ ହେବ । ନିଦଘର ପରିଷ୍କାର ପରିଚ୍ଛନ୍ନ ଥିବ ଏବଂ ପବନ ଯାତାୟତର ସୁବିଧା ଥିବ । ଅଲଗା ଘର ନ ଥିଲେ ବାଲବାଡ଼ୀ ଚାଲୁଥିବା ଘର କଣରେ ଗୋଟିଏ ପରଦା ଟାଙ୍ଗି ଉହାଡ଼ କରିଦେଇ ନିଦଘର କରାଯାଇ ପାରିବ ।

ନିଦରୁ ଉଠିଲା ପରେ ପିଲାର ଆଖି ମୁହଁ ଧୋଇବା, କୁଳି କରିବା ଆଦି ପ୍ରତି ଦୃଷ୍ଟି ଦେବା ଦରକାର । କୌଣସି ପିଲା ଅଧିକ ସମୟ ଶୋଇଥିଲେ ତାହାର ସ୍ୱାସ୍ଥ୍ୟ ଯାଂଚ କରି ଅଭିଭାବକଙ୍କୁ ତାହା ଜଣାଇବା ଦରକାର ।

ଅଙ୍ଗ ପ୍ରତ୍ୟଙ୍ଗର ଯତ୍ନ

ଶିଶୁର ଶରୀର କୋମଳ, ସେଥିପାଇଁ ତାହାର ଶରୀର ପ୍ରତି ସାଧାରଣତଃ ଅଧିକ ନଜର ଦେବାକୁ ପଡ଼େ । ତହିଁରେ ପୁଣି ଆଖି, କାନ, ନାକ, ଦାନ୍ତ ଆଦିର ବିଶେଷ ଯତ୍ନ ନେବା ଆବଶ୍ୟକ । ଅନେକ ସମୟରେ ଦେଖାଯାଏ ଯେ ଶିଶୁର ଖାଦ୍ୟରେ ଗଣ୍ଡଗୋଳ ହେଲେ ବା ଥଣ୍ଡା ଲାଗିଲେ ନାକରୁ ପାଣି ବୁହେ, ଆଖି ଧରେ, କାନ ପାଚେ, ମୁହଁରେ ଘା ହୋଇଯାଏ । ଶିକ୍ଷିକା ଏ ସବୁ ବିଷୟ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବାକୁ ହେବ । କାରଣ ପିଲାଦିନେ ଯେଉଁ କାନ ପାଚିବା, ଆଖି ଧରିବା, ବା ପାଟିବାଟେ ନିଃଶ୍ୱାସ ନେବା ଆଦି ଶାରୀରିକ ବିଲକ୍ଷଣ ଘଟେ, ତାହା ତାହାର ଉତ୍ତର ଜୀବନର ସ୍ୱାସ୍ଥ୍ୟହାନିର କାରଣ ହୋଇଥାଏ । ସେଥିପାଇଁ ଏଥିପ୍ରତି ଦୃଷ୍ଟି ଦେବା ସଙ୍ଗେ ସଙ୍ଗେ ସମ୍ଭବ ହେଲେ ଏହାର ଚିକିତ୍ସା ବ୍ୟବସ୍ଥା କରାଇବା ପ୍ରତି ମଧ୍ୟ ଶିକ୍ଷୟିତ୍ରୀ ଦୃଷ୍ଟି ଦେବେ ।

ଅନେକ ସମୟରେ ନିଜ ନଖ ବାଜି ପିଲାର କାନରେ ଓ ଅନ୍ୟ ସ୍ଥାନରେ ଘା ହୋଇଯାଏ । ସେଥିପାଇଁ ପିଲାର ନଖ ଯେପରି ନିୟମିତ କଟା ହେବ, ନାକ ପୋଛିବା ପାଇଁ ପିଲାଏ ଖଣ୍ଡିଏ ରୁମାଲ ବା ଛୋଟ କନା ସାଙ୍ଗରେ ଆଣି ସେଇଥିରେ ନାକ ପୋଛିବାରେ ଯେପରି ଅଭ୍ୟସ୍ତ ହେବେ ସେଥିପ୍ରତି ଶିକ୍ଷିକା ଧ୍ୟାନ ଦେବେ । ପିଲା ଆଖିରେ ପାଣିଛାଟି ବା ତାଟିଆରେ ସଫା ପାଣି ପୂରେଇ ଆଖି ବୁଡ଼େଇ ଧୋଇ ଶିଖିବେ । ମୁହଁ ଧୋଇଲା ବେଳେ ଦାନ୍ତ ଓ ମାଢ଼ିକୁ ଆଙ୍ଗୁଠିରେ ଘସି ଘସି ଧୋଇବେ , ଏ ସବୁ ଶିଖାଇବା ଯେ ବାଲବାଡ଼ୀ ଶିକ୍ଷାର ଏକ ଅଙ୍ଗ ଏହା ବୁଝି ଏଥିପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ ।

ଶିଶୁର ଓଜନ ଓ ଉଚ୍ଚତା ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ହେବ । କେଉଁ ବୟସରେ ଶିଶୁର ଉଚ୍ଚତା ଓଜନ କେତେ ହେବା

ଉଚିତ୍ ତାହାର ଗୋଟିଏ ଆଲେଖ୍ୟ ବାଲବାଡ଼ୀରେ ରହିବା ଦରକାର । ଶିଶୁର ଉଚ୍ଚତା ଓ ଓଜନ ବୃଦ୍ଧିରେ ତୃଟି ଦେଖା ଦେଲେ ତାହା ଅଭିଭାବକଙ୍କୁ ଜଣାଇ ତାହାର ପ୍ରତିକାର କରିବା ଉଚିତ୍ ।

ଚତୁର୍ଥ ଭାଗ

ଅନ୍ନପୂର୍ଣ୍ଣା ମହାରାଣାଙ୍କ ମନୋନୀତ

ଶିଶୁଶିକ୍ଷା ପାଇଁ କେତେକ ନାନାବାୟା ଗୀତ

କେତେକ ନାନାବାୟା ଗୀତ

(ପ୍ରକାଶକଙ୍କ ଅଭିମତ: ବଡ଼ ଦୁଃଖ ଓ ଦୁର୍ଭାଗ୍ୟର କଥା ଯେ ନାନାବାୟାର ଅଧିକାଂଶ ଭଲ ପାରମ୍ପରୀଣ ସଂସ୍କୃତି, ପ୍ରଥା, ଜୀବଜନ୍ତୁ, କଳକବ୍ଜା, ଖାଦ୍ୟ, ପାନୀୟ ଆଦି ଲୁପ୍ତ ବା ଲୁପ୍ତପ୍ରାୟ ହେଲେଣି, ତେବେ ବୋହୂ ପ୍ରତି ଅତ୍ୟାଚାର ଭଳି ଅପସଂସ୍କୃତି ଗୁଡ଼ିକ ବୃଦ୍ଧି ପାଇ ଚାଲିଛି !)

1. ପାଂଚ ଯାଇ ଛଅ ପଶିଲା ପୁଅ ଲଥ୍ କିନା ବସିଲା ।।

(ଅଙ୍ଗ ପ୍ରତ୍ୟଙ୍ଗ ସଂଚାଳନ (Action song) ଶିକ୍ଷାକ୍ରମ ଆରମ୍ଭ)

2. ବାଇମୁଣ୍ଡ କଲୁ, ତାଳି ତାଳି, ତାଳି ସର ବାବୁ ଯିବ ମାମୁ ଘର, ମାମୁ ଘରେ ଦୁଧସର, ଶାଶୁ ନାକ କଲୁ ।

3. ତାଳି ତାଳି ବନମାଳୀ
   ତାଳି ତାଳି ବନମାଳୀ
   ତାଳିସର, ତାଳିସର
   ଟୋକେଇ କୁଣ୍ଢେଇ ସଜକର
   ଘେନି ପଳାଇବା ଘୁମୁସର ।।

4. ତା ଥେଇକି ତା ଥେଇକି
   ମଧିଆ ମାଇଲା କୁଣ୍ଡାଖାଇକି
   ଆଉ କୁଣ୍ଡାଖାଇ ଘରେ ଥାଇକି ?

5. ଗୁଗୁପାଆଂଚି ଗୁଗୁପାଆଂଚି
   ସୁନା ଗାଡିଆରେ ପଡ଼ିବୁ କି
   ମାଟି ଗାଡ଼ିଆରେ ପଡ଼ିବୁ?
   ସୁନା ଗାଡ଼ିଆରେ ପଡ଼ିଲାରେ
   ମାଟି ଗାଡ଼ିଆରେ ପଡ଼ିଲାରେ ।।

ଗୁରୁଣ୍ଡିଲେ-

6. ଝୁଲ୍ ହାତୀ, ଝୁଲଣ ହାତୀ, ଝୁଲିଲେ ଖାଇବ ନଡ଼ିଆ ପାତି
ହାତୀ ଝୁଲେ ରଜା ନଅର, ହାତୀ ମୁଣ୍ଡେ ସୁନା ଚଅଁର ।।

7. ଝୁଲ୍ ରେ ହାତୀ ଝୁଲ
ବା'ପାଣି ଖାଇ ଫୁଲ୍
ହାତୀ ଯାଇଥିଲା ନଅର,
ହାତୀ ମୁଣ୍ଡେ ମୋ ସୁନା ଚଅଁର ।
ମୋ ହାତୀ ଧାଇଥେ ଲସର ପସର କିଆ କନ୍ଦା ଖାଇବାକୁ
ମୋର କହ୍ନେଇ ଲସର ପସର ଦୁଧଭାତ ଖାଇବାକୁ ।।

8. ଦେ ବଳଦ ଟାଣି ଟୁଣି
ଆସିଲେ ଖାଇବୁ ଦୋହରା ପାଣି ।।

ଠିଆ ହେବା ଆରମ୍ଭରେ -

9. ବାଆକେ ନଡ଼ିଆ ଭାଜି ପଇଲା
ଏଣେ ବା କଲେ ତେଣେ ପଇଲା,
ମା ମାଇଲା, ଜାମୁ ଡାଳ ଖଣ୍ଡି ପଇଲା ।

10. ନଇଁ ବୁଢ଼ୀ ହେଲୁ । ଇତ୍ୟାଦି

11. ଠିଆ ପୁଚି ନାରଙ୍ଗ
ଗୋଡ଼ ଦିଟା ସାରଙ୍ଗ
ସାରଙ୍ଗ ବଣକୁ ଯାଇଥିଲି
ସାରଙ୍ଗ କୋଳି ଆଣିଥିଲି ।
ଅଧେ କଲି ଭଜା
ଅଧେ କଲି କଂଚା
ମୋ ଭାଇ ରଜା, ମୋ ଭାଉଜ ରାଣୀ
ହିଡ଼ ତଳେ ଯେଉଁ ଗହୀର କୂଅ
କିଏ କାଢ଼ି ଦେବ ପାଣି ।।

12. ଟୁଉକୁ ମୂଷି ଟୁକେଇ ମୂଷି
ଧାନ ଭରଣକ ଖାଉଥା ବସି

ତୁ ଥା ମୁଁ ଯାଉଛି ରୁଷି।
ଟୁକେଇ ଗଲା ମାଉସୀ ଘର, ଦୁଧରୁ କାଢ଼ି ଖାଇଲା ସର ।।

13. ଗୁଣ୍ଡୁରି ଚଢ଼େଇ ଉଡ଼ିଗଲା ନଈବାଲି ଖାଇ ବୁଡ଼ିଗଲା ।।

14. ଛେନା ଖାଇ ପୁଚୁ ପୁଚୁ, ବୋଉ ଗାଳି ଦେଲେ ଗୁହାଳେ ଲୁଚୁ ।

15. ଝୁଲ୍ ଝୁଲେ ଝୁଲଣ ଓଳକଣା ମେଳଣ
ଆଳି ରାଜା ଝୁଲଣ ।।

16. ଆ ଜହ୍ନମାମୁ ସରଗ ଶଶି
ମୋ କାହ୍ନୁ ହାତରେ ପଡ଼ ତୁ ଖସି ।
ମୋ କାହ୍ନୁକୁ ତୁ କରିବୁ ଗେଲ।
ଖାଇବାକୁ ଦେବି ଲବଣୀ ସର ।।

17. ଚକା ଚକା ଭଉଁରୀ
ଚକା ଚକା ଭଉଁରୀ
ମାମୁ ଘର ଚଉଁରୀ ।।

18. ହାତୀ ନେ, ଘୋଡ଼ା ନେ
ମୋ ପେଁକାଳି ବଜାଇ ଦେ ।।

ନାନାବାୟା ଗୀତ:-

19. ଅଲକ ମଲକ ଝାଇଁକି ଝୁଂପା
ବେଲ ଗଛ ମୂଳେ ବେଲ ଖୋଳପା ।
ପଧାନ ଯାଉଛି ଧାନ ବିଲକୁ
ଧରି (ମାରି) ଆଣିଦେବ ଶଂଖ ଚିଲକୁ
ଶଂଖଚିଲ କଲା ବସା,
ଗାଁ କେଉଟୁଣୀ ବଡ଼ ଭରଷା
ତାର ମଙ୍ଗଳପୁରିଆ ଖୋଷା ।।

କୁକୁର

20. କକମନା ବାୟାରେ ମୋ କଥାଟି ଶୁଣ୍
ବିଲ ମାଛ ଚିଲ ନେଲା ଖଇଁଚି ଖଣ୍ଡିଏ ବୁଣ୍ ।
ତୋ ଖଇଁଚି ମୋ ଖଇଁଚି ପିଢ଼ାକୁ ପକେଇ ଦେବା
ଆଷାଢ଼ ମାସରେ ପାଣି ଆଇଲେ ମାଛ ଧରିବାକୁ ଯିବା ।।

21. କକମନା ବାଇୟାରେ ଗାଈ ହ କରି ନେ
ପାନ ଖାଇବାକୁ କଉଡ଼ି ଦେବି ମୋ ବାବୁ ବୋଲ କରି ଦେ ।।

ବାୟା ଚଢ଼େଇ

22. ବାୟାମାର ଗଛରେ ବସା
ମାଡ଼ି ଆସୁଥାଏ ଝଡ଼ି ବରଷା (ବତାସା)
ଆପେ ଖେଳୁଥାଏ ଦୋଳି,
ପୁଅ ଝିଅ ଦୁହେଁ ଦୋଳିରେ ବସି ଦେଉଥାନ୍ତି ହୁଳ ହୁଳି ।

23. ବାୟା ମା'ର ପୁଅ ପୋରୁହାଁ, ନିତି ପ୍ରତିଦିନ ତବତ ଖିଆ
ଘରେ ଲଗାଇଛି କଳି,
ତା ମାଆ କରିଥିଲା ସରୁ ଚକୁଳି ନ ଖାଇ ଭାଙ୍ଗିଲା ଥାଳି ।।

24. ବାୟାମା ଯେ ସରୁ କାଟେଣୀ
ପୁଅକୁ ପିନ୍ଧାଏ ପାଟ ପତନୀ
ଝିଅକୁ ପିନ୍ଧାଏ ନେତ,
ଆପେ ପିନ୍ଧିଥାଏ କଳା ପାଟ ଖଣ୍ଡେ ଉଡ଼ାଏ ଖଣ୍ଡିଆ ଭୂତ ।।

25. ବାୟା ମାଆ ଯେ ସରୁ କାଟେଣୀ, ଝିଅକୁ ପିନ୍ଧାଏ ପାଟ ପତନୀ,
ପୁଅକୁ ପିନ୍ଧାଏ ନେତ, ଆପେ ପିନ୍ଧିଥାଏ କଳା ବୋଇତ ଲୋ,
ଉଡ଼େଇ ନଉଛି ଭୂତ ।।

26. ବାୟା ଚଢ଼େଇରେ! ବାୟା ଚଢ଼େଇ !
ତୁ ଯାଆ ଯାଆ ବଣକୁ ।
କୁହୁଡ଼ି କାକର ମାଡ଼ି ଆସୁଛି ତୋ ଟାଙ୍ଗରା ମୁଣ୍ଡକୁ ।

27. ବାଇଧନ ଆରେ ବାଇ ଚଢ଼େଇ
ତୋ ମାଆ ଯାଇଛି ଗାଈ ଚରେଇ
ଗାଈରୁ ଆଣିବ ପାକଲା ବେଲ
ତୋତେ ଖୋଇ ଦେଇ କରିବ ଗେଲ ।।

28. ବାୟାର କି ଯାଏ
ବାଆ କଲେ ବସା ଦୋହଲୁ ଥାଏ ।।

29. ଡାମରା କାଉରେ ଡାମରା କାଉ
ଉଢ ପରବତେ ବୋବାଉ ଥାଉ ।

ଙଂଚ ପରବତ ଗୁଂଜୁ ଗୁଂଜିଆ ତହିଁରେ ଅଛନ୍ତି ସାତ ଭେଣ୍ଡିଆ ।
ସାତ ସାତ ପଣ ଚଉଦ ପଣ ଭାଉଜକୁ ବୋଲେ କଉଡ଼ି ଗଣ ।
କଉଡ଼ି ଗଣୁ ଗଣୁ ପହିଲା ରାତି ଚୋର ଘେନିଗଲା କଜଳ ପାତି ।
ଆସ ଗୋ ମରୁଆ ଗାଧୋଇ ଯିବା କଇଁଚିକାକୁଡ଼ି ତୋଳି ଆଣିବା ।
କଇଁଚିକାକୁଡ଼ି କାକୁଡ଼ି ମୁଣ୍ଡରେ ପିତା ଛ ଭାଇଙ୍କର ଛ ଦୁହିତା ।।

30. ଫିଙ୍ଗି ଦେଇଥିଲି ଖତ କୁଢ଼କୁ,
କାଉ ନେଇଗଲା ମମୁ ଘରକୁ,
ମାଈଁ ପଚାରିଲେ ଏଇଟି କିଏ ?
ମାମୁ କହିଦେଲେ ଭଣଜାଟିଏ
ଧୋଇଧାଇ କରି ଘରକୁ ନିଅ
ଦୁଧ ଭାତ କରି ଗୁଣ୍ଡିଏ ଦେଲେ
ତା ମାଆ ପାଖରେ ଛାଡ଼ି ଆସିଲେ ।।

31. ମୋ ଧନ ଯାଇଥିବ ନଈକୁ ଗାଧୋଇ
ବୋଉ ଡେରିଥିବେ କାନ
ବାବୁର ଗାଧୁଆ ଉଚ୍ଛୁର ହେଲା ଭାଙ୍ଗି ରଖ ଗୁଆ ପାନ ।।

32. ଚିଙ୍ଗୁଡ଼ି ମାଛ ଥାଇ କହିଲା ମୋ ପିଠିରେ କୂଜ
ଆଂବୁଲ ଟାକରା ଦିଖଣ୍ଡ ପକାଇ ମୋ ମଜାଟା ବୁଝ ।
ଗିନେଇ ଚୁଙ୍ଗୁଡ଼ି ଥାଇ ବୋଲିଲା ମୁଁ ବାଲ ବାଲୁଆ ସାଉ
ମୋତେ ଚିଲ ମାରି ନେଉଥିଲା ଗୁହାଳ ପିଢ଼ା ନାଉ ।।

33. ଉଦୁମୁଦୁମା ତାଳ ଗୋଟମା ତାଳ ପାହୁରାଣୀ ପିତଳ ଶମା ।
ଚୁଉନୁ ମୁଉନୁ ଖଇରି କାତି ରଜା ବିଜେ କଲେ ଯମୁନା ହାତୀ ।
ଯମୁନା ହାତୀରେ ତେଲ ଘଡ଼ି ବାଘ ନେଇ ଗଲା ଗେଲ କରି ।
ଆମ୍ଭ ଗୋଟି ଖାଉ ଖାଉ କୋଇଲି ଗୋଟି କଷା ।
କି ମାଡ଼ ମାରିଲୁ ଭାଇ ଚାରି କଣିଆ ପଶା ।।

ପାଠାନ୍ତର: - ଯମୁନା ହାତୀରେ ପାଟ ମହାଦେଈ ଗାଧୋଇ ଗଲେ
କୋଇଲି ବୋବାଇଲା ।
ଆମ୍ଭ ଗୋଟି କଷା କି କୋଇଲି ଗୋଟି କଷା
କି ମାଡ଼ ମଇଲୁ ଭାଇ ଚୁନୁମନିଆ ବସା - ।

34. ଇଂଚଚିଡ଼ି ମିଂଚିଡ଼ି ଧାନ ଚିଡ଼ି ଚିଡ଼ି କଇଁଚି କାକୁଡ଼ି ପିତା ନଳିତା
ସାତ ବୋହୂଙ୍କର ସାତ ଦୁହିତା ।
ସାତ ଗଲେ ଉତ୍ତର କାହୁଁ ପାଇଲେ ପିତ୍ତଳ ।

ପିତଳ ଖଣ୍ଡିକ ହଜିଲା
ବଡ଼ ବୋହୂ ଲୁଗା ଉଠିଲା ।।
ପାଠାନ୍ତର: - ଇଂଚୁଡ଼ି ମିଂଚୁଡ଼ି

35. ଜହ୍ନି ଜହ୍ନି ଆଂଜୁଳି; ନିତି ନିତି ପକାଏ ତିନି ଆଂଜୁଳି,
ଦୋଳିରେ ଯାଏଁ, ଦୋଳିରେ ଆସେଁ;
ପାଟ ପୀଢ଼ା ଖଣ୍ଡ ମାଡ଼ି ବସେ, ନାତୁଣୀ ବୋହୂ ଭାତ ପରଶେ ।।

36. ଧୋଓରେ ବାୟା ଧୋ !
ଯେଉଁ କିଆରିରେ ଗହଳ ମାଣ୍ଡିଆ ସେହି କିଆରିରେ ଶୋ ।
ଧୋଓରେ ବାୟା ଧୋ !
ଗହଳ ମହଳ ଧାନ କିଆରୀ
ସେହି କିଆରିରେ ଶୋ ।
ପୂବେଇ ବାଆରେ ମେଘ ବରଷିଲା
ଟୁପୁରୁ ଟୁପୁରୁ ପାଣି
ସାରୁ ଗଛ ମୂଳେ ବେଙ୍ଗୁଲି ନାନୀ
ଆପେ ବୋଲାଉଛି ରାଣୀ ।।

37. ଜହ୍ନି ଫୁଲ ଠୋ ଠା
କକୁଡ଼ି ଫୁଲ ଠୋ ଠା
ଚୁଟିଆ ମୂଷା କହି ଯାଇଛି
ଚାଉଳ ମୁଠିଏ ଥୋଇ ଥା।
ବାଡ଼ି ଆଡ଼େ କୂଅ କି ଦାଣ୍ଡ ଆଡ଼େ କୂଅ
ଚୁଟିଆ ମୂଷା କହି ଯାଇଛି
ଚାଉଳ ମୁଠିଏ ଦିଅ ।।

38. କାଟି ଗଲି କାଣ୍ଡ ସର
ମହାନଦୀ ପାଣି କଳା ଭଅଁର ଦେଖିଲେ ମାଡ଼ଇ ଡର ।
ମହାନଦୀ ବାଲି ସରୁ ସରୁକା ଚାଲିଲେ ସରଇ ନାହିଁ
ଭୋକ କଲେ ଭାତ ଦେବି ଭୁଂଜାଇ ହାତ ଛାପା ମୁଦି ଦେଇ ।।

39. ଜଳନ୍ଦ୍ର (ଜଳାର୍ଦ୍ଦ, ଜାମ୍ବବ ?) ପାଟଳି ବୃକ୍ଷର ଛାଇ
ଜହ୍ନ ପଡ଼ିଅଛି ନିର୍ମଳ ହୋଇ।
ଅଗଣା ଭିତରେ ଗୋପ ଯୁବତୀ
ପୁତ୍ର କାଖ କରି ଖେଳାଉଛନ୍ତି ।
ଆରେ କହ୍ନାଇ ନ କର ଦ୍ୱନ୍ଦ
କାଲି ଗଢ଼ାଇବି ସୁବର୍ଣ୍ଣ ଚାନ୍ଦ ।
ଲକ୍ଷେ ଯୋଜନରେ ପଡ଼ିଛି ଜହ୍ନ
ତାକୁ ଆଣିବାକୁ କରୁଛି ମନ ।
ପୁତ୍ର ଅଳି କଲା ଯେତିକି ବେଳେ
ବାପ ପହଂଚିଲେ ସେତିକି ବେଳେ ।।

40. ଧୂଳିଆ ଧୂସର ଧୂଳି ସରସର ବ୍ରଜ ଦାଣ୍ଡେ ଖେଳୁ ଥିଲା ।
ସଂଜ ଧୂପ ବେଳେ ସଂଜ ଦେଲା ବେଳେ ମା କୋଳେ ପଶି ଗଲା ।।

41. ବିଲୁଆ ନନା ବିଲୁଆ ନନା
ଘର ପୋଡ଼ିଗଲା ପଛକୁ ଅନା ।
ଘର ଠିତୋର ନାହିଁକି ମାୟା
ଘର ପୋଡ଼ିଗଲା ହେଲୁ କି ବାୟା ?

42. (କୁକୁଡ଼ା) ଗଂଜା ଡାକେ: ଚକ୍ରଧର! ପକ୍ଷୀ ଜନ୍ମରୁ ଉଦ୍ଧାର କର ।।

43. ଟିକି ବୋହୂଟି, ନଈକୁ ଗାଧୋଇ ଯିବୁ ନାହିଁଟି
ଥଣ୍ଟିଆ କିମ୍ଭିର ଜଗି ବସିଛି - ଟାକୁ କରି ଗିଳି ଦେବଟି ।।

44. ୧ ରେ ଏକୋଇର ବାଳା
୨ ଦ୍ୱିତୀୟା ଚାନ୍ଦ
୩ ତ୍ରିବେଣୀ ଘାଟ
୪ ଚତୁର୍ଦ୍ଧା ମୂରତି
୫ ପଂଚ ପାଣ୍ଡବ
୬ରେ ଷଡ଼ ଅଇରି
୭ରେ ସପ୍ତଫେଣି ନାଗ
୮ରେ ଅଷ୍ଟାବକ୍ର ଋଷି
୯ରେ ନବଗ୍ରହ
୧୦ରେ ଦଶ ଅବତାର
ଶୁଣରେ ନୃପତି ମୁଁ ତୁମ ରାଣୀ ପଦ୍ମାବତୀ ।।

45. ଏକ ତରା ମଣିଷ ମରା, ଦୁଇ ତରା କତରା ଘୋଡ଼ା।
ତିନି ତାରା ନନ୍ଦିଘୋଷ, ଚାରି ତରା ଘରେ ପଶ ।
ପାଂଚ ତାରା ନାହିଁ ଦୋଷ, ଛ ତରା ବୈକୁଣ୍ଠେ ବସ ।।

ଦୋଳି ଗୀତ

46. ବାଉଁଶ ମାଇଲା ଗଜା ରେ ବାଉଁଶ ମାଇଲା ଗଜା
କେଉଁ ରାଇଜରେ ରହିଲେ ରାଜା ତେଲିଙ୍ଗି ବାଇଦ ବଜା।
ବାଉଁଶ ମାଇଲା ବିଣରେ ବାଉଁଶ ମାଇଲା ବିଣ
କେଉଁ ରାଇଜରେ ରହିଲେ ରାଣୀ ତେଲିଙ୍ଗି ବାଇଦ ଶୁଣ ।।

47. ଶିଳ ତଳେ ଗଲା ଭାଲୁ
ହଳଦୀ ବାଟିଲୁ କାହାକୁ ଦେଲୁ
ମୋ ଦୋଳିକୁ ନୁଖୁରା କଲୁ ।।

ଚଇତି ଘୋଡ଼ା

48. ନଈ ଅତଡ଼ାରେ ଖରି ସାଆନ୍ତେ ହୋ ନଈ ଅତଡ଼ାରେ ଖରି
ନଈ ଯେତେବେଳେ ଉଥରା ଭରି ସାଆନ୍ତେ ହୋ ଛାତିରେ କରିବି ପାରି।
ନଈରେ ନୂଆ ଜାଆଁଳ ସାଆନ୍ତେ ହୋ ନଈରେ ନୂଆ ଜାଆଁଳ
ଭଲା ବେଳେ ଘୋଡ଼ା ପହଂଚି ଗଲା ଫିଟିଛି ସିଂହ ଦୁଆର ।।

ଶିଶୁ କନ୍ୟା ପାଇଁ

49. ମୋ କୁନୀ ଯାଉଥିବ ଶାଶୁ ଘରକୁ ତା ଡୋଲା ଆଗେ ଦେବି ଗାଈ
ସାଇ ଗଉଡୁଣୀ ଦେଖି କହୁଥିବେ ଧନ୍ୟ ତାର ବାପ ଭାଇ ।।

50. ମୋ କୁନୀକୁ ମାଇଲେ ଶାଶୁ
ଦେଇ ପଠାଇବି ଡୋଲା ଗଉଡ଼ ମୋ କୁନୀ ଶାଶୁ ଘରୁ ଆସୁ ।।

51. ମୋ କୁନୀକୁ ମାରିବ ନାହିଁ
କୁନୀର ଯେତେ କାଇଲି ହେବ ତା ବାପା ତ ବୁଝିବେ ଯାଇ ।।

52. କାଉ ଘନ ଘନ ବୋବାଉ ଥାଏ ଲୋ ନଡ଼ିଆ ବାଗରେ ବସି
ମୋ କୁନୀ ଶାଶୁଘରୁ ଭାର ଆସିବ ତୋରାଣୀରେ ଆମ୍ବ କଷି ।।

53. ମୋ କୁନୀକୁ ମାଇଲେ ମାଡ଼
ଭାଙ୍ଗି ପକାଇଲେ ପଂଜରା ହାଡ଼
ନେଇ ମାମୁ ଘରେ ଛାଡ଼ ।।

ଋତୁ :-

ବର୍ଷା

54. ମେଘ ପକାଇଲା ଟପର ଟପର କେଶର ମାଇଲା ଗଜା
କେଉଁ ରାଇଜରେ ରହିଲେ ମୋ ରଜା ତେଲିଙ୍ଗି ବାଇଦ ବଜା ।
ବଜାରେ ବାଇଦ ବଜା, ହାତୀ ପରମାଣେ କଉଡ଼ି ମୁଁ ଦେବି
ତେଲିଙ୍ଗି ବାଇଦ ବଜା ।।

ଖରା

55. ଆ ଖରା ମା ଖରେଇ ଦେ
ଗାଈ ବାଛୁରୀ ଚରେଇ ଦେ ।
ଉଷୁନା ଧାନ ଶୁଖେଇ ଦେ
ଚାହାଳୀ ବାଟ ଫିଟେଇ ଦେ ।।

ଶୀତ

56. କାର୍ତ୍ତିକ - ଶୀତ କରେ ରାତିକ
ମଗୁଶିର - ଶୀତ କରେ ଶିର ଶିର
ପୁଷ - ଶୀତ କରେ ଭୁଷ ଭୁଷ
ମାଘ - ଶୀତର ଭାରି ରାଗ
ଫଗୁଣ - ଶୀତ କରେ ଦି ଗୁଣ
ଚଇତ ଶୀତ ଖାଇଗଲା କଇଥ ।।

ପାଗ

ଡାକ ଋଷି ବଚନ

57. ଆଗରେ ମଙ୍ଗଳ ପଛରେ ରବି
ଘର ଘର କେ ପଡ଼ଇ ବୋବି ।।

58. ଉଭା ମୁଠି, ଆଡ଼ ଦି ମୁଠି,
କିଆରି ମଧ୍ୟରେ ପୋତିବୁ କାଠି ।
ପର୍ବତ ଶିଖରେ ବୁଣିବୁ ଧାନ,
ନ ହେଲେ କାଟିବୁ ଡାକର କାନ ।।

59. ହସି ପଶେ ଉଇଁ ନ ଦିଶେ
ଦକ୍ଷିଣ ମେଘ ଉତ୍ତରେ ଆସେ
ସଜ ଗୋବରେ ଅଂଶେଇ ବସେ
ଡାକ ବୋଲେ ପୁତା ନିଶ୍ଚେ ବରଷେ ।।

60. ଜ୍ୟେଷ୍ଠେ କଦଳୀ ଆଷାଢ଼େ କିଆ
ପୋତ ନ ପୋତ ହୁଅଇ ଠିଆ ।।

61. ରଣ, ବଣ, ଛଣ,
ବାଙ୍କିରଜା ଥାଇ ବୋଇଲେ ମୋ ଢୁଢୁଆ ବାଇଗଣ ।।

ଗପ :-

(ଗୋପାଳ ପ୍ରହରାଜଙ୍କ ଉତ୍କଳ କାହାଣୀ)
୧. କଲୁରେଇ ବେଣ୍ଟ
୨. ମିମିକା ମାଣିକ ରଜା (ପତର ମୂଷି)
୩. ଟୁଆଁ ଟୁଇଁ (ଟିପା ଟିପି)

62. କଥାଟିଏ କହୁଁ, କଥାଟିଏ କହୁଁ।
କି କଥା? ବେଙ୍ଗ ମଥା।
କି ବେଙ୍ଗ? ଠୁରା ବେଙ୍ଗ ।
କି ଠୁରା? ବ୍ରାହ୍ମଣ ମରା ।
କି ବ୍ରାହ୍ମଣ? ଶୁଦ୍ଧ ବ୍ରାହ୍ମଣ ।
କି ଶୁଦ୍ଧ? ପିଠା ମଧ୍ୟ ।
କି ପିଠା? ତାଳ ଗଇଁଠା ।
କି ତାଳ? ସୋରିଷ ମାଳ ।
କି ସୋରିଷ? ଅଣ ସୋରିଷ ।

କି ଅଣ? କିଆ ବଣ ।
କି କିଆ? ରଜାଭିଆ ।
କି ରଜା? ଖଣ୍ଡି ଖଜା ।
କି ଖଣ୍ଡି? ମିରିଗ ଲଣ୍ଡି ।
କି ମିରିଗ? ଝାଡ଼ ମିରିଗ ।
କି ଝାଡ଼? କଣ୍ଟା ବାଡ଼ ।
କି କଣ୍ଟା? କାନକୋଳି କଣ୍ଟା ।
ଯହିଁରେ ଲାଗିବ ଲଟାପଟା ।।

ଆଧୁନିକ ଗୀତ

63. ଦିନେ ରାମ ନରହରି ବହିଖାତା ହାତେ ଧରି
ଯାଉଥିଲେ ଚାହାଳୀକି ଗଲେ ବାଟରେ ଅଟକି ।
ଦେଖିଲେ ବିଲ ମଝିରେ ବର ଓହଳ ଭିତରେ
ପଡ଼ି ଏକ ବଣୀ ଛୁଆ ହୁଏ ବଡ଼ କୁଆ କୁଆ ।
ଦେହ ତାର ମାଉଁସିଆ ରଙ୍ଗ ତାର ପାଉଁଶିଆ
ବାପ ମା ଦୁହେଁ ତାର ବିକଳରେ ଥରହର ।
କାଉ ପଲ ଆସି ମାଡ଼ି ଛାଡୁଛନ୍ତି ଭାରି ରଡ଼ି
ଖାଇବାକୁ ଛୁଆଟିକି ରହିଥାନ୍ତି ବସି ଟାକି ।
ତହୁଁ ଆମ ନରୁ ରାମ କଲେ ଗୋଟେ ଭଲ କାମ
ଥିରି କରି ଛୁଆଟିକି ଉପରକୁ ନେଇ ଟେକି
ତା ବସାରେ ଛାଡ଼ି ଦେଇ ଚାଲିଗଲେ ଖୁସି ହୋଇ ।।

ଜାତୀୟ କବି ବୀର କିଶୋର

64. କାଉ ଡାକେ କା କା କୋଇଲି ଡ଼ାକେ କୁ
ସଂଜବେଳେ ବିଲୁଆ ଡାକେ ହୁକେ ହୁକେ ହୂ
ଗାଈ ଡାକେ ହାମା ହାମା ଛେଳି ଅର୍ ର୍ ମେଁ
ବିଲେଇ ବୋବାଏ ମିଆଁଉ ମିଆଁଉ ମୂସା ଚେଁ ଚେଁ
ବୋଉ ଯେବେ ଡାଲି ଛୁଙ୍କେ ହାଣ୍ଡି ଭିତରେ ଛେଁ
ଶାରଦା ଯେବେ ମାଡ଼ ଖାଏ କାନ୍ଦି ଉଠେ ଭେଁ
ମେଳୀ ହୁଏ ଘୁଡ଼୍ ଘୁଡ଼୍ ତାଳପତ୍ର ଖୁଡ଼୍ ଖୁଡ଼୍
ତିଅଣ ଟିକିଏ ପାଇଲେ ମୁହିଁ ହାପୁଡ଼ି ଦିଏ ସଡ଼୍ ସଡ଼୍
ଶଂଖ ଚିଲ ଡ଼ାକ ଦିଏ ମାଛ ଦେଖିଲେ ତେ
ଶିଙ୍ଗା ବାଜେ ଧୂର୍ ଧୁର୍ ତୁ ପେଁକାଳି ପେଁ ।।

ଜାତୀୟ କବି ।

65. ଥିଲା ଏକ ଠେକୁଆ
ନାଁ ଟି ତାର ଭେକୁଆ
କାନ ଛେଳି ଖୋଜିଆ
ମୁହଁଟି ତାର ଗୋଜିଆ
ତୁଳାଠାରୁ ନରମ
ଦେହଟି ତାର ଗରମ
ଦେଖିବାକୁ ସେ ଧଳା
ତାକୁ ଧଇଲା ଏକ କେଳା
ମୁଣି ଭିତରେ ପୂରାଇ
ମୁଣିକୁ କଲା ସିଲାଇ
ଘରକୁ ନେଇ ଗଲା
କେଳା ପିଲାକୁ ଦେଲା
କହିଲା ଆକୁ କାଟି
ଅଦା ବେସର ବାଟି
ଦେଇ ଜୀରା ହଳଦି
ତିଅଣ କର ଜଲଦି
ଆସୁଛି ମୁହିଁ ଗାଧୋଇ
ବାଢ଼ି ରଖିବୁ ସଜାଇ ।
ପିଲା କ'ଣ କଲା
ବାଡ଼ିକୁ ନେଇ ଗଲା
ଫାଶ ହୁଗୁଳା କରି
ମୁଣିକୁ ଦେଲା ଖୋଲି
ଠେକୁଆ କଲା ଚଲ୍
କେଳା ପିଲାଟି ଭଲ୍ ।।

(ରାମକୃଷ୍ଣ ନନ୍ଦ, ସରଳ ପାଠ ବହିରୁ)

66. ବଣି ଚଢ଼େଇ ବଣି ଚଢ଼େଇ କୋଉ ବଣେ ତୋର ଘର

67. କଇଁଚି କାକୁଡ଼ି ନଳିତା ପିତା

68. ଆଖି ନାହିଁ କାନ ନାହିଁ ବାଜିଗଲେ ଦୋଷ ନାହିଁ

ଖେଳ :-

69. ଉଦୁମୁଦୁମା ତାଳ ଗୋଟମା
ତାଳ ପାହୁଁରାଣୀ ପିଊଳ ଶମା

ତୁନୁ ମୁନୁ ଖଇର କାତି
ରଜା ବିଜେ କଲେ ଡେବିରି ହାତି
ଆଗ କିଏ ପଛ କିଏ
ରାମ ଜେନାଙ୍କ ଭାଇ ସିଏ ।।

ଇଂଚିଡ଼ି ମିଂଚିଡ଼ି ଧାନ ଚିଡ଼ି ଚିଡ଼ି

70. ଇଟିକିଲି ମିଟିକିଲି ଫୁଟିଗଲା କାଇଁଚ
ତୁମର ଆମର ନାଲି ପାଇଁଚ
ନାଲି ପେଁ ପେଁ ବାଜଇ ତୂରା
ଗୋଟିକ ଉପରେ ଗୋଟିଏ ହୀରା
ଆମ୍ବ ପାଚେ ପଣସ ପାଚେ
ତା ଧେଇ ଧେଇ ନେଉଳ ନାଚେ
ଅଠର ଗଣ୍ଡା ପାଚେ ନ କାଟେ ।।

ପହଳି :-

71. କେଁକରଟ ପୋଖରୀ ଭିତରେ କରୁଛି ନାଟ ।

72. ମୁନିଆ ଚଢ଼େଇ ଧରିଛି ଟାଣି ଶୁଖିଲା କାଠରୁ ବହୁଛି ପାଣି ।

73. ଟିକି କନା ଖଣ୍ଡି ଶୁଖଇ ନାହିଁ ।

74. ଟିକି ବାଛୁରୀ ବେକରେ ପଘା ।

75. ଧଣ୍ଡ ସାପ ଖେଳୁଛି
ମହାଦୀପ ଜଳୁଛି
ଦିଟା କୁଲା ପାଛୁଡୁଛି
ଚାରିଟା ଚାଲୁଣି ଚଲଉଛି ।

76. ଆଗେ ଲାଙ୍ଗୁଡ଼ ପଛେ ଲାଙ୍ଗୁଡ଼
ଚାଲି ଯାଉଥାଏ ଧାଙ୍ଗୁଡ଼ ଧାଙ୍ଗୁଡ଼ । (ହାତୀ)

77. ଇଠେଇ ଅଛି - ଏଇଠି ନାହିଁ । (ଖରା ଛାଇ)

78. ଏତିକି ଟିକିଏ ଗେଡ଼ି, ଲୁଗା ପିନ୍ଧେ ଚଉଦ କୋଡ଼ି । (ପିଆଜ)

79. କହିଲ ଭଲା, କେଉଁଠି କୋଇଲି ତୋଫା ଧଳା ? (ଆମ୍ବ)

80. କେଁକରଟ,

ପୋଖରୀ ଭିତରେ କରୁଛି ନାଟ
ଲଙ୍ଗଳ ଦଉଡ଼ି ଦେଇଛି ଟାଣି
ଶୁଖିଲା କାଠରୁ ବୋହୁଛି ପାଣି । (ଆଖୁ ଖାଇ)

୫୧. ଗଛ ଲହକା
ପତର ବଙ୍କା
ତା ଫଳଟା ଷାଠିଏ ଟଙ୍କା । (ଧାନ)

୫୨. ଟିକି ଚଢ଼େଇ
ଟିକକ ପାଣିରେ ବୁଡ଼ି ମରଇ । (ଲୁଣ)

୫୩. ଯାଇଥିଲି ଉତ୍ତର
ଦେଖିଆସିଲି ଫଳ ଉପରେ ପତର । (ସପୁରୀ)

୫୪. ବନସ୍ତରେ ବଇଁଶୀ ବଜାଏ କୃଷ୍ଣ ବି ନୁହେଁ
କର୍ଣ୍ଣ ପାଖରେ ମନ୍ତ୍ର ଦିଏ ଗୁରୁ ବି ନୁହେଁ
ଗାଈ ବାଛୁରୀ ଘଉଡ଼ି ଦିଏ ବାଘ ବି ନୁହେଁ
ଲମ୍ବା ଲମ୍ବା ଗୋଡ଼ ଦୁଇଟା ବଗ ବି ନୁହେଁ ।।

୫୫. ହଳଧର ପଚାରିଲେ ଜଳଧରଙ୍କୁ ଚକ୍ରଧର କିମ୍ପା ମଲେ
ଉପରୁ ପଡ଼ିଲେ ପଂଚୁ ପାଣ୍ଡବ ; ମାରି ବନବାସ ଗଲେ ।।

ଝଟତି କହିବାକୁ କଷ୍ଟ (ଶିଶୁରଂଜନ ପଦ):-

୫୬. ଭଣ୍ଡାରି ଭରାଣ୍ଡିରେ ବିରାଡ଼ି ବିଗାଡ଼ିଲା ।।

୫୭. ତେଲି ଶାଳ ଛେଳି ଛାଲ ।।

ହାତ ଗୋଡ଼ ଚିହ୍ନିବାକୁ:-

୫୮. କାଉ ଯେତେବେଳେ ବେଙ୍ଗ ନେଲା
ବେଙ୍ଗ ଗୋଡ଼ ଦୁଇଟା ହଲାଇ ଦେଲା ।।

ଆଙ୍ଗୁଠି -

୫୯. (କନିଷ୍ଠ ଆଙ୍ଗୁଠି ଧରି) ଏଇଟି କହିଲା ମାଲୋ ମାଲୋ ଭୋକ କଲାଣି
(ଅନାମିକା ଧରି) ଏଇଟି କହିଲା କାହୁଁ ପାଇବା
(ମଧ୍ୟମା ଧରି) ଏଇଟି କହିଲା ଋଣ କରିବା
(ତର୍ଜନୀ ଧରି) ଏଇଟି କହିଲା କାହୁଁ ସୁଝିବା
(ଅଙ୍ଗୁଷ୍ଠ ବା ବୁଢ଼ା ଆଙ୍ଗୁଠି ଧରି) ବୁଢ଼ା ମିଆଁ କହିଲା
ଖାଇ ପିଇ ଦେଇ ଫୁର୍ କରିବା ।। ଗଲାରେ ଗଲାରେ କାଳିଆ ବଳଦ ଗଲାରେ
(ବାହୁରେ ଧୀରେ ଧୀରେ ଆଙ୍ଗୁଠି ଚଲାଇ କାଖରେ ପହଂଚିଲେ ଶିଶୁ ହସି ଗଡ଼ିଯିବ)

ପାଟି -

୯୦. ତୋ ଢମଣା ଖିଆ ପାଟି ଦେଖା ଦେଖା ଦେଖା

ପ୍ରାର୍ଥନା

୯୧. ତୁମେ ଗଢ଼ିଛ ଏ ଟିକି ଚଢ଼େଇଟି
ଟିକି ଗଛ ଡାଳେ ବସେ,
ତୁମେ ଗଢ଼ିଛ ଏ ଆକାଶ ରାଇଜ
ଯହିଁ ଜହ୍ନ ମାମୁ ହସେ ।
ତୁମେ ଶିଖାଇଛ ଟିକି ବାଛୁରୀକି
ଫୁକୁରୁ ଫୁକୁରୁ ଚାଲି,
ତୁମେ ଫୁଟାଇଛ ରଙ୍ଗଣୀ ଲତାରେ
ଟିକି ଟିକି ଫୁଲ ନାଲି ।
ଟିକି ଶିଶୁ ମୁହିଁ ନ ଜାଣେ କେ ତୁମେ,
କେଉଁଠି ବା ତୁମେ ରୁହ,
ଟିକି ମନେ ମୋର ପୁରାଅ ସାହାସ
ଦୂର ହେଉ ମିଛ ଭୟ ।।

(ରାମକୃଷ୍ଣ ନନ୍ଦ)

ଗପ ଶେଷ ହେଲେ -

୯୨. ମୋ କଥାଟି ସଇଲା - ମଲ୍ଲି ଗଛଟି ମଲା
ହଇରେ ମଲ୍ଲି ଗଛ, କହିଁକି ମଲୁ?
ମତେ କାଳୀଗାଈ ଖାଇଦେଲା ।
ହଇଲୋ କାଳୀଗାଈ, କିଆଁ ମଲ୍ଲିଗଛ ଖାଇଦେଲୁ ?

ମତେ ଗଉଡ ଜଗିଲା ନାହିଁ ।
ହଇରେ ଗଉଡ, ତୁ କହିଁକି କାଳୀ ଗାଈ ଜଗିଲୁ ନାହିଁ?
ମତେ ବଡ଼ ବୋହୂ ଖାଇବାକୁ ଦେଲା ନାହିଁ ।
ହଇଲୋ ବଡ଼ ବୋହୂ, ତୁ କିଆଁ ଖାଇବାକୁ ଦେଲୁ ନାହିଁ?
ପୁଅ କାନ୍ଦିଲା ।
ହଇରେ ପୁଅ, ତୁ କିଆଁ କାନ୍ଦିଲୁ ?
ମତେ ଧୂଳିଆ ଜନ୍ଦା କାମୁଡ଼ିଲା ।
ହଇରେ ଧୂଳିଆ ଜନ୍ଦା, ତୁ କିଆଁ କାମୁଡ଼ିଲୁ?
ଭୂଇଁ ତଳେ ତଳେ ଥାଏଁ
କଅଁଳ ମାଉଁସ ଟିକିଏ ପାଇଲେ ରୁଟ୍‌କିନା ଖାଏଁ ।।

ପଂଚମ ଭାଗ

ଅନ୍ନପୂର୍ଣ୍ଣା ମହାରାଣାଙ୍କ ଲିଖିତ

ଶିଶୁ ଶିକ୍ଷା ମନୋବିଜ୍ଞାନ

ଶିଶୁଶିକ୍ଷା ମନୋବିଜ୍ଞାନ

(ବି.ଦ୍ର. : ଏ ଲେଖାଟି ଅନ୍ନପୂର୍ଣ୍ଣା ମହାରାଣୀଙ୍କ ମୌଳିକ ରଚନା କିଂବା କେଉଁଥିରୁ ଅନୁବାଦ ବା ଅନ୍ୟ କାହାଙ୍କ ଲେଖାର ନକଲ ତାହା ଜଣା ନାହିଁ । ତାଙ୍କ ବିୟୋଗ ପରେ ମିଳିଥିବା ଗୋଟିଏ ଖାତାରେ ଲେଖାଥିବା ପୁରୁଣା, ସମ୍ଭବତଃ ୧୯୫୦ ଦଶକର, ପଣ୍ଡୁଲିପିରୁ ଏହା ନକଲ କରା ହୋଇଛି ।)

ମନୋବିଜ୍ଞାନ ଜାଣିବାର ଉପକାରିତା :-

କୌଣସି କାର୍ଯ୍ୟ କରିବାର ଇଚ୍ଛାଥିଲେ, ସେହି କାର୍ଯ୍ୟ ବିଷୟରେ ଜ୍ଞାନ ଥିବା ଉଚିତ । ଯଦି କେହି ବଢ଼େଇ କାମ କରିବାକୁ ଇଚ୍ଛାକରେ ତେବେ ତାର ହତିଆର ବିଷୟରେ ଜ୍ଞାନ ଥିବା ଉଚିତ । ଯଦି କେହି ଡାକ୍ତର ହେବାକୁ ଇଚ୍ଛାକରେ ତେବେ ତାଙ୍କୁ ୫/୬ ବର୍ଷ ଡାକ୍ତରୀ ଶିଖିବାକୁ ହେବ । ସେହି ପରି ପଢ଼ାଇବା କାର୍ଯ୍ୟ ମଧ୍ୟ ଗୁରୁତର - ଶିକ୍ଷକ ପିଲାଙ୍କ ମନରେ କାର୍ଯ୍ୟ କରନ୍ତି । ତେଣୁ ଶିକ୍ଷକ ହେବା ପୂର୍ବରୁ ପିଲାମାନଙ୍କ ମନ ବିଷୟରେ ତାଙ୍କର ଜାଣିବା ଦରକାର । ମନ ବିଷୟରେ ଜ୍ଞାନ ନ ଥିଲେ ଶିକ୍ଷକ ଶିଶୁକୁ ଶିକ୍ଷା ଦେଲେ ତାର ବୃଦ୍ଧିର ବିକାଶ କରି ପାରିବେ ନାହିଁ । ପୁଣି ତାହାର ଅନିଷ୍ଟ କରି ପାରନ୍ତି । ମନ ବିଷୟରେ ଜ୍ଞାନ ପାଇବାକୁ ହେଲେ କେତେକାଂଶରେ ନିଜର ମନକୁ ପରୀକ୍ଷା କରିବାକୁ ହେବ ଓ ଅଧିକ ଜ୍ଞାନ ମନୋବିଜ୍ଞାନ ଶାସ୍ତ୍ରରୁ ଶିକ୍ଷା କରିବାକୁ ହେବ ।

ମନୋବିଜ୍ଞାନ ଶିଶୁର ଶାରୀରିକ ଓ ମାନସିକ ଅବସ୍ଥାକୁ ବୁଝାଇ ଦିଏ । ତେଣୁ ପିଲାର କେଉଁ ବୟସରେ ଓ କେଉଁ ଅବସ୍ଥାରେ କେତେ ଶକ୍ତି ଥାଏ ଶିକ୍ଷକ ତାହା ଜାଣି ପାରନ୍ତି । ଏଣୁ ଶିଶୁର ବଳ ଓ ମନର ଶକ୍ତି ବୁଝି ତାକୁ ଶିକ୍ଷା ଦିଅନ୍ତି । ମନୋବିଜ୍ଞାନ ବିଷୟରେ ଶିକ୍ଷକଙ୍କର ଜ୍ଞାନ ଥିଲେ ବୁଝି ପାରିବେ କେଉଁ କାରଣରୁ ଶିଶୁ ଗୋଟିଏ ପାଠକୁ ଭଲ ପାଏ, ଆଉ ଗୋଟିଏ ପାଠକୁ ଭଲ ପାଏ ନାହିଁ ଓ କେଉଁ ପାଠରେ ସେ ଆଗ୍ରହ ପ୍ରକାଶ କରେ ନାହିଁ, ସେ ପାଠରେ ତାର ମନ କିପରି ଆକର୍ଷଣ କରିବାକୁ ହୁଏ ।

ମନୋବିଜ୍ଞାନ ମାନସିକ କାର୍ଯ୍ୟର ନିୟମ ବତାଇ ଦିଏ । ତେଣୁ ଶିକ୍ଷକ ଶିଶୁକୁ ଉପଯୁକ୍ତ ଓ ସହଜ ନିୟମରେ ପଢ଼ାଇ ପାରନ୍ତି । ଶିକ୍ଷକ ମନୋବିଜ୍ଞାନରୁ ଜାଣି ପାରନ୍ତି ଶିଶୁକୁ କି କି

ପାଠ ପଢ଼ାଇଲେ ତାର ବୁଦ୍ଧି ବିକଶିତ ହେବ ଓ କି ହସ୍ତଶିଳ୍ପ ଶିଖାଇଲେ ତାର ମାନସିକ ଶକ୍ତି ବିକଶିତ ହେବ ।

ବୁଦ୍ଧିମାନ ଶିକ୍ଷକ ମନୋବିଜ୍ଞାନ ନ ପଢ଼ି ସୁଦ୍ଧା କ୍ରମେ କ୍ରମେ ନିଜର ଅନୁଭବ ଦ୍ୱାରା ଶିଶୁର ମନକୁ ବୁଝି ପାରନ୍ତି । ସେହିପରି ଅନୁଭବ ସମୟ ସାପେକ୍ଷ । ଶିକ୍ଷକଙ୍କର ଭୁଲ୍ ମଧ୍ୟ ହୋଇପାରେ ।

ଶିଶୁ ମନ ଜାଣିବା ଉପାୟ: -

୧. ଶିକ୍ଷକ ମନୋବିଜ୍ଞାନ ଶାସ୍ତ୍ର ଭଲ ରୂପେ ଆୟତ୍ତ କରିବେ ।

୨. ନିଜର ମନ ପରୀକ୍ଷା କରିବେ, ପିଲାକାଳ କଥା ମନେ ପକାଇବେ ।

କୌଣସି ବିଷୟ ମୋତେ କାହିଁକି ଭଲ ଲାଗେ ବା ଲାଗେ ନାହିଁ, ସେତେବେଳେ ମୋର ମନର ଅବସ୍ଥା କିପରି ହୁଏ । ଯେଉଁ ପାଠ ମୁଁ ବୁଝିପାରେ ନାହିଁ ସେଥିରେ ମୋ ମନ ଲାଗେ ନାହିଁ । ଏହି ପରି ନିଜର ମନ ପରୀକ୍ଷା ଦ୍ୱାର ଶିଶୁ ମନ ବୁଝି ହୁଏ । ନିଜ ପିଲା କାଳ କଥା ଭାବିଲେ ପିଲାଙ୍କ ପ୍ରତି ସହାନୁଭୂତି ଉଦ୍ରେକ ହୁଏ ।

୩. ଶିଶୁର ଚାହାଣୀ ଭାବଭଙ୍ଗୀରୁ ଓ କଥାବାର୍ତ୍ତା ଦ୍ୱାରା ତାର ମନକଥା ଜାଣି ହୁଏ । ଶିଶୁ ସୋପାନରେ ମୁହଁ ଶୁଖେଇ ବସିଛି ସେଥିରୁ ଶିକ୍ଷକ ବୁଝିବେ ତା ମନରେ କିଛି କଷ୍ଟ ଅଛି । ପଢ଼ିଲା ବେଳେ ଶିଶୁ ଢୁଳେଇବା ବା ହାଇ ମାରିଲେ ଶିକ୍ଷକ ବୁଝିବେ ସେ ଅସୁସ୍ଥ ଅଥବା ତାକୁ ପାଠ ଭଲ ଲାଗୁ ନାହିଁ ବା ଶିକ୍ଷାଦାନର ସମୟ ଦୀର୍ଘ ହୋଇଛି । ଶିଶୁକୁ ପ୍ରଶ୍ନ କଲେ ଯଦି ସେ ଥରେ ବା ଠିଆ ନ ହୁଏ ଶିକ୍ଷକ ବୁଝିବେ ସେ ଭୀତ ।

୪. ଶିଶୁ ସହିତ ମିଳାମିଶା କରିବେ ଓ ମଧୁର ବ୍ୟବହାର କରିବେ । ବିଶେଷତଃ ଖେଳରେ ଯୋଗଦେଲେ ଶିଶୁ ନିର୍ଭୟ ଓ ନିଃସଙ୍କୋଚରେ ମିଶେ ।

ମନ :-

ଶରୀରର ଯେଉଁ ଅଂଶ ଦ୍ୱାରା ଅନୁଭବ ଚିନ୍ତା, ଦୟା, କଳ୍ପନା, ସ୍ମରଣ, କ୍ଷମା, କ୍ରୋଧ, ବିଚାର ବିବେଚନାର କାର୍ଯ୍ୟ ହୁଏ ତାହାକୁ ମନ କହନ୍ତି । ମନ ଅଦୃଶ୍ୟ ବିଷୟ ।

ମନର ତିନୋଟି ଅବସ୍ଥା ବା ଶକ୍ତି ଅଛି, ଯଥା – ଚିନ୍ତା, ଅନୁଭବ, ଇଚ୍ଛା । ମନର ପ୍ରତ୍ୟେକ କାର୍ଯ୍ୟରେ ଏହି ତିନୋଟି ଶକ୍ତି ଉପସ୍ଥିତ ଅଛନ୍ତି । ମାତ୍ର ସମସ୍ତେ ସବୁବେଳେ ସମାନ ଭାବରେ କାର୍ଯ୍ୟ କରନ୍ତି ନାହିଁ , ଗୋଟିଏ ଶକ୍ତି ଅଧିକ କାମ କଲେ ଅନ୍ୟ ଦୁଇଟି ଅଳ୍ପ କାର୍ଯ୍ୟ କରନ୍ତି , ତ୍ରିଶକ୍ତି ମିଳିମିଶି କାମ କଲେ ତାକୁ ବିବେକୀ ଲୋକର ମନ କୁହାଯାଏ ।

ମନରର ଅନୁଭବ ଶକ୍ତି ପ୍ରବଳ ବେଗରେ କାର୍ଯ୍ୟ କଲା ବେଳେ ଇଚ୍ଛା ଓ ଚିନ୍ତା ଶକ୍ତି କମି ଯାଏ ।
ଉଦାହରଣ ସ୍ୱରୂପ:-
ନିଜେ ପରୀକ୍ଷାରେ ପାଶ୍ କରିବା ଆନନ୍ଦ ଅନୁଭବ କଲା ବେଳେ ସଙ୍ଗୀ ଫେଲ୍ ହେବା ଚିନ୍ତା କରି ପାରେ ନାହିଁ ଓ ତାକୁ ଚିଠି ଲେଖିବା ଇଚ୍ଛା ମଧ୍ୟ କମିଯାଏ । କାନ ଟାଣିଲେ ଚିନ୍ତା କରି ଅଙ୍କ କଷି ହୁଏ ନାହିଁ ।

ସେହିପରି ଚିନ୍ତା ଅଧିକ ହେଲେ ଅନୁଭବ ଓ ଇଚ୍ଛା ଶକ୍ତି କମିଯାନ୍ତି ।

ଉଦାହରଣ ସ୍ୱରୂପ :-
ଅତିରିକ୍ତ ଚିନ୍ତା କରି ଅଙ୍କ କଷିବା ସମୟରେ ବସିବା ଆସନ କଷ୍ଟକର ହୋଇଛି ଏହା ଅନୁଭବ କରି ହୁଏ ନାହିଁ ଓ ଘରେ ଥିବା ପାଚିଲା ଫଳ ଖାଇବାକୁ ଇଚ୍ଛା ହୁଏ ନାହିଁ ।

ଇଚ୍ଛା ଶକ୍ତି ବେଶୀ କାର୍ଯ୍ୟ କଲେ ଅନୁଭବ ଓ ଚିନ୍ତା ଶକ୍ତି କମିଯାଏ ।
ଉଦାହରଣ ସ୍ୱରୂପ:-
ଖେଳରେ ପ୍ରଥମ ହେବାର ଇଚ୍ଛା ପ୍ରବଳ ହେଲେ ଗୋଡ଼ ହାଡ଼ ଭାଙ୍ଗିବା ଚିନ୍ତା କମି ଯାଏ ।

ସୋପାନରେ ପିଲାମାନଙ୍କ

ମାନସିକ ଶକ୍ତି ଭିନ୍ନ ଭିନ୍ନ କାହିଁକି ଦେଖାଯାଏ?

ଅର୍ଥାତ୍

ମାନସିକ ଶକ୍ତି କେଉଁ ବିଷୟ ଉପରେ ନିର୍ଭର କରେ

(ପ୍ରକାଶକଙ୍କ ବିଶେଷ ସୂଚନା : ନିମ୍ନ ପ୍ରଦତ୍ତ ୧ ରୁ ୪ ରେ ଥିବା ତଥ୍ୟାବଳୀ ସାଧାରଣତଃ ବା ମୋଟାମୋଟି ଭାବରେ ଦେଖାଯାଏ, ତେବେ ଏଥିର ବହୁ ବ୍ୟତିକ୍ରମ ମଧ୍ୟ ଘଟିଥାଏ ।)

ଶିଶୁର ମାନସିକ ଶକ୍ତି ତାର ବଂଶ, ବୟସ, ପାରିପର୍ଶ୍ୱିକ ଅବସ୍ଥା ଓ ସ୍ୱାସ୍ଥ୍ୟ ଉପରେ ନିର୍ଭର କରେ ।

୧. ବୟସ :- ସୋପାନରେ ଛୋଟ ପିଲାଙ୍କ ଅପେକ୍ଷା ବଡ଼ ପିଲା ଅଧିକ ଚତୁର । ତାଙ୍କ ମନୋଯୋଗ ଦେବାର କ୍ଷମତା ଅଧିକ । ମାତ୍ର ବୃଦ୍ଧାବସ୍ଥାରେ ମାନସିକ ଶକ୍ତି ଊଣା ହୁଏ ।

୨. ବଂଶ :- ଶିଶୁର ମାନସିକ ଶକ୍ତି ବଂଶ ଉପରେ ନିର୍ଭର କରେ । ଶିକ୍ଷିତ ପରିବାରର ପିଲା ଅଶିକ୍ଷିତ ଘରର ପିଲାଙ୍କ ଠାରୁ ଅଧିକ ଉନ୍ନତି କରିଥାନ୍ତି । ଜ୍ଞାନୀ ଦଂପତିଙ୍କ ସନ୍ତାନ ବୁଦ୍ଧିମାନ ହୁଅନ୍ତି । ସେହିପରି ମୁର୍ଖ ଓ ସ୍ଥୂଳ ବୁଦ୍ଧି ସମ୍ପନ୍ନ ଦମ୍ପତିଙ୍କ ପିଲା ମୁର୍ଖ ଓ ସ୍ଥୂଳ ବୁଦ୍ଧି ସମ୍ପନ୍ନ ହୁଅନ୍ତି ।

୩. ପାରିପର୍ଶ୍ୱିକ ଅବସ୍ଥା :- ଶିଶୁ ମାନଙ୍କ ମନର ଉନ୍ନତି ଘର, ବିଦ୍ୟାଳୟ, ସମାଜ, ଏବଂ ଗ୍ରାମ ଉପରେ ନିର୍ଭର କରେ । ଚୋର ଓ ମିଥ୍ୟାବାଦୀ ଘରର ପିଲାମାନେ ସେହି ମନ୍ଦ ଅଭ୍ୟାସ ସବୁ ଛାଡ଼ି ପାରନ୍ତି ନାହିଁ । ଶିକ୍ଷିତ ଘରର ପିଲାମାନଙ୍କୁ ଶିକ୍ଷା ଦେଲେ, ସେ ମନ୍ଦ ଅଭ୍ୟାସ ଶୀଘ୍ର ଛାଡ଼ନ୍ତି । ଭଲ ବିଦ୍ୟାଳୟରେ ପଢୁଥିବା ଶିଶୁର ବୁଦ୍ଧି ମନ୍ଦ ବିଦ୍ୟାଳୟରେ ପଢୁଥିବା ଶିଶୁର ବୁଦ୍ଧି ଠାରୁ ଭଲ ହେବ । ଜଣେ ସହରବାସୀ ଶିଶୁ ଜଣେ ଗ୍ରାମବାସୀ ଶିଶୁ ଠାରୁ ଅଧିକ ଚତୁର ।

୪. ସ୍ୱାସ୍ଥ୍ୟ :- ଉତ୍ତମ ମାନସିକ କାର୍ଯ୍ୟ ସକାଶେ ଉତ୍ତମ ସ୍ୱାସ୍ଥ୍ୟ ଦରକାର । ରୁଗ୍ଣ ଦୁର୍ବଳ ଶିଶୁ ସୁସ୍ଥ ଶିଶୁ ପରି ପଢ଼ାଶୁଣାରେ ଉନ୍ନତି କରି ପାରନ୍ତି ନାହିଁ । ସେମାନଙ୍କର ମନୋଯୋଗ ଦେବାର ଶକ୍ତି କମ୍ । ତେଣୁ ସ୍ମରଣ ଓ କଳ୍ପନା ଭଲ ହୁଏ ନାହିଁ । ଶୀଘ୍ର ଶୀଘ୍ର କାମ କରିପାରନ୍ତି ନାହିଁ । ଏଥିପାଇଁ ଶିକ୍ଷକ ଶିଶୁର ପିତା ମାତାଙ୍କୁ ଉପଦେଶ ପରାମର୍ଶ ଦେବେ ଓ ସ୍ୱାସ୍ଥ୍ୟରକ୍ଷାର ନିୟମ ଶିକ୍ଷା ଦେବେ ।

ଶରୀର ଦ୍ୱାରା ମନ ବହିର୍ଜଗତକୁ ଜାଣି ପାରେ । ଶରୀର ଯେ କେବଳ ମଧ୍ୟସ୍ଥ ତା ନୁହେଁ ଉଭୟ ଉଭୟଙ୍କ ଉପରେ ଆଶ୍ଚର୍ଯ୍ୟ ରୂପେ ନିର୍ଭର କରନ୍ତି ।

ଶାରୀରିକ ଅବସ୍ଥା ମାନସିକ ଅବସ୍ଥାକୁ ଜଣାଇ ଦିଏ । ମନରେ ଆଶା ନିରାଶା, ସୁଖ ଦୁଃଖ, କ୍ରୋଧ ଅହଙ୍କାର ଏହି ସମସ୍ତ କାର୍ଯ୍ୟ ନିମନ୍ତେ ଶରୀରରେ ବିଭିନ୍ନ ଚିହ୍ନ ଲକ୍ଷିତ ହୁଏ । ଉଦାହରଣ ସ୍ୱରୂପ ମନରେ ସୁଖ ହେଲେ ମୁହଁରେ ହସ ବାହାରେ । ମନରେ କଷ୍ଟ ହେଲେ ଦେହ ଦୁର୍ବଳ ଲାଗେ । ଆଖି ପଶି ଯାଏ । ଭୟ ଜାତ ହେଲେ ଦେହ ଥରେ, ସ୍ୱର କଂପେ, ଦେହରୁ ଝାଳ ବହେ ।

ଆମକୁ ଜ୍ୱର ହୋଇ ମୁଣ୍ଡ ବଥାଇଲା ବେଳେ ଚିନ୍ତା କରି କୌଣସି କାର୍ଯ୍ୟ କରି ପାରୁ ନାହିଁ । କିଂବା କୌଣସି ବିଷୟ ପଢ଼ି ମନେ ରଖି ପାରୁ ନାହିଁ । ଏ ମୁଣ୍ଡରେ ଜୋରରେ ଆଘାତ ଲାଗିଲେ ମନୁଷ୍ୟ ଅଚେତନ ହୋଇ ଯାଏ । ଏହି ସବୁ ଉଦାହରଣରୁ ବୁଝା ଯାଏ ଶରୀର ଓ ମନ ମଧ୍ୟରେ ଘନିଷ୍ଠ ସଂବନ୍ଧ ଅଛି ।

ସ୍ନାୟୁ :-୧. ସ୍ନାୟୁ ୨. ମେରୁଦଣ୍ଡ ବା ମେରୁ ରଜ୍ଜୁ ୩. ମସ୍ତିସ୍କ

- ଏହି ତିନି ଭାଗରେ ସ୍ନାୟୁ ବିଭକ୍ତ ।

୧. ସ୍ନାୟୁ - ସମ୍ବୋଦନ ସ୍ନାୟୁ ଗୁଡ଼ିକ ଚର୍ମର ଆବରଣର ପ୍ରତ୍ୟେକ ଅଂଶରୁ ବାହାରି ମେରୁଦଣ୍ଡ ବାଟେ ମସ୍ତିସ୍କକୁ ଯାଇଛି । ଏହା ଅନ୍ତର୍ମୁଖୀ । ସଂଚାଳନ ସ୍ନାୟୁ, ମସ୍ତିସ୍କରୁ ଅଙ୍ଗ ପ୍ରତ୍ୟଙ୍ଗକୁ ଯାଇଛି । ଏହା ବହିର୍ମୁଖୀ ।

୨. ମେରୁ ରଜ୍ଜୁ ବା ମେରୁଦଣ୍ଡ ବା ପୃଷ୍ଠ ବଂଶ - ଏହା ଅନେକ ଗୁଡ଼ିଏ ସ୍ନାୟୁର ସମଷ୍ଟି ।ମସ୍ତିସ୍କ ଛଡ଼ା ଦେହର ଅନ୍ୟାନ୍ୟ ଅଂଶର ସ୍ନାୟୁ ଏଠାରେ ମିଳିତ ହୋଇଛନ୍ତି । ମେରୁଦଣ୍ଡ ଶରୀରର ଭାର ସମାନ ଭାବରେ ଗ୍ରହଣ କରି ଅଛନ୍ତି । ତେଣୁ ସେଠାରେ ଗୁରୁତର ଆଘାତ ହେଲେ ମଣିଷ ଠିଆ ହୋଇ ପାରିବ ନାହିଁ । ଏ ସ୍ନାୟୁ ମସ୍ତିସ୍କର ସାହାଯ୍ୟ ନ ନେଇ କେତେ ଗୁଡ଼ିଏ ଇଚ୍ଛାର ବହିର୍ଭୂତ କାର୍ଯ୍ୟ (ଯଥା - ରକ୍ତ ସଂଚାଳନ, ଶ୍ୱାସ ପ୍ରଶ୍ୱାସର କାର୍ଯ୍ୟ) କରନ୍ତି ।

୩. ମସ୍ତିସ୍କରେ ଦୁଇ ପ୍ରକାର ପଦାର୍ଥ ଦେଖା ଯାଏ, ଧଳା ଓ ମାଟିଆ । ମାଟିଆ ପଦାର୍ଥ ଧଳା ପଦାର୍ଥକୁ ଘୋଡ଼ାଇ ରଖିଛି । ଜଲିବି ଭାଙ୍ଗ ପରି ମଗଜରେ ଅନେକ ଭାଙ୍ଗ ଦେଖା ଯାଏ । ଯେଉଁ ମଗଜରେ ମାଟିଆ ଅଂଶ ଓ ଭାଙ୍ଗ ଯେତେ ଅଧିକ ସେ ସେତେ ବୁଦ୍ଧିମାନ । ବଡ଼ ମସ୍ତିସ୍କ ଅଧିକ ବୁଦ୍ଧିର ସୂଚନା ଦିଏ ନାହିଁ ।

ମସ୍ତିସ୍କ ତିନି ଭାଗରେ ବିଭକ୍ତ । ୧. ବୃହତ ମସ୍ତିସ୍କ ୨. କ୍ଷୁଦ୍ର ମସ୍ତିସ୍କ ୩. ମାତ୍ରୁକା ମୂଳାଧାର ।

୧. ବାହାର ମସ୍ତିସ୍କ : - ଏହା ମୁଣ୍ଡ ଖୋଳିର ସାମନା ପାଖର ଅଧିକାଂଶ ସ୍ଥାନ ଅଧିକାର କରିଛି । ଶରୀରର ସବୁ ସ୍ନାୟୁ କେନ୍ଦ୍ର ଗୁଡ଼ିକ ଏହି ଠାରେ ଅଛନ୍ତି ବୋଲି ଉଚ୍ଚ ମାନସିକ କାର୍ଯ୍ୟ ଏହି ଠାରେ ସଂପନ୍ନ ହୁଏ । (ଯଥା – ସ୍ମରଣ, କଳ୍ପନା, ବିଚାର, ବିବେଚନା, ଚିନ୍ତା, କ୍ରୋଧ, କ୍ଷମା, ଦୟା, ଇଚ୍ଛା)

୨. କ୍ଷୁଦ୍ର ମସ୍ତିସ୍କ : - ଏହା ବୃହତ୍ ମସ୍ତିସ୍କ ତଳକୁ ମୁଣ୍ଡ ଖୋଳି ପଛ ପଟେ ଅଛି । ସ୍ନାୟୁ ଗୁଡ଼ିକ ଏହାରି ଭିତର ଦେଇ ବୃହତ ମସ୍ତିସ୍କକୁ ଯାଇଛନ୍ତି । ଏଠାରେ ସାମାନ୍ୟ ମାନସିକ କାର୍ଯ୍ୟ ହୁଏ । ଏହା ମାଂଶପେଶୀମାନଙ୍କୁ ନିୟମନ କରେ । ଏହା ଇଚ୍ଛାର ସାହାଯ୍ୟକାରୀ । ଚାଲିବା, ଦୌଡ଼ିବା, କଥା କହିବା ଆଦି କାର୍ଯ୍ୟ ଆମେ ଇଚ୍ଛା ଦ୍ୱାର କରୁ ।

୩. ଦୀର୍ଘଭୂତ ମଜ୍ଜା :- ଏହା ପୃଷ୍ଠ ରଜ୍ଜୁରେ ଉପରିଭାଗର ସ୍ଥୁଳ ଅଂଶ । ଏହା ମେରୁଦଣ୍ଡ ଓ ମସ୍ତିସ୍କକୁ ଯୋଗ କରିଛି । ଏହା କ୍ଷୁଦ୍ର ମସ୍ତିସ୍କ ତଳେ, ମସ୍ତିସ୍କର ଖୋଳ ମଧ୍ୟରେ ଅଛି । ଏହା ଗୁରୁତର କାର୍ଯ୍ୟ ମାନ କରେ । ଏହା ଫୁସ୍ ଫୁସ୍ ଓ ହୃତ୍ ପିଣ୍ଡକୁ ଚଳାଏ, ରକ୍ତ ନାଡ଼ୀକୁ ନିୟନ୍ତ୍ରିତ (control) କରେ । ଏହା ଜୀବନ ଶକ୍ତିର ମୂଳାଧାର ଗ୍ରନ୍ଥି ।

ସ୍ନାୟୁ ମଣ୍ଡଳର କାର୍ଯ୍ୟ :-

ସ୍ନାୟୁରେ ଥିବା ଜୈବ ପଦାର୍ଥ ଶକ୍ତିର ଘର ପରି । ପେଶୀମାନଙ୍କର ସକଳ କାର୍ଯ୍ୟ ସେମାନଙ୍କ ଉପାଦାନର କ୍ଷୟ

ଦ୍ୱାରା ସାଧିତ ହୁଏ । ସେହିପରି ମସ୍ତିସ୍କରେ ଯେଉଁ କାର୍ଯ୍ୟ ହୁଏ ସେଥିରେ କେତେକ ସ୍ନାୟୁ ପୋଡ଼ି ଯାଏ । ସ୍ପନ୍ଦନ ଖବର ଯିବା ଆସିବା କରିବା ସମୟରେ ଶକ୍ତି ଘର ଗୁଡ଼ିକ ଭାଙ୍ଗି ଯାଏ ଓ ତହିଁରେ ଥିବା ଶକ୍ତି ଖରଚ ହୋଇ ଯାଏ । ଶକ୍ତି ଖରଚ ହେବ ସଙ୍ଗେ ସଙ୍ଗେ ପୁଣି ନୂଆ ଶକ୍ତି ସଂଚିତ ହୁଏ । କୌଣସି ଶାରୀରିକ ବା ମାନସିକ କାର୍ଯ୍ୟ କଲେ ଶକ୍ତି ଖରଚ କରେ । ମନୁଷ୍ୟ ଯଦି ଅତିରିକ୍ତ ଶାରୀରିକ ବା ମାନସିକ ପରିଶ୍ରମ କରେ ତେବେ ନୂଆ ଶକ୍ତି ଶୀଘ୍ର ସଂଚିତ ହୋଇ ପାରେ ନାହିଁ । ପୁଣି କ୍ଷୟ ପାଇଥିବା ଦୂଷିତ ପଦାର୍ଥ ରକ୍ତ ସଙ୍ଗେ ମିଶି ରକ୍ତକୁ ଦୂଷିତ କରି ମାଂଶପେଶୀକୁ ଦୁର୍ବଳ କରେ । ତେଣୁ ଉପର୍ଯ୍ୟୁପରି ପରିଶ୍ରମ କରିବା ଉଚିତ ନୁହେଁ । ଉପଯୁକ୍ତ ପରିଶ୍ରମ ତହିଁ ପରେ ବିଶ୍ରାମ, ବଳ ଦାୟକ ଖାଦ୍ୟ ଓ ବିଶୁଦ୍ଧ ବାୟୁ ସ୍ୱାସ୍ଥ୍ୟ ପାଇଁ ଦରକାର ।

ମସ୍ତିଷ୍କ :-

ଏହା ସ୍ନାୟୁ ମଣ୍ଡଳର ପ୍ରଧାନ ଯନ୍ତ୍ର । କୌଣସି ଇନ୍ଦ୍ରିୟ ନିକଟରେ କୌଣସି ଘଟଣା ଘଟିଲେ ସେଥିରେ ଥିବା ସଂବୋଦନ ସ୍ନାୟୁ ମସ୍ତିଷ୍କକୁ ଖବର ଦିଏ । ବୃହତ୍ ମସ୍ତିଷ୍କରେ ଥିବା ତନ୍ତୁକେନ୍ଦ୍ର ଗୁଡ଼ିକ ବାହାରର ସ୍ପନ୍ଦନ ଗ୍ରହଣ କରି ଅର୍ଥ ନିର୍ଣ୍ଣୟ କରନ୍ତି ଓ ସଂଚାଳକ ସ୍ନାୟୁ ଦ୍ୱାରା ମାଂଶପେଶୀକୁ ଉପଯୁକ୍ତ ଆଦେଶ ପ୍ରଦାନ କରନ୍ତି । ମାଂଶପେଶୀ କାର୍ଯ୍ୟ କରେ । ମସ୍ତିଷ୍କର ଆଦେଶାନୁସାରେ ଇନ୍ଦ୍ରିୟ ଓ ଅଙ୍ଗ ପ୍ରତ୍ୟଙ୍ଗମାନ କାର୍ଯ୍ୟ କରନ୍ତି ।
ଉଦାହରଣ ସ୍ୱରୂପ :-
କେହି ହସିବା କଥା କହିଲେ ଆମେ ସହଜରେ ହସୁ । କିନ୍ତୁ ଏହା ଜଟିଳ କାର୍ଯ୍ୟ ଦ୍ୱାରା ହୁଏ । ପ୍ରଥମତଃ ଶ୍ରବଣ ସ୍ନାୟୁ ମସ୍ତିଷ୍କକୁ ଖବରଟି ନେଇ ଯାଏ । ମସ୍ତିଷ୍କ ଅନ୍ୟ କେତୋଟି ସ୍ନାୟୁ ଦ୍ୱାରା ମୁହଁର ପେଶୀକୁ ଆଦେଶ ଦିଏ । ତେଣୁ ସେମାନେ ସଙ୍କୁଚିତ ହୁଅନ୍ତି । ଏବଂ ମସ୍ତିଷ୍କରେ ଜାତ ହୋଇଥିବା ସୁଖ ଭାବକୁ ବାହାରେ ପ୍ରକାଶ କରନ୍ତି ।
ଉଦାହରଣ ସ୍ୱରୂପ :-
ବାଟରେ ଯାଉ ଯାଉ ଯେବେ ଦୁର୍ଗନ୍ଧ ବୋଧ କରାଯାଏ ଆମେ ସେଠୁ ପଳାଉ । ଘ୍ରାଣ ସ୍ନାୟୁ ଅସୁଖ ଭାବ ମସ୍ତିଷ୍କକୁ ଦିଏ । ତେଣୁ ଅନ୍ୟ ସ୍ନାୟୁ ପାଦର ପେଶୀକୁ ଆଦେଶ ଦେବାରୁ ତାହା ସଙ୍କୁଚିତ ହୁଏ ଓ ଆମେ ପଳାଉ ।

ସ୍ନାୟୁ ମଣ୍ଡଳର କାର୍ଯ୍ୟ ଜାଣି ଶିକ୍ଷକ କିପରି ଭଲରୂପେ କାର୍ଯ୍ୟ କରିବେ :-

ଆମେ ଦେଖିଲୁ ଯେ ମନୁଷ୍ୟର ଶାରୀରିକ ଓ ମାନସିକ କାର୍ଯ୍ୟ ସ୍ନାୟୁ ମଣ୍ଡଳର ସ୍ୱାସ୍ଥ୍ୟ ଉପରେ ନିର୍ଭର କରେ । ସ୍ନାୟୁ ମଣ୍ଡଳ ସୁସ୍ଥ ଥିଲେ ଓ ସ୍ନାୟୁରେ ଶକ୍ତି ସଂଚିତ ଥିଲେ, ଶରୀରର ଓ ମନ ଉଭୟ ଭଲ ହେବା ପାଇଁ ଉପଯୁକ୍ତ ପରିଶ୍ରମ, ବ୍ୟାୟାମ, ବିଶ୍ରାମ ବଳଦାୟକ ଖାଦ୍ୟ ଓ ବିଶୁଦ୍ଧ ବାୟୁ ଦରକାର ।
ଶିକ୍ଷକ ନିମ୍ନଲିଖିତ ରୂପେ କାର୍ଯ୍ୟ କଲେ ପିଲାଙ୍କ ଶକ୍ତିର ପୁନର୍ଗଠନ ଶକ୍ତିରେ ବାଧା ଘଟିବ ନାହିଁ ।

୧. କଠିନ ପଢ଼ା ମଝେ ମଝେ ସହଜ ବିଷୟମାନ ଶିକ୍ଷା ଦିଆ ଯିବ ଯେପରି ଅଙ୍କ ପାଠ ପରେ ହାତକାମ, ହସ୍ତାକ୍ଷର କିଂବା ଗୀତ, ସାହିତ୍ୟ ପାଠ ପରେ ଅନ୍ୟ ଲିଖନ ପାଠ ହେବ । ଏ ଦ୍ୱାରା ମନ ବିଶ୍ରାମ ପାଇବ ।

୨. ସକାଳ ସମୟରେ କଠିନ ପାଠ ଶିକ୍ଷା ଦେଇ ଉପରବେଳାକୁ ସହଜ ବିଷୟ ଶିକ୍ଷା ଦିଆଯିବ । କାରଣ ସକାଳେ ମନ ସତେଜ ହୁଏ । କିନ୍ତୁ ଉପରବେଳାକୁ ପରିଶ୍ରମ ପରେ ମନ ଥକି ଯାଇଥାଏ । ତେଣୁ ସେତେବେଳେ ମନୋଯୋଗର ଅଭାବ ହୁଏ ।

୩. କୌଣସି ପାଠ ଦୀର୍ଘ ସମୟ ପାଇଁ ଦିଆଯିବ ନାହିଁ । ବିଶେଷରେ ଶିଶୁ ଶ୍ରେଣୀ ପାଇଁ ଗୋଟିଏ ପାଠ ୨୦-୩୦ ମିନିଟ୍ ରୁ ଅଧିକ ହେବା ଉଚିତ ନୁହେଁ । ଗୋଟିଏ କଠିନ ପାଠ ପରେ ପିଲାମାନଙ୍କୁ କିଛି ସମୟ ବିଶ୍ରାମ କରି ଅନ୍ୟ ପାଠ ଆରମ୍ଭ କରିବା ଉଚିତ ।

୪. ଖେଳ ଓ ଡ୍ରିଲ୍ ସମୟ ଅଧିକ ହେବା ଉଚିତ୍ ନୁହେଁ । କାରଣ ଶରୀର ଥକି ଗଲେ ମନ ମଧ୍ୟ ନିସ୍ତେଜ ହୋଇ ପଡ଼ିବ । ତେଣୁ ପାଠରେ ମନ ଲାଗିବ ନାହିଁ । ବ୍ୟାୟାମ ପରେ କିଛି ସମୟ ବିଶ୍ରାମ ଦେଇ ଅନ୍ୟ ପାଠ ଆରମ୍ଭ କରିବା ଉଚିତ । ଉପରଲିଖିତ ଚାରି ଗୋଟି ବିଷୟ ବିବେଚନା କରି ଶିକ୍ଷକ ରୁଟିନ୍ ପ୍ରସ୍ତୁତ କରିବେ ।

୫. ଶ୍ରେଣୀ ଗୃହଗୁଡ଼ିକୁ ବିଶୁଦ୍ଧ ବାୟୁ, ସୂର୍ଯ୍ୟାଲୋକ ଆସିବା ଉଚିତ । ବାୟୁ, ଆଲୋକ ଅଭାବରେ ସ୍ନାୟୁରେ ଶକ୍ତି

ସଂଚିତ ହୋଇ ପାରେ ନାହିଁ ।

୬. ଶିକ୍ଷକ ପିଲାଙ୍କ ଖାଦ୍ୟ, ନିଦ୍ରା ବିଷୟରେ ତତ୍ତ୍ୱ ନେବା ଦରକାର । କ୍ଷୁଧା ଓ ଅନାହାର ସମୟରେ କଠିନ ମାନସିକ କାର୍ଯ୍ୟ ଦେବା ଅନୁଚିତ । କାରଣ ସେତେବେଳେ ଶରୀରରେ ଉତ୍ସାହ ନ ଥାଏ ଶରୀର ମନ ଉଭୟ ନିସ୍ତେଜ ଥାନ୍ତି । ଶିକ୍ଷକ ପିଲାଙ୍କ ଖାଦ୍ୟ ବିଷୟରେ ପିତା ମାତାଙ୍କୁ ପରାମର୍ଶ ଦେଇ ପାରନ୍ତି ।

କ୍ଳାନ୍ତି :-

ଆମ ଦେହ ଅନେକ ଜୀବନ୍ତ କୋଷରେ ଗଠିତ । ଶରୀର ଯେଉଁ ପଦାର୍ଥମାନଙ୍କ ଦ୍ୱାରା ଗଠିତ ତନ୍ମଧ୍ୟରେ କୋଷ ପ୍ରଧାନ ଅଟେ । କୋଷମାନଙ୍କ ମଧ୍ୟରେ ଶକ୍ତି ସଂଚିତ ହୋଇଥାଏ । ଶାରୀରିକ ବା ମାନସିକ ପରିଶ୍ରମ କଲେ କୋଷ ଗୁଡ଼ିକରୁ ଶକ୍ତି ଖରଚ ହୁଏ କିନ୍ତୁ ଆଶ୍ଚର୍ଯ୍ୟ ରୂପେ ସେହି ଶକ୍ତି ଆପେ ଆପେ ପୂରଣ ହୁଏ । କିନ୍ତୁ ଉପର୍ଯ୍ୟୁପରି କାର୍ଯ୍ୟ କଲେ କ୍ଷୟ ପ୍ରାପ୍ତ ହୋଇଥିବା ଶକ୍ତି ପୂରଣ ହୋଇ ପାରେ ନାହିଁ । କ୍ଷୟ ହୋଇଥିବା କୋଷ ଦୂଷିତ, ଏଣୁ ରକ୍ତରେ ମିଶିଲେ ଦୂଷିତ ହୁଏ । ତେଣୁ ପେଶୀ ଦୁର୍ବାଳ ଓ ନିସ୍ତେଜ ହୁଅନ୍ତି ଏଣୁ ଆମକୁ କ୍ଳାନ୍ତ ବୋଧହୁଏ ।
ବିଦ୍ୟାଳୟରେ ଭିନ୍ନ ଭିନ୍ନ କାରଣରୁ ଶିଶୁର କ୍ଳାନ୍ତି ଜନ୍ମେ ।

୧. କଠିନ ପଢ଼ା ଉପର୍ଯ୍ୟୁପରି ଶିକ୍ଷା ଦେଲେ ଶିଶୁ ମନ ଥକି ଯାଏ କାରଣ ମସ୍ତିସ୍କ ବିଶ୍ରାମ ପାଏ ନାହିଁ ।

୨. ଗୋଟିଏ ପଢ଼ା ଅଧିକ ସମୟ ଦେଲେ ଶିଶୁ କ୍ଲାନ୍ତ ହୁଅନ୍ତି ।

୩. ମାନସିକ କାର୍ଯ୍ୟ ମଧ୍ୟେ ମଧ୍ୟେ ହସ୍ତାକ୍ଷର, ହାତକାମ, ବ୍ୟାୟାମ, ଗୀତ ଆଦି ଦିଆଯିବ, ନ ହେଲେ ଶିଶୁ କ୍ଲାନ୍ତ ହୋଇ ପଡ଼ିବେ ।

୪. ବସିବା ଆସନରେ ଅସୁବିଧା ହେଲେ, ଅର୍ଥାତ୍ ଆସନ ଅତି ଛୋଟ ବା ଅତି ଉଚ୍ଚ ହେଲେ, ପଛରେ ଆଉଜିବା ପାଇଁ ସ୍ଥାନ ନ ଥିଲେ ଶିଶୁ କ୍ଲାନ୍ତ ହୁଏ । ଉଚ୍ଚତା ଅନୁସାରୁ ଆସନ ହେବା ଉଚିତ । ଅଧିକ ସମୟ ଗୋଟିଏ ସ୍ଥାନରେ ବସି ରହିଲେ ଶିଶୁ ଢୁଳାଏ ବା ହାଇ ମାରେ ।

୫. ଶ୍ରେଣୀ ଗୃହକୁ ଆଲୁଅ ଓ ବିଶୁଦ୍ଧ ବାୟୁ ନ ଆସିଲେ ଶିଶୁର ରକ୍ତ ଦୁଷିତ ହୁଏ । ମନ ପ୍ରଫୁଲ୍ଲ ହୁଏ ନାହିଁ । ଏଣୁ ଏମାନେ ନିସ୍ତେଜ ହୁଅନ୍ତି ।

୬. ଡ୍ରିଲ୍ ଖେଳ ସମୟ ଅଧିକ ହେଲେ ଶିଶୁର ମନ ଶରୀର ଥକି ଯାଏ ତେଣୁ ଶିଶୁ ଭଲ ମାନସିକ କାର୍ଯ୍ୟ କରିପାରେ ନାହିଁ ।

୭. ଲାଗି ଲାଗି କାମ କଲେ ଶିଶୁ ଯେପରି ଥକି ଯାଏ କୌଣସି କାର୍ଯ୍ୟ ନ ପାଇଲେ ମଧ୍ୟ ସେହିପରି ଶିଶୁ ଥକି ଯାଏ । କେହି ଢୁଳାଏ, କେହି ହାଇ ମାରେ, କେହି ଅସ୍ଥିର ହୁଏ ।

୮. କୌଣସି କୌଣସି ଶିଶୁ ରୁଗ୍ଣ ଓ ଦୁର୍ବଳ ହେତୁ ଅଳ୍ପ ପରିଶ୍ରମ କରି ଥକି ଯାଆନ୍ତି ।

୯. ପାଠ ଚିତ୍ତାକର୍ଷକ ନ ହେଲେ, ବେଶୀ ସହଜ ହେଲେ କିଂବା କଠିନ ହେଲେ ସେପରି ପାଠରେ ଶିଶୁ ମନୋଯୋଗ ଦିଅନ୍ତି ନାହିଁ । ଶ୍ରେଣୀ ନିସ୍ତେଜ ଦେଖଯାନ୍ତି । ଖୁସି ମନରେ ପରିଶ୍ରମ କଲେ ଯେତେ ବାଧେ ନାହିଁ ଅନିଚ୍ଛାରେ ଅଳ୍ପ ପରିଶ୍ରମ କଲେ ଅଧିକ ବାଧେ ।

କ୍ଲାନ୍ତି ଦୂର କରିବାର ପ୍ରଧାନ ଉପାୟ :-

(କ) ବିଶ୍ରାମ ଓ କାର୍ଯ୍ୟର ଅଦଳ ବଦଳ ।

(ଖ) ଶ୍ରେଣୀ ଗୃହକୁ ବିଶୁଦ୍ଧ ବାୟୁ ଓ ଆଲୋକ ଆସିବା ।

(ଗ) ପିଲା ଓ ତାଙ୍କ ପିତା ମାତାଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ବଳ ଦାୟକ ଖାଦ୍ୟ ବିଷୟରେ ପରାମର୍ଶ ଦେବା ।

(ଘ) ଶ୍ରେଣୀକୁ ଗୋଟିଏ ସ୍ଥାନରେ ଅଧିକ ସମୟ ବସିବାକୁ ଦିଆଯିବ ନାହିଁ । ବସାଇ, ଠିଆ କରାଇ, କେତେବେଳେ ବାହାରକୁ ନେଇ ଛାୟାଯୁକ୍ତ ସ୍ଥାନରେ ପାଠ ଦିଆଯିବ ।

(ଙ)) କ୍ଲାନ୍ତି ଦୂର କରିବା ନିମନ୍ତେ ଉତ୍ତମ ଖାଦ୍ୟ ଓ ଯଥେଷ୍ଟ ନିଦ୍ରା ଦରକାର । କ୍ଷୁଧା ସମୟରେ ଶିଶୁକୁ ମାନସିକ କାର୍ଯ୍ୟ ଦେବେ ନାହିଁ ।
ଦିନର ଶେଷ ଭାଗରେ କଠିନ ପାଠ ଦିଆ ଯିବ ନାହିଁ । ନିମ୍ନ ପ୍ରାଇମେରୀ ଶ୍ରେଣୀ ମାନଙ୍କୁ ଘରକୁ କୌଣସି କାର୍ଯ୍ୟ

ଦିଆଯିବ ନାହିଁ ।

ଶିଶୁ କ୍ଲାନ୍ତିର ଲକ୍ଷଣ :-

କେହି ହାଇ ମାରନ୍ତି, କେହି ଢୁଳାନ୍ତି । କାହାରି ମୁଖ ନିସ୍ତେଜ ଦେଖା ଯାଏ, କେହି ଅସ୍ଥିର ଓ ପାଠରେ ଅମନୋଯୋଗୀ ଦେଖା ଯାନ୍ତି । ଅଧିକ କ୍ଲାନ୍ତ ହେଲେ ଚିନ୍ତା ଶକ୍ତି କମି ଯାଏ । ପାଠର ଠିକ୍ ଉତ୍ତର ଭାବି ଦେଇ ପାରନ୍ତି ନାହିଁ । କେହି କେହି ବିରକ୍ତି ଭାବ ଦେଖାନ୍ତି । ଏହି ସବୁ ଲକ୍ଷଣ ଦେଖିଲେ ଶିକ୍ଷକ ପାଠ ପ୍ରସଙ୍ଗ ବଦଳାଇ ଦେବେ । ଅତିରିକ୍ତ ନିସ୍ତେଜ ଦେଖିଲେ ପିଲାଙ୍କୁ ବାହାରକୁ ଛାଡ଼ି ଦେବେ । ଉଠ୍ ବସ୍ କରାଇବେ ବା ୨/୩ ମିନିଟ୍ ବ୍ୟାୟାମ କରାଇବେ ।

କ୍ଲାନ୍ତି ଓ ବିରକ୍ତି ମଧ୍ୟରେ ପ୍ରଭେଦ :-

ଶାରୀରିକ କ୍ଲାନ୍ତି ଛଡ଼ା ମନରେ ଆଉ ଏକ ପ୍ରକାର କ୍ଲାନ୍ତି ଅଛି ତାକୁ ବିରକ୍ତି କହନ୍ତି । କ୍ଲାନ୍ତି ଜନ୍ମିଲେ କାମ କରିବାର କ୍ଷମତା କମିଯାଏ । କାର୍ଯ୍ୟ ବଦଳାଇଲେ ସୁଦ୍ଧା ଭଲ ଫଳ ମିଳେ ନାହିଁ । ଏପରି କ୍ଲାନ୍ତିକୁ ଅବସାଦ କହନ୍ତି । ମାତ୍ର ବିରକ୍ତି ଆସିଲେ କାର୍ଯ୍ୟ କରିବାର କ୍ଷମତା କମିଯାଏ ନାହିଁ । କାର୍ଯ୍ୟ ବଦଳାଇ ଦେଲେ ନୂଆ କାମ କରିବାକୁ ଉତ୍ସାହ ହୁଏ । ଥରେ ଥରେ ଶିଶୁକୁ ନିରୁତ୍ସାହ ଓ ଅପ୍ରସନ୍ନ ଦେଖିଲେ, ମନେ ହୁଏ ତାହାର କ୍ଲାନ୍ତି ଜନ୍ମିଛି । ପ୍ରକୃତରେ ଅନୁସନ୍ଧାନ କଲେ ଜଣାଯାଏ ତାର ବିରକ୍ତି ଜନ୍ମିଛି । କାରଣ ପାଠର ପ୍ରସଙ୍ଗ ବଦଳାଇ ଦେଲେ ସେ ଖୁସି ମନରେ କାର୍ଯ୍ୟ କରେ ।

ଇନ୍ଦ୍ରିୟ :-

ଇନ୍ଦ୍ରିୟ ଦୁଇ ପ୍ରକାର, ଯଥା -
୧. ସାଧାରଣ ଇନ୍ଦ୍ରିୟ
୨. ବିଶେଷ ଇନ୍ଦ୍ରିୟ ।

ସାଧାରଣ ଇନ୍ଦ୍ରିୟ

ପାକସ୍ଥଳୀ, ହୃତ୍ ପିଣ୍ଡ, ନିଶ୍ୱାସ ପ୍ରଶ୍ୱାସର ଯନ୍ତ୍ର ଗୁଡ଼ିକ ସାଧାରଣ ଇନ୍ଦ୍ରିୟ । ତେଣୁ ମନୋବିଜ୍ଞାନ ଶିକ୍ଷାଦାନରେ ଏ ଗୁଡ଼ିକ ସ୍ଥାନ ପାଇ ନାହାନ୍ତି । ଜ୍ଞାନ ଉପାର୍ଜନରେ ବିଶେଷ ଇନ୍ଦ୍ରିୟ ଗୁଡ଼ିକ ଉପକାରୀ । ଏମାନେ ବାହାର ଜଗତରୁ କୌଣସି ଜ୍ଞାନ ଦିଅନ୍ତି ନାହିଁ । ଘ୍ରାଣେନ୍ଦ୍ରିୟ, ଦର୍ଶନେନ୍ଦ୍ରିୟ, ରସନାନ୍ଦ୍ରିୟ, ସ୍ପର୍ଶେନ୍ଦ୍ରିୟ ଓ ଶ୍ରବଣେନ୍ଦ୍ରିୟ ପ୍ରଧାନ । ଘ୍ରାଣ ଓ ରସନା ଏ ଦୁଇ ଇନ୍ଦ୍ରିୟ କାର୍ଯ୍ୟ ପରସ୍ପର ଠାରୁ ପୃଥକ କରାଯାଏ ନାହିଁ । ପୁଣି ଏମାନେ ଜ୍ଞାନ ଲାଭ ପାଇଁ ଉପର ଲିଖିତ ଇନ୍ଦ୍ରିୟଙ୍କ ପରି ଉପକାରୀ ନୁହନ୍ତି । ଇନ୍ଦ୍ରିୟ ଦ୍ୱାରା ଜ୍ଞାନ ଲାଭ କରା ଯାଏ ବୋଲି ଏ ଗୁଡ଼ିକୁ ଜ୍ଞାନର ଦ୍ୱାର କୁହାଯାଏ । ଜନ୍ମ ସମୟରେ ଶିଶୁର ସ୍ପର୍ଶେନ୍ଦ୍ରିୟ ତୀକ୍ଷ୍ଣ ଥାଏ । ଧୀରେ ଧୀରେ ଅନ୍ୟ ଇନ୍ଦ୍ରିୟ କ୍ଷମତା ବୃଦ୍ଧି ପାଏ ।

ଶିଶୁର ଇନ୍ଦ୍ରିୟ ଚାଳନାର ଉପକାରିତା :-

ଇନ୍ଦ୍ରିୟ ଗୁଡ଼ିକ ଜ୍ଞାନର ଦ୍ୱାର ସ୍ୱରୂପ । ଇନ୍ଦ୍ରିୟର ବିନା ସାହାଯ୍ୟରେ ବାହାର ଜଗତର ଜ୍ଞାନ ଆମେ ଲାଭ କରି ପାରିବୁ ନାହିଁ । ଇନ୍ଦ୍ରିୟ ଚାଳନା ଦ୍ୱାରା ନିମ୍ନ ଲିଖିତ ଉପକାର ମିଳିବ ।

୧.) ଇନ୍ଦ୍ରିୟ ଗୁଡ଼ିକ ତୀକ୍ଷ୍ଣ ହେଲେ, ପର୍ଯ୍ୟବେକ୍ଷଣ ଶକ୍ତି ବଢ଼େ ଓ ପର୍ଯ୍ୟବେକ୍ଷଣ ଶକ୍ତି ବଢ଼ିଲେ, ସବୁ ପ୍ରକାର ବିଦ୍ୟା ସହଜରେ ଅର୍ଜନ କରା ଯାଇ ପାରେ ।

୨.) ଇନ୍ଦ୍ରିୟ ଗୁଡ଼ିକ ଶିକ୍ଷିତ ହେଲେ ଶିଶୁର ଜ୍ଞାନ ବଢ଼େ, ତହିଁ ସଙ୍ଗେ ସଙ୍ଗେ ବୁଦ୍ଧି ବଢ଼େ ।

୩. ଇନ୍ଦ୍ରିୟ ଗୁଡ଼ିକ ଶିକ୍ଷିତ ହେଲେ ଶିଶୁର ସୌନ୍ଦର୍ଯ୍ୟ ଜ୍ଞାନ ବଢ଼େ, ରୁଚି ମାର୍ଜିତ ହୁଏ ।

୪. ଇନ୍ଦ୍ରିୟ ଶିକ୍ଷା ଦ୍ୱାରା ଶିଶୁର ମାନସିକ ଶକ୍ତି ବୃଦ୍ଧି ହୁଏ, ବିକଶିତ ହୁଏ । ଶିକ୍ଷକ ଶିଶୁ ଇନ୍ଦ୍ରିୟ ଗୁଡ଼ିକ ଉତ୍ତମ ରୂପେ ଚାଳନା କଲେ ସେମାନଙ୍କର ପ୍ରତ୍ୟକ୍ଷ ଧାରଣା ସ୍ମରଣ, କଳ୍ପନା, ବିଚାର ଏ ସବୁ ମାନସିକ ଶକ୍ତି ବୃଦ୍ଧି ହେବ ।

କି ଉପାୟରେ ଶିଶୁର ଇନ୍ଦ୍ରିୟ ଚାଳନା ହେବ :-

୧. ଶିକ୍ଷାଦାନରେ ଶିଶୁର ଭିନ୍ନ ଭିନ୍ନ ଇନ୍ଦ୍ରିୟ ଚାଳନା କରି ଶିକ୍ଷା ଦେଲେ ସେ ଇନ୍ଦ୍ରିୟ ଗୁଡ଼ିକ ଶିକ୍ଷିତ ହେବେ । ଯେଉଁ ପାଠରେ ଯେତେ ଅଧିକ ଇନ୍ଦ୍ରିୟ ଚଳାଯିବ ଜ୍ଞାନ ସେତେ ସ୍ପଷ୍ଟ ହେବ । ଯେ ଶିଶୁ ହାତୀ ଦେଖି ନାହିଁ, ଶିକ୍ଷକ ଯେତେ

ବର୍ଣ୍ଣନା କଲେ ହାତୀ ବିଷୟରେ ଶିଶୁର ଧାରଣା ସ୍ପଷ୍ଟ ହେବ ନାହିଁ । ମାତ୍ର ପ୍ରକୃତ ହାତୀ ଦେଖାଇ ଦେଲେ ଜ୍ଞାନ ଅଧିକ ସ୍ପଷ୍ଟ ହେବ । ଏଣୁ ଆମେ ଦେଖୁଛୁ ଯେ ଜ୍ଞାନ ଅର୍ଜନ କରିବା ପାଇଁ କେବଳ ଶ୍ରବଣେନ୍ଦ୍ରିୟ ଚଳାଇବା ଯଥେଷ୍ଟ ନୁହେଁ, ଶ୍ରବଣ ଦର୍ଶନ ଉଭୟେ ଆବଶ୍ୟକ । ଭାରୀ ହାଲୁକା, ଗରମ ଥଣ୍ଡା, ଟାଣ ନରମ ଏ ସବୁ ଜ୍ଞାନ ଜନ୍ମାଇବା ପାଇଁ ଶିଶୁକୁ ପ୍ରକୃତ ବସ୍ତୁ ଛୁଇଁବାକୁ ଦିଆଯିବ । ଗନ୍ଧ ଓ ସ୍ୱାଦ ବାରିବା ପାଇଁ ପିଲାମାନେ ଶୁଂଘିବେ, ଚାଖିବେ । ଫୁଲପାଠରେ ରସନାକୁ ଛାଡ଼ି ଆଉ ଚାରି ଇନ୍ଦ୍ରିୟ ଚଳି ପାରେ । ଖାଦ୍ୟ ପଦାର୍ଥ ବିଷୟରେ ପାଠ ଦେଲେ ୫ ଇନ୍ଦ୍ରିୟ ଚାଳନା କରାଯାଇ ପାରେ ।

୨. ଇନ୍ଦ୍ରିୟ ଚାଳନା ପାଇଁ କିଣ୍ଡର ଗାର୍ଟନ୍ କାର୍ଯ୍ୟ, ପ୍ରକୃତି ପାଠ, ପଦାର୍ଥ ପାଠ, ଭୂଗୋଳ ପାଠ, ସବୁ ପ୍ରକାର ହାତ କାମ ଗୀତ ଓ ଖେଳ ଶିକ୍ଷା ଦିଆଯିବ ।

୩. ଶିଶୁ ମାନଙ୍କ ଇନ୍ଦ୍ରିୟ ବ୍ୟବହାର କରିବା ପାଇଁ ବିଦ୍ୟାଳୟରେ ଯଥେଷ୍ଟ ଉପକରଣ ରହିବ ଯଥା – କିଣ୍ଡର୍ ଗାର୍ଟେନ୍ ଖେଳନା, ପଶୁପକ୍ଷୀ, ଫୁଲଫଳ, ଆଦର୍ଶ ଗଳ୍ପ ଚିତ୍ର, ଭୂଗୋଳ ଶିକ୍ଷା ପାଇଁ ଭିନ୍ନ ଭିନ୍ନ ଦେଶର ଲୋକଙ୍କ ଛବି, ଗଣନା ପାଇଁ ଗୋଡ଼ି, ମଂଜି, କାଠି ଇତ୍ୟାଦି ରଖିବେ ।

୪. ଶିଶୁର ଶ୍ରବଣ ଶକ୍ତିର ଉତ୍ତମ ଚାଳନା ପାଇଁ ଶିକ୍ଷକଙ୍କ କଥା ସ୍ପଷ୍ଟ ହେବା ଦରକାର । ଶିଶୁ ମଧ୍ୟ ସ୍ପଷ୍ଟ ଉଚ୍ଚାରଣ କରି ପଢ଼ିବେ ଓ ପ୍ରଶ୍ନର ଉତ୍ତର କହିବେ । ଭାଷା ପ୍ରତି ଯତ୍ନ ନିଆ ଯିବ । ଭାଷା ଭୁଲ୍ ହେଲେ ଧାରଣା ଭୁଲ୍ ହୋଇଯିବ ।

୫. ଇନ୍ଦ୍ରିୟ ଗୁଡ଼ିକର ସ୍ୱାସ୍ଥ୍ୟ, ବିଶେଷରେ ଆଖି କାନ ପ୍ରତି ଦୃଷ୍ଟି ଦିଆଯିବ । ଆଖିକାନ ଖରାପ ଥିବା ଶିଶୁଙ୍କ ପାଇଁ ଶିକ୍ଷକ ଡାକ୍ତରଙ୍କୁ କହିବେ ନଚେତ୍ ପିତା ମାତାଙ୍କୁ କହିବେ । ସାନ ପିଲାଙ୍କୁ ରାତିରେ ପଢ଼ିବାକୁ ଦିଆଯିବ ନାହିଁ । କଳାପଟାର ଅତି ନିକଟ ବା ଅତି ଦୂରରେ ବସିବେ ନାହିଁ । ଶିକ୍ଷକ ଶ୍ରେଣୀ ଗୃହକୁ ଉପଯୁକ୍ତ ଆଲୋକ ଆସିବା ପ୍ରତି ଦୃଷ୍ଟି ଦେବେ । ସ୍ୱାସ୍ଥ୍ୟ ରକ୍ଷା, କାନ ଆଖିର ଯତ୍ନ ନେବାକୁ ଶିକ୍ଷା ଦେବେ ।

୬. ଯେ ଖେଳ ଦ୍ୱାରା ଇନ୍ଦ୍ରିୟ ଚାଳିତ ହୋଇ ପାରନ୍ତି ସେହି ଖେଳ ଶିକ୍ଷା ଦେବେ ।

ଇନ୍ଦ୍ରିୟାନୁଭୂତି

ପାଂଚ ଇନ୍ଦ୍ରିୟ ଦ୍ୱାରା ଯେଉଁ ଅସ୍ପଷ୍ଟ ଜ୍ଞାନ ହୁଏ ତାହାକୁ ଇନ୍ଦ୍ରିୟବୋଧ କହନ୍ତି । ଏହା ଏକ ସରଳ ଓ ମାନସିକ ଅବସ୍ଥା । ସଂବୋଧନ ତନ୍ତ୍ର ଦ୍ୱାରା ବାହାରର ଜ୍ଞାନ ମସ୍ତିସ୍କକୁ ଯାଏ । ସେହି ଜ୍ଞାନ ମନରେ ପହଂଚିଲା କ୍ଷଣି ଯେଉଁ ଅସ୍ପଷ୍ଟ ଜ୍ଞାନ ହଠାତ୍ ଉଦୟ ହୁଏ ତାହାକୁ ଇନ୍ଦ୍ରିୟାନୁଭୂତି କହନ୍ତି ।

ଉଦାହରଣ :-

ନିଦ୍ରା ଭାଙ୍ଗିଲା କ୍ଷଣି ମନରେ ଯେଉଁ ଅସ୍ପଷ୍ଟ ଜ୍ଞାନ ହୁଏ ତାହା ଇନ୍ଦ୍ରିୟାନୁଭୂତି ।

ଉପଲବ୍ଧି ବା ପ୍ରତ୍ୟକ୍ଷ ଜ୍ଞାନ

ଅର୍ଥ :- ଇନ୍ଦ୍ରିୟ କଂପନ ହେଲେ ସଂବୋଧନ ତନ୍ତୁ ମସ୍ତିସ୍କକୁ ଖବର ଦିଏ । ସେହି ସମୟରେ ମନରେ ଯେଉଁ ଅସ୍ପଷ୍ଟ ଜ୍ଞାନ ହୁଏ ତାହା ଇନ୍ଦ୍ରିୟାନୁଭୂତି, ମାତ୍ର ମସ୍ତିସ୍କ ଯେତେବେଳେ ସତେଜ ହୋଇ ଅନୁସନ୍ଧାନ କରେ ଓ ଖବରର ଅର୍ଥ ବୁଝି ପାରେ ସେତେବେଳେ ଜ୍ଞାନ ସ୍ପଷ୍ଟ ହୋଇଥାଏ । ଏହି ସ୍ପଷ୍ଟ ଜ୍ଞାନକୁ ଉପଲବ୍ଧି ବା ସ୍ପଷ୍ଟଜ୍ଞାନ କହନ୍ତି ।

ଉଦାହରଣ :-

ଆଖି ଆଗରେ କଣ ଚାଲିଗଲେ ସେଠାରେ ଥିବା ସଂବେଦନ ତନ୍ତୁ ମସ୍ତିସ୍କକୁ ଖବର ଦେଲା । ମସ୍ତିସ୍କ ସେତେବେଳେ ନିଶ୍ଚେଷ୍ଟ ଥିବାରୁ ମନରେ ପ୍ରଥମେ ଅସ୍ପଷ୍ଟ ଜ୍ଞାନର ଉଦୟ ହେଲା । ମାତ୍ର ସେହିକ୍ଷଣି ଉଠି ଜାଣି ପାରିଲା ତାହା ବତୀର ଆଲୁଅ । ଏହି ସ୍ପଷ୍ଟ ଜ୍ଞାନକୁ ପ୍ରତ୍ୟକ୍ଷ ଜ୍ଞାନ କୁହାଯାଏ । ବୟସ୍କ ଲୋକଙ୍କର ଇନ୍ଦ୍ରିୟ ବୋଧ ସଙ୍ଗେ ସଙ୍ଗେ ପ୍ରତ୍ୟକ୍ଷ ଜ୍ଞାନରେ ପରିଣତ ହୁଏ ଏଣୁ ସେମାନେ ବୁଝି ପାରନ୍ତି ନାହିଁ ଇନ୍ଦ୍ରିୟ ବୋଧ କେତେବେଳେ ହୁଏ । ଶିଶୁ ମାନଙ୍କର ଇନ୍ଦ୍ରିୟ ବୋଧ ପରେ ପ୍ରତ୍ୟକ୍ଷ ଜ୍ଞାନ ଜନ୍ମେ । ସେମାନଙ୍କର ଅନେକ ଇନ୍ଦ୍ରିୟାନୁଭୂତି ପ୍ରତ୍ୟକ୍ଷ ଜ୍ଞାନରେ ପରିଣତ ହୋଇ ପାରେ ନାହିଁ ।

ଇନ୍ଦ୍ରିୟ ବୋଧ ଓ ପ୍ରତ୍ୟକ୍ଷ ଜ୍ଞାନରେ ଭେଦ

ଇନ୍ଦ୍ରିୟ ବୋଧ ଓ ପ୍ରତ୍ୟକ୍ଷ ଜ୍ଞାନରେ ଭେଦ

ଇନ୍ଦ୍ରିୟ ବୋଧ	ପ୍ରତ୍ୟକ୍ଷ ଜ୍ଞାନ
୧. ଇନ୍ଦ୍ରିୟାନୁଭୂତି ଅସ୍ପଷ୍ଟ ଜ୍ଞାନ	୧. ପ୍ରତ୍ୟକ୍ଷ ଜ୍ଞାନ ସ୍ପଷ୍ଟ ଜ୍ଞାନ
୨. ଇନ୍ଦ୍ରିୟାନୁଭୂତି ବେଳେ ମନ ନିଶ୍ଚେଷ୍ଟ ଥାଏ	୨. ପ୍ରତ୍ୟକ୍ଷ ଜ୍ଞାନ ସମୟରେ ମନ କାର୍ଯ୍ୟକାରୀ ହୁଏ
୩. ଇନ୍ଦ୍ରିୟାନୁଭୂତି ପ୍ରାଥମିକ ମାନସିକ କାର୍ଯ୍ୟ	୩. ପ୍ରତ୍ୟକ୍ଷ ଜ୍ଞାନ କେତେକ ଇନ୍ଦ୍ରିୟାନୁଭୂତି ପରେ ହୁଏ
୪. ଇନ୍ଦ୍ରିୟାନୁଭୂତି ବୋଧ ଶକ୍ତି ଉପରେ ନିର୍ଭର କରେ	୪. ପ୍ରତ୍ୟକ୍ଷ ଜ୍ଞାନ ଚିନ୍ତା ଶକ୍ତି ଉପରେ ନିର୍ଭର କରେ

ଶିଶୁକୁ ଇନ୍ଦ୍ରିୟାନୁଭୂତି ଦ୍ୱାରା ଶିକ୍ଷା କାହିଁକି ଦିଆଯାଏ :-

ଛୋଟ ଶିଶୁ ଅନେକ ଇନ୍ଦ୍ରିୟବୋଧ ପାଇଥାଏ । ମତ୍ର ସ୍ମରଣ ଶକ୍ତି ଅଭାବରୁ ଓ ମସ୍ତିସ୍କ ନିଶ୍ଚେଷ୍ଟ ଥିବାରୁ ସେ ସବୁ ପ୍ରତ୍ୟକ୍ଷ ଜ୍ଞାନରେ ପରିଣତ ହୋଇ ପାରନ୍ତି ନାହିଁ । ଶିଶୁ ଅନେକ ଥର କୁକୁର ବିରାଡ଼ି ଦେଖିଲେ ହେଁ ସେମାନଙ୍କ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ପାଇପାରେ ନାହିଁ ତେଣୁ କୁକୁରକୁ ବିରାଡ଼ି କୁହେ । ଏହାର କାରଣ ଶିଶୁର ଇନ୍ଦ୍ରିୟ ଗୁଡ଼ିକ ଉପଯୁକ୍ତ ରୂପେ କାର୍ଯ୍ୟ କରେ ନାହିଁ । ବୟସ୍କ ଲୋକପରି ତାର ମସ୍ତିସ୍କ ସତେଜ ନ ଥାଏ । ତାର ବିଚାର ବିବେଚନା ସ୍ମରଣ ନ ଥାଏ ଓ ମନୋଯୋଗ ଦେବାର କ୍ଷମତା ମଧ୍ୟ କମ୍ । କୌଣସି ବିଷୟ ଅଳ୍ପ ଦେଖି ବା ଅଳ୍ପ ଶୁଣି ଅମନୋଯୋଗୀ ହୁଏ । ତେଣୁ ଇନ୍ଦ୍ରିୟବୋଧ ପ୍ରତ୍ୟକ୍ଷ ଜ୍ଞାନରେ ପରିଣତ ହୁଏ ନାହିଁ । ଏଣୁ ଶିଶୁମାନଙ୍କର ଇନ୍ଦ୍ରିୟାନୁଭୂତି ଚଳାଇବା ନିମନ୍ତେ ବସ୍ତୁ ଦ୍ୱାରା ଶିକ୍ଷା ଦେବା ଶିକ୍ଷକଙ୍କର କର୍ତ୍ତବ୍ୟ । ପ୍ରତ୍ୟକ୍ଷ ହାତୀ କିଂବା ତାହାର ଛବି ନ ଦେଖାଇ ଶିଶୁ ଆଗରେ ହାତୀ ବିଷୟ ବର୍ଣ୍ଣନା କରିବା ନିରର୍ଥକ । ସେହିପରି ଗଣନା ଶିକ୍ଷା ବସ୍ତୁ ସାହାଯ୍ୟରେ ନ ଦେଲେ ଶିଶୁ ସଂଖ୍ୟାର ମୂଲ୍ୟ ବୁଝି ପାରିବେ ନାହିଁ । ଏଣୁ ଶିଶୁ ଇନ୍ଦ୍ରିୟ ଶିକ୍ଷିତ କରିବା ପାଇଁ ବସ୍ତୁ ସାହାଯ୍ୟରେ ତାଙ୍କୁ ଶିକ୍ଷା ଦିଆଯିବ ।

ଶ୍ରେଣୀ ଜ୍ଞାନ ବା ଜାତି ଜ୍ଞାନ :-

ଜାତି ଜ୍ଞାନ ବା ଧାରଣା ଏକ ମାନସିକ କ୍ଷମତା ଯାହା ଦ୍ୱାରା ଏକ ବସ୍ତୁକୁ ସେମାନଙ୍କ ସାଦୃଶ୍ୟ ଅନୁସାରେ ଗୋଟିଏ ଶ୍ରେଣୀରେ ପୂରାଇ ଚିନ୍ତା କରି ତାହା ବିଷୟରେ ସାଧାରଣ ଧାରଣା ପାଉ । ତାହାକୁ ଶ୍ରେଣୀ ଜ୍ଞାନ (Classification) କହନ୍ତି । ମନୁଷ୍ୟ, ପଶୁ ପକ୍ଷୀ, ଘର, ଦୟା, ଏ ଗୁଡ଼ିକ ଗୋଟିଏ ଗୋଟିଏ ଧାରଣା । ଶ୍ରେଣୀ ଜ୍ଞାନରେ କୌଣସି ବିଷୟରେ ପ୍ରତିମୂର୍ତ୍ତି ମନରେ ଉଦୟ ହୁଏ ନାହିଁ । ମାତ୍ର ବସ୍ତୁ ଗୁଡ଼ିକର ସାଧାରଣ ଜ୍ଞାନ ଗୁଡ଼ିକ ମନରେ ଉଦୟ ହୁଏ । ପକ୍ଷୀ କହିଲେ କୌଣସି ଚଢ଼େଇର ବିଶେଷ ଆକୃତି ମନେ ପଡ଼େ ନାହିଁ । ଅର୍ଥାତ୍ ପକ୍ଷୀର ଦୁଇଟି ଡେଣା ଥିବ । ଗୋଟିଏ ଥଣ୍ଟ ଥିବ ମାତ୍ର ଉଡ଼ି ପାରୁଥିବ । ଜାତି ଜ୍ଞାନ ଗୋଟିଏ ସାଧାରଣ ଶ୍ରେଣୀ ବା ଗୁଣ ବା ଲକ୍ଷଣ । ପ୍ରତ୍ୟକ୍ଷ ଜ୍ଞାନ ବିଶେଷ ପଦାର୍ଥକୁ ବୁଝାଏ । ମନୁଷ୍ୟ, ଏହା ଶ୍ରେଣୀ ଜ୍ଞାନ । ରାମ ଏହା ପ୍ରତ୍ୟକ୍ଷ ଜ୍ଞାନ । ଅନେକ ପ୍ରତ୍ୟକ୍ଷ ଜ୍ଞାନ ପରେ ଶ୍ରେଣୀ ଜ୍ଞାନ ଜନ୍ମେ, ଯେଉଁ ପରି କାଉ, ଚିଲ, ଶାଗୁଣା, ତୋତା, ମଇନା ଏହି ସବୁ ଦେଖିଲା ପରେ ପକ୍ଷୀ ଏହି ଜାତି ବା ଶ୍ରେଣୀ ଜ୍ଞାନ ଜନ୍ମେ ।

ପ୍ରତ୍ୟକ୍ଷ ଓ ଶ୍ରେଣୀ ଜ୍ଞାନ ମଧ୍ୟରେ ଭିନ୍ନତା

ପ୍ରତ୍ୟକ୍ଷ ଓ ଶ୍ରେଣୀ ଜ୍ଞାନ ମଧ୍ୟରେ ଭିନ୍ନତା

ପ୍ରତ୍ୟକ୍ଷ ଜ୍ଞାନ	ଶ୍ରେଣୀ ଜ୍ଞାନ
୧. ପ୍ରତ୍ୟକ୍ଷ ଜ୍ଞାନ କୌଣସି ବିଶେଷ ପଦାର୍ଥକୁ ବୁଝାଏ, ଯେପରି ରାମ, ମୋର କଲମ, ମହାନଦୀ	୧. ଶ୍ରେଣୀ ଜ୍ଞାନ ସେହି ଶ୍ରେଣୀର ସାଧାରଣ ଗୁଣ ବା ଲକ୍ଷଣକୁ ବୁଝାଏ, ଯେପରି କଲମ, ପଶୁ, ଘର, ମନୁଷ୍ୟ ଇତ୍ୟାଦି
୨. ପ୍ରତ୍ୟକ୍ଷ ଜ୍ଞାନରେ ମନରେ ବସ୍ତୁର ବା ପ୍ରାଣୀର ପ୍ରତିମୂର୍ତ୍ତି ଉଦୟ ହୁଏ ।	୨. ଶ୍ରେଣୀ ଜ୍ଞାନରେ ପ୍ରତିମୂର୍ତ୍ତି ମନରେ ଉଦୟ ନ ହୋଇ ସେହି ଶ୍ରେଣୀର ସାଧାରଣ ଲକ୍ଷଣ ଗୁଡ଼ିକ ମନେପଡ଼େ ।
୩. ପ୍ରତ୍ୟକ୍ଷ ଜ୍ଞାନ ଇନ୍ଦ୍ରିୟ ବୋଧ ଉପରେ ନିର୍ଭର କରେ	୩. ଶ୍ରେଣୀ ଜ୍ଞାନ ପ୍ରତ୍ୟକ୍ଷ ଜ୍ଞାନ ପରେ ଜନ୍ମେ ।

ଶ୍ରେଣୀ ଜ୍ଞାନ କେଉଁ କେଉଁ ବିଷୟ ଉପରେ ନିର୍ଭର କରେ :-

୧. ଶ୍ରେଣୀ ଜ୍ଞାନ ପାଇବା ପୂର୍ବରୁ ଏକ ଜାତୀୟ ବସ୍ତୁ ବା ଉଦାହରଣ ଉତ୍ତମ ରୂପେ ପର୍ଯ୍ୟବେକ୍ଷଣ କରିବା ଆବଶ୍ୟକ । ପର୍ଯ୍ୟବେକ୍ଷଣ ଦୋଷଯୁକ୍ତ ହେଲେ ଧାରଣା ବା ଶ୍ରେଣୀ ଜ୍ଞାନ ଭୁଲ୍ ହୋଇ ଯିବ ।

ଉଦାହରଣ :-

ବିଶେଷ୍ୟ ପଦ ଦେଲା ବେଳେ ଯଦି କେତେକ ବସ୍ତୁ ବା ବ୍ୟକ୍ତିର ନାମ କହନ୍ତି, ପିଲାମାନଙ୍କର ଧାରଣା ଜନ୍ମିବ ଯେ କୌଣସି ବ୍ୟକ୍ତି ବା ବସ୍ତୁକୁ ବିଶେଷ୍ୟ ପଦ କହନ୍ତି, ଏଣୁ ଶିକ୍ଷକ ଠିକ୍ ରୂପେ ଧାରଣା ଦେବା ପାଇଁ ୫ ପ୍ରକାର ବିଶେଷ୍ୟ ପଦରୁ ବହୁତ ଉଦାହରଣ ଦେବେ ।

୨. ଉଦାହରଣ ଗୁଡ଼ିକ ପର୍ଯ୍ୟବେକ୍ଷଣ କରୁଥିବା ସମୟରେ ସେ ସବୁକୁ ପରସ୍ପର ସହିତ ତୁଳନା କରିବା ଉଚିତ । ସାଦୃଶ୍ୟ ଓ ପାର୍ଥକ୍ୟ ବିଷୟ ଲକ୍ଷ୍ୟ କରିବାକୁ ହେବ । ଏଣୁ ଶ୍ରେଣୀ ଜ୍ଞାନ ପାଇଁ ଉପଯୁକ୍ତ ତୁଳନା ଆବଶ୍ୟକ ।

ଉଦାହରଣ :-

ଶିଶୁ ବୁଦା ଓ ବୃକ୍ଷ ଏ ଦୁଇ ପ୍ରକାର ଗଛ ପର୍ଯ୍ୟବେକ୍ଷଣ କରୁଥିବା ସମୟରେ ସେମାନଙ୍କୁ ପରସ୍ପର ତୁଳନା କରି ବିଶେଷ ବିଶେଷ ପର୍ଥକ୍ୟ ଗୁଡ଼ିକ ଲକ୍ଷ୍ୟ କରିବାକୁ ହେବ । ଯେପରି ବୃକ୍ଷର କାଣ୍ଡ ମାଟିଠାରୁ ଅନେକ ଦୂର ପର୍ଯ୍ୟନ୍ତ ଲମ୍ବ ହୁଏ ଓ ତହିଁ ଉତ୍ତାରେ ଶାଖା ପ୍ରଶାଖା ବାହାରେ । କିନ୍ତୁ ବୁଦାର କାଣ୍ଡ ଏପରି ନ ହୋଇ ମାଟିର ଅଳ୍ପ ଦୂରରରୁ ଶାଖା ପ୍ରଶାଖା ବାହାରେ । ବୃକ୍ଷର କାଣ୍ଡରେ ବହୁତ କାଷ୍ଠ ଥାଏ, ମାତ୍ର ବୁଦାର କାଣ୍ଡ ବହୁତ ସରୁ । ବୃକ୍ଷ ବହୁତ ବର୍ଷ ବଂଚେ ମାତ୍ର ବୁଦା ବୃକ୍ଷ ଠାରୁ କମ୍ ବର୍ଷ ବଂଚେ ।

୩. ଶ୍ରେଣୀ ଜ୍ଞାନ ପାଇଁ ବସ୍ତୁମାନଙ୍କୁ ତୁଳନା କଲାବେଳେ ପାର୍ଥକ୍ୟ ଗୁଣକୁ ଛାଡ଼ି ଦେବାକୁ ହେବ । ସାଧାରଣ ଗୁଣସବୁକୁ ଏକତ୍ର କରିବାକୁ ହେବ । କାଉ, ବଗ, ମୟୁର, ତୋତା, କୁକୁଡ଼ା ଏ ସବୁ ଚଢ଼େଇକୁ ପର୍ଯ୍ୟବେକ୍ଷଣ କଲାବେଳେ ସେମାନଙ୍କ ରଙ୍ଗ, ବଡ଼ ସାନ, ଆକାର, କିଏ କେତେ ଉଡ଼ିପାରେ, କିଏ କଣ ଖାଏ ଏ ସବୁ ପାର୍ଥକ୍ୟ ଗୁଣ ଛାଡ଼ି ଦେବାକୁ ହେବ । କିନ୍ତୁ ସମସ୍ତଙ୍କର ଦୁଇ ଡ଼େଣା, ଦୁଇ ଗୋଡ଼, ଏକ ଥଣ୍ଟ ଥାଏ ଏବଂ ସମସ୍ତେ ଅଣ୍ଡା ଦିଅନ୍ତି ଓ ସାଦୃଶ୍ୟ ଗୁଣ ଗୁଡ଼ିକ ଏକତ୍ର କରିବାକୁ ହେବ ।

୪. ସାଦୃଶ୍ୟ ଗୁଣ ଗୁଡ଼ିକ ଏକତ୍ର କଲା ପରେ ପକ୍ଷୀ ବିଷୟରେ ଗୋଟିଏ ଧାରଣା ଜନ୍ମେ । ଏହି ଧାରଣା ମନେ

ରଖିବା ନିମନ୍ତେ ଏକ ଭାଷା ବା ନାମ ଦିଆ ଯାଏ ।

ଧାରଣା ବା ଶ୍ରେଣୀ ଜ୍ଞାନ ଭୁଲ୍ ହେବାର କାରଣ :-

୧. ପର୍ଯ୍ୟବେକ୍ଷଣ ଅସଂପୂର୍ଣ୍ଣ, ଭୁଲ୍ ବା ଦୋଷଯୁକ୍ତ ହେଲେ ଧାରଣା ଭୁଲ୍ ହୁଏ । ଏଣୁ ଶ୍ରେଣୀ ଜ୍ଞାନ ପାଇବା ପାଇଁ ବହୁତ ଏକ ଜାତୀୟ ଜିନିଷ ପର୍ଯ୍ୟବେକ୍ଷଣ କରିବ । ଯାହା ପର୍ଯ୍ୟବେକ୍ଷଣ କରିବ ତାହା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ କରିବ । ଶିକ୍ଷକ ପ୍ରଶ୍ନ ପଚାରି ପଚାରି ଶିଶୁର ପର୍ଯ୍ୟବେକ୍ଷଣ ଚଳାଇବେ ।

୨. ବସ୍ତୁ ବା ଉଦାହରଣ ଗୁଡ଼ିକୁ ଅସାବଧାନରେ ତୁଳନା କଲେ, ବିଶେଷ ବିଶେଷ ଗୁଣକୁ ଲକ୍ଷ୍ୟ ନ କଲେ, ଶ୍ରେଣୀ ଜ୍ଞାନ ଭୁଲ୍ ହୋଇଯିବ । ଶିଶୁ କୁକୁଡ଼ାକୁ ବତକ ସଙ୍ଗେ ତୁଳନା କଲାବେଳେ ସେମାନଙ୍କର ଦେହର ଗଠନ, ବେକ, ଥଣ୍ଟ ଓ ପାଦ ଲକ୍ଷଣକୁ ଲକ୍ଷ୍ୟ କରିବ ।

୩. ଯେଉଁ ଶିଶୁଙ୍କର ସ୍ମରଣ ଶକ୍ତି ଭଲ ନାହିଁ, ସେମାନଙ୍କ ଧାରଣ ଭୁଲ୍ ହୋଇ ଯାଏ । କାରଣ ପୂର୍ବେ ପର୍ଯ୍ୟବେକ୍ଷଣ କରିଥିବା ସାଧାରଣ ଗୁଣ ବା ଲକ୍ଷଣ ଗୁଡ଼ିକ ଭୁଲି ଯାଇ ଥାଏ ତେଣୁ ତାର ଜାତି ଜ୍ଞାନ ଭୁଲ୍ ହୁଏ ।

୪. ଶିଶୁ ବା ଶିକ୍ଷକ ଭୁଲ୍ ଭାଷା ବ୍ୟବହାର କଲେ ଶିଶୁର ଶ୍ରେଣୀ ଜ୍ଞାନ ଭୁଲ୍ ହୁଏ । କାରଣ ଭାଷାର ଅର୍ଥ ଶିଶୁ ବୁଝିପାରେ ନାହିଁ ।

ଶ୍ରେଣୀ ଧାରଣା ଭଲ ହେବା ପାଇଁ ଶିକ୍ଷକଙ୍କ କାର୍ଯ୍ୟ :-

୧. ଶ୍ରେଣୀ ଜ୍ଞାନ ପାଠ ଦେଲା ବେଳେ ବହୁ ସଂଖ୍ୟକ ଉଦାହରଣ ଦେବେ ।

୨. ପ୍ରତ୍ୟେକ ଉଦାହରଣ ମଧ୍ୟରେ ପାର୍ଥକ୍ୟ ପିଲାଏ ଯେପରି ଉତ୍ତମ ରୂପେ ପର୍ଯ୍ୟବେକ୍ଷଣ କରିବେ ।

୩. ପର୍ଯ୍ୟବେକ୍ଷଣ ପିଲାଏ ଠିକ୍ କରିଛନ୍ତି କି ନାହିଁ ଶିକ୍ଷକ ପ୍ରଶ୍ନ ପଚାରି ବୁଝିବେ ନ ହେଲେ ପୁଣି କରାଇବେ ।

୪. ଶିକ୍ଷକଙ୍କ ଭାଷା ସହଜ ଓ ଶୁଦ୍ଧ ହେବ ଯେପରି ପିଲାଏ ବୁଝି ପାରିବେ ।

୫. ଏକ ଜାତୀୟ ଅଧିକ ଉଦାହରଣ ପର୍ଯ୍ୟବେକ୍ଷଣ କଲା ପରେ ସେହି ବିଷୟକୁ କୌଣସି ଶ୍ରେଣୀ ବା ନିୟମର ଅନ୍ତର୍ଭୁକ୍ତ କରିବାକୁ ହେବ । ଭୂଗୋଳର ସଂଜ୍ଞା, ବ୍ୟାକରଣ ନିୟମ ଏହିପରି ଶିକ୍ଷା ଦିଆଯିବ ।

୬. ସଂଜ୍ଞା ବା ସୂତ୍ର ପିଲାଏ ନିଜ ଭାଷାରେ କହିବେ ଓ ଲେଖିବେ ।

୭. ସ୍କୁଲ୍ ରେ ପ୍ରକୃତି ପାଠ, ପଦାର୍ଥ ପାଠ, ପ୍ରାଥମିକ ଭୂଗୋଳ ଶିକ୍ଷା, ବ୍ୟାକରଣ ଏହି ସବୁ ପାଠରେ ପିଲାଙ୍କ ଜାତି ଜ୍ଞାନ ଭଲ ଜନ୍ମେ ।

ଜାତି ଜ୍ଞାନର ଉପକାରିତା :-

୧. ଶ୍ରେଣୀ ଜ୍ଞାନ ମନର କାର୍ଯ୍ୟକାରୀ ଶକ୍ତିକୁ ବଢ଼ାଇ ଦିଏ ।

୨. ଏଥିରେ ସ୍ମରଣ ଶକ୍ତି, ଅନ୍ୟ ମାନସିକ ଶକ୍ତି ବୃଥାରେ ଖରଚ ହୁଏ ନାହିଁ ।

୩. ଜାତି ଜ୍ଞାନ (Classification) ନ ଥିଲେ ଉଚ୍ଚ ଚିନ୍ତା, ବିଚାର, ବିବେଚନା କରିବା ଅସମ୍ଭବ ।

ମନୋଯୋଗ :-

ଅନ୍ୟାନ୍ୟ ବିଷୟରୁ ମନକୁ ଟାଣି ଆଣି କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ବା ଚିନ୍ତାରେ ମନକୁ ଲଗାଇବାକୁ ମନୋଯୋଗ କହନ୍ତି ।

ଉଦାହରଣ :-

ମୋତେ ଭୋକ କରୁଆଛି । ଘରେ ଖାଇବା ଜିନିଷ ଅଛି, ସେ ଘରେ କେତେଜଣ ଲୋକ ଅଛନ୍ତି ମାତ୍ର ଏ ସବୁ ବିଷୟରେ ମନ ନ ଦେଇ ଗୋଟିଏ ଗଳ୍ପ ବହି ପଢୁଅଛି । ଏଠାରେ ଗଳ୍ପ ମୋର ମନୋଯୋଗ ଅଧିକାର କରିଅଛି ।

ମନୋଯୋଗ ଦୁଇ ପ୍ରକାର **:- ଐଚ୍ଛିକ, ଅନୈଚ୍ଛିକ ।**

କୌଣସି କାର୍ଯ୍ୟ ବା ବିଷୟ ଚିନ୍ତା ପରେ ହେଲେ , ତାହାକୁ ଐଚ୍ଛିକ ମନୋଯୋଗ କହନ୍ତି । ଐଚ୍ଛିକ ମନୋଯୋଗ ପାଇଁ ଚିନ୍ତା, ଇଚ୍ଛା, ଚେଷ୍ଟା, ବିଚାର, ବିବେଚନା ଦରକାର ହୁଏ ।

ଉଦାହରଣ :-

ରାତିରେ ମୋତେ ନିଦ ଲାଗୁଅଛି ମାତ୍ର ନ ପଢ଼ିଲେ କାଲେ ପରୀକ୍ଷାରେ ଫେଲ୍ ହେବି ଏହି ଭୟରେ ମୁଁ ଜୋରକରି ମନକୁ ପଢ଼ାରେ ଲଗାଇ ଅଛି । ଏଠାରେ ପଢ଼ା ମୋର ଐଚ୍ଛିକ ମନୋଯୋଗ ରକ୍ଷା କରି ଅଛି । ପରୀକ୍ଷାରେ ପାଶ କରିବାର ଇଚ୍ଛା, ଶ୍ରେଣୀରେ ପ୍ରଥମ ହେବାର ଇଚ୍ଛା, ଏଠାରେ କାମ କରୁଛି । ପ୍ରଶଂସା, ଗାଳି, ଭବିଷ୍ୟତରେ ମଙ୍ଗଳ ଇତ୍ୟାଦି ବିଷୟ ଭାବି ଆମେ ଯେତେ କାମ କରୁ ସେହି କାର୍ଯ୍ୟରେ ଐଚ୍ଛିକ ମନୋଯୋଗ ଲାଗେ ବୋଲି କୁହାଯାଏ ।

ଅନୈଚ୍ଛିକ ମନୋଯୋଗ **:-**

କୌଣସି ବିଷୟ ମନୋହର ହେଲେ ସେ ବିଷୟ ପ୍ରତି ମନ ଆପେ ଆପେ ଚାଲିଯାଏ । ସେଥିପାଇଁ ପରିଶ୍ରମ କରିବାକୁ ପଡ଼େ ନାହିଁ । କୌଣସି କୌଣସି ବିଷୟ ଏତେ ଚିତ୍ତାକର୍ଷକ ହୁଏ ଯେ ସେ ବିଷୟ ଆଡ଼କୁ ମନ ନ ଯାଇ ରହିପାରେ ନାହିଁ ।

ଉଦାହରଣ ସ୍ୱରୂପ :-

ପଢୁଥିବା ସମୟରେ ରାସ୍ତାରେ ଗୀତ ଓ ବାଜା ଶୁଭିଲା । ମୋର ମନ ପଢ଼ାରୁ ଯାଇ ଗୀତ ଓ ବାଜାରେ ଲାଗିଲା । ଏଥିପାଇଁ ମୁଁ ମନକୁ ଜୋର୍ କରି ନ ଥିଲି ମାତ୍ର ବିଷୟର ଆକର୍ଷଣ ଶକ୍ତି ଯୋଗୁଁ ମନ ଆପେ ଆପେ ସେ ଆଡ଼କୁ ଚାଲିଗଲା । ଶ୍ରେଣୀରେ ଶିକ୍ଷକଙ୍କ କଥା ମନଦେଇ ଶୁଣୁଥିବା ସମୟରେ ଯୋରରେ ଚଡ଼ଚଡ଼ି ମାରିଲା । ଶିକ୍ଷକଙ୍କ ପାଖରୁ ମନ ଯାଇ ଶବ୍ଦରେ ଲାଗିଲା । ଏଥିପାଇଁ ଚେଷ୍ଟା ଓ ପରିଶ୍ରମ ଦରକାର ହୋଇ ନାହିଁ ।

ବିକ୍ଷିପ୍ତ ମନୋଯୋଗ **:-**

ଏହାକୁ ଅନୈଚ୍ଛିକ ମନୋଯୋଗର ଅନ୍ତର୍ଗତ କରାଯାଇ ପାରେ । ଶ୍ରେଣୀରେ ଶିକ୍ଷକଙ୍କ କଥା ମନଦେଇ ଶୁଣିଲା ବେଳେ ରାସ୍ତାରେ ଗଣ୍ଡଗୋଳ ଶୁଣାଗଲା । ମନ ପାଠରୁ ଯାଇ ଗଣ୍ଡ ଗୋଳରେ ଲାଗିଲା । ପାଠର ସମୟ ଦୀର୍ଘ ହେଲେ, ପଢ଼ାଇବା ପ୍ରଣାଳୀ ଭଲ ନ ହେଲେ, ବସିବାର ସ୍ଥାନ ସୁବିଧା ଜନକ ନ ଥିଲେ, ଶିକ୍ଷକଙ୍କୁ ବହୁତ ଗରମ ବା ଶୀତ ହେଲେ, ବାହାରେ କିଛି ଗଣ୍ଡଗୋଳ ହେଲେ ଶିଶୁର ମନୋଯୋଗ ପାଠରୁ ବିକ୍ଷିପ୍ତ ହୁଏ ।

ପିଲାର ମନୋଯୋଗ ଉତ୍ତେଜିତ କରିବାର ଉପାୟ :-

୧. ପାଠରେ ପିଲାଙ୍କ ଆଗ୍ରହ ଉତ୍ପନ୍ନ କରିବା ।

୨. ପିଲାଙ୍କ ଚେଷ୍ଟା ଶକ୍ତିକୁ ବୃଦ୍ଧି କରିବା ।

ଆଗ୍ରହ ଉତ୍ପନ୍ନ କରିବା ଦ୍ୱାରା ଅନୈଚ୍ଛିକ ମନୋଯୋଗ ଉତ୍ତେଜିତ ହୁଏ । ଚେଷ୍ଟା ଶକ୍ତି ବଢ଼ାଇବା ଦ୍ୱାରା ଐଚ୍ଛିକ ମନୋଯୋଗ ଉତ୍ତେଜିତ ହୁଏ ।

(୧) ପାଠରେ ପିଲାର ଆଗ୍ରହ ଜନ୍ମାଇବା ପାଇଁ ଶିକ୍ଷକ ତାର କୌତୂହଳ ଉତ୍ପନ୍ନ କରିବେ । ପୂର୍ବ ଜ୍ଞାନ ସଙ୍ଗେ ସଂବନ୍ଧ ରଖି ନୂଆ ପାଠ ଶିକ୍ଷା ଦେବେ । ପାଠ ଆରମ୍ଭ ସମୟରେ

(କ) ପାଠ ସଂବନ୍ଧରେ ପ୍ରଶ୍ନ,
(ଖ) ପାଠର ଉଦ୍ଦେଶ୍ୟ,
(ଗ) ପ୍ରକୃତ ବସ୍ତୁ ଦେଖାଇ,
(ଘ) କିଂବା ତାର ପ୍ରତିକୃତି ଦେଖାଇ ,
(ଙ) ପାଠ ସଂବନ୍ଧରେ ଗଳ୍ପ କହିଲେ,
ପିଲାଙ୍କର ପାଠରେ ଆଗ୍ରହ ଉତ୍ପନ୍ନ ହୁଏ । ଯେଉଁ ପାଠ କଠିନ ସେପରି ପାଠରେ ପିଲାଙ୍କର ଆଗ୍ରହ ହୁଏ ନାହିଁ । ତେଣୁ ଶିଶୁର ବୟସ ଜ୍ଞାନ ବିବେଚନ କରି ପାଠ ପ୍ରସଙ୍ଗ ଓ ପାଠ ପ୍ରଣାଳୀ ପ୍ରସ୍ତୁତ କରିବେ ।

(୨) ଚେଷ୍ଟା ଶକ୍ତି ବଢ଼ାଇବାର ଉପାୟ ନିମ୍ନଲିଖିତ ପ୍ରକାରେ ହେବ ।
(କ) ପାଠ ଆରମ୍ଭରେ ପାଠର ଉଦ୍ଦେଶ୍ୟ କହିବା ଦ୍ୱାରା;
(ଖ) ଉତ୍ତମ କାର୍ଯ୍ୟ ପାଇଁ ନମ୍ବର, ପ୍ରଶଂସା, ପୁରସ୍କାର ଦେବା ଦ୍ୱାରା ।
(ଗ) ଶ୍ରେଣୀରେ ଉଚ୍ଚ ସ୍ଥାନ ପାଇବା ଇଚ୍ଛା, ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଇଚ୍ଛା ମଧ୍ୟ, ଐଚ୍ଛିକ ମନୋଯୋଗ ଉତ୍ତେଜିତ କରେ । ଏହା ମଧ୍ୟ ବଡ଼ ବଡ଼ ପିଲାଙ୍କ ପାଇଁ ଉପଯୁକ୍ତ ।
(ଘ) ଶ୍ରେଣୀରେ ପ୍ରତିଯୋଗିତା ଲଗାଇ କାମ କଲେ ଶିଶୁର ଐଚ୍ଛିକ ମନୋଯୋଗ ଉତ୍ତେଜିତ ହୁଏ ।
ଉଦାହରଣ :- ୨୦ ପର୍ଯ୍ୟନ୍ତ ସଂଖ୍ୟା କିଏ ଆଗ ଲେଖି ଦେଖାଇବ? ଶିକ୍ଷକଙ୍କୁ ସନ୍ତୁଷ୍ଟ କରିବା ବା ପ୍ରଶଂସା ପାଇବା ଇଚ୍ଛାରେ ଶିଶୁମାନେ ପାଠରେ ମନୋଯୋଗ ଦିଅନ୍ତି । ଏହି ଉପାୟ ଶିଶୁ ଓ ବଡ଼ ମାନଙ୍କ ପାଇଁ ଉପଯୁକ୍ତ ।

୩. ଗାଳି, ଭର୍ତ୍ସନା, ଭୟ ପ୍ରଦର୍ଶନ ଓ ଶାରୀରିକ ଦଣ୍ଡ ଦେବା ଦ୍ୱାରା ପିଲାମାନଙ୍କର ମନୋଯୋଗ କିଛି କ୍ଷଣ ପାଇଁ ଉତ୍ତେଜିତ କରାଯାଇ ପାରେ । ଏହି ଉପାୟ ଶିଶୁ ମାନଙ୍କ ପାଇଁ ଅତ୍ୟନ୍ତ କ୍ଷତି କାରକ ।

ମନୋଯୋଗ ରକ୍ଷା କରିବା ଉପାୟ :-

ଉପର ଲିଖିତ ଦୁଇ ଉପାୟ ଦ୍ୱାରା ମନୋଯୋଗ ଉତ୍ତେଜିତ କରାଯିବ । ନିମ୍ନ ଲିଖିତ ଉପାୟ ଦ୍ୱାରା ସେମାନଙ୍କର ମନୋଯୋଗ ରକ୍ଷା କରାଯିବ ।

୧. ଶିଶୁ ଅଧିକ ସମୟ କୌଣସି କାର୍ଯ୍ୟ ମନ ଦେଇ କରିପାରନ୍ତି ନାହିଁ । ଏଣୁ ଗୋଟିଏ ପାଠ ୨୫ ବା ୩୦ ମିନିଟ୍ ରୁ

ଅଧିକ ହେବ ନାହିଁ ।

୨. ସକାଳ ଓଳି କଠିନ ପାଠ ଉପର ଓଳି ସହଜ ପାଠ ଦିଆଯିବ ।

ସାହିତ୍ୟ ପରେ ଶ୍ରୁତ ଲିଖନ, ଅଙ୍କ ପରେ ହାତ କାମ ଏପରି ଦେଲେ ପିଲାଏ ବିଶ୍ରାମ ପାଇବେ । ସାହିତ୍ୟ, ଅଙ୍କ, ପଦ୍ୟ ମୁଖସ୍ଥ, ରଚନା ସକାଳ ଓଳି ଓ ହାତକାମ, ଗଳ୍ପ ଗୀତ ଉପର ଓଳି ଦିଆଯିବ ।

୩. ସକାଳ ଓଳି ଯେଉଁ କଠିନ ବିଷୟ ଶିକ୍ଷା ଦିଆଯିବ ସେ ଗୁଡ଼ିକ ପରେ ପରେ ଶିକ୍ଷା ଦିଆ ଯିବ ନାହିଁ । ଗୋଟିଏ କଠିନ ପରେ ଗୋଟିଏ ସହଜ ବିଷୟ ରହିବ । ଉପର ଲିଖିତ ତିନୋଟି ନିୟମ ମନେ କରି ଶିକ୍ଷକ ରୁଟିନ୍ କରିବେ ।

୪. ଶିକ୍ଷକ ସ୍ପଷ୍ଟ ଉଚ୍ଚାରଣ କରି ସହଜ ଭାଷାରେ କଥା କହିବ । ତା ହେଲେ ସବୁ ପିଲା ବୁଝି ପାରିବେ । ପାଠ ନ ବୁଝିଲେ ଅମନୋଯୋଗୀ ହେବେ ।

୫. ପିଲା ମାନେ ନୂଆ ନୂଆ ବିଷୟ ଭଲ ପାଆନ୍ତି, ତେଣୁ ପାଠର ପ୍ରସଙ୍ଗ ଓ ପ୍ରଣାଳୀ ବଦଳାଇବାକୁ ହେବ । ଏକ ନିୟମରେ କାର୍ଯ୍ୟ କରିବାକୁ ପିଲାଏ ଭଲ ପାଆନ୍ତି ନାହିଁ । ସେହିପରି ଗୋଟିଏ ସ୍ଥାନରେ ସେମାନଙ୍କୁ ଅଧିକ ସମୟ ବସାଇ ରଖିବାକୁ ହେବ ନାହିଁ । କେତେବେଳେ ଠିଆ କରାଇ, କେତେବେଳେ ବସାଇ ଓ କେତେବେଳେ ବାହାରକୁ ନେଇ ଶିକ୍ଷା ଦେବାକୁ ହେବ ।

୬. ଶିକ୍ଷକ ଶିଶୁର ମୁଖ ଓ ହାତକୁ ସର୍ବଦା କାମ ଯୋଗାଉ ଥିବେ । କାର୍ଯ୍ୟ ନ ପାଇଲେ ପିଲାଏ ବଡ଼ ଅସ୍ଥିର ହୁଅନ୍ତି । ଶିକ୍ଷା ଦେଲା ବେଳେ ଶିକ୍ଷକ ପାଠ ବିଷୟରେ ପ୍ରଶ୍ନ ପଚାରୁ ଥିବେ କିମ୍ବା ପିଲାଙ୍କ ପଟାରେ ଲେଖିବେ କିମ୍ବା ପାଠ ବିଷୟରେ ହାତ କାମ ନେବେ । ଅସ୍ଥିର ଓ ଅମନୋଯୋଗୀମାନଙ୍କୁ ଅଧିକ ପ୍ରଶ୍ନ ହେବ ଓ ଅଧିକ କାର୍ଯ୍ୟ ଦିଆଯିବ ।

୭. ଶିକ୍ଷକ ଉତ୍ସାହୀ, ପ୍ରଫୁଲ୍ଲମନା ଓ ପରିଶ୍ରମୀ ହେବେ ।
ତାଙ୍କର ବୁଝାଇବାର ଶକ୍ତି ଭଲ ଥିବ । ସେ ନାନା କୌଶଳ କରି ପିଲାଙ୍କ ମନ ଆକର୍ଷଣ କରିପାରୁଥିବେ । ତାହାଙ୍କର ଶାସନ, ଶୃଂଖଳା ଜ୍ଞାନ ଭଲ ଥିବ, ପିଲାଙ୍କ ପାଇଁ ଯଥେଷ୍ଟ ସହାନୁଭୂତି ଥିବ । ଏପରି ଶିକ୍ଷକ ପିଲାଙ୍କ ମନୋଯୋଗ ଭଲ ରଖି ପାରନ୍ତି । କେହି କେହି ପିଲାଙ୍କୁ ମାଡ଼ ଗାଳି ଦେଇ ଭୟ ଦେଖାଇ ବା ଅନୁରୋଧ କରି ମନୋଯୋଗ ରକ୍ଷା କରନ୍ତି । ଏହା ଶିଶୁ ପକ୍ଷରେ କ୍ଷତି କାରକ । ଉତ୍ତମ ଶିକ୍ଷକ ପାଟିରେ ଶାସନ ନ କରି ଆଖିରେ ଅଥବା କାର୍ଯ୍ୟ ଯୋଗାଇ ଶ୍ରେଣୀର ମନୋଯୋଗ ରକ୍ଷା କରନ୍ତି ।

ଆଗ୍ରହ :-

ଆଗ୍ରହ ଦୁଇ ପ୍ରକାର ।
୧. ସ୍ୱାଭାବିକ   ୨. ଲବ୍ଧ

ସ୍ୱାଭାବିକ ଆଗ୍ରହ :-

କେହି ଅଙ୍କ ପାଠ, କେହି ସାହିତ୍ୟ ପାଠ, କେହି ହାତକାମ ଭଲ ପାରନ୍ତି । କାହାରିକୁ ଖଟା, କାହାରିକୁ ମିଠା ଭଲଲାଗେ । ଏହା ସ୍ୱାଭାବିକ ଆଗ୍ରହ ।

ଲବ୍ଧ ଆଗ୍ରହ :-

ଗୋଟିଏ ବିଷୟ ଆମକୁ ଭଲ ଲାଗେ ନାହିଁ ବା ସେଥିରେ ପ୍ରଥମେ ଆଗ୍ରହ ନ ଥାଏ । ମାତ୍ର ଯାହା ଭଲ ଲାଗେ ତାହା ସହିତ ଯଦି ଆଗ୍ରହ ନ ଥିବା ବିଷୟର ସଂବନ୍ଧ ସୃଷ୍ଟି ହୁଏ ତେବେ ଭଲ ଲାଗୁ ନ ଥିବା ବିଷୟ ପ୍ରତି ଆଗ୍ରହ ଜନ୍ମିବ ।
ଉଦାହରଣ :-
ପୂର୍ବେ ଆମର ଜାହାଜ ବିଷୟରେ ଜାଣିବାର ଆଗ୍ରହ ନ ଥିଲା । ବର୍ତ୍ତମାନ ଆମ ଭାଇ ଜାହାଜରେ ଚଢ଼ି ବିଲାତ ଯାଉଛନ୍ତି । ତେଣୁ ଜାହାଜ ବିଷୟ ଜାଣିବାକୁ ଆଗ୍ରହ ଜନ୍ମିଛି । ଏହା ଲବ୍ଧ ଆଗ୍ରହ । ଶିଶୁର ଗଣନା ଶିଖିବାର ଆଗ୍ରହ ନ ଥାଏ ମାତ୍ର ସେହି ଶିକ୍ଷା ତାକୁ ଖେଳନା ପଦାର୍ଥରେ ଦିଆଗଲେ ସେ ଗଣନା ପ୍ରତି ଆଗ୍ରହ ପ୍ରକାଶ କରିବ । ଶିକ୍ଷକଙ୍କୁ ମନେ ରଖିବାକୁ ହେବ ପୂର୍ବ ଜ୍ଞାନ ବା ପୂର୍ବ ଆଗ୍ରହ ସହିତ ନୂଆ ପାଠର ସଂବନ୍ଧ ରଖି ଶିକ୍ଷା ଦେଲେ, ପିଲା ମାନଙ୍କର ପାଠ ପ୍ରତି ଆଗ୍ରହ ଜନ୍ମିବ ।

ପାଠରେ ପିଲାର ଆଗ୍ରହ କିପରି ଜନ୍ମାଯାଇପାରେ :-

୧. ପାଠ ପ୍ରତି ଶିଶୁର କୌତୂହଳ ଜନ୍ମାଇବା ଦ୍ୱାରା । ଯେତେବେଳେ ପାଠର ବିଷୟ ଏପରି ହୁଏ ଯେ ଶିଶୁ ଦେଖିବା ବା ଶୁଣିବା ମାତ୍ରେ ତାହା ଜାଣିବାକୁ ଇଚ୍ଛା ପ୍ରକାଶ କରେ ବା ଶିକ୍ଷକଙ୍କୁ ପ୍ରଶ୍ନ କରେ ସେତେବେଳେ ଜଣାଯାଏ, ପାଠରେ ତାର ଆଗ୍ରହ ଜନ୍ମିଛି । ଶିଶୁର କୌତୂହଳ ବଢ଼ାଇବା ପାଇଁ ଶିକ୍ଷକ ପାଠ ସଂବନ୍ଧରେ ପ୍ରଶ୍ନ ପଚାରିବେ । ପାଠ ସମ୍ବନ୍ଧୀୟ ପଦାର୍ଥର ଛବି ବା model ଦେଖାଇବେ । କିମ୍ବା ପାଠର ଉଦ୍ଦେଶ୍ୟ କହିବ ।
ଉଦାହରଣ ସ୍ୱରୂପ:-
ରମା ଶବ୍ଦ ପଠନ ଶିକ୍ଷା ଦେଲା ବେଳେ ଶିକ୍ଷକ ଯଦି ରମାର ଚିତ୍ର ଦେଖାନ୍ତି, ତାହା ବିଷୟରେ ଗୋଟିଏ ଛୋଟ ଗଳ୍ପ କହନ୍ତି, ଶିଶୁ ସେ ଶବ୍ଦଟିକୁ ଲେଖିବାକୁ ଓ ପଢ଼ିବାକୁ ଆଗ୍ରହ ପ୍ରକାଶ କରିବ ।

୨. ପୂର୍ବ ଆଗ୍ରହ କିମ୍ବା ପୂର୍ବ ଜ୍ଞାନ ସହିତ ସମ୍ବନ୍ଧ ରଖି ନୂଆ ପାଠ ଶିକ୍ଷା ଦିଆଗଲେ ଶିଶୁମାନେ ଆଗ୍ରହ ପ୍ରକାଶ କରିବେ । ପ୍ରାୟ ଦେଖାଯାଏ ଗଣା ଶିକ୍ଷାରେ ଶିଶୁମାନଙ୍କର ସ୍ୱାଭାବିକ ଆଗ୍ରହ ନ ଥାଏ । ମାତ୍ର ଭିନ୍ନ ଭିନ୍ନ ଖେଳିବା ପଦାର୍ଥ, ଛବି, ଗଳ୍ପରେ ସେମାନଙ୍କର ଆଗ୍ରହ ଥାଏ । ଏଣୁ ଛବି, କାଠି, ମଂଜି, ଗୁଳି, ରଙ୍ଗୀନ ଚିତ୍ର, ବା ପଦାର୍ଥ ସାହାଯ୍ୟରେ ଗଣନା ଶିକ୍ଷା ଦେଲେ ଶିଶୁ ମାନଙ୍କର ଗଣନାରେ ଆଗ୍ରହ ଜନ୍ମିବ । ଯାହା ସଂପୂର୍ଣ୍ଣ ନୂଆ, ଯେଉଁ ପାଠ ଅତି କଠିନ ସେଥିରେ ପିଲାମାନଙ୍କର ଆଗ୍ରହ ନ ଥାଏ । ଏଣୁ ଶିଶୁର ବୟସ, ପୂର୍ବ ଜ୍ଞାନ ବିବେଚନା କରି ନୂଆ ପାଠ ପସନ୍ଦ କରିବାକୁ ହେବ ।

ଶିଶୁ ମାନଙ୍କ ପାଇଁ କେଉଁ ପ୍ରକାରର ମନୋଯୋଗ ଉପଯୁକ୍ତ :-

ମନୋଯୋଗ ଦୁଇ ପ୍ରକାର ଯଥା - ଐଚ୍ଛିକ, ଅନୈଚ୍ଛିକ । ଐଚ୍ଛିକ ମନୋଯୋଗ ପାଇଁ ଚିନ୍ତା, ବିବେଚନା, ଚେଷ୍ଟା ଓ ଭଲ ମନ୍ଦ ବିଚାରର ଦରକାର ହୁଏ । ମାତ୍ର ଅନୈଚ୍ଛିକ ମନୋଯୋଗ ପାଇଁ ଏ ସବୁର ଦରକାର ହୁଏ ନାହିଁ । ବିଷୟର

ଆକର୍ଷଣ ଯୋଗୁଁ ଯେଉଁ ମନୋଯୋଗ ହୁଏ ତାହା ଅନୈଚ୍ଛିକ । ଶିଶୁମାନଙ୍କର ଇଚ୍ଛା ଭଲ ମନ୍ଦ ବିଚାର ଏ ସବୁ ନ ଥାଏ । ଏଣୁ ଅନୈଚ୍ଛିକ ମନୋଯୋଗ ଏହି ମାନଙ୍କ ପାଇଁ । । ଏଣୁ ଶିକ୍ଷକ ନାନା ଉପାୟରେ ପାଠକୁ ଚିତ୍ତାକର୍ଷକ କରିବେ । ଯେଉଁ ବିଷୟ ପ୍ରତି ଶିଶୁର ମନୋଯୋଗ ନାହିଁ ମାତ୍ର ତାହା ଶିଶୁପକ୍ଷେ ଉପକାରୀ ଶିକ୍ଷକ ସେପରି ବିଷୟ ଗୁଡ଼ିକ ପ୍ରତି ଶିଶୁର ଐଚ୍ଛିକ ମନୋଯୋଗ ଲଗାଇବାକୁ ଚେଷ୍ଟା କରିବେ ।

ଶିଶୁର ମନୋଯୋଗର ବାଧା ସମୂହ ଓ ଅମନୋଯୋଗର କାରଣ :-

୧. ଶାରୀରିକ ଦୁର୍ବଳତା, ଅଳସତା ହେତୁ କେତେକ ଶିଶୁ ପାଠରେ ଅମନୋଯୋଗୀ ହୁଅନ୍ତି ।
ପ୍ରତିକାର :-
ଏପରି ପିଲାର ସ୍ୱାସ୍ଥ୍ୟର ଉନ୍ନତି ପାଇଁ ଶିକ୍ଷକ ପିତା ମାତାଙ୍କୁ ପରାମର୍ଶ ଦେବେ । ଅଳସ ପିଲାଙ୍କୁ ଅଧିକ ପ୍ରଶ୍ନ ଓ କାର୍ଯ୍ୟ ଦେଇ ଅଳସପଣ ଛଡ଼ାଇବେ ।

୨. ଯେଉଁ ଶିଶୁର କଳ୍ପନା ଶକ୍ତି ଅତି ଅଧିକ ସେମାନଙ୍କ ମନ ପାଠରୁ ଯାଇ ଅନ୍ୟ ବିଷୟରେ ଲାଗେ ।
ପ୍ରତିକାର :-
ଏପରି ପିଲାଙ୍କୁ ଅଧିକ ପ୍ରଶ୍ନ, ରଚନା ଓ ନୂଆ କାମ ଦେଇ ସେମାନଙ୍କ କଳ୍ପନାକୁ ଉତ୍ତମ ଭାବେ ଚଳାଇବାକୁ ହେବ ।

୩. ଅନ୍ୟ ଦୃଶ୍ୟ, ବାହାରର ଗୋଳମାଳ, ପାଖରେ କିଛି ପ୍ରିୟ ବସ୍ତୁ ଥିଲେ ପିଲା ପାଠରେ ଅମନୋଯୋଗୀ ହୁଅନ୍ତି ।
ପ୍ରତିକାର :-
ଶିକ୍ଷକ ଏପରି ବାଧାକୁ ଦୂର କରିବାକୁ ପ୍ରତିକାର କରିବେ । କୌଣସି ଦୃଶ୍ୟ ବା ଘଟଣା ମନୋଯୋଗ୍ୟ ହୋଇଥିଲେ ପିଲାଙ୍କୁ ତାହା ଦେଖିବା ପାଇଁ ଛାଡ଼ି ଦେବେ, ଯେପରି ବାହାଘରର ଶୋଭାଯାତ୍ରା, ଉଡ଼ାଜାହାଜ ଇତ୍ୟାଦି ।

୪. ଶ୍ରେଣୀରେ ଅଧିକ ଗରମ ବା ଶୀତ ହେଲେ, ଘରକୁ ଆଲୁଅ ଓ ବିଶୁଦ୍ଧ ବାୟୁ ନ ଆସିଲେ ପିଲାଏ ପାଠରେ ଅମନୋଯୋଗୀ ହୁଅନ୍ତି ।
ପ୍ରତିକାର :-
ହାତକାମ, ଗୀତ, ପ୍ରକୃତିପାଠ, ବ୍ୟାୟାମ, ଏପରି ସମୟରେ ପିଲାମାନେ ବାହାରେ କୌଣସି ଛାୟା ଯୁକ୍ତ ସ୍ଥାନରେ କାର୍ଯ୍ୟ କରିପାରନ୍ତି । ଶ୍ରେଣୀ ଘରେ ଯଥେଷ୍ଟ ସଂଖ୍ୟକ ଝରକା ରହିବ । ସେଗୁଡ଼ିକ ଖୋଲା ରହିବ ।

୫. ବସିବା ସ୍ଥାନ ଆରାମଦାୟକ ନ ହେଲେ ପାଠରେ ମନ ଲାଗେ ନାହିଁ ।
ପ୍ରତିକାର :-
ପିଲା ମାନଙ୍କ ଉଚ୍ଚତା ଅନୁସାରେ ଆସନ ଥିବ । ତାହା ସାନ ବଡ଼ ହେବ । ପଛରେ ଆଉଜିବା ପାଇଁ ବ୍ୟବସ୍ଥା ଥିବ ।

୬. ପାଠର ସମୟ ଦୀର୍ଘ ହେଲେ ପିଲାମାନଙ୍କର ମନ ପାଠରୁ ଯାଇ ଅନ୍ୟ ବିଷୟରେ ଲାଗେ ।
ପ୍ରତିକାର :-
ପାଠର ସମୟ ଦୀର୍ଘ ହେବା ଉଚିତ ନୁହେଁ । କୌଣସି ପାଠ କଠିନ ହେଲେ ୪/୫ ମିନିଟ୍ ବିଶ୍ରାମ ପରେ ଅନ୍ୟ ପାଠ ଆରମ୍ଭ କରିବା ଉଚିତ ।

୭. ପାଠ ମନୋହର ନ ହେଲେ, ଅଧିକ କଠିନ ବା ସହଜ ହେଲେ, ସେଥିରେ ନୂଆ ବିଷୟ କିଛି ନ ଥିଲେ ପିଲାମାନଙ୍କ ମନୋଯୋଗ ପାଠରୁ ବିକ୍ଷିପ୍ତ ହୁଏ ।

ପ୍ରତିକାର :-
ଶିଶୁର ବୟସ ଜ୍ଞାନ ବିବେଚନା କରି ପାଠ ପସନ୍ଦ କରାଯିବ । ଶିକ୍ଷକ ଉପାୟମାନ ସୃଷ୍ଟି କରି ପିଲାର ପାଠରେ ଆଗ୍ରହ ଜନ୍ମାଇବେ ।

୮. ପିଲାଏ ଉପଯୁକ୍ତ କାର୍ଯ୍ୟ ନ ପାଇଲେ ଅସ୍ଥିର ହୁଅନ୍ତି ଓ ଅମନୋଯୋଗୀ ହୁଅନ୍ତି ।
ପ୍ରତିକାର :-
ଶିକ୍ଷକ ପିଲାର ମୁହଁ ଓ ହାତକୁ କାର୍ଯ୍ୟ ଯୋଗାଇବେ । ଅମନୋଯୋଗୀମାନଙ୍କୁ ଅଧିକ ପ୍ରଶ୍ନ ପଚାରିବେ । ପାଠ ସମୟରେ ପିଲାଏ ବହୁତ କାର୍ଯ୍ୟ କରିବେ । ଶିକ୍ଷକ କେବଳ ଠିକ୍ ବାଟରେ ଚଳାଇବେ ।

୯. ଶିକ୍ଷକଙ୍କ ଯୋଗ୍ୟତା ଭଲ ନ ଥିଲେ, ଶ୍ରେଣୀରେ ଶାନ୍ତି ଶୃଂଖଳା ରହି ପାରେ ନାହିଁ । ତେଣୁ ପିଲାଏ ଅମନୋଯୋଗୀ ହୁଅନ୍ତି ।
ପ୍ରତିକାର :-
ଶିକ୍ଷକଙ୍କର ପାଠ ବିଷୟରେ ଭଲ ଜ୍ଞାନ ଥିବ ଓ ପଢ଼ାଇବା ଶକ୍ତି ଥିବ । ସବୁ ପିଲାଙ୍କ ପ୍ରତି ଦୃଷ୍ଟି ରଖିପାରୁଥିବେ । ନାନା କୌଶଳ କରି ପିଲାଙ୍କ ମନଯୋଗ ଆକର୍ଷଣ କରି ପାରୁଥିବେ । ନିଜେ ପରିଶ୍ରମୀ, କାର୍ଯ୍ୟତତ୍ପର ଓ ପ୍ରଫୁଲ୍ଲ ମନା ଥିବେ ।
(ପ୍ରଥମ ଦୁଇଟି ପିଲାଙ୍କ ଦୋଷ, ୩ୟ, ୪ର୍ଥ, ପଂଚମ ବାହାର ବାଧା, ବାକି ଚାରିଟି ଶିକ୍ଷକଙ୍କ ଦୋଷ)

ସ୍ମରଣ ଶକ୍ତି ବା ସ୍ମୃତି

ଅର୍ଥ :- ଯେତେବେଳେ ମନ କୌଣସି ପାଇଥିବା ଜ୍ଞାନ ଅନୁଭବକୁ ଧାରଣା କରି ରଖେ ଓ ଦରକାର ପଡ଼ିଲେ ତାହା ବାହାର କରିପାରେ ସେତେବେଳେ ତାହା ସ୍ମରଣରେ ଥିଲା ବୋଲି କହୁ ।
ଉଦାହରଣ :-
ଗୁଣନ ଖନ୍ଦାରେ ଶିଶୁ ୨ × ୪ = ୮ ଶିକ୍ଷା କରିଅଛି । ମାନସାଙ୍କ ବା ଅଙ୍କ କଷିଲା ବେଳେ ଯଦି ଦରକାର ପଡ଼େ ଓ ସେ ତାହା ବ୍ୟବହାର କରିପାରେ ତେବେ ଜଣାଯାଏ ସେ ପଣିକିଆ ସ୍ମରଣ ରଖିଛି । କିନ୍ତୁ ତାକୁ ପଚାରିଲେ ଯଦି କହି ନ ପାରେ ତେବେ ଜଣାଯାଏ ତା ସ୍ମରଣରେ ନାହିଁ ।

ସ୍ମରଣ ଶକ୍ତିର ଉପକାରିତା :-

୧. ଜ୍ଞାନୋପାର୍ଜନ ନିମନ୍ତେ ସ୍ମରଣ ଶକ୍ତି ଅତ୍ୟାବଶ୍ୟକ, ନୋହିଲେ, ଆମେ ଯାହା ଶିଖୁ ତାହା ଭୁଲି ଯିବୁ, ଅଧିକ ଅଧିକ ଜ୍ଞାନ ପାଇ ପାରିବୁ ନାହିଁ ।

୨. ଯେଉଁ ଉତ୍ତମ ଅଭ୍ୟାସମାନ ଆମେମାନେ ଶିଖୁ ସେ ସବୁ ଯଦି ଭୁଲି ଯାଆନ୍ତୁ ତେବେ ଆମର ଚରିତ୍ର ଗଠନ ହୋଇ ପାରନ୍ତା ନାହିଁ । ପ୍ରତ୍ୟେକ ଦିନ ଆମେ ଦେଖୁ ଆମ ସ୍ମରଣରୁ ଅନେକ କାମ ହେଉଛି । ଏଣୁ ସ୍ମରଣ ଶକ୍ତି ଜୀବନ ପାଇଁ ଅତ୍ୟନ୍ତ ପ୍ରୟୋଜନ ।

ଦୁଇ ପ୍ରକାର ସ୍ମରଣ ଶକ୍ତି :- ଯଥା – ୧. ଶବ୍ଦାଶ୍ରୟୀ ୨. ଅର୍ଥାଶ୍ରୟୀ ।
ଏହି ଦୁଇ ଉପାୟରେ ଆମ୍ଭେମାନେ ବିଷୟସବୁ ମନରେ ରଖୁ ।

ଶବ୍ଦାଶ୍ରୟୀ ସ୍ମୃତି ସାହାଯ୍ୟରେ ପଦ୍ୟ, ଗଦ୍ୟାଂଶ, ଗୁଣନ ଖନ୍ଦା, ପଣିକିଆ, ଅଙ୍କସୂତ୍ର, ଭୂଗୋଳ, ବ୍ୟାକରଣର ସଂଜ୍ଞା, ସାହିତ୍ୟର ନୂଆ ନୂଆ ଶବ୍ଦ ଓ ଇତିହାସର ସାଲ ମୁଖସ୍ଥ କରୁ ଓ ଦରକାର ବେଳେ ସେ ସବୁ ବାହାର କରି କାର୍ଯ୍ୟରେ ଲଗାଉ । ଏହି ସ୍ମୃତି ସାହାଯ୍ୟରେ ଭାଷା ବା ଶବ୍ଦ ମୁଖସ୍ଥ କରିବାକୁ ହୁଏ ।

ଅର୍ଥାଶୟୀ ସ୍ମୃତି ସାହାଯ୍ୟରେ ଆମେମାନେ ଅନେକ କଥା ସ୍ମରଣ ରଖୁ । ବିଦ୍ୟାଳୟରେ ସାହିତ୍ୟ, ଇତିହାସ, ଭୂଗୋଳ, ପ୍ରକୃତି ପାଠ, ସ୍ୱାସ୍ଥ୍ୟରକ୍ଷା, ଗଳ୍ପ ରଚନା, ହାତକାମ ଏ ସବୁ ମନେ ରଖୁ । ଅର୍ଥାଶ୍ରୟୀ ସ୍ମୃତି ସାହାଯ୍ୟରେ ବିଷୟର ଭାବ, ଅର୍ଥ ବା ସାରକଥା ମନେ ରଖିବାକୁ ହୁଏ ।

ସମସ୍ତଙ୍କ ସ୍ମରଣ ଶକ୍ତି ସମାନ ନୁହେଁ :-

ନିମ୍ନ ଲିଖିତ ଚାରି ପ୍ରକାର ମନୁଷ୍ୟ ଆମେମାନେ ଦେଖୁଁ ।

(କ) କେହି କେହି ଗୋଟିଏ ବିଷୟ ସହଜରେ ଶୀଘ୍ର ଶିଖନ୍ତି ଓ ତାହା ଅନେକ ଦିନ ପର୍ଯ୍ୟନ୍ତ ମନେ ରଖି ପାରନ୍ତି (ବେଗଚିରା) ।

(ଖ) କେହି କେହି ଗୋଟିଏ ଗୋଟିଏ ବିଷୟ ବିଳମ୍ବରେ ଓ କଷ୍ଟରେ ଶିଖନ୍ତି, କିନ୍ତୁ ଅନେକ ଦିନ ପର୍ଯ୍ୟନ୍ତ ମନେ ରଖି ପାରନ୍ତି (ଚିରଚିରା) ।

(ଗ) କେହି କେହି ବିଷୟଟି ଶୀଘ୍ର ଶିଖନ୍ତି ଓ ଶୀଘ୍ର ଭୁଲି ଯାଆନ୍ତି (ବେଗବେଗା) ।

(ଘ) କେହି କେହି ବିଳମ୍ବରେ କଷ୍ଟରେ ଶିଖନ୍ତି ଓ ଶୀଘ୍ର ଭୁଲି ଯାଆନ୍ତି (ଚିରବେଗା) ।

ସ୍ମରଣ ଶକ୍ତି କେଉଁ କେଉଁ ବିଷୟ ଉପରେ ନିର୍ଭର କରେ :-

ଅର୍ଥାତ୍

ଉତ୍ତମ ସ୍ମୃତି ଚାଳନା ପାଇଁ କଣ କଣ ଆବଶ୍ୟକ

ସ୍ମୃତିଶକ୍ତି ଭଗବାନଙ୍କର ଦାନ । ଏହା ମସ୍ତିଷ୍କ ଗଠନ ଅନୁସାରେ କମ୍ ବା ବେଶୀ ହୋଇଥାଏ । ଶିକ୍ଷକ କାହାରି ସ୍ମୃତିଶକ୍ତିକୁ ବଢ଼ାଇ ପାରନ୍ତି ନାହିଁ ମାତ୍ର ଯାହା ଅଛି ତାହା ଉତ୍ତମ ରୂପେ ଚାଳି ପାରନ୍ତି । ସ୍ମରଣ କାର୍ଯ୍ୟ ଭଲ ହେବା ପାଇଁ ନିମ୍ନ ଲିଖିତ ବିଷୟ ଗୁଡ଼ିକ ମନେ ରଖି କାର୍ଯ୍ୟ କରିବାକୁ ହେବ ।

୧. ଉତ୍ତମ ସ୍ମରଣ ଶକ୍ତି ପାଇଁ ଶରୀର ଓ ମନର ସତେଜତା ଆବଶ୍ୟକ । ଶରୀର ଦୁର୍ବଳ ବା ଅସୁସ୍ଥ ଥିଲେ ପୁଣି ମନ ଭଲ ନ ଥିଲେ ଆମେ କୌଣସି ଏକ ବିଷୟ କଷ୍ଟରେ ମନେ ରଖୁ କିମ୍ବା ଶୀଘ୍ର ଭୁଲି ଯାଉ । ତେଣୁ ସ୍ମରଣ କାର୍ଯ୍ୟ ଭଲ ଚଳାଇବା ପାଇଁ ଉତ୍ତମ ସ୍ୱାସ୍ଥ୍ୟ ଓ ପ୍ରଫୁଲ୍ଲ ମନ ଦରକାର । ବାର୍ଦ୍ଧକ୍ୟରେ ସ୍ମୃତିଶକ୍ତି କମିଯାଏ । କିନ୍ତୁ ବାଲ୍ୟକାଳରେ ଭଲ ଥାଏ । ତେଣୁ ଶୈଶବ କାଳରୁ ବିଦ୍ୟା ଆରମ୍ଭ କରିବା ଉଚିତ ।

୨. ଯାହା ଆମେ ଶୁଣୁ ତାହାର ଅର୍ଥ ଯେବେ ବୁଝିପାରୁ ତେବେ ତାହା ମନେ ରଖିବାକୁ ସହଜ ଲାଗେ । କିନ୍ତୁ ଅତି କଠିନ, ଅତି ନୂଆ ଓ ଅସ୍ପଷ୍ଟ ବିଷୟମାନ ଶୀଘ୍ର ଭୁଲି ଯାଉ । ଏଣୁ ଶିକ୍ଷକ ଶିଶୁର ବୟସ ଓ ଜ୍ଞାନ ବିବେଚନା କରି ପାଠ ପସନ୍ଦ କରିବେ, ଭଲ ରୂପେ ବୁଝାଇବେ ।

୩. ପୁନରୁକ୍ତି, ପୁନରାଲୋଚନା ଉପରେ ସ୍ମରଣ ଶକ୍ତି ନିର୍ଭର କରେ । ଗୋଟିଏ ବିଷୟ ଥରେ ପଢ଼ିଲେ ବା ଶୁଣିଲେ ଯେତେ ମନେ ରହେ ନାହିଁ ସେହି ବିଷୟ ବାରମ୍ବାର ଶୁଣିଲେ ବା ପଢ଼ିଲେ ଅଧିକ ମନେ ରହେ । ତେଣୁ ଶିକ୍ଷକ ପ୍ରଧାନ ପ୍ରଧାନ ବିଷୟମାନ ପୁନରାଲୋଚନା କରିବେ । ଗୋଟିଏ ଦିନରେ ଅନେକ ଥର ପୁନରାଲୋଚନା କରିବା ଅପେକ୍ଷା ମଝିରେ ମଝିରେ କରିବା ଭଲ ।

୪. ଅଭିଜ୍ଞତା ଯେତେ ଆଧୁନିକ ହେବ, ବିଷୟ ମନେ ରଖିବା ସେତେ ସହଜ ହେବ । ବର୍ଷ ଆରମ୍ଭରେ ପିଲାଏ ଶିଖିଲା ବେଳେ ଯେତେ ମନେ ରଖନ୍ତି ପରେ ତାହା ଭୁଲି ଯାଆନ୍ତି । ସେଥିପାଇଁ ବର୍ଷ ମଧ୍ୟରେ ପାଠ ସବୁ ପୁନରାଲୋଚନା ହେବା ଭଲ । ମାସକର ପାଠ ମାସ ଶେଷରେ, ତିନି ମାସର ପାଠ ତିନି ମାସ ଶେଷରେ, ୬ ମାସର ପାଠ ଛଅ ମାସ ଶେଷରେ, ୯ମାସର ପାଠ ନଅ ମାସ ଶେଷରେ ଓ ବର୍ଷକର ପାଠ ବର୍ଷ ଶେଷରେ ଆଲୋଚନା କରିବା ଉଚିତ ।

୫. ଶିକ୍ଷାଦାନ ସମୟରେ ପାଠର ସାରାଂଶ ବା ପ୍ରଧାନ ପ୍ରଧାନ ବିଷୟ କଳାପଟାରେ ଲେଖିଦେଲେ, ପିଲାଏ ତାହା ଖାତାରେ ଲେଖି ନେଇ ପାରନ୍ତି । ତେଣୁ ସେ ସବୁ ମନେ ରଖିବା ସହଜ ହୁଏ ।

୬. ନୂଆ ବିଷୟସବୁ ପୂର୍ବଜ୍ଞାନ ସହିତ ସଂଯୁକ୍ତ କରିଦେଲେ ସ୍ମରଣରେ ରଖିବାକୁ ସହଜ ହୁଏ । କାରଣ ଭାବ ସବୁ ପୃଥକ୍ ପୃଥକ୍ ହୋଇ ମନରେ ରହିପାରେ ନାହିଁ । ଏଣୁ ଶିକ୍ଷକ ଭାବ ସଂଯୋଗ ର ନିୟମମାନ ଜାଣି ଶିକ୍ଷାଦାନରେ ସେ ସବୁ ପ୍ରୟୋଗ କରିବେ ।

୭. ଆମେ ଯାହା ଶିଖୁଁ ତାହା ଯଦି ସେହି କ୍ଷଣି କାମରେ ଲଗାଉ କିମ୍ବା ମୁହଁରେ କିମ୍ବା ଲେଖାରେ ପ୍ରକାଶ କରୁ

ତାହାହେଲେ ସେ ନୂଆ ବିଷୟଟି ମନେ ରହିଯାଏ ।
ଉଦାହରଣ ସ୍ୱରୂପ :-
ନୂଆ ଅଙ୍କ ବୁଝିଲା ବେଳେ ସେହିପରି କେତେ ଖଣ୍ଡ ଅଙ୍କ ପିଲାମାନେ ଯଦି ନିଜେ ନିଜେ କଷିବେ ତାହା ହେଲେ ନୂଆ ଅଙ୍କର ନିୟମ ଭଲ ମନେ ରହିବ । ସେହିପରି ପାଠ୍ୟ ବିଷୟର ସାରକଥା କହିଲେ ବା ଲେଖିଲେ ପିଲାଙ୍କର ଭଲ ମନେ ରହେ । ଶିକ୍ଷକ ସାରକଥା ଲେଖାଇବେ ବା ସେ ବିଷୟରେ ପ୍ରଧାନ ପ୍ରଧାନ ପ୍ରଶ୍ନ ପଚାରିବେ ।

ଉତ୍ତମ ସ୍ମୃତି ଚାଳନା ଓ ମନ୍ଦ ସ୍ମୃତି ଚାଳନା

ଯେଉଁ ସ୍ମୃତିଶକ୍ତି ପ୍ରଧାନ ପ୍ରଧାନ ଭାବ ଗୁଡ଼ିକୁ ଧାରଣ କରିବା ପାଇଁ ଅପ୍ରଧାନ ଓ ଅଦରକରୀ ବିଷୟ ଗୁଡ଼ିକୁ ପରିତ୍ୟାଗ କରେ ଓ ଦରକାର ବେଳେ ସେହି ବିଷୟକୁ କାର୍ଯ୍ୟରେ ଲଗାଇ ପାରେ ତାକୁ ଉତ୍ତମ ସ୍ମୃତି ଚାଳନା କହନ୍ତି ।

ଉଦାହରଣ :-
ଯେଉଁ ଶିଶୁ ପଠନ ସମୟରେ ଶବ୍ଦ ଗୁଡ଼ିକ ମୁଖସ୍ଥ ନ କରି ଅକ୍ଷରର ଆକାର ଚିହ୍ନି ଚିହ୍ନି ପଢ଼େ

ଓ ଅନ୍ୟ ପୁସ୍ତକରୁ ମଧ୍ୟ ସେ ସବୁ ଶବ୍ଦ ପଢ଼ିପାରେ ତେବେ ଜଣାଯାଏ ଯେ, ସେ ତାର ସ୍ମୃତିକୁ ଉତ୍ତମ ରୂପେ ଚଳାଇ ଅଛି । ଇତିହାସ, ସାହିତ୍ୟ, ଭୂଗୋଳ, ଗଳ୍ପ, ଏ ସବୁ କଥାରେ କେବଳ ପିଲାଏ ସାରକଥା ମନେ ରଖିବେ ପୁଣି ଦରକାର ପଡ଼ିଲେ ତାକୁ ବ୍ୟବହାର କରିବେ ।

ବିଷୟର ପ୍ରଧାନ ଅପ୍ରଧାନ, ଦରକାରୀ ଅଦରକାରୀ କଥା ନ ବୁଝି ଯେ ସବୁ ମନେ ରଖିବାକୁ ଚେଷ୍ଟା କରେ କିମ୍ବା ମୁଖସ୍ଥ କରେ ତାହାର ସ୍ମୃତି ଚାଳନା ମନ୍ଦ ଅଟେ । କାରଣ ଦରକାର ପଡ଼ିଲେ ସେ ସେହି ଜ୍ଞାନକୁ ବ୍ୟବହାର କରି ପାରେ ନାହିଁ । ଆମେ ଅନେକ ବିଷୟରେ ପଢୁ, ଶୁଣୁ ଓ ଦେଖୁ କିନ୍ତୁ ସବୁ ବିଷୟ ସ୍ମରଣରେ ରଖିବାକୁ ଚେଷ୍ଟାକଲେ ସ୍ମୃତିଶକ୍ତି ଅଯଥା ଭାବରେ ଖର୍ଚ୍ଚ ହେବ । ପୁଣି ନୂଆ ନୂଆ ବିଷୟ ଶିଖିବାକୁ ମଗଜରେ ଶକ୍ତି ନ ଥିବ । ପଠନ ସମୟରେ ଶିଶୁ ଅକ୍ଷର ନ ଚିହ୍ନି ଯଦି ଶବ୍ଦ ବାକ୍ୟ ଗୁଡ଼ିକୁ ମୁଖସ୍ଥ କରି ଥାଏ ତାହା ହେଲେ ସେ ଅନ୍ୟ ପୁସ୍ତକ ପଢ଼ି ପାରିବ ନାହିଁ । ଏହା ଶିଶୁର ମନ୍ଦ ସ୍ମୃତିଚାଳନା । ଯେଉଁ ଶିକ୍ଷକ ଇତିହାସ, ଭୂଗୋଳ, ଗଳ୍ପ, ସ୍ୱାସ୍ଥ୍ୟରକ୍ଷା, ସାହିତ୍ୟ ଏପରି ପାଠ ଶେଷରେ ଅନେକ ଅଦରକାରୀ ପ୍ରଶ୍ନ ପଚାରନ୍ତି କିମ୍ବା ଶେଷକୁ ପାଠର ନୋଟ୍ ମୁଖସ୍ଥ କରାନ୍ତି କିମ୍ବା ବହିର ଭାଷା ମୁଖସ୍ଥ କରିବାକୁ ଅନୁମତି ଦିଅନ୍ତି ତେବେ ସେ ଶିଶୁ ସ୍ମୃତିକୁ ମନ୍ଦ ରୂପେ ଚାଳନା କରନ୍ତି । ଶିକ୍ଷକଙ୍କର ଉଚିତ ଯେପରି ପିଲାମାନେ ପାଠରୁ ପ୍ରଧାନ ପ୍ରଧାନ ବିଷୟ କିମ୍ବା ସାର କଥା ମନେ ରଖିବେ ଏଥିପାଇଁ ଚେଷ୍ଟା କରିବେ ।

ବିଦ୍ୟାଳୟରେ ପିଲାଏ କେଉଁ ବିଷୟରେ କାହିଁକି ମୁଖସ୍ଥ କରିବେ

୧. ମନୋହର ଉତ୍ତମ ପଦ୍ୟ ବା ଗଦ୍ୟାଂଶ ପିଲାଏ ମୁଖସ୍ଥ କରିପାରନ୍ତି । ଏଥିରେ ସେମାନେ ନିଜେ ଓ ଅନ୍ୟକୁ ଶୁଣାଇବା ଦ୍ୱାରା ଆନନ୍ଦ ପାଆନ୍ତି । ପିଲାଙ୍କର ଭାଷା ଜ୍ଞାନ ମଧ୍ୟ ଭଲ ହୁଏ । ପିଲାଙ୍କର ବୟସ ଓ ଜ୍ଞାନ ଦେଖି ଉପଯୁକ୍ତ ବିଷୟ ମୁଖସ୍ଥ କରିବାକୁ ପସନ୍ଦ କରିବେ । ମୁଖସ୍ଥ କରିବା ଆଗରୁ ପିଲାମାନେ ଆଗେ ତାହାର ଅର୍ଥ ବୁଝିବେ । କାରଣ ଅର୍ଥ ନ ବୁଝି ମୁଖସ୍ଥ କଲେ କିଛି ଫଳ ହୁଏ ନାହିଁ ।

୨. ପଣକିଆ, ଅଙ୍କ ସୂତ୍ର, ଭୂଗୋଳର ସଂଜ୍ଞା, ବ୍ୟାକରଣ ସୂତ୍ର, ସାହିତ୍ୟ ଓ ପ୍ରକୃତି ପାଠରୁ ନୂଆ ନୂଆ ଶବ୍ଦ ଶିଶୁମାନେ ମୁଖସ୍ଥ କରିବେ । ଭୂଗୋଳର ସଂଜ୍ଞା ଓ ବ୍ୟାକରଣର ସୂତ୍ର ଉଚ୍ଚ ଶିକ୍ଷାକୁ ସାହାଯ୍ୟ କରେ । ଏ ସବୁ ମୁଖସ୍ଥ କରିବା ଆଗରୁ ଉଦାହରଣ ସାହଯ୍ୟରେ ଅର୍ଥ ବୁଝିବା ଉଚିତ । ଉଚ୍ଚ ଶ୍ରେଣୀ ମାନଙ୍କରେ ପିଲାଏ ଇତିହାସର ପ୍ରଧାନ ପ୍ରଧାନ ସାଲ ମୁଖସ୍ଥ କରି ପାରନ୍ତି । ଦେଶର ପ୍ରଧାନ ପ୍ରଧାନ ଘଟଣା କେବେ ଘଟି ଥିଲା ତାହା ଜାଣିବା ଉଚିତ ।

ବିଦ୍ୟାଳୟରେ ଶିଶୁ ସ୍ମରଣ ଶକ୍ତି କିପରି ଚାଳିତ ହେବ

୧. ପିଲାମାନଙ୍କର ସ୍ମରଣ ଶକ୍ତି ଯେପରି ଅଯଥା ଖରଚ ନ ହୁଏ ସେଥିପାଇଁ ପାଠର ପ୍ରଧାନ ଅପ୍ରଧାନ ବିଷୟ ପୃଥକ୍ କରାଯିବ ଅର୍ଥାତ୍ ପିଲାଏ ଦରକାରୀ କଥା ମନେ ରଖିବେ । ନୂତନ ପାଠ ଶିକ୍ଷା ଦେଲେ ଶିକ୍ଷକ କଳାପଟାରେ ସାରାଂଶ ବା ପ୍ରଧାନ ବିଷୟ ଲେଖିବେ । ପାଠ ଶେଷରେ ପିଲାଏ ସାର କଥା କହିବେ । କିମ୍ୱା ପାଠ ଶେଷରେ ପ୍ରଧାନ ବିଷୟ କେତୋଟି ପଚରାଯିବ । ପିଲାଏ ବହିର ପ୍ରଧାନ ବିଷୟ ତଳେ ଗାର ଦେଇ ପଢ଼ିବେ ।

୨. ବିଷୟ ସବୁ ପିଲାଙ୍କ ସ୍ମରଣରେ ରହିବା ପାଇଁ ପାଠ ଶ୍ରେଣୀ ଭାଗ କରି ଶୃଂଖଳାରେ ଶିକ୍ଷା ଦିଆଯିବ ।

୩. ପୂର୍ବ ଜ୍ଞାନ ସଙ୍ଗେ ସମ୍ବନ୍ଧ ରଖି ନୂଆ ଜ୍ଞାନ ଶିକ୍ଷା ଦିଆଯିବ ।

୪. କୌଣସି ପାଠ ଅଧିକ ସମୟ ପର୍ଯ୍ୟନ୍ତ ଦିଆଯିବ ନାହିଁ । କାରଣ ମନ ଥକିଗଲେ, ସ୍ମରଣରେ ରଖିବା କଷ୍ଟକର ।

୫. ଉତ୍ତମ ସ୍ମରଣ ଶକ୍ତି ପାଇଁ ଉତ୍ତମ ସ୍ୱାସ୍ଥ୍ୟ ଓ ପ୍ରଫୁଲ୍ଲ ମନ ଦରକାର । ପିଲାଏ ସ୍କୁଲ୍ ରେ ବ୍ୟାୟାମ କରିବେ, ବିଶୁଦ୍ଧ ବାୟୁ ସେବନ କରିବେ । ଭଲ ଖାଦ୍ୟ ବିଷୟରେ ପରାମର୍ଶ ଦିଆଯିବ ।

୬. ଯାହା ପିଲାଙ୍କ ମନକୁ ପାଏ ନାହିଁ ସେପରି ବିଷୟରେ ସେମାନେ ମନୋଯୋଗ ଦିଅନ୍ତି ନାହିଁ । ମନୋଯୋଗ ନ ଦେଲେ ସ୍ମରଣରେ ରହିବ ନାହିଁ ।ଏଣୁ ପାଠକୁ ନାନା ଉପାୟରେ ମନୋହର କରିବାକୁ ହେବ ।

୭. ଯେଉଁ ବିଷୟରେ ଯେତେ ଅଧିକ ଇନ୍ଦ୍ରିୟ ଚାଳନା କରି ପିଲାଏ ଶିକ୍ଷା କରନ୍ତି ସେ ବିଷୟ ସେତେ ଶୀଘ୍ର ମନେ ରହେ । ଏଣୁ ପାଠଦାନ ବେଳେ ଶିକ୍ଷକ ଶିଶୁର ବିଭିନ୍ନ ବିଭିନ୍ନ ଇନ୍ଦ୍ରିୟ ଚାଳନା କରି ଶିକ୍ଷା ଦେବେ । ଶ୍ରେଣୀକୁ ଉପକରଣ, ଛବି ବା ପ୍ରକୃତ ବସ୍ତୁ ଆସିବା ଉଚିତ ।

୮. ଅର୍ଥ ବୁଝିଲେ ମୁଖସ୍ଥ ଭଲ ହୁଏ । ଏଣୁ ପଦ୍ୟ ବା ଗଦ୍ୟ ମୁଖସ୍ଥ କରିବା ପୂର୍ବରୁ ଅର୍ଥ ପିଲାଏ ବୁଝିବା ଦରକାର ।

୯. ସ୍ମୃତିର ଅନ୍ୟତମ ନିୟମ ଯେଉଁ ବିଷୟ ଯେତେ ପୁନରୁକ୍ତି, ପୁନରାଲୋଚନା ହେବ ତାହା ସେତେ ମନେ ରହିବ । ଏଣୁ କଠିନ ଓ ପ୍ରଧାନ ପ୍ରଧାନ ବିଷୟମାନ ଥର କୁ ଥର ପୁନରୁକ୍ତି ଓ ପୁନରାଲୋଚନା କରାଗଲେ ବା କାର୍ଯ୍ୟରେ ଲଗାଗଲେ ତେବେ ତାହା ସ୍ମରଣରେ ରଖିବା ସହଜ ହୁଏ ।

ବିଶେଷ କଥା:- ଆଗ୍ରହରୁ ମନୋଯୋଗ ଓ ମନୋଯୋଗରୁ ସ୍ମରଣ ଜନ୍ମେ । ଏଣୁ ପାଠ ପ୍ରତି ଆଗ୍ରହ ଓ ମନୋଯୋଗ ରକ୍ଷା କରିବା ପ୍ରଧାନ ବିଷୟ । ।-

ସ୍ମରଣ ରଖିବା ଓ ଭୁଲି ଯିବାର ନିୟମ

୧. ସ୍ମରଣ ପୁନରୁକ୍ତି ଅର୍ଥାତ୍ ବାରମ୍ବାର ପଢ଼ିବା ଉପରେ ନିର୍ଭର କରେ ।

୨. ସ୍ମରଣ ପୁନରାଲୋଚନା ଅର୍ଥାତ୍ ମଝିରେ ମଝିରେ ପଢ଼ିଥିବା ବିଷୟକୁ ଆଲୋଚନା କରିବା ଉପରେ ନିର୍ଭର କରେ । ଏଣୁ ୩, ୬, ୯ ମାସରେ ପୁନାରଲୋଚନା ହେବା ଉଚିତ୍ ।

୩. ପାଠ୍ୟ ବିଷୟ ଯେତେ ଶୀଘ୍ର ଶୀଘ୍ର ପଢ଼ିବ ସେତେ ତାହା ଭଲ ମନେ ରଖି ପାରିବୁ । ଏଣୁ ମୁଖସ୍ଥ କରିବା ବିଷୟ ପ୍ରଥମେ ଅର୍ଥ ବୁଝି ଧୀରେ ଧୀରେ ପଢ଼ି ପରେ ଶୀଘ୍ର ଶୀଘ୍ର ପଢ଼ା ଯିବା ଉଚିତ ।

୪. ପଦ୍ୟର ଯତିପାତ, ଛନ୍ଦ ସ୍ମରଣ ରଖିବାକୁ ସାହାଯ୍ୟ କରନ୍ତି ।

୫. କୌଣସି ବିଷୟ ମୁଖସ୍ଥ କଲା ବେଳେ ପ୍ରଥମେ ଶୀଘ୍ର ଶୀଘ୍ର ଭୁଲୁ ତତ୍ପରେ ଧୀରେ ଧୀରେ ଭୁଲୁ । ବାରମ୍ବାର ଅଭ୍ୟାସ କଲେ ତାହା ସ୍ମରଣରେ ରହେ ।

୬. ସ୍ମରଣ ଶକ୍ତି ବୟଃ ପ୍ରାପ୍ତ ହେବା ପର୍ଯ୍ୟନ୍ତ ବୃଦ୍ଧି ପାଏ । ୪୦ ବର୍ଷ ପର୍ଯ୍ୟନ୍ତ ସମାନ ରହେ, ପରେ ହ୍ରାସ ହୁଏ । ଏଣୁ ବେଶୀ ବୟସରେ ପଢ଼ା ଆରମ୍ଭ କରିବା ଉଚିତ୍ ନୁହେଁ ।

୭. ଗୋଟିଏ ନୂଆ ବିଷୟ ଶିଖିଲା ପରେ ବିଶ୍ରାମ ନ ନେଇ ଆଉ ଗୋଟିଏ ନୂଆ ବିଷୟ ଶିଖିଲେ ପୂର୍ବ ବିଷୟ ପାଶୋର ଯାଏ । ଲବ୍ଧ ଜ୍ଞାନକୁ ମନରେ ଅଙ୍କିତ କରିବା ପାଇଁ ସମୟ ଦରକାର । ଶ୍ରେଣୀରେ କଠିନ ବିଷୟ ଶିକ୍ଷା ଦେବା ପରେ ୫-୬ ମିନିଟ୍ ବିଶ୍ରାମ ଦେଇ ନୂଆ ବିଷୟ ଆରମ୍ଭ କରିବ ।

ପଦ୍ୟ, ଗଦ୍ୟାଂଶ ମୁଖସ୍ଥର ନିୟମ :-

୧. ମୁଖସ୍ଥ ବିଷୟର ଅର୍ଥ ବୁଝିବ ।

୨. ଗୋଟିଏ ଧାଡ଼ି ବା ଶବ୍ଦ ମୁଖସ୍ଥ ନ କରି ବାକ୍ୟ ଶେଷ ଯାଏ ମୁଖସ୍ଥ କରିବ । ପଦ୍ୟ ହେଲେ ଯତିପାତ ଯାଏ ଥରକରେ ମୁଖସ୍ଥ କରିବ ।

୩. ୨ୟ ପଦ ମୁଖସ୍ଥ କଲା ବେଳେ ପ୍ରଥମ ପଦକୁ ମିଳାଇ ମୁଖସ୍ଥ କରିବ ।

୪. ମୁଖସ୍ଥ କଲା ବେଳେ ଯେତେ ଶୀଘ୍ର କହିବ ବା ପଢ଼ିବ ସେତେ ଶୀଘ୍ର ମନେ ରହିବ । ପଦ୍ୟକୁ ସ୍ୱର ଦେଇ ମୁଖସ୍ଥ କଲେ ଶୀଘ୍ର ମନେ ରହେ ।

ଭାବ ସଂଯୋଗ

ଭାବ ସଂଯୋଗର ଅର୍ଥ ବା ଉପକାରିତା :- କୌଣସି ଭାବ ବା ଚିନ୍ତାକୁ ଯଦି ପୂର୍ବେ ଜାଣିଥିବା

ଚିନ୍ତା ବା ଜ୍ଞାନ ସହିତ ସଂଯୁକ୍ତ କରୁ ତେବେ ସେହି ସଂଯୁକ୍ତ କାର୍ଯ୍ୟକୁ ଭାବ ସଂଯୋଗ କହନ୍ତି ।

ଉଦାହରଣ :- କଳାଦାନା (Morning glory) ଫୁଲର ଆକାର ମନେ କଲାବେଳେ ତୁରୀର ଆକାର ମନେ ପଡ଼େ, କାରଣ ସେମାନଙ୍କର ଆକାରରେ ସାଦୃଶ୍ୟ ଅଛି । ହ୍ରଦ ବିଷୟରେ ଶିକ୍ଷା କଲା ବେଳେ ଦ୍ୱୀପର ସଂଜ୍ଞା ମନେ ପଡ଼େ । କାରଣ ଦୁହିଁଙ୍କର ସଂଜ୍ଞା ବିପରୀତ ।

କୌଣସି ବିଷୟ ସ୍ମରଣ ରଖି ଉପଯୁକ୍ତ ସମୟରେ ବାହାର କରିବାକୁ ହେଲେ ଭାବ ସଂଯୋଗ ଏକାନ୍ତ ଆବଶ୍ୟକ, କାରଣ ଚିନ୍ତା ବା ଭାବ ପୃଥକ୍ ପୃଥକ୍ ହୋଇ ମନରେ ରହେ ନାହିଁ । ସେ ସବୁ ପରସ୍ପର ସହିତ ସଂଯୁକ୍ତ କରିଦେଲେ ମନରେ ରଖିବା ସହଜ ହୁଏ । ସେଥିରୁ ଗୋଟିଏ ବିଷୟରେ ସଙ୍କେତ ଦେଲେ ଅନ୍ୟ ଗୁଡ଼ିକ ମନରେ ଆପେ ଆପେ ଉଦୟ ହୁଏ । ଯେପରି ନଦୀ ଦେଖିଲେ ଡଙ୍ଗାରେ ବୁଲିଯିବା କଥା ମନେ ପଡ଼େ । ଶିକ୍ଷକ ଇତିହାସ ସଙ୍ଗେ ଭୂଗୋଳ, ଭୂଗୋଳ ସହିତ ସାହିତ୍ୟ, ସାହିତ୍ୟ ସହିତ ଅଙ୍କନ, ପ୍ରକୃତି ପାଠ ସହିତ ହାତକାମର ସମ୍ବନ୍ଧ ରଖି ଶିକ୍ଷା ଦେବେ । ସାଦୃଶ୍ୟ ବା ବୈଲକ୍ଷଣ ନିୟମରେ ପୂର୍ବ ଜ୍ଞାନ ସହିତ ନୂଆ ଜ୍ଞାନର ସମ୍ବନ୍ଧ ରଖି ଶିକ୍ଷା ଦେବେ ।

ଭାବ ସଂଯୋଗର ନିୟମ :-

୧. ସାଦୃଶ୍ୟ ବା ସମତୁଲ୍ୟତା

ଯେବେ ଗୋଟିଏ ବିଷୟ ଅନ୍ୟ କୌଣସି ଗୋଟିଏ ବିଷୟ ପରି ହୁଏ , ତେତେବେଳେ ଅନ୍ୟଟିକୁ ସ୍ମରଣ କରାଇ ଦିଏ ।

ଉଦାହରଣ :-
ଶିଶୁଶ୍ରେଣୀରେ ଅକ୍ଷର ଶିକ୍ଷା ଦେଲା ବେଳେ ପ ସଙ୍ଗେ ଫ, ମ ସଙ୍ଗେ ସ ସଙ୍ଗେ ସମ୍ବନ୍ଧ ରଖି ଶିକ୍ଷା ଦେଲେ ଶିଶୁ ସହଜରେ ଅକ୍ଷର ଆକାର ମନେ ରଖି ପାରିବେ ।

୨. ବୈଲକ୍ଷଣତା:-

ଗୋଟିଏ ବିଷୟ ବା ଚିନ୍ତା ଅନ୍ୟ ଗୋଟିଏ ବିଷୟ ଠାରୁ ସଂପୂର୍ଣ୍ଣ ଭିନ୍ନ ହେଲେ ଗୋଟିଏ ଅନ୍ୟଟିକୁ ସ୍ମରଣ କରାଇ ଦିଏ ।

ଉଦାହରଣ :-

ଆଉରେଙ୍ଗଜେବଙ୍କ ହିନ୍ଦୁ ଦ୍ରୋହିତା କଥା ପଡ଼ିଲା ବେଳେ ଆକବରଙ୍କ ହିନ୍ଦୁ ପ୍ରୀତି ମନେପଡ଼େ । ଖଟା ଆମ୍ବ ମିଠା ଆମ୍ବକୁ ମନେ ପକାଇ ଦିଏ ।

୩. ନିକଟ ସଂପର୍କତା ଅନୁସାରେ:-

ଯେବେ ଦୁଇ ବା ଅଧିକ ବିଷୟ ପରସ୍ପରର ନିକଟବର୍ତ୍ତୀ ହୁଅନ୍ତି ବା ଏକ ଏକ ସମୟରେ ଏକ ସ୍ଥାନରେ ଘଟି ଥାନ୍ତି ତେବେ ଗୋଟିଏ ମନେ ପଡ଼ିଲେ ଆଉ ଗୋଟିଏ ଆପ ଆପେ ମନେ ପଡ଼େ ।

ଉଦାହରଣ :-

ବସନ୍ତ ଋତୁ ହେଲେ କୋଇଲି ମନେ ପଡ଼େ । ମାଲାରିଆ ରୋଗୀ ଦେଖିଲେ ଏନୋଫାଲିଶ ମଶା କଥା ମନେ ପଡ଼େ ।

ଏହିପରି ଭାବ ସଂଯୋଗର ନିୟମ ଗୁଡ଼ିକ ସ୍ମୃତି ଶକ୍ତିକୁ ସାହାଯ୍ୟ କରନ୍ତି ।

ଭାବ ସଂଯୋଗର ନିୟମ ଜାଣିଲେ ଶିକ୍ଷକଙ୍କର କି ଲାଭ :-

ଭାବ ବା ଚିନ୍ତା ମନରେ ପୃଥକ୍ ପୃଥକ୍ ହୋଇ ରହନ୍ତି ନାହିଁ । ଯେବେ ଉପରୋକ୍ତ ୩ ନିୟମନୁସାରେ ଭାବ ଗୁଡ଼ିକ ମନର ସଂଯୋଗ ହେଉ ନ ଥାନ୍ତା ତେବେ ଆମେ ଅତୀତ, ବର୍ତ୍ତମାନ, ଭବିଷ୍ୟତର ଏତେ ବିଷୟ ସ୍ମରଣ ରଖି ପାରନ୍ତୁ ନାହିଁ । ଭାବ ସଂଯୋଗ ନିୟମ ବିଷୟରେ ଶିକ୍ଷକଙ୍କ ଜ୍ଞାନ ଥିଲେ ସେ ପୂର୍ବ ଜ୍ଞାନ ସହିତ ନୂଆ ଜ୍ଞାନ ଯୁକ୍ତ କରି ଶିକ୍ଷା ଦେବେ ।

କଳ୍ପନା ଶକ୍ତି

ଅର୍ଥ :- କଳ୍ପନା ମନର ଗୋଟିଏ କ୍ଷମତା । ଏହି ଶକ୍ତି ଦ୍ୱାରା ମନ ଇନ୍ଦ୍ରିୟର ସାହାଯ୍ୟ ନ ନେଇ ନୂଆ ଜିନିଷ ଦେଖି ପାରେ, ଭାବି ପାରେ, ଲେଖିପାରେ, ଆଙ୍କି ପାରେ, ଗଢ଼ିପାରେ, ଗଳ୍ପ କବିତା, ଚିତ୍ର, ନୂଆ ପ୍ରକାରର ଖେଳନା, ହତିଆର, କଳ କବ୍‌ଜା, ଏସବୁ କଳ୍ପନାର କାର୍ଯ୍ୟ । କଳ୍ପନା ଶକ୍ତି ମନର ଗଠନକାରୀ ଶକ୍ତିକୁ ବୁଝାଏ । ଅନ୍ୟର ସୁଖ ଦୁଃଖକୁ ଆମେ କଳ୍ପନା ଦ୍ୱାରା ଅନୁଭବ କରିପାରୁ ବୋଲି ସେମାନଙ୍କୁ ସହାନୁଭୂତି, ଦୟା, କ୍ଷମା ଦେଖାଉ । ଏହି କଳ୍ପନା ଶକ୍ତି ଦ୍ୱାରା ଶିଶୁ ଗଳ୍ପ, ଇତିହାସ, ଭୂଗୋଳ, ସାହିତ୍ୟ, ଏ ସବୁ ପାଠ ବୁଝି ପାରେ ।

ଶିକ୍ଷା ଦାନରେ କଳ୍ପନା ଶକ୍ତିର ଉପକାରିତା :-

୧. (କ) ବୌଦ୍ଧିକ ଶିକ୍ଷା ପାଇଁ କଳ୍ପନା ଶକ୍ତି ଆବଶ୍ୟକ ।
ଉଦାହରଣ :-
ଇତିହାସ ବା ଗଳ୍ପ ପାଠରେ ଶିକ୍ଷକ ଘଟଣା ଗୁଡ଼ିକୁ ପିଲାମାନଙ୍କୁ ଆଖିରେ ଦେଖାଇ ପାରନ୍ତି ନାହିଁ , ମାତ୍ର କଥାରେ ବର୍ଣ୍ଣନା କରନ୍ତି । ପିଲାଏ ଘଟଣା ଗୁଡ଼ିକ ଧୀ ଶକ୍ତି ଦ୍ୱାର ବୁଝନ୍ତି । ଏହିପରି ନୂତନ ଅଦୃଶ୍ୟ ବିଷୟ ବୁଝିବା ପାଇଁ କଳ୍ପନା ଶକ୍ତିର ପ୍ରୟୋଗ ହୁଏ ।

(ଖ) ଜ୍ଞାନ ଅର୍ଜନ ନିମନ୍ତେ କଳ୍ପନା ଶକ୍ତି ପ୍ରୟୋଜନ :-
ଉଦାହରଣ ସ୍ୱରୂପ :-
ଯେତେବେଳେ କୌଣସି ବିଷୟରେ ଛାତ୍ରୀ ପ୍ରବନ୍ଧ ଲେଖେ ତେତେବେଳେ ତାହାର ଜ୍ଞାନ ବାହାର ଜଗତରୁ ଆସେ ନାହିଁ । ସେ କଳ୍ପନା ଶକ୍ତି ସାହାଯ୍ୟରେ ପ୍ରବଂଧ ଲେଖେ । ଏପରି ଗଠନକାରୀ କଳ୍ପନା ଶକ୍ତି ଥିଲେ ପିଲାଏ ନିଜର ବୁଦ୍ଧି ବିବେଚନା ଚଳାନ୍ତି ।

୨. ବ୍ୟବହାରିକ କାର୍ଯ୍ୟ ବା ଜ୍ଞାନ ନିମନ୍ତେ କଳ୍ପନା ଶକ୍ତିର ପ୍ରୟୋଗ ହୁଏ । :- ନିଜର ସୁବିଧା ନିମନ୍ତେ ମଣିଷ ନାନା ବସ୍ତୁ ଓ କଳ କାରଖାନା ତିଆରୀ କରେ । ପୁଣି ସେଥିରେ କିଛି ଅସୁବିଧା ହେଲେ ନୂଆ କରନ୍ତି । ଏହିପରି ପୃଥିବୀ ଆଶ୍ଚର୍ଯ୍ୟ ଓ ନୂଆ ନୂଆ ଜିନିଷ ଆବିଷ୍କାର ହୋଇଛି । ବାଲ୍ୟ କାଳରୁ ଶିଶୁର ଆବିଷ୍କାର ଶକ୍ତିକୁ ଚଳାଇବା ଉଚିତ ।

୩. ନୀତି ଶିକ୍ଷା ନିମନ୍ତେ କଳ୍ପନା ଶକ୍ତି ଅତି ପ୍ରୟୋଜନ ।
ଆମେ ଅନ୍ୟର ଦୁଃଖ ସୁଖକୁ ନିଜର ସୁଖ ଦୁଃଖ ପରି ଭାବି ପାରୁ ବୋଲି ଅନ୍ୟ ପ୍ରତି ଦୟା, ସ୍ନେହ, ସହାନୁଭୂତି, ପରୋପକାର କରିଥାଉ । ଉତ୍ତମ ବିଷୟ ମାନ ମନରେ କଳ୍ପନା କଲେ ସ୍ୱଭାବ ଓ କାର୍ଯ୍ୟ ଉତ୍ତମ ହେବ ।

୪. ସୌନ୍ଦର୍ଯ୍ୟ ଜ୍ଞାନ ବୃଦ୍ଧି କରିବା ନିମନ୍ତେ କଳ୍ପନା ଶକ୍ତି ଆବଶ୍ୟକ । ଉତ୍ତମକବି ସୁନ୍ଦର ଭାବପୂର୍ଣ୍ଣ ବିଷୟମାନ କଳ୍ପନା କରିପାରେ ବୋଲି ତାହାର ଲେଖା ଉତ୍ତମ ହୁଏ । ସେହିପରି ଚିତ୍ରକର, ଶିଳ୍ପୀ, ଗୃହିଣୀ କଳ୍ପନା ସାହାଯ୍ୟରେ ନିଜର ସମସ୍ତ କାର୍ଯ୍ୟ ସୁନ୍ଦର କରନ୍ତି । ଉତ୍ତମ ଶିକ୍ଷକ ବିଦ୍ୟାଳୟର ଅସୁବିଧା ସମୂହ ଦୂରକରି ପିଲାଙ୍କ ଉନ୍ନତି କରି ପାରନ୍ତି ।

ଅତିରିକ୍ତ କଳ୍ପନାର ଅପକରିତା :-

୧. ଅତିରିକ୍ତ କଳ୍ପନା ଫଳରେ ଶିଶୁ ପାଠରେ ଅମନୋଯୋଗୀ ହୁଏ ଓ ବୃଥା ସମୟ ନଷ୍ଟ କରେ ।

୨. କଳ୍ପନା ନିଷ୍ପ୍ରୟୋଜନ ଓ ନୀଚ ବିଷୟରେ ହେଲେ ଶିଶୁର ଚରିତ୍ର ଓ କାର୍ଯ୍ୟ ମନ୍ଦ ହୁଏ ।

ପାଠ ସମୟରେ ଅନ୍ୟ ବିଷୟରେ କଳ୍ପନା କରୁଥିବା ଛାତ୍ରୀଙ୍କୁ ଶିକ୍ଷକ ପ୍ରଶ୍ନ ପଚାରି ବା କାର୍ଯ୍ୟ ଯୋଗାଇ ତାହାର କଳ୍ପନାକୁ ସୀମାବଦ୍ଧ କରିବେ ।

ଶିଶୁର କଳ୍ପନାକୁ ପରିବର୍ଦ୍ଧିତ, ପରିଚାଳିତ କରିବାର ଉପାୟ

୧. କଳ୍ପନା ଶକ୍ତିକୁ ବୃଦ୍ଧି ଓ ପରିଚାଳିତ କରିବା ନିମନ୍ତେ ଉତ୍ତମ ସ୍ୱଷ୍ଟ ଧାରଣା ବା ପ୍ରତିବିମ୍ବ ଦରକାର । ଶିକ୍ଷକ ଚେଷ୍ଟା କରିବେ ଶିଶୁର ଧାରଣା ବା ଜ୍ଞାନ ଯେପରି ସ୍ୱଷ୍ଟ ହେବ । ଏଥି ନିମନ୍ତେ ଶିକ୍ଷକ ଶିଶୁର ଭିନ୍ନ ଭିନ୍ନ ଇନ୍ଦ୍ରିୟକୁ ଚଳାଇ ଶିକ୍ଷା ଦେବେ । ଉପକରଣ, ଉଦାହରଣ ଦ୍ୱାରା ବିଷୟଟିକୁ ଓ ପାଠକୁ ଉତ୍ତମ ରୂପେ ବୁଝାଇବେ । ପର୍ଯ୍ୟବେକ୍ଷଣ ଶକ୍ତିକୁ ବଢ଼ାଇବେ । ଗତ ସମୟର ଅନୁଭବ ବା ଧାରଣା କିମ୍ବା ପ୍ରତିବିମ୍ବ ମନରେ ସ୍ୱଷ୍ଟ ନ ଥିଲେ ଶିଶୁ ସେହି ପୂର୍ବ ଜ୍ଞାନ ସହାଯ୍ୟରେ ନୂଆ ବିଷୟ କଳ୍ପନା କରି ପାରିବ ନାହିଁ ।

୨. ବିଷୟ ବର୍ଣ୍ଣନା କରିବା ବେଳେ ଶିକ୍ଷକ ଧୀରେ ଧୀରେ ସହଜ ଭାଷାରେ ଓ ସ୍ୱଷ୍ଟ ଉଚ୍ଚାରଣ କରି କହିବେ । ଅର୍ଥାତ୍ ବିଷୟ ଗୁଡ଼ିକୁ ଦେଖିଲା ଭଳି କହିବେ ।

୩. ଶିଶୁ ଶ୍ରେଣୀର କିଣ୍ଡର୍ ଗାର୍ଟେନ୍ ଗଳ୍ପ ଓ କାର୍ଯ୍ୟ, ଅଙ୍କନ, ଆଦର୍ଶ ଗଠନ, କାଗଜ କାର୍ଯ୍ୟ, ଗୀତ ଓ ଖେଳ । ଉଚ୍ଚ ଶ୍ରେଣୀରେ ଇତିହାସ, ଭୂଗୋଳ, ସାହିତ୍ୟ ଓ ସବୁ ପ୍ରକାର ହାତକାମ ।

କଳ୍ପନା ଶକ୍ତି ଦୁଇ ପ୍ରକାର :-

୧. ପୁନରୁତ୍ପାଦକ, ୨. ଗଠନକାରୀ ।

(କ) ପୁନରୁତ୍ପାଦକ :-

ଆମେ ବିରାଡ଼ି ଦେଖିଛୁ । ଏଣୁ ବିରାଡ଼ି ଅନ୍ୟ ଘରେ ନ ଦେଖି ସୁଦ୍ଧା ତାହାର କଥା ଶୁଣି ବିରାଡ଼ିଟି କିପରି ହୋଇଥିବ କଳ୍ପନା କରିପାରୁ । ଏହିପରି କଳ୍ପନା ଶକ୍ତି ସ୍ମରଣ ଶକ୍ତି ଉପରେ ନିର୍ଭର କରେ ।

(ଖ) ଗଠନକାରୀ କଳ୍ପନା ଶକ୍ତି :-

ସଂପୂର୍ଣ୍ଣ ନୂଆ ବିଷୟରେ ପଦ୍ୟ ବା ଗଦ୍ୟ ରଚନା କଲେ ତାହାକୁ ଗଠନକାରୀ କଳ୍ପନା ଶକ୍ତି କହନ୍ତି । ଆମ୍ଭମାନେ ଯାହା ଦେଖୁଁ, ତାହାର ପ୍ରତିବିମ୍ବ ସ୍ମରଣ କରିବା ସଙ୍ଗେ ସଙ୍ଗେ ସଂପୂର୍ଣ୍ଣ ନୂଆ ବିଷୟ ଭାବି ପାରୁଁ, ଲେଖି ପାରୁଁ ବା ଗଢ଼ିପାରୁଁ । ଏହି ଦୁଇ କଳ୍ପନା ଶକ୍ତି ମଧ୍ୟରୁ ଗଠନକାରୀ କଳ୍ପନା ଶକ୍ତି ଉତ୍କୃଷ୍ଟ । ଶିକ୍ଷକ ଏହି ଶକ୍ତିକୁ ବଢ଼ାଇବାକୁ ଚେଷ୍ଟା କରିବେ । ଶିଶୁଶ୍ରେଣୀରେ ଏଥିପାଇଁ କିଣ୍ଡର ଗାର୍ଟେନ୍ ଖେଳ, ଗଳ୍ପ ରଚନା, ସବୁ ପ୍ରକାରର ହାତକାମ ଓ ଗୀତ, ଉପକାରୀ ଓ ଉଚ୍ଚ ଶ୍ରେଣୀରେ ରଚନା, ଇତିହାସ, ଭୂଗୋଳ ଓ ସବୁ ପ୍ରକାରର ହାତକାମ ଉପକାରୀ । ପିଲାମାନେ ଶିକ୍ଷକଙ୍କ ଜ୍ଞାନ ଉପରେ ନିର୍ଭର ନ କରି, ନିଜ ମନରୁ ନୂଆ ନୂଆ ବିଷୟ ବାହାର କରିବେ । ନୂଆ ନୂଆ ଗଳ୍ପ ରଚନା, ପ୍ରବନ୍ଧ ଲେଖିବା, ଗୀତ ବା ପଦ୍ୟ ରଚନା ଓ ଖେଳ ବାହାର କରିବା ଏବଂ ହାତକାମ କରିବା ଆଦି ।

ଅନୁଭୂତି

ଅର୍ଥ :- ମନରେ ସାଧାରଣତଃ କିଛି ସୁଖ ବା ଦୁଃଖର ଅନୁଭବ ଥାଏ । ଏହି ସୁଖ ବା ଦୁଃଖର ଅନୁଭବକୁ ଅନୁଭୂତି କହନ୍ତି ।

ଅନୁଭୂତି ଦୁଇ ପ୍ରକାର ୧: - ଇନ୍ଦ୍ରିୟ ଜନିତ ଅନୁଭୂତି , ୨: - ମାନସିକ ଅନୁଭୂତି ।

ବାଜା ଶୁଣିଲେ, ପିଠା ଖାଇଲେ, କୋମଳ ପଦାର୍ଥ ଆଉଁସିଲେ ଯେଉଁ ଅନୁଭୂତି ଲାଭ ହୁଏ ତାହା ଶାରୀରିକ ଅନୁଭୂତି । ପରୀକ୍ଷାରେ ଫେଲ୍ ହେଲେ ବା ପରର ମଙ୍ଗଳ କଲେ ଯେଉଁ ଅନୁଭୂତି ତାହା ମାନସିକ ।

ଶିକ୍ଷକଙ୍କର କାର୍ଯ୍ୟ

ଶାରୀରିକ ଅନୁଭୂତି ଜାଣିବା ଦ୍ୱାରା ପଂଚେନ୍ଦ୍ରିୟ ଦ୍ୱାରା ଯେଉଁ ସୁଖ ଦୁଃଖ ଅନୁଭୂତ ହୁଏ, ପରୀକ୍ଷା କରି ଆମେ ଦେଖୁଁ ଯେ କୌଣସି ଇନ୍ଦ୍ରିୟର କାର୍ଯ୍ୟ ଯଦି ଉପଯୁକ୍ତ ଓ ପରିମିତ ଭାବରେ ଚଳେ ତେବେ, ସେହି ଇନ୍ଦ୍ରିୟର ସୁଖ ହୁଏ ଓ ମନରେ ଆନନ୍ଦ ହୁଏ । କୌଣସି ଇନ୍ଦ୍ରିୟକୁ ଅତିରିକ୍ତ ଚଳାଇଲେ ସେହି ଇନ୍ଦ୍ରିୟର କ୍ଷତି ହୁଏ ଓ ମନରେ ଅଶାନ୍ତି ଜାତ ହୁଏ ।

ଉଦାହରଣ :-

ଶିଶୁ କୌଣସି ବିଷୟ ଅଧିକ ସମୟ ପର୍ଯ୍ୟନ୍ତ ପଢ଼ିଲେ ବା ଦେଖିଲେ ଆଖିରେ କ୍ଷତି ହୁଏ ଓ ମନରେ ଅଶାନ୍ତି ବୋଧ ହୁଏ । ସେହିପରି ଅନେକ ସମୟ ପର୍ଯ୍ୟନ୍ତ ଅଙ୍କନ କଲେ ସ୍ପର୍ଶ ଇନ୍ଦ୍ରିୟ ଓ ମଂସପେଶୀର କ୍ଷତି ହୁଏ । ଏଣୁ ଶିଶୁମାନଙ୍କର ଇନ୍ଦ୍ରିୟ ଗୁଡ଼ିକ ଅତିରିକ୍ତ କାର୍ଯ୍ୟ କରି ଯେପରି ଥକି ନ ଯାଆନ୍ତି ଏଥିପାଇଁ ଶିକ୍ଷକ ସାବଧାନ ହେବେ । ପାଠର ପ୍ରସଙ୍ଗ ବଦଳାଇ ଶିକ୍ଷା ଦିଆ ଯିବ ।

ଷଷ୍ଠ ଭାଗ

ଅନ୍ନପୂର୍ଣ୍ଣା ମହାରାଣାଙ୍କ ମତରେ

'ଆଦର୍ଶ ଶିକ୍ଷକ'

ପ୍ରଫେସର୍ ପ୍ରୀତିଶ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ଲିଖିତ ପତ୍ର

ପ୍ରଫେସର୍ ପ୍ରୀତିଶ ଚନ୍ଦ୍ର ଆଚାର୍ଯ୍ୟଙ୍କୁ ଲିଖିତ ପତ୍ର

ଶ୍ରୀ ପ୍ରୀତିଶ ଚନ୍ଦ୍ର ଆଚାର୍ଯ୍ୟ ମହୋଦୟ
ସମୀପେଷୁ-

ମହାଶୟ,
ଆପଣଙ୍କର F 2128 ତା 24.3.2005 ତାରିଖର ପତ୍ର ଅନୁସାରେ ଆଦର୍ଶ ଶିକ୍ଷକ ବାବଦରେ ମୋର ଧାରଣା ନିମ୍ନଲିଖିତ ମତେ ଜଣାଉଛି । ଏହାର ପ୍ରାପ୍ତି ସ୍ୱୀକାର କଲେ ବାଧିତ ହେବି ।

୧. ଶିକ୍ଷକ ସାଧାରଣତଃ ପାଂଚବର୍ଷରୁ ଷୋଳ ବର୍ଷର ପିଲାଙ୍କ ମଧ୍ୟରେ ମାନବିକତାର ବିଚାର ଓ ଆଚରଣର ବିକାଶ କରାଇବାର ଗୁରୁ ଦାୟିତ୍ୱ ବହନ କରୁଥିବାରୁ ସେ ମନୋବିଜ୍ଞାନ ଓ ଶରୀର ତତ୍ତ୍ୱ ଜ୍ଞାନର ଅଧିକାରୀ ହେବା ଅତ୍ୟାବଶ୍ୟକ ଅଟେ । ତଦନୁସାରେ ତାଙ୍କର ବିଚାର ଓ ଆଚରଣ ମଧ୍ୟ ତଦନୁସାରୀ ହେବା ଉଚିତ ।

୨. ଶରୀର ଓ ମନକୁ ପରିଚ୍ଛନ୍ନ ରଖିବା ଶିଖାଇବା ଶିକ୍ଷାର ପ୍ରଥମ ସୋପାନ ହୋଇ ଥିବାରୁ ଶିକ୍ଷକ ନିଜର ଅଙ୍ଗ ପ୍ରତ୍ୟଙ୍ଗର ସଫାଇ, ଘର ଓ ଆଖପାଖର ସଫାଇ, ପିଲା ବ୍ୟବହାର କରୁଥିବା ସର୍ବ ସାଧାରଣ ସ୍ଥାନର ସଫାଇ, ଯଥା – ଗାଧୁଆ ଘାଟ, ମନ୍ଦିର, ବିଦ୍ୟାଳୟ, ରାସ୍ତାଘାଟ, ଶୌଚାଳୟ, ଆଦିର ସଫାଇ ବିଷୟରେ ଅଭିଜ୍ଞ ହେବା ଉଚିତ । ତାହା ସହିତ ଅଳିଆ ଆବର୍ଜନାକୁ ବ୍ୟବହାର୍ଯ୍ୟ ବସ୍ତୁରେ ପରିଣତ କରିବାର ପ୍ରଣାଳୀ ମଧ୍ୟ ସେ ଶିକ୍ଷକ ଜାଣିଥିବା ଅତ୍ୟାବଶ୍ୟକ ଅଟେ ।

୩. ବିଦ୍ୟାର୍ଥୀଙ୍କୁ ଶିଷ୍ଟାଚାର ଓ ମିଷ୍ଟଭାଷା ଶିକ୍ଷା ଦେବା ଶିକ୍ଷାର ଅଙ୍ଗ ହୋଇ ଥିବାରୁ ଶିକ୍ଷକ ମିଷ୍ଟଭାଷୀ ଓ ଶିଷ୍ଟାଚାରୀ ହେବା ଆବଶ୍ୟକ । ଯଦ୍ୱାରା ଅନୁକରଣପ୍ରିୟ ପିଲାମାନେ ତାଙ୍କର ଆଚରଣରୁ ଏ ଗୁଣକୁ ଅନୁକରଣ କରି ପାରିବେ ।

୪. ଶିକ୍ଷକ ପିଲାଙ୍କ ଭୁଲ୍ ତ୍ରୁଟି ପାଇଁ ଦୈହିକ ବା ମାନସିକ କୌଣସି ଶସ୍ତି ବିଧାନ କରିବେ ନାହିଁ । ସେମାନଙ୍କର ତ୍ରୁଟି ବିଚ୍ୟୁତିକୁ ବଦଳାଇବାର ଆବଶ୍ୟକତାକୁ ମିଷ୍ଟଭାଷାରେ ଶିକ୍ଷକ ବୁଝାଇ କହିବେ । ଏଥିପାଇଁ ସେ ସହିଷ୍ଣୁ ହେବେ ।

୫. ଶିକ୍ଷକ ନିଜେ ସମୟାନୁବର୍ତ୍ତୀ ହେବେ ଏବଂ ଏହାର ଗୁରୁତ୍ୱ ବିଦ୍ୟାର୍ଥୀଙ୍କୁ ବୁଝାଇ ସେମାନଙ୍କ ମଧ୍ୟରେ ସମୟାନୁବର୍ତ୍ତିତା ପାଇଁ ଆଗ୍ରହ ସୃଷ୍ଟି କରିବେ ।

୬. ଶିକ୍ଷକ ଛାତ୍ର ଛାତ୍ରୀଙ୍କ ସହିତ ଏପରି ଘନିଷ୍ଠ ହେବା ଉଚିତ ଯାହା ଫଳରେ ସେମାନେ ନିଜ ନିଜର ବ୍ୟକ୍ତିଗତ ସମସ୍ୟା ଓ ସନ୍ଦେହ ବିଷୟରେ ଶିକ୍ଷକଙ୍କ ସହିତ ଆଲୋଚନା କରିବାକୁ ଦ୍ୱିଧା କରିବେ ନାହିଁ ।

୭. ଏଥିପାଇଁ ଶିକ୍ଷକ ଅଭିଭାବକମାନଙ୍କ ସହିତ ସଂପର୍କ ରକ୍ଷା କରିବା ଆବଶ୍ୟକ । ଅଭିଭାବକମାନଙ୍କୁ ସେ ସେମାନଙ୍କ ସନ୍ତାନମାନଙ୍କ ରୁଚି, ଗ୍ରହଣ ଶକ୍ତି, ବିଶେଷ ଦକ୍ଷତା ବିଷୟରେ ଆଲୋଚନା କରିବା ଆବଶ୍ୟକ ହୋଇଥାଏ ।

୮. ସର୍ବୋପରି ପ୍ରତ୍ୟେକ ମନୁଷ୍ୟର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ନିମନ୍ତେ ତଥା ସମାଜ ପାଇଁ କିଛି ଶରୀର-ଶ୍ରମ କରିବା ଯେ ମାନବ-ଧର୍ମ - ଏ ବିଚାର ବୁଝି ଶିକ୍ଷକ ନିୟମିତ ଉତ୍ପାଦକ ଶରୀର-ଶ୍ରମ (Bread labour)

କରିବାରେ ଅଭ୍ୟସ୍ତ ଥିବା ଏକାନ୍ତ ଆବଶ୍ୟକ । ଶିକ୍ଷକ ନିଜେ ପରିଶ୍ରମ କରିବାର ଆନନ୍ଦ ଉପଭୋଗ କରୁଥିବେ ଏବଂ ବିଦ୍ୟାର୍ଥୀଙ୍କୁ ଏ ବାବଦରେ ଅନୁପ୍ରାଣିତ କରି ପାରୁଥିବା ଅତ୍ୟାବଶ୍ୟକ ଅଟେ ।

୯. ମନୁଷ୍ୟ ଗୋଟିଏ ସାମାଜିକ ପ୍ରାଣୀ ହୋଇ ଥିବାରୁ ପରିବାର, ଆତ୍ମୀୟ ସ୍ୱଜନ, ବନ୍ଧୁ ବାନ୍ଧବ, ସାଇ ପଡ଼ିଶା, ନିଜ ଗାଁ, ସହର, ପ୍ରଦେଶ, ଦେଶ ଓ ପୃଥିବୀର ମାନବ ସମାଜର ଦୁଃଖ ସୁଖରେ ଦୁଃଖୀ ଓ ସୁଖୀ ହେବାଟା ମାନବିକତା ବୋଲି କୁହା ଯାଉଥିବାରୁ ଶିକ୍ଷକ ଏହି ସିଦ୍ଧାନ୍ତ ଅନୁସାରେ ସେବା କରିବାରେ ଆନନ୍ଦ ଓ ସନ୍ତୋଷ ଲାଭ କରିବା ମନୋବୃତ୍ତିର ହେବା ଦରକାର । ଯଦ୍ୱାରା ସେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିପନ୍ନର ସେବା କରିବା, ଦେଶ ପାଇଁ କଷ୍ଟ ସହିବା ଓ ବିଶ୍ୱଜନିନ ଭାତୃଭାବରେ ଉଦ୍‌ବୁଦ୍ଧ ହେବା ଶିଖିବେ ।

୧୦. ବିଦ୍ୟାଳୟର ପାଠ୍ୟପୁସ୍ତକର ବିଷୟଗୁଡ଼ିକ ଶିକ୍ଷକ ଭଲ ଭାବରେ ପଢ଼ି ବିଦ୍ୟାର୍ଥୀଙ୍କୁ ତାହା ବୁଝାଇ ହୃଦୟଙ୍ଗମ କରାଇବାରେ ଦକ୍ଷ ହେବା ସଙ୍ଗେ ସଙ୍ଗେ ନିଜର ବ୍ୟକ୍ତିଗତ ଜ୍ଞାନର ବିକାଶ ନିମନ୍ତେ କୌଣସି ସଦ୍‌ଗ୍ରନ୍ଥ ପାଠ କରିବାରେ ଶିକ୍ଷକ ଅଭ୍ୟସ୍ତ ହେବା ଆବଶ୍ୟକ । ବୃତ୍ତିଗତ ଜ୍ଞାନ ସହିତ ମସ୍ତିସ୍କ , ହୃଦୟ ଓ ହାତର ଆଙ୍ଗୁଳି (ଯାହାକି ମନୁଷ୍ୟକୁ ଇତର ପ୍ରାଣୀଙ୍କ ଠାରୁ ଅଲଗା କରିଛି)ର ବିକାଶ ନିମନ୍ତେ ସ୍ୱାଧ୍ୟାୟ ଅନିବାର୍ଯ୍ୟ ହୋଇଥାଏ । "ଶ୍ରମ, ସେବା ଓ ସ୍ୱାଧ୍ୟାୟ" ହିଁ ଶିକ୍ଷକଙ୍କ ଇଷ୍ଟମନ୍ତ୍ର ହେଲେ

ତାଙ୍କର ପୂର୍ଣ୍ଣ ବିକାଶ ହେବ ଏବଂ ଛାତ୍ର ଛାତ୍ରୀଙ୍କ ଉପରେ ଏହି ବିଚାରର ପ୍ରଭାବ ଫଳରେ ସମାଜରେ ପ୍ରଚଳିତ ଅନେକ ଦୋଷ, କୁସଂସ୍କାର ଓ ଭ୍ରାନ୍ତ ଧାରଣା ଦୂର ହେବ ।

୧୧. ଅନବଧାନତା ହେତୁ ଶିକ୍ଷକଙ୍କ କାର୍ଯ୍ୟ ବା ଆଚରଣରେ ଯଦି କୌଣସି ଦୋଷତ୍ରୁଟି ଘଟୁଥିବ ବା ଘଟିବ ତାକୁ ଦୂର କରିବା ପାଇଁ ଯେଉଁ ଶିକ୍ଷକ ଯତ୍ନବାନ୍ ହୁଅନ୍ତି ସେ ଆଦର୍ଶ ଶିକ୍ଷକ ବୋଲାନ୍ତି ।

୧୨. ପ୍ରତ୍ୟେକ ମଣିଷ ମଧ୍ୟରେ ଗୁଣଦୋଷ ମିଶିକରି ରହିଥାଏ । ଆଦର୍ଶ ଶିକ୍ଷକ ଦୋଷଗୁଣର ବିଚାର କରି ଦୋଷ ଗୁଡ଼ିକୁ ଉପେକ୍ଷା କରି କେବଳ ଗୁଣଗୁଡ଼ିକ ଗ୍ରହଣ କରି ଥାନ୍ତି । ଛାତ୍ର ଛାତ୍ରୀଙ୍କୁ ଗୁଣ ଗ୍ରହଣ କରିବା ଶିଖାନ୍ତି ।

୧୩. ଶିକ୍ଷା ଦ୍ୱାରା ହିଁ ମଣିଷ ଜାତିର ବିକାଶ ହୋଇ ଆସୁଅଛି ଏବଂ ଏହି ଶିକ୍ଷାର ମଧ୍ୟ କ୍ରମ ବିକାଶ ହେଉଛି । ଆଦର୍ଶ ଶିକ୍ଷକ ମାନବ ସମାଜର ଏହି କ୍ରମ ବିକାଶକୁ ଅନୁଧ୍ୟାନ କରିଥିବେ । ତ ଦ୍ୱାରା ତାହାଙ୍କ ମଧ୍ୟରେ ଉଚ୍ଚନୀଚ ଭେଦଭାବ, ସାଂପ୍ରଦାୟିକତା, ଜାତି ବର୍ଣ୍ଣ ଓ ଧର୍ମ ଭେଦ ରହି ନ ଥାଏ । ବିଦ୍ୟାର୍ଥୀଙ୍କ ଉପରେ ମଧ୍ୟ ତାର ପ୍ରଭାବ ପଡ଼େ । ମାନବ ଧର୍ମ, ମାନବ ଜାତି, ମାନବ ସେବାର ସିଦ୍ଧାନ୍ତକୁ ଆଦର୍ଶ ଶିକ୍ଷକ ସ୍ୱୀକୃତି ଦେଉଥିବେ ।

୧୪. ଟଙ୍କା ପଇସାର ହିସାବ ରଖିବାର ଦକ୍ଷତା (Book keeping) ଆଦର୍ଶ ଶିକ୍ଷକଙ୍କର ଥିବ ଏବଂ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଯଃ ଅର୍ଥ ଶୁଚି ସଃ ଶୁଚି ଏହି ବିଚାର ସେ ସଙ୍କ୍ରାମିତ କରୁଥିବେ । ସେହିପରି ବିଦ୍ୟାଳୟର ଦପ୍ତର (Office) ସମ୍ଭାଳିବାର ଯୋଗ୍ୟତା ତାଙ୍କର ରହିଥିବା ଦରକାର ।

ଭାରତବର୍ଷର ସାଂସ୍କୃତିକ ବିକାଶରେ ଯେଉଁ ସମନ୍ୱୟାତ୍ମକ ବିଚାର ଓ ସବୁ ଧର୍ମ ବାବଦରେ ସହିଷ୍ଣୁ ହେବାର ବିଚାର ରହିଛି, ଆଦର୍ଶ ଶିକ୍ଷକ ସେହି ବିଚାରକୁ ଶ୍ରଦ୍ଧା କରୁଥିବେ ଓ ପିଲାଙ୍କ ମଧ୍ୟରେ ସେହି ବିଚାର ସଙ୍କ୍ରାମିତ କରୁଥିବେ । ସର୍ବ ଧର୍ମ ସମଭାବ ଯେ ସ୍ୱଦେଶ ପ୍ରୀତିର ଅବିଚ୍ଛେଦ୍ୟ ଅଙ୍ଗ, ଶିକ୍ଷକ ଏହା ଉପଲବ୍ଧି କରି ଭାରତବର୍ଷ ଭଳି ଭଳି ନାନା ଭାଷା ନାନା ଧର୍ମ ନାନା ପରିଚ୍ଛଦର ବିବିଧତା ସତ୍ତ୍ୱେ ନିଜର ନିଜସ୍ୱ ରକ୍ଷା କରିଛି ସେ ବିଷୟରେ ଶିକ୍ଷକଙ୍କ ବିଚାର ସ୍ପଷ୍ଟ ହେବା ଆବଶ୍ୟକ ।

ସଭା ସମିତି ସଙ୍ଗଠନ କରିବା, ସଭାରେ ଶୃଂଖଳା ରକ୍ଷା କରିବା, ସଭାରେ ସଂଯତ ଆଚରଣ ଓ ସଭ୍ୟତା ସୂଚକ ଭାଷା ବ୍ୟବହାର କରିବାର କଳା ଆୟତ୍ତ କରିବା ଆଦର୍ଶ ଶିକ୍ଷକଙ୍କ ପାଇଁ ଅନିବାର୍ଯ୍ୟ ଅଟେ ।

ବିଦ୍ୟାଳୟରେ ପିଲାଙ୍କୁ ଦାୟିତ୍ୱ ବଣ୍ଟନ, ସେଥିପାଇଁ ମନ୍ତ୍ରିମଣ୍ଡଳ ଗଠନ, ପ୍ରତି ମାସରେ ମନ୍ତ୍ରିମଣ୍ଡଳର ଦାୟିତ୍ୱ ବିଷୟରେ ଛାତ୍ର ସଭାରେ ଆଲୋଚନା କରିବା ଓ କାର୍ଯ୍ୟ ବିବରଣ ପ୍ରସ୍ତୁତ କରିବା ଶିକ୍ଷା ଦେବାର ଯୋଗ୍ୟତା ଶିକ୍ଷକଙ୍କ ରହିବା ଆବଶ୍ୟକ ।

ଛାତ୍ର ଛାତ୍ରୀଙ୍କ ପାଇଁ ସୁରୁଚିପୂର୍ଣ୍ଣ ମନୋରଂଜନାତ୍ମକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା କିମ୍ବା କରାଇବା ମଧ୍ୟ ଶିକ୍ଷାର ଗୋଟିଏ ଅଙ୍ଗ ହୋଇଥିବାରୁ ଶିକ୍ଷକ ଏ କ୍ଷେତ୍ରରେ ମଧ୍ୟ ପାରଦର୍ଶୀ ହେବା ଆଦର୍ଶ ଶିକ୍ଷକ ହେବାର ଗୋଟିଏ ଲକ୍ଷଣ ।

ଏଥି ପାଇଁ ଶିକ୍ଷକ ନିଜର ବ୍ୟକ୍ତିଗତ ଜୀବନରେ ଅକ୍ରୋଧ, ଅନିନ୍ଦା, ଧର୍ମାନ୍ଧତା ନ ଥିବା, ଜୀବିକାରେ ଉଚ୍ଚ ନୀଚ ଭେଦ ଭାବ ନ ରଖିବା, ଧନପ୍ରାପ୍ତି ପାଇଁ ଅନୈତିକ କାର୍ଯ୍ୟ ନ କରିବା ଆଦି ବାବଦରେ ସତର୍କ ରହୁଥିବେ ।

ସର୍ବୋପରି chastity, charity, self-imposed poverty; obedience ର ବିଚାର ପ୍ରତି ସେ ଶ୍ରଦ୍ଧା ପୋଷଣ କରୁଥିବେ ଏବଂ ତାହା ନିଜେ ଆଚରି ପିଲାଙ୍କୁ ପ୍ରଭାବିତ କରିବେ । କାହାରି ଠାରେ ଉପରୋକ୍ତ ଗୁଣଗୁଡ଼ିକ ଶିକ୍ଷକଙ୍କ ଆଚରଣରେ ଓ ଛାତ୍ର ଛାତ୍ରୀଙ୍କ ପ୍ରତି ବ୍ୟବହାରରେ ପରିସ୍ଫୁଟ ହେଉଥିଲେ ସେ ଆଦର୍ଶ ଶିକ୍ଷକ ବୋଲାଇବେ ।

ଅନ୍ନପୂର୍ଣ୍ଣା ମହାରାଣା

ବାଖରାବାଦ କଟକ

୨ ।୪ ।୨୦୦୫

ପଛମଲାଟ: ଗାଂଧୀଜୀଙ୍କ ଓଡ଼ିଶାରେ ହରିଜନ ପଦଯାତ୍ରା; ଇନ୍ଦୁପୁର ଯିବା ବାଟରେ, ୩୧ ମେ ୧୯୩୪ ମସିହା।

ସାମନା ଧାଡ଼ିରେ ବାଁ ଆଡୁ ମଙ୍ଗଳା ଦେବୀ, ଅନ୍ନପୂର୍ଣ୍ଣା ଦେବୀ, ଗାଂଧୀଜୀ ଓ ସୁଶୀଳା ଦେବୀ।

ବିପ୍ଳବିନୀ ତିନିହେଁ ସ୍ୱାଧୀନତା ଆନ୍ଦୋଳନରେ କୈଶୋରରୁ ଆରମ୍ଭି ବହୁବାର କାରାରୁଦ୍ଧ ହୋଇଛନ୍ତି ଓ ଆଜୀବନ ଦେଶକାମରେ ଲାଗିଛନ୍ତି ।
ଓଡ଼ିଶାର ଆଦ୍ୟ ବାଲବାଡ଼ୀ ତାଲୀମ ଶିକ୍ଷାର୍ଥିନୀଗଣଙ୍କ ସଦସ୍ୟ ଭାବରେ ମଙ୍ଗଳା ଦେବୀ ୧୯୪୫ରେ ସେବାଗ୍ରାମ ଯାଇ ପୂର୍ବ ମୌଳିକ ଶିକ୍ଷା ବିଷୟରେ ତାଲୀମ ନେଇଥିଲେ ଓ ବୁନିୟାଦୀ ଶିକ୍ଷା କାର୍ଯ୍ୟକ୍ରମ, ସବୁ ଗଠନ ମୂଳକ କାର୍ଯ୍ୟକ୍ରମ, ସର୍ବୋଦୟ ଭୂଦାନ ଅନ୍ଦୋଳନ, ସଙ୍କଟରେ ତ୍ରାଣକାର୍ଯ୍ୟ ସହ ଶେଷ ପର୍ଯ୍ୟନ୍ତ ଜଡ଼ିତ ଥିଲେ ।
ସୁଶୀଳା ଦେବୀ ନିଜ ମନରୁ ବୁଦ୍ଧିକାଢ଼ି ସବୁ ରହଣୀରେ ହରିଜନ ପିଲାଙ୍କୁ ସଫାକରି ଗାଧୋଇ ଦେଇ ଭଜନ ଗୀତ ଶିଖାଉଥିବା ଜାଣିବାରୁ ଗାଂଧୀଜୀ ତାଙ୍କୁ ପ୍ରଶଂସା କରିଥିଲେ । ସେ ମଧ ଗଠନ ମୂଳକ କାର୍ଯ୍ୟକ୍ରମ ସହ ବହୁ ବର୍ଷ ଜଡ଼ିତ ଥିଲେ ।

ଇନ୍ଦୁପୁର ଯିବା ବାଟରେ ଶ୍ରୀମତୀ ସୁଶୀଳା ଦେବୀ, ଶ୍ରୀମତୀ ଅନ୍ନପୂର୍ଣ୍ଣା ଚୌଧୁରୀ, ଶ୍ରୀମତୀ ମଙ୍ଗଳା ଦେବୀ ଓ ଅନ୍ୟାନ୍ୟଙ୍କ ସହିତ ଗାନ୍ଧୀଜୀ ।

ଅନ୍ନପୂର୍ଣ୍ଣା ମହାରାଣା (୩.୧୧.୧୯୧୭-୩୧.୧୨.୨୦୧୨): ଜନ୍ମସ୍ଥାନ- କଟକ ।
ପିତା - ଗୋପବନ୍ଧୁ ଚୌଧୁରୀ, ମାତା - ରମାଦେବୀ; ପତି - ଶରତ୍ ଚନ୍ଦ୍ର ମହାରାଣା ।
ପିଲା ଦିନୁଁ ସ୍ୱାଧୀନତା ଅନ୍ଦୋଳନରେ ଯୋଗଦାନ, ଲବଣ ସତ୍ୟାଗ୍ରହ କରି ୧୯୩୨ରେ ପ୍ରଥମ କାରାବାସ, ପରେ ମରଣସେନା ଗଢ଼ି ୧୯୪୨-୪୪ ପର୍ଯ୍ୟନ୍ତ । ଭାରତୀୟ ସମାଜ ସଂସ୍କୃତି ଉପଯୋଗୀ ନୂତନ ଶିକ୍ଷା ପ୍ରଣାଳୀ ଗଠନ କରିବାକୁ ଗାଂଧୀଜୀଙ୍କ ତତ୍ତ୍ୱାବଧାନରେ ଖ୍ୟାତନାମା ପଣ୍ଡିତ ବର୍ଗ, ଗଣିତଜ୍ଞ, ବୈଜ୍ଞାନିକ, ଶିକ୍ଷାବିତ୍, ଅର୍ଥନୀତିଜ୍ଞ, ସମାଜସେବୀ ପ୍ରଭୃତିଙ୍କ ଦ୍ୱାରା ମୌଳିକ ଶିକ୍ଷା କାର୍ଯ୍ୟକ୍ରମ ୧୯୩୮ ମସିହାରେ ପ୍ରସ୍ତୁତ ହେଲା । ପିତା, ମାତା, ଶରତ୍ ଚନ୍ଦ୍ର ଓ ସେ ଆରମ୍ଭ ସମୟରୁ ଏଥିସହ ଜଡ଼ିତ । କୌଣସି ସ୍କୁଲକୁ କେବେ ହେଁ ନ ଯାଇ ଇଙ୍ଗ୍ରାଜୀ, ସଂସ୍କୃତ ଓ ଅନ୍ୟ ୫ଟି ଭାଷାରେ ନିପୁଣ; ସର୍ବୋଦୟ ସାହିତ୍ୟାନୁବାଦିକା, ସୁଲେଖିକା ଓ ବକ୍ତା ରୂପେ ପରିଚିତା । ଶିଶୁ ଓ ପ୍ରୌଢ଼ ଶିକ୍ଷା, ଖଦୀ, ହରିଜନ ସେବା, କୃଷି ଓ ଗୋସମ୍ପଦର ଉନ୍ନତି ଠାରୁ ମହୁଚାଷ ଭଳି ବିଭିନ୍ନ ୨୧ଟି ଗଠନ ମୂଳକ କାର୍ଯ୍ୟକ୍ରମ ଓ ଭୂଦାନ ସର୍ବୋଦୟ ଆନ୍ଦୋଳନ; ବନ୍ୟା, ବାତ୍ୟା, ମରୁଡ଼ି, ଦୁର୍ଭିକ୍ଷ ଆଦି ସବୁ ପ୍ରାକୃତିକ ବିପତ୍ତି ଓ ସଙ୍କଟରେ ତ୍ରାଣକାର୍ଯ୍ୟ; ବାଳାଶ୍ରମ ପ୍ରତିଷ୍ଠା; ଢେଙ୍କାନାଳ ଅତ୍ୟାଚାର ଉଦ୍‌ବାସ୍ତୁ ଓ ବାଙ୍ଗ୍ଲାଦେଶ ଶରଣାର୍ଥୀଙ୍କ ସେବା; ବିଭିନ୍ନ ସାମ୍ପ୍ରଦାୟିକ ଦଙ୍ଗାଗୋଳରେ ଏବଂ (ତଥାକଥିତ) ଦସ୍ୟୁ ଅଧ୍ୟୁସିତ ଚମ୍ବଲ୍ ଉପତ୍ୟକାରେ ଶାନ୍ତିରକ୍ଷା; ମଦ, ନିଶା ବିରୋଧ; ଜରୁରି କାଳୀନ ପରିସ୍ଥିତି ଓ ଏକଛତ୍ରବାଦକୁ ବିରୋଧ, କ୍ଷତିକାରକ ଶିଳ୍ପକୁ ବିରୋଧ; ସ୍ୱଦେଶୀ ଆନ୍ଦୋଳନ; ଆଦିବାସୀ କନ୍ୟାଶ୍ରମ ସ୍ଥାପନା ପ୍ରମୁଖରେ ମଜ୍ଜି ରହି ସଜ୍ଜନ ସଙ୍ଗତିପୂର୍ଣ୍ଣ ଅମୃତ ଅନୁଭବୀ ସଙ୍ଗୀତମୟ ଜୀବନ । ଦୁଇଟିଯାକ ସନ୍ତାନ, ସାନ ବୋହୂ ଓ ନାତି ଭୌତିକ ବିଜ୍ଞାନରେ ନିମଗ୍ନ ।